

ବସୁଦେବ ସୁତଂ ଦେବଂ
କଂସ ଚାଣୁର ମର୍ଦ୍ଦନମ୍
ଦେବକୀ ପରମାନନ୍ଦଂ
କୃଷ୍ଣ ବନ୍ଦେ ଜଗଦ୍‌ଗୁରୁମ୍ ॥

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


♦VOLUME- 44 ♦ISSUE-71 ♦FRIDAY ♦4 SEPTEMBER 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୭୧ ♦ଶୁକ୍ରବାର ♦୪ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଭୋଟର ତାଳିକାରୁ ରାଘବ ଚଡ୍ଢା ବାଦ୍



■ ନୂଆଦିଲ୍ଲୀ, ୩।୯ (ଏଜେନ୍ସି): ପଞ୍ଜାବର ଖସଡ଼ା ଭୋଟର ତାଲିକାରୁ ରାଜ୍ୟସଭା ସାଂସଦ ରାଘବ ଚଢ଼ାଙ୍କ ନାମ ବାଦ ପଡ଼ିବାକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି। ନିର୍ବାଚନ କମିଶନର ସ୍ୱତନ୍ତ୍ର ଗଭୀର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ତାଙ୍କ ନାମକୁ ବାଦ ଦିଆଯାଇଥିବା ବେଳେ, ▸ପୃଷ୍ଠା-୭

## ଓଲଟ ପାଲଟ



କରଜ ଭାରରେ ଖାଲି ହୋଇଲାଣି
ରାଜ୍ୟ ରାଜକୋଷ ଘଡ଼ା,
ମନ୍ତ୍ରୀ-ବିଧାୟକ ଦରମା ଓ ଭତ୍ତା
ଯେତେ ବଢାଇବ ବଢ଼ା !
ବୃଦ୍ଧ ଅସହାୟ ଭତ୍ତା ବଢୁନାହିଁ
ଖାଆନ୍ତି ଖାଡ଼ିଆ ଖଡ଼ା,
ତୁମ ମାନଙ୍କର ଭତ୍ତା ବୃଦ୍ଧି ପାଇଁ
ହେଉ ଅଛ ଚଢା-ମଢ଼ା !
ଚାଲିଛ ଅମଡ଼ା ମଡ଼ା !!

-ଯାଯାବର

## ହାତ ଟେକିଦେଲେ ଅସହାୟ ଯୋଗାଣମନ୍ତ୍ରୀ

# କେନ୍ଦ୍ର ଆମ କଥା ଶୁଣୁନି: କୃଷ୍ଣ



- ଓଡ଼ିଶା ଇଞ୍ଜିନ୍ କଥା ଶୁଣୁନାହିଁ ଦିଲ୍ଲୀ ଇଞ୍ଜିନ୍
- ଆମ ରାଜ୍ୟ ପାଇଁ ଏଫ୍‌ସିଆଇର ଦରଦ ନାହିଁ
- ୨୦ ସାଂସଦ ଜିତାଇବା ସତ୍ତ୍ୱେ ଆମ ହାତ ବନ୍ଧା
- ୩୦ ଲକ୍ଷ ଟନ୍‌ରୁ ଉଠିଛି ମାତ୍ର ୭.୨୮ ଲକ୍ଷ ଟନ୍
- ଚାଉଳ ନ ଉଠିଲେ ଧାନ କିଣା କଷ୍ଟ ହୋଇପଡ଼ିବ

■ ଭୁବନେଶ୍ୱର, ୩।୯ (ସମିସ): ଡବଲ ଇଞ୍ଜିନ ସରକାରରେ ମନ୍ତ୍ରୀ ଅସହାୟ। ଭରାସଭାରେ ଅସହାୟତା ପ୍ରକାଶ କରି ନିଜ ବିଭାଗର ଦୁଃଖ ବଖାଣିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଓଡ଼ିଶାରୁ ଚାଉଳ ଉଠାଉନାହିଁ। ଏହାକୁ ନେଇ ମନ୍ତ୍ରୀ ନାଁ କାହା ଉପରେ ଦୋଷ ଲଦି ପାରୁଛନ୍ତି ନାଁ କ୍ଷୋଭ ପ୍ରକାଶ କରିପାରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଆଗରେ ନିଜର ଅସହାୟତା ପ୍ରକାଶ କରିଛନ୍ତି। ଗୁରୁବାର ରାଜ୍ୟ ଯୋଗାଣ ନିଗମ ପ୍ରତିଷ୍ଠା ଦିବସ ଅବସରରେ ବଳକା ଚାଉଳକୁ ନେଇ ଯୋଗାଣ ବିଭାଗ କିପରି ହରଡ଼ ଘଣାରେ ପଡ଼ିଛି, ତାହାକୁ ବଖାଣିଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର।

କାର୍ଯ୍ୟକ୍ରମରେ ଉପସ୍ଥିତ ଏଫ୍‌ସିଆଇ ଜିଏମ୍ ନିହାର ରଞ୍ଜନ ପ୍ରଧାନଙ୍କ ଉପସ୍ଥିତିରେ ମନ୍ତ୍ରୀ ଶ୍ରୀ ପାତ୍ର ନିଜର ଅସହାୟତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏଫ୍‌ସିଆଇ ବେଳେ ବେଳେ ଆମକୁ ଧପେଇ ଦିଏ। ନିର୍ଦ୍ଦିଷ୍ଟ ପରିମାଣର ଚାଉଳ ଉଠାଇବା ପାଇଁ ଏଫ୍‌ସିଆଇ ଆମକୁ ଟାର୍ଗେଟ ଦେଇଥିଲା। କିନ୍ତୁ ଆମର ▸ପୃଷ୍ଠା-୭

# ବାଲେଶ୍ୱର ବନ୍ୟା ସ୍ଥିତି ଗମ୍ଭୀର

## ବିପଦସଙ୍କେତ ଉପରେ ସୁବର୍ଣ୍ଣରେଖା ଓ ଜଳକା

**୧.୯୧ ଲକ୍ଷ ଲୋକ ପ୍ରଭାବିତ**

**୫୨,୩୯୩ ଜଣ ସ୍ଥାନାନ୍ତର**

■ ବାଲେଶ୍ୱର, ୩।୯ (ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାର ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବଢ଼ିବା ସହ ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ନେଇଛି। ଜିଲ୍ଲାର ବନ୍ୟା ସ୍ଥିତି ନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ବନ୍ୟା ସ୍ଥିତି ସମ୍ପର୍କରେ ସୂଚନା ଦେଇଛନ୍ତି। ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ଜିଲ୍ଲାରେ ୫ଟି ବ୍ଲକର ୪୧ଟି ଗ୍ରାମପଞ୍ଚାୟତ ଅଧୀନ ୨୩୨ଟି ଗାଁ ବନ୍ୟା ପ୍ରଭାବିତ ହୋଇଛି। ମୋଟ ୧,୯୦,୯୭୪ ଜଣ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ସେଥିମଧ୍ୟରୁ ୫୨,୩୯୩ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲାର ୩୯ଟି ଗାଁ ସମ୍ପୂର୍ଣ୍ଣ ଏବଂ ୧୪୪ଟି ଗାଁ ଆଂଶିକ ଭାବେ ଜଳବନ୍ଦୀ ହୋଇଛି। ବାଲିଆପାଳର ୨୪ଟି ଗାଁ ସମ୍ପୂର୍ଣ୍ଣ ଓ ୮୯ଟି ଆଂଶିକ, ଭୋଗରାଇର ୧୪ଟି ସମ୍ପୂର୍ଣ୍ଣ ଓ ୪୨ଟି ଆଂଶିକ, ରେମୁଣାର ଗୋଟିଏ ସମ୍ପୂର୍ଣ୍ଣ ଓ ୭ଟି ଆଂଶିକ ଏବଂ ବସ୍ତାର ୬ଟି ଗାଁ ଆଂଶିକ ଭାବେ ଜଳବନ୍ଦୀ ରହିଛି। ଆଜି ଅପରାହ୍ନ ୩ଟା ସୁଦ୍ଧା ଜଳକା ନଦୀ ▸ପୃଷ୍ଠା-୭



## ବନ୍ୟା ନେଲା ଦୁଇ ଜୀବନ

■ ବାଲେଶ୍ୱର (ଉତ୍ତର)/ଚନ୍ଦନେଶ୍ୱର, ୩।୯ (ସମିସ): ସୁବର୍ଣ୍ଣରେଖାର ତୃତୀୟ ବନ୍ୟା ଭୋଗରାଇ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଥିବାବେଳେ ଏବେ ଦୁଇଟି ପରିବାର ଉପରେ ନେଇଆସିଛି ଦାରୁଣ ଦୁଃଖ। ବନ୍ୟାଜଳରେ ବୁଡ଼ି କୁଳିଦା ଗ୍ରାମର ସୁମତି ଜେନା ଓ କମର୍ଦ୍ଦା ଥାନା ଅନ୍ତର୍ଗତ ନାଚିନ୍ଦା ଗ୍ରାମର ସନ୍ନ୍ୟାସୀ ରାଜଙ୍କ ମୃତ୍ୟୁ ଘଟିଛି। ଏହି ଦୁଇ ଦୁଃଖଦ ଘଟଣା ପରେ ଉଭୟ ଗାଁରେ ଶୋକାକୁଳ ▸ପୃଷ୍ଠା-୭

# ବଢ଼ିବ ସିମେଣ୍ଟ ମୂଲ୍ୟ

## ପ୍ୟାକେଟ୍ ପିଛା ୪୦ ଟଙ୍କା ଯାଏ ବଢ଼ିବ



### ମହଙ୍ଗା ହେବ ଘର ତିଆରି

■ ନୂଆଦିଲ୍ଲୀ, ୩।୯ (ଏଜେନ୍ସି): ପ୍ରବଳ ମୌସୁମୀ ବର୍ଷା ଯୋଗୁ ଅଗଷ୍ଟ ମାସରେ ସାରା ଦେଶରେ ନିର୍ମାଣ କାର୍ଯ୍ୟ ବହୁ ମାତ୍ରାରେ ପ୍ରଭାବିତ ହୋଇଥିଲା। ଫଳସ୍ୱରୂପ, ଅଧିକାଂଶ ଅଞ୍ଚଳରେ ସିମେଣ୍ଟ ଚାହିଦା ମଧ୍ୟ କମ୍ ରହିଥିଲା। କିନ୍ତୁ ସେପ୍ଟେମ୍ବରରେ ସ୍ଥିତିରେ ସୁଧାର ଆସିପାରେ। ପୁନର୍ବାର ଜୋରସୋରରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ସିମେଣ୍ଟ ଚାହିଦା ବଢ଼ିବ। ଏଥିରେ ସିମେଣ୍ଟ ମୂଲ୍ୟରେ ବି ବଢ଼ିପାରେ। ଆଗକମୁ ବଜାରରେ ସିମଣ୍ଟେ ପ୍ୟାକେଟ୍ ପିଛା ୪୦ ଟଙ୍କା ଯାଏ ମୂଲ୍ୟ ବୃଦ୍ଧି ହୋଇପାରେ।

ସିମେଣ୍ଟ ପ୍ରସ୍ତୁତ ପାଇଁ ପେଟ୍‌କୋକ୍‌କୁ ଇନ୍ଧନ ଭାବରେ ବ୍ୟବହାର କରାଯାଇଥାଏ। ନିକଟରେ ମୂଲ୍ୟ ବୃଦ୍ଧି ବିଶ୍ୱରେ ଦେଖାଦେଇଥିବା ଭୂ-ରାଜନୈତିକ ଅସ୍ଥିରତା ଯୋଗୁ ହୋଇଛି। ବ୍ରୋକରେଜ୍ ଫାର୍ମ ନ୍ୟୁଭାମା ଇନଷ୍ଟିଟ୍ୟୁସନାଲ ଇକ୍ୱିଟିଜର ଏକ ରିପୋର୍ଟ ଅନୁସାରେ, କମ୍ପାନୀଗୁଡ଼ିକ ମହଙ୍ଗା ପେଟକୋକ୍ ଯୋଗୁଁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଜନିତ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ସିମେଣ୍ଟ କ୍ଷେତ୍ର ପାଇଁ ବଢୁଥିବା ଖର୍ଚ୍ଚ ଏକ ବଡ଼ ଚିନ୍ତା। ଏଥିଯୋଗୁ କମ୍ପାନୀ ସିମେଣ୍ଟ ବ୍ୟାଗ୍ ପିଛା ୪୦ ଟଙ୍କା ମୂଲ୍ୟ ବୃଦ୍ଧି କରିବାକୁ ଯାଉଛନ୍ତି। ରିପୋର୍ଟ ଅନୁସାରେ, ଅଗଷ୍ଟରେ ବେଙ୍ଗାଲୁରୁରେ ସିମେଣ୍ଟ ବ୍ୟାଗ୍ ପିଛା ଦାମ୍ ୧୦ ଟଙ୍କା ବୃଦ୍ଧି ହୋଇଥିଲା। ଅବଶ୍ୟ ଦକ୍ଷିଣ ଭାରତରେ ଅଧିକାଂଶ ବଜାରରେ ସିମେଣ୍ଟ ଦାମ୍ ସ୍ଥିର ରହିଥିଲା। ଉତ୍ତର ଭାରତରେ ମୌସୁମୀ ଯୋଗୁ ଚାହିଦା ମାନ୍ଦା ରହିଥିଲା। ମାତ୍ର ସେପ୍ଟେମ୍ବରରେ ଏଠାରେ ବ୍ୟାଗ୍ ପିଛା ମୂଲ୍ୟ ପ୍ରାୟ ୧୦-୨୦ ଟଙ୍କା ବୃଦ୍ଧି ହୋଇପାରେ। ସେହିଭଳି ମଧ୍ୟ-ଭାରତରେ ସିମେଣ୍ଟ ଦାମରେ ୪୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବା ନେଇ ଏଜେନ୍ସି ଅନୁମାନ କରୁଛି। ଅବଶ୍ୟ ପଶ୍ଚିମ ଭାରତ ସମ୍ପର୍କରେ ଡିଲରଙ୍କ ଉପରେ ମୂଲ୍ୟ ବୃଦ୍ଧି ସମ୍ପର୍କରେ ସେପରି କୌଣସି ଅନୁମାନ ଆସିନାହିଁ। ସୂଚନାଥାଉକି, ୨୦୨୬ ଜୁଲାଇରେ ପେଟ୍‌କୋକ୍ ମୂଲ୍ୟ ହ୍ରାସ ପାଇ ୧୩୩ ଡଲାର ପ୍ରତି ଟନ୍ ପିଛା ହୋଇଥିଲା। ଏବେ ଏହା ପୁଣିଥରେ ବଢ଼ି ପ୍ରାୟ ୧୫୨ ଡଲାର ପ୍ରତି ଟନରେ ପହଞ୍ଚିଛି। ଅବଶ୍ୟ ପେଟ୍‌କୋକ୍ ଦା ଏବେବି ୧୬୨ ଡଲାର ପ୍ରତି ଟନ ଉପରେ କାରବାର ହେଉଛି। ଯଦି ସିମେଣ୍ଟ ମୂଲ୍ୟ ବୃଦ୍ଧି ହୁଏ ତେବେ ଘର ତିଆରି ମହଙ୍ଗା ହୋଇଯିବ।




# ଧମକାଇଲା ଆମେରିକା

**ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଇରାନ ରାଷ୍ଟ୍ରପତିଙ୍କ ଭେଟ ପରେ ମାର୍କ ରୁବିଓଙ୍କ ଚେତାବନୀ**

ୱାଶିଂଟନ, ୩।୯(ଏଜେନ୍ସି): କିର୍ଗିଜସ୍ତାନର ବିସ୍କେକ୍ରେ ଅନୁଷ୍ଠିତ ୨୬ତମ ଏସସିଓ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍‌ଙ୍କ ମଧ୍ୟରେ ହୋଇଥିବା ବୈଠକ ପରେ ଆମେରିକା ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ଆମେରିକାର ରାଷ୍ଟ୍ରସଚିବ ମାର୍କ ରୁବିଓ ଭାରତ ଏବଂ ଇରାନ ମଧ୍ୟରେ କୌଣସି ବାଣିଜ୍ୟ ଚୁକ୍ତି ହେବା ସମ୍ଭାବନାକୁ ଖଣ୍ଡନ କରିଛନ୍ତି। ଏଥିସହ, କୌଣସି ଦେଶ ଇରାନକୁ ଆମେରିକା ପ୍ରତିବନ୍ଧକ ଏଡ଼ାଇବାରେ କିମ୍ବା ରାଜସ୍ୱ ସୃଷ୍ଟି କରିବାରେ ସାହାଯତା କଲେ ସେମାନଙ୍କୁ ମଧ୍ୟ ଆମେରିକୀୟ କଟକଣାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏକ ସାକ୍ଷାତକାରରେ ରୁବିଓ ସ୍ପଷ୍ଟ କରିଛନ୍ତି ଯେ ଭାରତ ଏବଂ ଇରାନ ମଧ୍ୟରେ ସେଭଳି କୌଣସି ବାଣିଜ୍ୟ ଚୁକ୍ତି ହେଉଥିବା ସେ ମନେ କରୁନାହାଁନ୍ତି। ଦେଶଗୁଡ଼ିକ ନିଜର ସ୍ୱାଧୀନ ବୈଦେଶିକ ନୀତି ଅନୁସରଣ କରନ୍ତି ଏବଂ ଇରାନ ସହିତ ଯୋଗାଯୋଗ ରଖିବା ସ୍ୱାଭାବିକ ବୋଲି ସେ ସ୍ୱୀକାର କରିଛନ୍ତି। ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ଦୋହରାଇ ସେ କହିଛନ୍ତି ଯେ, କୌଣସି ଦେଶ ଇରାନକୁ ପ୍ରତିବନ୍ଧକ ଏଡ଼ାଇବାରେ କିମ୍ବା ଆତଙ୍କବାଦ ଏବଂ ପରମାଣୁ ଅସ୍ତ୍ର ତିଆରି ପାଇଁ ପାଣ୍ଠି ସଂଗ୍ରହ କରିବାରେ ସାହାଯତା କରିବା ଉଚିତ୍ ନୁହେଁ। ଇରାନକୁ ପରମାଣୁ ଅସ୍ତ୍ରଶସ୍ତ୍ର ହାତେଇବାରୁ ରୋକିବା ଆମେରିକା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ ବୋଲି ରୁବିଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆମେରିକା ମୁଖ୍ୟତଃ ଆର୍ଥିକ ଚାପ ଜରିଆରେ ଇରାନ ଉପରେ ଚାପ ପକାଉଥିଲେ ମଧ୍ୟ ଆବଶ୍ୟକ ପଡ଼ିଲେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛଘୁଞ୍ଚା ଦେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ, ମଧ୍ୟପ୍ରାଚ୍ୟରେ ସଂଘର୍ଷ ତୀବ୍ରତର ହୋଇଥିବାବେଳେ ଆମେରିକା ଓ ଇରାନ ମଧ୍ୟରେ ପରସ୍ପର ବିରୋଧୀ ଚେତାବନୀ ଜାରି ରହିଛି।

# ମୃତ୍ୟୁକୁ ମାତ୍ ଦେଲେ ୯୧ ବର୍ଷୀୟା ଗୁନା: ବନ୍ୟା ପାଣି ଉପରେ ମୁଣ୍ଡ ରଖି ବଞ୍ଚିଗଲେ

କାଠମାଣ୍ଡୁ, ୩।୯(ଏଜେନ୍ସି): ନେପାଳରେ ଭୟଙ୍କର ଆକସ୍ମିକ ବନ୍ୟା ଶହ ଶହ ଜୀବନ ନେଇଥିବା ବେଳେ ୯୧ ବର୍ଷୀୟା ଗୁନା ମାୟା ବୋହାରାଙ୍କ ଅଦମ୍ୟ ବଞ୍ଚିବାର ଇଚ୍ଛା ଏବେ ସମଗ୍ର ଦେଶ ପାଇଁ ଆଶାର ପ୍ରତୀକ ପାଲଟିଛି। କାଦୁଅ ଓ ପଙ୍କରେ ପୋତି ହୋଇଯାଇଥିବା ଏକ ବୃଦ୍ଧାଶ୍ରମରୁ ତାଙ୍କୁ ଜୀବିତ ଉଦ୍ଧାର କରାଯାଇଥିଲା। ନୁୱାକୋଟ ଜିଲ୍ଲାର ଦେବୀଘାଟ ଅଞ୍ଚଳରେ ଥିବା ବରିଷ୍ଠ ନାଗରିକ କଲ୍ୟାଣ ପ୍ରତିଷ୍ଠାନରେ ଗୁନା ମାୟା ରହୁଥିଲେ। ଆକସ୍ମିକ ବନ୍ୟାରେ ସେଠାରେ ଥିବା ତାଙ୍କର ୭ ଜଣ ସହବାସୀଙ୍କ ମୃତ୍ୟୁ ଘଟିଥିଲା। ତେବେ ଗୁନା ମାୟାଙ୍କ ସମେତ କିଛି ବୃଦ୍ଧଙ୍କୁ ଉଦ୍ଧାରକାରୀ ଦଳ ଜୀବିତ ଉଦ୍ଧାର କରିଥିଲା। ବନ୍ୟା ସମୟରେ ଗୁନା ମାୟା ତଳ ମହଲାର ଏକ କୋଠରୀରେ ଥିଲେ। ହଠାତ୍ ପାଣି କୋଠରୀ ଭିତରକୁ ପଶିବାରୁ ସେ ଝରକା ଖୋଲି ନିଜ ମୁଣ୍ଡକୁ ପାଣି ଉପରେ ରଖିଥିଲେ। ପ୍ରାୟ ୨ରୁ ୩ ଘଣ୍ଟା ପରେ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳେ ତାଙ୍କ ଶରୀରର ଅଧିକାଂଶ ଅଂଶ କାଦ ଓ ପଙ୍କ ମଧ୍ୟରେ ପୋତି ହୋଇଥିଲା, କେବଳ ମୁଣ୍ଡଟି ପାଣି ଉପରେ ଦେଖାଯାଉଥିଲା। ଗୁନା ମାୟାଙ୍କ ଗୋଡ଼ରେ ପୂର୍ବରୁ ଶାରୀରିକ ଅସୁବିଧା ଥିଲା। ବନ୍ୟା ପାଣିର ପ୍ରବଳ ସ୍ରୋତରେ ତାଙ୍କ ହାତରେ ମଧ୍ୟ ଆଘାତ ଲାଗିଛି। ତଥାପି ବଞ୍ଚିବାର ଦୃଢ଼ ଇଚ୍ଛା ତାଙ୍କୁ ମୃତ୍ୟୁମୁଖରୁ ଫେରାଇ ଆଣିଥିଲା। ଉଦ୍ଧାର ପରେ ବୃଦ୍ଧମାନଙ୍କୁ ପ୍ରଥମେ ସ୍ଥାନୀୟ ଆୟୁର୍ବେଦିକ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିଲା। ପରେ ସେମାନଙ୍କୁ କାଠମାଣ୍ଡୁର ଏକ ଅସ୍ଥାୟୀ ଆଶ୍ରୟସ୍ଥଳକୁ ନିଆଯାଇଛି। ସେଠାରେ ଖାଦ୍ୟ, ପୋଷାକ, ଚିକିତ୍ସା, ନର୍ସିଂ ସେବା ଓ ଆବଶ୍ୟକ ପରୀକ୍ଷାର ବ୍ୟବସ୍ଥା କରାଯାଇଛି। ଉଦ୍ଧାର ହୋଇଥିବା ସମସ୍ତ ବୃଦ୍ଧଙ୍କ ସ୍ୱାସ୍ଥ୍ୟ ସ୍ଥିର ଥିବା ଜଣାପଡ଼ିଛି। ଏହି ଭୟାବହ ବନ୍ୟାରେ ନେପାଳରେ ମୃତ୍ୟୁସଂଖ୍ୟା ୧, ୨୫୨ରେ ପହଞ୍ଚିଥିବା ବେଳେ ପ୍ରାୟ ୪, ୨୧୬ ଜଣ ଏବେ ବି ନିଖୋଜ ଅଛନ୍ତି। ତିବ୍ବତରେ ମଧ୍ୟ ୫୪୧ ଜଣ ନିଖୋଜ ଥିବା ଚୀନ୍‌ର ସରକାରୀ ଗଣମାଧ୍ୟମ ଜଣାଇଛି। ଏପଟେ ଜଳବିଦ୍ୟୁତ ପ୍ରକଳ୍ପର ସୁଡ଼ଙ୍ଗରେ ଫସିଥିବା ଲୋକଙ୍କ ସନ୍ଧାନରେ ନେପାଳ ସେନା ଓ ଉଦ୍ଧାରକାରୀ ଦଳର ଅଭିଯାନ ଜାରି ରହିଛି।






# ଝିଅ ପାଇଁ ମନ୍ତ୍ରିପଦ ଗଲା

**ଯୋଜନା ବୋର୍ଡ ଅଧ୍ୟକ୍ଷ ବି ବହିଷ୍କୃତ**

ହାଇଦ୍ରାବାଦ, ୩।୯(ଏଜେନ୍ସି): ତେଲଙ୍ଗାନାରେ କ୍ଷମତାସୀନ କଂଗ୍ରେସରେ ଆଭ୍ୟନ୍ତରୀଣ କନ୍ଦଳ ତୀବ୍ର ହେବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଏବଂ ତାଙ୍କ ପରିବାର ବିରୋଧରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କ ଝିଅ ବିଷୋଦଗାର କରିବାରୁ ଉକ୍ତ ମନ୍ତ୍ରୀଙ୍କୁ ବିଦା ହେବାକୁ ପଡ଼ିଛି। ଏହି ମନ୍ତ୍ରୀ ଜଣକ ହେଲେ ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ଜଙ୍ଗଲ ମନ୍ତ୍ରୀ କୋଣ୍ଡା ସୁରେଖା। ମନ୍ତ୍ରୀ ପରିଷଦରୁ ବହିଷ୍କାର କରିବା ଲାଗି ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟପାଳ ଶିବ ପ୍ରତାପ ଶୁକ୍ଲାଙ୍କୁ ସୁପାରିସ କରିଛନ୍ତି।

ସୂଚନାଯୋଗ୍ୟ ଯେ ସୁରେଖାଙ୍କ ଝିଅ କୋଣ୍ଡା ସୁସ୍ମିତା ପଟେଲ୍ ପାର୍କାଲ ବିଧାନସଭା ଆସନକୁ ନେଇ ରେଭନ୍ତ ରେଡ୍ଡୀଙ୍କୁ ତୀବ୍ର ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ବର୍ତ୍ତମାନର କଂଗ୍ରେସ ବିଧାୟକ ରେଭୁରୀ ପ୍ରକାଶ ରେଡ୍ଡୀଙ୍କୁ ପୁଣିଥରେ ସମର୍ଥନ କରିବାକୁ ଆହ୍ୱାନ ଦେବା ପରେ ସୁସ୍ମିତା ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ ରେଭନ୍ତ ରେଡ୍ଡୀ ଓ ତାଙ୍କ ଭାଇମାନଙ୍କ ବିରୋଧରେ ମଧ୍ୟ ଗୁରୁତର ଅଭିଯୋଗ କରିଥିଲେ। ଏହାସହିତ ସେ ଚାଲେଞ୍ଜ କରିଥିଲେ ଯେ ଏହି ନିର୍ବାଚନମଣ୍ଡଳୀରୁ ସେ ନିର୍ବାଚନ ଲଢ଼ିବେ ଏବଂ ଏହାକୁ କେହି ଅଟକାଇପାରିବେ ନାହିଁ। ଏହାପରେ ତେଲଙ୍ଗାନା କଂଗ୍ରେସରେ ଅସନ୍ତୋଷ ବଢ଼ିଥିଲା। ଦଳର ଶୃଙ୍ଖଳା କମିଟି ସୁରେଖାଙ୍କୁ ଝିଅଙ୍କ ମନ୍ତବ୍ୟ ସମ୍ପର୍କରେ ଜବାବ ମାଗିଥିଲା। ତେବେ ସୁରେଖା କହିଥିଲେ ଯେ ତାଙ୍କ ଝିଅ ଜଣେ ସ୍ୱାଧୀନ ବ୍ୟକ୍ତି ଏବଂ ତାଙ୍କ ମତାମତ ପାଇଁ ତାଙ୍କୁ ଦାୟୀ କରିବା ଅନୁଚିତ। ସେ କଂଗ୍ରେସ ଛାଡ଼ିବେ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି। ରେଭନ୍ତ ରେଡ୍ଡୀ ତାଙ୍କୁ ବଳପୂର୍ବକ ମନ୍ତ୍ରୀ ପଦରୁ ହଟାଉଛନ୍ତି ବୋଲି ସୁରେଖା ଅଭିଯୋଗ କରିଛନ୍ତି। ଏହାପୂର୍ବରୁ ସେ ଦିଲ୍ଲୀରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ମଧ୍ୟ ଭେଟି ସଫେଇ ଦେଇଥିଲେ। ସେ କହିଥିଲେ ଲେଝିଅର ମନ୍ତବ୍ୟ ପାଇଁ ତାଙ୍କୁ ଦାୟୀ କରାଯିବା ଠିକ୍ ନୁହେଁ। ଏହି ବିବାଦ ମଧ୍ୟରେ ତେଲଙ୍ଗାନାର କେତେକ ପ୍ରମୁଖ ବୋର୍ଡ ଓ କମିଶନରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଯୋଜନା ବୋର୍ଡର ଉପାଧ୍ୟକ୍ଷ ପଦରୁ ଚିନ୍ନା ରେଡୀଙ୍କୁ ହଟାଇ ଦିଆଯାଇଛି। ଦଳବିରୋଧୀ କାର୍ଯ୍ୟ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳର ଶୃଙ୍ଖଳା କମିଟି ସୁପାରିସ କରିଥିଲା। ଏହାପରେ ତାଙ୍କୁ ପଦବୀରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ଗଡ଼ୱାଲ ବିଜୟଲକ୍ଷ୍ମୀଙ୍କୁ ନୂଆ ଉପାଧ୍ୟକ୍ଷା ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ମହିଳା କମିସନର ଅଧ୍ୟକ୍ଷ ଭାବେ ନେରେଲ୍ଲା ଶାରଦା ଏବଂ କାକତୀୟ ସହର ଉନ୍ନୟନ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଭାବେ ସୁଧା ରାଣୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଘଟଣା ରାଜ୍ୟ ରାଜନୀତିରେ ବଡ଼ଧରଣର ହଲଚଲ୍ ସୃଷ୍ଟି କରିଛି।

# ଟିଏମ୍‌ସି ଅଫିସରେ ଆକ୍ରମଣ



**■ ବିଜେପିକୁ ଦାୟୀ କଲେ ମମତା**
**■ ଦିଲ୍ଲୀରେ ଧାରଣା ପାଇଁ ଧମକ**

କୋଲକାତା, ୩।୯(ଏଜେନ୍ସି): ରାଜ୍ୟ ବିଧାନସଭା ନିର୍ବାଚନରେ ପରାଜୟ ପରେ ବିଭିନ୍ନ ସ୍ଥାନରେ ଆକ୍ରମଣର ଶିକାର ହେଉଛନ୍ତି ମମତାଙ୍କ ଟିଏମସି କର୍ମୀ ଓ ନେତା। ଏହାକୁ ନେଇ ରାଜନୈତିକ ବାତାବରଣ ସରଗରମ ରହିଥିବା ବେଳେ ଆଜି ଭୋର ୪ଟା ସମୟରେ କୋଲକାତାର କ୍ୟାମାକ୍ ଷ୍ଟ୍ରିଟ୍‌ରେ ଥିବା ତୃଣମୂଳ କଂଗ୍ରେସର କାର୍ଯ୍ୟାଳୟରେ ଆକ୍ରମଣ ହୋଇଛି। କେତେକ ଦୁର୍ବୃତ୍ତ ଟିଏମସିରେ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହିତ ଲୁଟପାଟ୍ କରିଛନ୍ତି। ଟିଏମ୍‌ସି ସାଂସଦ ଅଭିଷେକ ବାନାର୍ଜୀ ଏହି ଘଟଣା ପାଇଁ ବିଜେପି କର୍ମୀଙ୍କୁ ଦାୟୀ କରିଛନ୍ତି। ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ଅଭିଷେକଙ୍କ ଅଭିଯୋଗ ଅନୁସାରେ, ଅସ୍ତ୍ରଶସ୍ତ୍ର ସହ କିଛି ଲୋକ କାର୍ଯ୍ୟାଳୟରେ ପ୍ରବେଶ କରି କର୍ମଚାରୀଙ୍କୁ ମାଡ଼ ମାରିବା ସହ ମୋବାଇଲ ଛଡ଼ାଇ ନେଇଥିଲେ। ଏହାସହ ଆସବାବପତ୍ର ଓ ବୈଦ୍ୟୁତିକ ଉପକରଣ ଭଙ୍ଗାରୁଜା କରାଯାଇଥିବା ସେ କହିଛନ୍ତି। ଅଭିଷେକ ଅଭିଯୋଗ କରିଛନ୍ତି ଯେ ଟିଏମ୍‌ସି କର୍ମୀ ଓ ଆଇନଜୀବୀମାନେ ପୁଲିସକୁ ସୂଚନା ଦେଇଥିଲେ ମଧ୍ୟ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଉଚିତ ପଦକ୍ଷେପ ନିଆଯାଇନଥିଲା। ସେ ଘଟଣା ପଛରେ କିଏ ଥିଲା ଏବଂ କାହା ନିର୍ଦ୍ଦେଶରେ ଏହା ଘଟିଲା, ତାହାର ତଦନ୍ତ ଦାବି କରିଛନ୍ତି। କିନ୍ତୁ ବିଜେପି ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହି ଆକ୍ରମଣରେ ବିଜେପିର ହାତ ନାହିଁ ବୋଲି ଦଳୀୟ ନେତା କହିଛନ୍ତି।

ଅନ୍ୟପକ୍ଷରେ ମମତା ବାନାର୍ଜୀ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ବିଭିନ୍ନ ସ୍ଥାନରେ ଟିଏମସି ନେତା, କର୍ମୀ ଓ କାର୍ଯ୍ୟାଳୟ ଉପରେ ଆକ୍ରମଣ କରାଯାଉଛି ବୋଲି ସେ କହିଛନ୍ତି। ପୁଲିସ ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। କୋଲକାତା ଅଫିସରେ ଆକ୍ରମଣ ହେଉଛି ଏହାର ଏକ ଉଦାହରଣ। ଏଭଳି ଆକ୍ରମଣ ତୁରନ୍ତ ବନ୍ଦ ନହେଲେ ଦିଲ୍ଲୀରେ ବିଜେପି ଅଫିସ ସାମନାରେ ସେ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ମମତା ବାନାର୍ଜୀ ଚେତାବନୀ ଶୁଣାଇଛନ୍ତି।

# ୨୦ ବିଦ୍ରୋହୀ ସାଂସଦଙ୍କୁ ସମୟ ଦେଲେ ବାଚସ୍ପତି

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନରେ ମମତା ବାନାର୍ଜୀଙ୍କ ଟିଏମସିର ପରାଜୟ ପରେ ତାଙ୍କ ବିରୋଧରେ ବିଦ୍ରୋହ କରିଥିବା ଦଳର ୨୦ ଜଣ ଲୋକସଭା ସାଂସଦଙ୍କୁ ନୋଟିସର ଉତ୍ତର ଦେବାଲାଗି ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି ବାଚସ୍ପତି ଓମ୍ ବିର୍ଲା। ଦଳ ବଦଳ ନିରୋଧ ଆଇନ ଅନୁସାରେ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ଟିଏମସି ମହାସଚିବ ଅଭିଶେକ ବାନାର୍ଜୀ ବାଚସ୍ପତିଙ୍କ ନିକଟରେ ପିଟିସନ ଦାଖଲ କରିଥିଲେ। କିନ୍ତୁ ବାଚସ୍ପତି ବିର୍ଲା ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଏହାର ଶୁଣାଣି କରି ଗତମାସ ୨୫ ତାରିଖରେ ଏହି ୨୦ ବିଦ୍ରୋହୀ ସାଂସଦଙ୍କୁ ନୋଟିସ ଜାରି କରିବା ସହିତ ଅଭିଷେକଙ୍କ ପିଟିସନ ଉପରେ ତୁରନ୍ତ ବିଚାର କରିବାକୁ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଚସ୍ପତି ଓମ୍ ବିର୍ଲା ୨୬ ତାରିଖରେ ଏହି ସାଂସଦମାନଙ୍କୁ ନୋଟିସ ଦେବାସହିତ ୭ ଦିନ ମଧ୍ୟରେ ଏହାର ଉତ୍ତର ଦେବାକୁ କହିଥିଲେ। ତେବେ ବିଦ୍ରୋହୀମାନେ ଉତ୍ତର ଦାଖଲ ପାଇଁ ଅଧିକ ସମୟ ମାଗିବାରୁ ବାଚସ୍ପତି ସେମାନଙ୍କୁ ୨୨ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି।




# ସତ୍ୟେନ୍ଦ୍ର ଜୈନଙ୍କୁ ଜାମିନ



ନୂଆଦିଲ୍ଲୀ, ୩।୯(ଏଜେନ୍ସି): ଦିଲ୍ଲୀ ଜଳ ବୋର୍ଡର ସିୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ଟେଣ୍ଡର ପ୍ରକ୍ରିୟାରେ କଥିତ ଅନିୟମିତତା ସମ୍ପର୍କିତ ଏସିବି ମାମଲାରେ ଆମ୍ ଆଦମୀ ପାର୍ଟି (ଆପ୍) ନେତା ତଥା ପୂର୍ବତନ ଦିଲ୍ଲୀ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଗୁରୁବାର ଜାମିନ ମିଳିଛି। ରାଉଜ୍ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି ଦିଗ୍ ବିନୟ ସିଂହ ଜୈନଙ୍କୁ ଜାମିନ ଦେଇଥିବାବେଳେ ମାମଲାର ଅନ୍ୟ ଅଭିଯୁକ୍ତମାନଙ୍କ ନ୍ୟାୟିକ ହେପାଜତକୁ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଜୈନଙ୍କ ପକ୍ଷରୁ କୁହାଯାଇଥିଲା ଯେ, ୨୦୨୨ ଅକ୍ଟୋବରରେ ଟେଣ୍ଡର ଜାରି ହୋଇଥିବା ସମୟରେ ସେ ଅନ୍ୟ ଏକ ମାମଲାରେ ପୂର୍ବରୁ ହେପାଜତରେ ଥିଲେ। ତେଣୁ ଟେଣ୍ଡର ପ୍ରକ୍ରିୟା ସହ ତାଙ୍କ ସମ୍ପୃକ୍ତିର କୌଣସି ପ୍ରମାଣ ନାହିଁ ବୋଲି ତାଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ। ଅନ୍ୟପକ୍ଷରେ, ଏସିବିର ଅଭିଯୋଗ ଅନୁଯାୟୀ ରୋହିଣୀ ଏସ୍‌ଟିପିର କ୍ଷମତା ୧୫ ଏମ୍‌ଜିଡିରୁ ୩୦ ଏମ୍‌ଜିଡିକୁ ବଢ଼ାଯାଇଥିଲା। ଏହା ଫଳରେ ପ୍ରାୟ ୧୨୩ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିବା ଏଜେନ୍ସି ଅଭିଯୋଗ କରିଛି।

## ପାଇଲଟ୍ ଅସୁସ୍ଥ, ଓହ୍ଲାଇଲା ବିମାନ

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ଦୋହାରୁ ବେଙ୍ଗାଲୁରୁ ଯାଉଥିବା ଇଣ୍ଡିଗୋର ଏକ ବିମାନର ପାଇଲଟ୍ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ଏହାକୁ ମସ୍କଟକୁ ଅବତରଣ କରାଯାଇଛି। ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିମାନଟି ମସ୍କଟ ବିମାନବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ଅବତରଣ ପରେ ଏକ ଚିକିତ୍ସା ଦଳ ପାଇଲଟ୍‌ଙ୍କୁ ପରୀକ୍ଷା କରି ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ବର୍ତ୍ତମାନ ପାଇଲଟ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଏୟାରଲାଇନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଯାତ୍ରୀମାନଙ୍କୁ ଆଗକୁ ନେବା ପାଇଁ ଏକ ବିକଳ୍ପ ବିମାନ ଏବଂ ନୂତନ କ୍ରୁ' ବ୍ୟବସ୍ଥା କରାଯାଇଛି। ମସ୍କଟରେ ଅପେକ୍ଷା କରିଥିବା ଯାତ୍ରୀମାନଙ୍କୁ ଖାଦ୍ୟ ଓ ପାନୀୟ ଯାଇଥିବା ବେଳେ ଏଭଳି ଅସୁବିଧା ପାଇଁ କମ୍ପାନୀ କ୍ଷମା ପ୍ରାର୍ଥନା କରିଛି। ଦେଶରେ ଗତ କିଛିଦିନ ହେବ ବିମାନଗୁଡ଼ିକରେ ଯାନ୍ତ୍ରିକ ତ୍ରୁଟି ଏବଂ ଜରୁରୀକାଳୀନ ଅବତରଣ ଘଟଣା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି।

## ଦୁଷ୍କର୍ମ ମାମଲା ସମାଧାନ ପାଇଁ ସିଣ୍ଡିକେଟ୍‌ରେ ମାନ୍: ବିଜେପି

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଏବଂ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ରାଜ୍ୟରେ ଦୁଷ୍କର୍ମ ମାମଲାଗୁଡ଼ିକୁ ରଫାଦଫା କରିବା ପାଇଁ ୫ କୋଟି ପର୍ଯ୍ୟନ୍ତ ଲାଞ୍ଚ ନେଉଛନ୍ତି ଏବଂ ସେମାନେ 'ଲୁଟ୍ ମଡେଲ୍' ସିଣ୍ଡିକେଟ୍ ଚଳାଉଛନ୍ତି ବୋଲି ବିଜେପି ଅଭିଯୋଗ କରିଛି। ବିଜେପିର ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଏକ ସାମ୍ବାଦିକ ସମ୍ମିଳନୀରେ କିଛି ଅଡିଓ ରେକର୍ଡିଂ ପ୍ରକାଶ କରି ଦାବି କରିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମାନ ଏବଂ ତାଙ୍କ ପତ୍ନୀ ଗୁରପ୍ରୀତ କୌର ମଧ୍ୟସ୍ଥିମାନଙ୍କ ଜରିଆରେ ଦୁଷ୍କର୍ମ ମାମଲାଗୁଡ଼ିକୁ ସମାଧାନ କରିବା ନାଁରେ କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି। ଏହି ପ୍ରସଙ୍ଗରେ ଏନ୍‌ଏଚ୍‌ଆରସି ଗତ ଅଗଷ୍ଟ ୨୧ରେ ପଞ୍ଜାବ ମୁଖ୍ୟ ସଚିବ ଏବଂ ଡିଜିପିଙ୍କୁ ଏକ ପତ୍ର ଲେଖି ଅଭିଯୋଗର ତଦନ୍ତ କରି ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ୨ ପୁଲିସ କର୍ମଚାରୀଙ୍କୁ ହତ୍ୟା

ଗୌହାଟୀ, ୩।୯(ଏଜେନ୍ସି): ଆସାମର କାମରୂପ ଜିଲ୍ଲାରେ ଆସାମ-ମେଘାଳୟ ସୀମାନ୍ତରେ ଥିବା ଏକ ପୁଲିସ ଫାଣ୍ଡିରେ ଗୁରୁବାର ଭୋର ସମୟରେ ଜଣେ ସହକର୍ମୀ ପୁଲିସ କର୍ମଚାରୀଙ୍କ ଗୁଳିମାଡ଼ରେ ଦୁଇଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ବୋକୋ ଥାନା ଅଧୀନ ଗାମେରିମୁରା ପୁଲିସ ଫାଣ୍ଡିରେ ଭୋର ପ୍ରାୟ ୪ଟାରୁ ୫ଟା ମଧ୍ୟରେ ଏହି ଗୁଳିକାଣ୍ଡ ଘଟିଥିଲା। ଏକେ ପ୍ରକାରର ସର୍ଭିସ ରାଇଫଲରୁ ଗୁଳି ଚାଲିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତକମାନେ ଫଜରୁଲ ଅଲୀ ଓ ଇନ୍ଦ୍ରଜିତ ବୋରା ବୋଲି ଚିହ୍ନଟ କରାଯାଇଛି।

# ନ୍ୟୁୟର୍କ ସ୍କୁଲରେ ଏଆଇ ଉପରେ କଟକଣା

ନ୍ୟୁୟକ, ୩।୯(ଏଜେନ୍ସି): ଶିକ୍ଷା କ୍ଷେତ୍ରରେ ଏଆଇ'ର ବ୍ୟବହାରକୁ ନେଇ ବଡ଼ ପଦକ୍ଷେପ ନେଇଛି ନ୍ୟୁୟର୍କ ସହର। ସହରର ସରକାରୀ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର ଉପରେ ଏକ ବର୍ଷ ପାଇଁ କଟକଣା ଲଗାଯାଇଛି। ନ୍ୟୁୟର୍କ ସହରର ମେୟର ଜୋହରାନ ମମଦାନୀ ବୁଧବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବିଦ୍ୟାଳୟଗୁଡ଼ିକରେ ବର୍ତ୍ତମାନ ବ୍ୟବହୃତ ପ୍ରାୟ ୪୦ଟି ଶିକ୍ଷାମୂଳକ କୃତ୍ରିମ ବୁଦ୍ଧିମତ୍ତା ଉପକରଣର ବ୍ୟବହାର ବନ୍ଦ କରାଯିବ। ମମଦାନୀ କହିଛନ୍ତି, 'ପିଲାମାନଙ୍କୁ ଶିଖିବା ଓ ବଢ଼ିବା ପାଇଁ ଶିକ୍ଷକ ଏବଂ ମାନବୀୟ ସମ୍ପର୍କ ଦରକାର।' ସହପାଠୀଙ୍କ ସହ ମିଶି ଦକ୍ଷତା ବିକଶିତ କରିବା, ଶିକ୍ଷକଙ୍କ ସହ ସମ୍ପର୍କ ଗଢ଼ିବା ଏବଂ ଜଟିଳ ସମସ୍ୟାର ସମାଧାନ ନିଜେ ଚିନ୍ତା କରି କରିବା ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ସେ କହିଛନ୍ତି। ଆମେରିକାର ସବୁଠାରୁ ବଡ଼ ସ୍କୁଲ ବ୍ୟବସ୍ଥା ନ୍ୟୁୟର୍କର ଏହି ନିଷ୍ପତ୍ତିକୁ ଏଆଇ ବ୍ୟବହାର ଉପରେ ଦେଶର ଅନ୍ୟ ସହର ତୁଳନାରେ ସବୁଠାରୁ କଠୋର ପଦକ୍ଷେପ ଭାବେ ଦେଖାଯାଉଛି। ଲସ୍ ଆଞ୍ଜେଲସ୍ ସମେତ ଅନ୍ୟ କେତେକ ସ୍କୁଲ ଜିଲ୍ଲା ମଧ୍ୟ ଏଆଇ ବ୍ୟବହାର ନେଇ ନିଜସ୍ୱ ନୀତି ଉପରେ ସମୀକ୍ଷା କରୁଛନ୍ତି। ଏହି ନିଷ୍ପତ୍ତି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପ୍ରାୟ ୬ ଲକ୍ଷ ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ଉପରେ ଲାଗୁ ହେବ। ତେବେ ଉଚ୍ଚ ମାଧ୍ୟମିକ ସ୍ତରର ଛାତ୍ରଛାତ୍ରୀମାନେ କେତେକ ପରିସ୍ଥିତିରେ ଏଆଇ ବ୍ୟବହାର କରିପାରିବେ। ଶିକ୍ଷକମାନେ ପାଠ ଯୋଜନା ପ୍ରସ୍ତୁତି, ସମୟସୂଚୀ ଭଳି କାର୍ଯ୍ୟରେ ଏଆଇ ବ୍ୟବହାର କରିପାରିବେ। ଉଲ୍ଲେଖଯୋଗ୍ୟ, ୨୦୨୨ରେ ଚାଟ୍‌ଜିପିଟି ଲୋକପ୍ରିୟ ହେବା ପରେ ନ୍ୟୁୟର୍କର ସରକାରୀ ସ୍କୁଲଗୁଡ଼ିକ ଏହାର ବ୍ୟବହାର ଉପରେ ସାମୟିକ ନିଷେଧ ଲଗାଇଥିଲେ। ପରେ ଏହି କଟକଣା ହଟାଯାଇ ଶିକ୍ଷାଦାନରେ ସହାୟତା ପାଇଁ ଏଆଇ ଆଧାରିତ ବ୍ୟବସ୍ଥା ବ୍ୟବହାର କରାଯାଇଥିଲା।



# ବାୟୁସେନା ଛାଡ଼ି ଘରୋଇ ବିମାନ କମ୍ପାନୀରେ ଯୋଗଦେଲେ ଅଭିନନ୍ଦନ

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ୨୦୧୯ର ବାଲାକୋଟ୍ ପରବର୍ତ୍ତୀ ଆକାଶ ଯୁଦ୍ଧରେ ପାକିସ୍ତାନୀ ଏଫ୍-୧୬ ଯୁଦ୍ଧବିମାନକୁ ଖସାଇ ଚର୍ଚ୍ଚାକୁ ଆସିଥିବା ଭାରତୀୟ ବାୟୁସେନାର ପୂର୍ବତନ ଗ୍ରୁପ୍ କ୍ୟାପ୍ଟେନ୍ ତଥା ବୀର ଚକ୍ର ପୁରସ୍କାରପ୍ରାପ୍ତ ଅଭିନନ୍ଦନ ବର୍ତ୍ତମାନ ଏବେ ନୂଆ ଇନିଂସ ଆରମ୍ଭ କରି ଏକ ଘରୋଇ ବିମାନ ସେବାରେ ଯୋଗ ଦେଇଛନ୍ତି। ସୂଚନା ଅନୁସାରେ, ଗୋଆ ଭିତ୍ତିକ ଆଞ୍ଚଳିକ ବିମାନ କମ୍ପାନୀ ଫ୍ଲାଇ୯୧ରେ ସେ ପାଇଲଟ୍ ଭାବେ ଯୋଗ ଦେଇଛନ୍ତି। ୪୩ ବର୍ଷୀୟ ଅଭିନନ୍ଦନ ଚଳିତ ବର୍ଷ ମାର୍ଚ୍ଚରେ ଭାରତୀୟ ବାୟୁସେନାରୁ ଅବସର ନେଇଥିଲେ। ଅବସର ପରେ ଅଗଷ୍ଟ ମାସରେ ସେ ଫ୍ଲାଇ୯୧ରେ ଯୋଗ ଦେଇଥିବା ସୂଚନା ମିଳିଛି। ତେବେ କମ୍ପାନୀରେ ତାଙ୍କ ନିର୍ଦ୍ଦିଷ୍ଟ ଦାୟିତ୍ୱ କିମ୍ବା କେଉଁ ବିମାନ ଚଳାଇବେ, ସେନେଇ ତତ୍କାଳ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ୨୦୧୯ ଫେବ୍ରୁଆରୀ ୨୬ରେ ବାଲାକୋଟ୍‌ରେ ଜୈଶ-ଏ-ମହମ୍ମଦର ଶିବିର ଉପରେ ଭାରତୀୟ ବାୟୁସେନାର ଆକ୍ରମଣ ପରେ ଫେବ୍ରୁଆରୀ ୨୭ରେ ଭାରତ ଓ ପାକିସ୍ତାନର ଯୁଦ୍ଧବିମାନ ମଧ୍ୟରେ ଆକାଶଯୁଦ୍ଧ ହୋଇଥିଲା। ସେତେବେଳେ ୱିଙ୍ଗ୍ କମାଣ୍ଡର୍ ଥିବା ଅଭିନନ୍ଦନ ମିଗ୍-୨୧ ବାଇସନ୍ ବିମାନରେ ପାକିସ୍ତାନୀ ଏଫ୍-୧୬ ସହ ମୁକାବିଲା କରିଥିଲେ। ଭାରତୀୟ ବାୟୁସେନାର ଦାବି ଅନୁଯାୟୀ, ସେ ଏଫ୍-୧୬କୁ ଖସାଇବା ପରେ ତାଙ୍କ ମିଗ୍-୨୧ ମଧ୍ୟ ଆଘାତପ୍ରାପ୍ତ ହୋଇଥିଲା।

# ତିବ୍ବତୀୟ ମାଳଭୂମିରେ ଅସ୍ଥିର ହେଉଛି ହିମବାହ

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ତିବ୍ବତୀୟ ପ୍ଲାଟୋ ଅର୍ଥାତ ମାଳଭୂମୀରେ ହିମବାହଗୁଡ଼ିକ ଆଗାମୀ ବର୍ଷଗୁଡ଼ିକରେ ଆହୁରି ଅସ୍ଥିର ହୋଇପାରେ। ଫଳରେ ହିମବାହ ଧସିବା, ଭୂସ୍ଖଳନ ଓ ହଠାତ୍ ବନ୍ୟା ଭଳି ବିପର୍ଯ୍ୟୟର ଆଶଙ୍କା ବଢ଼ିପାରେ ବୋଲି ଚୀନ୍‌ର ଜଣେ ବରିଷ୍ଠ ଜଳବାୟୁ ଅଧିକାରୀ ଚେତାବନୀ ଦେଇଛନ୍ତି। ଅଗଷ୍ଟ ୨୬ରେ ନେପାଳ-ତିବ୍ବତ ସୀମା ନିକଟରେ ଘଟିଥିବା ବରଫ ଓ ପଥର ଧସିବା ଘଟଣା ପରେ ଏହି ଚେତାବନୀ ଆସିଛି। ଏହି ଘଟଣାରୁ ସୃଷ୍ଟି ହୋଇଥିବା ହଠାତ୍ ବନ୍ୟା ନେପାଳର ଉତ୍ତର ଓ ମଧ୍ୟ ଅଞ୍ଚଳର ଅନେକ ସହର ଓ ଗାଁକୁ ପ୍ରଭାବିତ କରିଥିଲା। ଚୀନ୍‌ର ଜାତୀୟ ଜଳବାୟୁ କେନ୍ଦ୍ରର ଉପନିର୍ଦ୍ଦେଶକ ଗାଓ ରୋଙ୍ଗ କହିଛନ୍ତି ଯେ ଗତ ୬୦ ବର୍ଷରେ ତିବ୍ବତୀୟ ପ୍ଲାଟୋର ହିମବାହ ଅଞ୍ଚଳ ପ୍ରାୟ ୨୪ ପ୍ରତିଶତ କମିଛି। ଏହି ସମୟରେ ପ୍ରାୟ ୭, ୦୦୦ ଛୋଟ ହିମବାହ ସମ୍ପୂର୍ଣ୍ଣ ଭାବେ ଅଦୃଶ୍ୟ ହୋଇଯାଇଛି। ଆଗାମୀ ଦିନରେ ହିମବାହର ସ୍ଥିରତା ଆହୁରି ହ୍ରାସ ପାଇବା ସହ ବରଫଜନିତ ବିପର୍ଯ୍ୟୟ ବାରମ୍ବାର ଘଟିପାରେ ବୋଲି ସେ କହିଛନ୍ତି। ତିବ୍ବତର ଗ୍ୟିରୋଙ୍ଗ ବନ୍ଦର ଅଞ୍ଚଳରେ ଘଟିଥିବା ଏହି ବିପର୍ଯ୍ୟୟରେ ଚୀନ୍ ପକ୍ଷରୁ ୨୧ ଜଣଙ୍କ ମୃତ୍ୟୁ ଓ ୫୪୧ ଜଣ ନିଖୋଜ ଥିବା କୁହାଯାଇଛି। ନିଖୋଜଙ୍କ ମଧ୍ୟରେ ୨୬୧ ଜଣ ବିଦେଶୀ ନାଗରିକ ଥିବା ବେଳେ ସେମାନଙ୍କ ମଧ୍ୟରେ ୪୯ ଜଣ ଭାରତୀୟ ଥିବା ଜଣାପଡ଼ିଛି। ନେପାଳରେ ବନ୍ୟା ଓ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୧, ୨୫୨ରେ ପହଞ୍ଚିଥିବା ରିପୋର୍ଟରେ କୁହାଯାଇଛି। ଚୀନ୍‌ର ବୈଜ୍ଞାନିକ ଗବେଷଣା ଅନୁଯାୟୀ, ହିମବାହ ଧସିବା ପରେ ସୃଷ୍ଟି ହୋଇଥିବା କାଦୁଅ ଓ ପଥରର ପ୍ରବାହ ପ୍ରାୟ ୨୨ କିଲୋମିଟର ଉପତ୍ୟକା ଦେଇ ମାତ୍ର ୭ ମିନିଟ୍‌ରେ ଗ୍ୟିରୋଙ୍ଗ ବନ୍ଦରରେ ପହଞ୍ଚିଥିଲା। ତଳକୁ ଗତି କରିବା ସମୟରେ ଏହା ନଦୀଶଯ୍ୟା ଓ କୂଳରୁ ଅଧିକ ପଥର, ମାଟି ଓ ଅବଶିଷ୍ଟ ସାମଗ୍ରୀକୁ ନିଜ ସହ ମିଶାଇ ନେଇଥିଲା। ଫଳରେ ଆରମ୍ଭର ଧସିବା ତୁଳନାରେ ବିପର୍ଯ୍ୟୟର ପରିମାଣ ବହୁଗୁଣ ବଢ଼ିଯାଇଥିଲା। ବୈଜ୍ଞାନିକମାନେ କହିଛନ୍ତି, ଭବିଷ୍ୟତରେ ଏଭଳି ବିପଦ ଆକଳନ କରିବା ସମୟରେ କେବଳ ପାହାଡ଼ରୁ କେତେ ପରିମାଣର ବରଫ କିମ୍ବା ପଥର ଧସିଲା ତାହା ଦେଖିଲେ ହେବ ନାହିଁ। ତଳକୁ ଯିବା ସମୟରେ ଆଉ କେତେ ପରିମାଣର ମାଟି ଓ ଅବଶିଷ୍ଟ ଏଥିରେ ମିଶିପାରେ ଏବଂ ତଳ ଅଞ୍ଚଳର ଜନବସତି ଓ ଭିତ୍ତିଭୂମି କେତେ ପ୍ରଭାବିତ ହୋଇପାରେ, ତାହାକୁ ମଧ୍ୟ ବିଚାର କରିବା ଆବଶ୍ୟକ। ଗବେଷକମାନେ ଆହୁରି କହିଛନ୍ତି ଯେ ଉପଗ୍ରହ ତଥ୍ୟ, ଭୂମିସ୍ତରୀୟ ନିରୀକ୍ଷଣ ଓ ଆଧୁନିକ ପୂର୍ବାନୁମାନ ପ୍ରଣାଳୀକୁ ଏକାଠି କରିବା ଆବଶ୍ୟକ। ହିମବାହ ଓ ପଥର ଢାଲରେ ଦ୍ରୁତ ପରିବର୍ତ୍ତନ ଚିହ୍ନଟ କରି ତାହାର ସମ୍ଭାବ୍ୟ ପ୍ରଭାବ ତଳ ଅଞ୍ଚଳ ପର୍ଯ୍ୟନ୍ତ ଆକଳନ କରାଗଲେ ଭବିଷ୍ୟତରେ ଜୀବନ ଓ ସମ୍ପତ୍ତିର କ୍ଷତି କମାଇବା ସମ୍ଭବ ହୋଇପାରେ।



# ସବୁ ନଦୀରେ ଖସୁଛି ଜଳସ୍ତର

## ଏବେ ବି ବିପଦ ସଂକେତ ଉପରେ ସୁବର୍ଣ୍ଣରେଖା

ଭୁବନେଶ୍ୱର,୩।୯ (ସମିସ): ରାଜ୍ୟରେ ବର୍ଷାର ପ୍ରଭାବ କମିବା ଆରମ୍ଭ ହୋଇଛି। ଓଡ଼ିଶାଠାରୁ ଲଘୁଚାପ ଦୂରେଇବା ସହ ଏବେ ଏହା ମଧ୍ୟପ୍ରଦେଶ ଉପରେ ସକ୍ରିୟ ରହିଛି। ଫଳରେ ରାଜ୍ୟରେ ବର୍ଷାର ପରିମାଣ କମିଛି। ତେବେ ଏହି ଲଘୁଚାପ ପ୍ରଭାବରେ ହୋଇଥିବା ବର୍ଷା ଓ ଏଥିପାଇଁ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଜାରି ରହିଛି। ଏବେ ବି ସୁବର୍ଣ୍ଣରେଖା ନଦୀ ରାଜଘାଟ୍‌ଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଯଦିଓ ଅନ୍ୟ ନଦୀ ବୁଢ଼ାବଳଙ୍ଗ ଓ ବୈତରଣୀ ଆଦିରେ ସ୍ଥିତି ସୁଧାର ଆସିଛି, ମାତ୍ର ସୁବର୍ଣ୍ଣରେଖା ଓ ଜଳକା ନଦୀ ବିପଦସଂକେତ ଉପରେ ପ୍ରବାହିତ ହେଉଛି।

ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ନଦୀର ଜଳସ୍ତର ମୁଖ୍ୟତଃ ହ୍ରାସ ପାଉଛି, ଯାହା ସାମଗ୍ରିକ ବନ୍ୟା ପରିସ୍ଥିତିରେ ଧୀରେ ଧୀରେ ସୁଧାରର ସଙ୍କେତ ଦେଉଛି। ବର୍ତ୍ତମାନ ସୁବର୍ଣ୍ଣରେଖା ନଦୀ ହିଁ ରାଜ୍ୟର ଏକମାତ୍ର ନଦୀ ଭାବେ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ଏହା ନଦୀର ପରିସ୍ଥିତିରେ ଧୀରେ ଧୀରେ ସୁଧାର ଆସିବ ବୋଲି ସୂଚନା ରହିଛି। ଅନ୍ୟପଟେ ମହାନଦୀର ନରାଜଠାରେ ମହାନଦୀ, ସୁନ୍ଦରଗଡ଼ରେ ଇବ୍, ପାନପୋଷଠାରେ ବ୍ରାହ୍ମଣୀ, ଆନନ୍ଦପୁର ଓ ଅଖୁଆପଦାଠାରେ ବୈତରଣୀ, ଏନ୍‌ଏଚ୍-୫ ଠାରେ ବୁଢ଼ାବଳଙ୍ଗ, ଗୁଣ୍ଡୁପୁରଠାରେ ବଂଶଧାରା ଏବଂ ମଥାନୀଠାରେ ଜଳକା ନଦୀର ଜଳସ୍ତର

**■ ବନ୍ୟାରେ ବାଲେଶ୍ୱର ସର୍ବାଧିକ ପ୍ରଭାବିତ**
**■ ଆଗକୁ କମିବ ବର୍ଷା, ବଢ଼ିବ ବିଜୁଳି ଘଡ଼ଘଡ଼ି**



ମଧ୍ୟ ହ୍ରାସମୁଖୀ ରହିଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୭.୨୯ ଫୁଟ୍ ରହିଥିବା ବେଳେ ଜଳ ପ୍ରବେଶ ପରିମାଣ ୧,୪୧,୯୬୨ କ୍ୟୁସେକ୍ ଏବଂ ଜଳ ନିଷ୍କାସନ ପରିମାଣ ୭୮,୪୨୯ କ୍ୟୁସେକ୍ ରହିଛି। ବର୍ତ୍ତମାନ ୪ଟି ଗେଟ୍ ଖୋଲା ରହିଛି।

ଅନ୍ୟପଟେ ଆଇଏମ୍‌ଡିର ସୂଚନା ଅନୁଯାୟୀ, ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ ଏବେ ଲଘୁଚାପଟି ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଉତ୍ତରପ୍ରଦେଶ ଏବଂ ସଂଲଗ୍ନ ଉତ୍ତର ମଧ୍ୟପ୍ରଦେଶ ଦେଇ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏଥିପାଇଁ ଆଗକୁ ରାଜ୍ୟରେ ବର୍ଷାର ପରିମାଣ କମିବ। ତେବେ ଦିନରେ ଖରା ଓ ଆର୍ଦ୍ରତା ହେତୁ ଅପରାହ୍ଣ ପରେ ବିଜୁଳି ଘଡ଼ଘଡ଼ିର ଆଶଙ୍କା ବଢ଼ିଯାଇଛି। ଏଥିପାଇଁ ଲୋକମାନଙ୍କୁ ସତର୍କ ରହିବା ସହିତ ଘଡ଼ଘଡ଼ି ଓ ବଜ୍ରପାତ ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ ନିରାପଦ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି।

ଚଳିତ ବନ୍ୟାରେ ଯାଜପୁର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ବିଶେଷ ଭାବେ ପ୍ରଭାବିତ ରହିଛି। ଯାଜପୁରର ଦଶରଥପୁର ବ୍ଲକ୍ ଏବେ ବି ପାଣି ଘେରରେ ରହିଛି। ଏଠାରେ ୧୯ଟି ଗ୍ରାମ ପଞ୍ଚାୟତ ଏବଂ ୬୨ଟି ଗାଁ ପ୍ରଭାବିତ ହୋଇଛି। ମୋଟ ୨୨ଟି ରିଲିଫ୍ କ୍ୟାମ୍ପ ଚାଲୁ ରହିଛି, ଯେଉଁଥିରେ ୭,୭୪୫ ଜଣ ଆଶ୍ରୟ ନେଇଛନ୍ତି। ସେହିପରି ମୟୂରଭଞ୍ଜରେ ୨୧ଟି ବ୍ଲକ୍, ୫୩ଟି ପଞ୍ଚାୟତ ଓ ୯୭ଟି ଗାଁ ପ୍ରଭାବିତ ହୋଇଛି। ଏହା ସହିତ ବାରିପଦା ପୌରପାଳିକାର ୨ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ବର୍ତ୍ତମାନ ୨୯ଟି ରିଲିଫ୍ କ୍ୟାମ୍ପ ଚାଲୁ ରହିଛି ଏବଂ ଏଥିରେ ୧୦,୫୦୧ ଜଣ ଆଶ୍ରୟ ନେଇଛନ୍ତି। ଜିଲ୍ଲାରେ ଏବେ ସୁଦ୍ଧା ୧୦୪ଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ବାଲେଶ୍ୱର ଜିଲ୍ଲାର ଭୋଗରାଇ, ବାଲିଆପାଳ, ବସ୍ତା, ରେମୁଣା ଓ ଜଳେଶ୍ୱର ଆଦି ୫ଟି ବ୍ଲକ୍ ପ୍ରଭାବିତ ହୋଇଛି। ମୋଟ ୪୧ଟି ପଞ୍ଚାୟତ ଓ ୨୧୪ଟି ଗାଁ ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ହୋଇଛି। ବର୍ତ୍ତମାନ ଜିଲ୍ଲାରେ ୭୨ଟି ରିଲିଫ୍ କ୍ୟାମ୍ପ ଚାଲୁ ରହିଛି ଏବଂ ସେଠାରେ ୩୫,୭୪୦ ଜଣ ଆଶ୍ରୟ ନେଇଛନ୍ତି। ପ୍ରଭାବିତ ଜିଲ୍ଲାଗୁଡ଼ିକରେ ବନ୍ୟା ମୁକାବିଲା ପାଇଁ ମୋଟ ୪୭ଟି ଟିମ୍ ମୁତୟନ କରାଯାଇଛି।

**ବନ୍ୟା ସହାୟତା ପ୍ରଦାନରେ ସରକାରଙ୍କ ପାତରଅନ୍ତର**

# ବିରୋଧୀ ପ୍ରତିନିଧିତ୍ୱ କରୁଥିବା ଅଞ୍ଚଳକୁ ଅଣଦେଖା କରୁଛନ୍ତି ରାଜ୍ୟ ସରକାର: ବିଜେଡି

ଭୁବନେଶ୍ୱର,୩।୯ (ସମିସ): ଯାଜପୁର ଜିଲ୍ଲାରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ସହାୟତା ପ୍ରଦାନରେ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ଓ ସରକାରଙ୍କର ପାତରଅନ୍ତର ନୀତି ଲୋକଙ୍କୁ ହତାଶ କରିଛି। ସରକାରଙ୍କ ପକ୍ଷରୁ ଯତ୍‌କିଞ୍ଚିତ ରିଲିଫ ସାମଗ୍ରୀ ପଠାଯାଇଥିଲା। ମାତ୍ର ସେଗୁଡ଼ିକୁ ଜିଲ୍ଲା ପ୍ରଶାସନ ମାଧ୍ୟମରେ ବଣ୍ଟା ନ ହୋଇ ସ୍ଥାନୀୟ ବିଜେପି ନେତାଙ୍କ ଦ୍ୱାରା ବଣ୍ଟା ଯାଇଥିଲା ବୋଲି ଗୁରୁତର ଅଭିଯୋଗ କରିଛି ବିଜେଡି। ଏହାଛଡ଼ା ବରୀ, ବିଞ୍ଝାରପୁର ଓ ଯାଜପୁର ବିଧାନସଭା କ୍ଷେତ୍ରରେ ବନ୍ୟା ଅଧିକ କ୍ଷତି କରିଥିବା ବେଳେ, ଏହି ସ୍ଥାନରେ ବିଜେଡି ବିଧାୟକମାନେ ପ୍ରତିନିଧିତ୍ୱ କରୁଥିବାରୁ ଏହି ଅଞ୍ଚଳକୁ ରିଲିଫ ସାମଗ୍ରୀ ପଠାଇବାରେ ଅଣଦେଖା କରାଯାଇଥିଲା ବୋଲି ବିଜେଡି କହିଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଞ୍ଝାରପୁର ବିଧାୟିକା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ଓ ଯାଜପୁର ବିଧାୟିକା ସୁଜାତା ସାହୁ ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ବିଫଳତା ଓ ପାତରଅନ୍ତର ନୀତି ପାଇଁ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ। ପ୍ରମିଳା ମଲ୍ଲିକ କହିଥିଲେ ଯେ ବନ୍ୟା ଆସିବାର ୨୬ ଦିନ ବିତିଯାଇଥିଲେ ସୁଦ୍ଧା ଯାଜପୁର ଜିଲ୍ଲାର ଅନେକ ଅଞ୍ଚଳ ଏବେବି ଜଳ ଘେରରେ ରହିଛି ଓ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ। ବନ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କର କୌଣସି ପୂର୍ବ ପ୍ରସ୍ତୁତି ନ ଥିଲା। ସରକାରଙ୍କ ବିଭିନ୍ନ ବିଭାଗ ଗୁଡ଼ିକ ଭିତରେ ତାଳମେଳ ନ ଥିଲା। ସରକାରଙ୍କ ପୂର୍ବ ପ୍ରସ୍ତୁତି ଥିଲେ ବରୀ, ବିଞ୍ଝାରପୁର ଓ ଦଶରଥପୁର ଅଞ୍ଚଳରେ ଘାଇ ହୋଇ ନ ଥା'ନ୍ତା। ବନ୍ୟା ଜଳ ବିଭିନ୍ନ ଜନବସତି ଅଞ୍ଚଳକୁ ପ୍ରବେଶ କଲା ପରେ ସରକାରଙ୍କ ପକ୍ଷରୁ ଶୁଖିଲା ଖାଦ୍ୟ, ଗୋଖାଦ୍ୟ ଓ ଅନ୍ୟ ରିଲିଫ ସାମଗ୍ରୀ ପହଞ୍ଚିବାରେ ଅହେତୁକ ବିଳମ୍ବ ହୋଇଥିଲା। ମୁଖ୍ୟମନ୍ତ୍ରୀ ଯାଜପୁର ଜିଲ୍ଲା ଗସ୍ତ କଲେ, ଡଙ୍ଗାରେ ବୁଲିଲେ, ଫଟୋ ଉଠାଇଲେ କିନ୍ତୁ ଲୋକଙ୍କ ଅସୁବିଧା କଥା ବୁଝିଲେ ନାହିଁ। ଆମେ ଯାଇଥିଲୁ ମୁଖ୍ୟମନ୍ତ୍ରୀଙ୍କୁ ଲୋକଙ୍କ ଅସୁବିଧା ବିଷୟରେ ଜଣାଇବା ପାଇଁ, କିନ୍ତୁ ଆମକୁ ଅପମାନିତ କରାଗଲା। ବରୀ, ବିଞ୍ଝାରପୁର ଓ ଦଶରଥପୁର ଅଞ୍ଚଳଗୁଡ଼ିକ ବିଜେଡି ବିଧାୟକ ପ୍ରତିନିଧିତ୍ୱ କରୁଥିବାରୁ ଏହି ଅଞ୍ଚଳଗୁଡ଼ିକୁ ବନ୍ୟା ସହାୟତା ପ୍ରଦାନରେ ଅଣଦେଖା କରାଗଲା।

ବିଶ୍ୱ ରଞ୍ଜନ ମଲ୍ଲିକ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ପାଇଁ ଯାଜପୁର ଜିଲ୍ଲା ଗସ୍ତ କରିଥିଲେ, କିନ୍ତୁ ସର୍ବାଧିକ ପ୍ରଭାବିତ ବରୀ ଅଞ୍ଚଳକୁ ଗସ୍ତ କରିବାକୁ ଗୁରୁତ୍ୱ ଦେଇ ନ ଥିଲେ। ସରକାରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ରିଲିଫ ସାମଗ୍ରୀ ଟ୍ରକ୍‌ରେ ଆମ ଅଞ୍ଚଳରେ ପହଞ୍ଚିଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଏହା ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର ହେଲା ନାହିଁ। ଏହି ରିଲିଫ ସାମଗ୍ରୀ କେଉଁଆଡ଼େ ଗଲା, କେହି ତା'ର ଟେର୍ ପାଇଲେ ନାହିଁ। କିନ୍ତୁ କିଛି ସ୍ଥାନୀୟ ବିଜେପି ନେତା ଏହି ରିଲିଫ ସାମଗ୍ରୀ କିଛି ଅଞ୍ଚଳରେ ବାଣ୍ଟି ତା'ର ଫଟୋ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ। ବନ୍ୟା ଯୋଗୁଁ ଚାଷୀ ଭାଇମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ, ଚାଷୀଙ୍କ କ୍ଷତିର ଆକଳନ ଏପର୍ଯ୍ୟନ୍ତ ହୋଇନାହିଁ ବୋଲି ଶ୍ରୀ ମଲ୍ଲିକ ଦର୍ଶାଇଥିଲେ।

ସୁଜାତା ସାହୁ କହିଥିଲେ ଯେ ଦଶରଥପୁର ଅଞ୍ଚଳରେ ଗତ ୩୬ ଦିନ ଭିତରେ ୬ ଥର ବନ୍ୟାଜଳ ପ୍ରବେଶ କରିଛି। ଏବେବି ପ୍ରାୟ ୫୩,୦୦୦ ଲୋକ ପାଣି ଘେରରେ ଅଛନ୍ତି। ଲୋକଙ୍କୁ ଉଦ୍ଧାର କରି ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଥଇଥାନ କରିବାରେ ସରକାର ବିଫଳ ହୋଇଛନ୍ତି ବୋଲି ସେ କହିଥିଲେ।



■ ପ୍ରଶାସନ ନୁହେଁ; ସ୍ଥାନୀୟ ବିଜେପି ନେତାଙ୍କ ଦ୍ୱାରା ରିଲିଫ ବଣ୍ଟନ ହେଉଛି
■ ଚାଷୀଙ୍କ କ୍ଷୟକ୍ଷତିର ଆକଳନ ଏପର୍ଯ୍ୟନ୍ତ ହୋଇନାହିଁ
■ ଦଶରଥପୁର ଅଞ୍ଚଳରେ ଏବେ ବି ୫୩,୦୦୦ ଲୋକ ପାଣି ଘେରରେ

# ଜ୍ୱାଇଁଙ୍କୁ ଲୁହା ରଡ୍‌ରେ ପିଟିପିଟି ହତ୍ୟାକଲା ଶଶୁର

ଉଦଳା,୩।୯ (ସମିସ): ଜ୍ୱାଇଁଙ୍କୁ ଲୁହା ରଡ୍‌ରେ ପିଟିପିଟି ହତ୍ୟା କରିଛି ସାବତ ଶଶୁର। ଏଭଳି ଘଟଣା କପ୍ତିପଦା ଥାନା ମଝିଗଡ଼ିଆ ମଥୁରାସାହି ଗ୍ରାମରେ ଘଟିଛି। ରମେଶ ବିନ୍ଧାଣୀ ତାଙ୍କ ଶଶୁର ଘର ମଥୁରାସାହିରେ ସ୍ତ୍ରୀ ଭାରତୀ ହେମ୍ବ୍ରମଙ୍କ ସହିତ ରୁହନ୍ତି। ଯାହାକୁ ପୂର୍ବରୁ ରମେଶଙ୍କ ସାବତ ଶଶୁର ଦାମୋଦର ହୋ ବିରୋଧ କରିଆସୁଛନ୍ତି। ଗତକାଲି ରାତିରେ ଏହାକୁ ନେଇ ଉଭୟ ସାବତ ଶଶୁର ଓ ଜ୍ୱାଇଁଙ୍କ ମଧ୍ୟରେ ବଚସା ହୋଇଥିଲା। ଉଭୟ ନିଶାସକ୍ତ ଅବସ୍ଥାରେ ଥିବାବେଳେ ବଚସା ଉଗ୍ରରୂପ ନେଇଥିଲା। ସାବତ ଶଶୁର ଏକ ଲୁହା ରଡରେ ଜ୍ୱାଇଁ ରମେଶଙ୍କୁ ଆକ୍ରମଣ କରିଥିଲେ। ରମେଶଙ୍କ ସ୍ତ୍ରୀ ଭାରତୀ ଓ ଶାଶୂ ସୁକୁରି ହୋ ଅଟକାଇଥିଲେ। ଏଥିରେ ଉଭୟ ଭାରତୀ ଓ ସୁକୁରି ଗୁରୁତର ଆହତ ହୋଇଥିଲେ। ପରେ ଦାମୋଦର ଲୁହା ରଡ଼ରେ ରମେଶଙ୍କ ମୁଣ୍ଡକୁ ପିଟିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରମେଶଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି।

# ଭିଜିଲାନ୍ସ ଜାଲରେ ସହକାରୀ ଭେଷଜ ନିରୀକ୍ଷକ

ଯାଜପୁର/ଜଗତସିଂହପୁର,୩।୯ (ସମିସ): ଜନୈକ ବ୍ୟବସାୟୀଙ୍କ ହୋଲସେଲ ମେଡିସିନ ଲାଇସେନ୍ସ ପ୍ରଦାନ କରିବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର (ଭେଷଜ ନିରୀକ୍ଷକ) ସଞ୍ଜୟ କୁମାର ହାଁସଦା। ଶ୍ରୀ ହାଁସଦା ଏବେ ଉଭୟ ଯାଜପୁର ଓ ଜଗତସିଂହପୁର ଜିଲ୍ଲା ଦାୟିତ୍ୱରେ ଅଛନ୍ତି। ଆଜି ସେ ପାରାଦୀପ-କଟକ ଏନ୍‌ଏଚ୍-୫୩ ପାର୍ଶ୍ୱସ୍ଥ ଜୟପୁର ଛକଠାରେ ଜଣେ ଆବେଦନକାରୀଙ୍କ ଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଛି।





ଅଭିଯୋଗକାରୀ ଜଣକ ନିଜର ହୋଲସେଲ ମେଡିସିନ ଦୋକାନ ପାଇଁ ଡ୍ରଗ୍ ଲାଇସେନ୍ସ ନିମନ୍ତେ ଗତ ୨୦୨୫ ମେ' ୧୧ ତାରିଖରେ ଆବେଦନ କରିଥିଲେ। ଏହି ସମ୍ପର୍କରେ ଅଭିଯୋଗକାରୀ ଜଗତସିଂହପୁରର ସହକାରୀ ଡ୍ରଗ କଣ୍ଟ୍ରୋଲର/ଡ୍ରଗ୍ ଇନ୍ସପେକ୍ଟର ସଞ୍ଜୟ କୁମାର ହାସଁଦାଙ୍କୁ ଅନେକ ଥର ଭେଟିଥିଲେ। ମାତ୍ର ସେ ଏଥିପ୍ରତି କୌଣସି ଗୁରୁତ୍ୱ ଦେଇନଥିଲେ ଏବଂ ଦାବି ମୁତାବକ ୬ ହଜାର ଟଙ୍କା ଲାଞ୍ଚ ଆଣିବାକୁ କହିଥିଲେ। ହଇରାଣ ହେବା ପରେ, ଅଭିଯୋଗକାରୀ ଏହି ବିଷୟରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଆଜି ଯେତେବେଳେ ଅଭିଯୋଗକାରୀ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ଶ୍ରୀ ହାଁସଦା ସେଠାରେ ଉପସ୍ଥିତ ନଥିଲେ। ଅଭିଯୋଗକାରୀ ତାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବା ପରେ, ଅଭିଯୁକ୍ତ ଶ୍ରୀ ହାଁସଦା ତାଙ୍କୁ ଜୟପୁର ଛକରେ ପହଞ୍ଚିବାକୁ କହିଥିଲେ। ଅଭିଯୋଗକାରୀ ସେହି ସ୍ଥାନରେ ପହଞ୍ଚିବା ପରେ, ଅଭିଯୁକ୍ତ ଶ୍ରୀ ହାଁସଦା ତାଙ୍କୁ ଓଡି ୨ଏଲ୍-୩୩୨୫) ନମ୍ବର ବିଶିଷ୍ଟ ନିଜ ୱାଗନ୍‌ଆର୍ କାର୍ ଭିତରେ ବସିବାକୁ କହିଥିଲେ ଏବଂ ସେଠାରେ ଦାବି କରିଥିବା ଲାଞ୍ଚ ଟଙ୍କା ନେଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଭିଜିଲାନ୍ସ ଦଳ ତାଙ୍କୁ କାବୁ କରିନେଇଥିଲେ ଏବଂ ତାଙ୍କ ଠାରୁ ସମ୍ପୂର୍ଣ୍ଣ ୬ ହଜାର ଟଙ୍କା ଲାଞ୍ଚ ଟଙ୍କା ଜବତ କରିଥିଲେ। ଏହି ଟ୍ରାପ୍ ପରେ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିବା ଦିଗରୁ ସଞ୍ଜୟଙ୍କ ଜୟପୁର ସ୍ଥିତ ଭଡ଼ାଘର, ଜଗତସିଂହପୁର ଅଫିସ ଏବଂ ଭବାନୀପାଟଣା ସ୍ଥିତ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି। ଅଫିସରୁ ୧ ଲକ୍ଷ ୨୫ ହଜାର ୨୦୦ ଟଙ୍କା ଜବତ ହୋଇଥିବା ବେଳେ ତାଙ୍କ ନିକଟରୁ ୫୩ ହଜାର ୫୦୦ ଟଙ୍କା ଭିଜିଲାନ୍ସ ଟିମ ଜବତ କରିଛି। ଏହିପରି ମୋଟ ୧ ଲକ୍ଷ ୭୮ ହଜାର ୭୦୦ ଟଙ୍କା ଭିଜିଲାନ୍ସ ଜବତ କରିବା ସହିତ ସଞ୍ଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଭିଜିଲାନ୍ସ ପକ୍ଷରୁ ଛାନଭିନ ଜାରି ରହିଛି ବୋଲି ଜଗତସିଂହପୁର ଭିଜିଲାନ୍ସ ଡିଏସପି ଅନୁପମା ସାହୁ ସୂଚନା ଦେଇଛନ୍ତି। ଏହି ସମ୍ପର୍କରେ ଭ୍ରଷ୍ଟାଚାର ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ ର ଧାରା-୭ ଅନୁଯାୟୀ କଟକ ଭିଜିଲାନ୍ସ ଥାନା କେସ୍ ନଂ-୩୪ ତା. ୦୨-୦୯-୨୦୨୬ ରେଜିଷ୍ଟର କରାଯାଇଛି।

# ଓଡ଼ିଶାର ୧୪ ବରିଷ୍ଠ ଅଧିକାରୀଙ୍କୁ ଆଇଏଏସ୍ ପଦୋନ୍ନତି

ଭୁବନେଶ୍ୱର,୩।୯ (ସମିସ): ଓଡ଼ିଶାର ରାଜ୍ୟ ସିଭିଲ୍ ସର୍ଭିସ (ଓସିଏସ୍)ର ୧୪ ଜଣ ଅଧିକାରୀଙ୍କୁ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)କୁ ପଦୋନ୍ନତି ମିଳିଛି। ଭାରତୀୟ ପ୍ରଶାସନିକ ସେବା (ନିଯୁକ୍ତି) ନିୟମ, ୧୯୫୪ର ନିୟମ ୮ (୧) ଏବଂ ଆଇଏଏସ୍ (ନିଯୁକ୍ତି ଦ୍ୱାରା ପଦୋନ୍ନତି) ନିୟମାବଳୀ, ୧୯୫୫ର ନିୟମାନୁଯାୟୀ ରାଷ୍ଟ୍ରପତିଙ୍କ ଅନୁମୋଦନକ୍ରମେ ଏହି ନିଯୁକ୍ତି ଦିଆଯାଇଛି। ଏନେଇ କେନ୍ଦ୍ର ସରକାରଙ୍କ କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ୍ ମନ୍ତ୍ରଣାଳୟ ଅଧୀନ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ, ୨୦୨୫ ଚୟନ ତାଲିକାରେ ଓଡ଼ିଶା କ୍ୟାଡର ପାଇଁ ଏହି ଅଧିକାରୀମାନଙ୍କୁ ଆଇଏଏସ୍‌ରେ ନିଯୁକ୍ତି ଦିଆଯାଇଛି। ୨୦୨୫ ଜାନୁଆରୀ ୧ରୁ ଡିସେମ୍ବର ୩୧ ମଧ୍ୟରେ ସୃଷ୍ଟି ହୋଇଥିବା ଖାଲି ପଦବି ଆଧାରରେ ଏହି ଚୟନ ତାଲିକା ପ୍ରସ୍ତୁତ ହୋଇଥିବା ଦର୍ଶାଯାଇଛି। ଆଇଏଏସ୍‌ରେ ପଦୋନ୍ନତି ପାଇଥିବା ଅଧିକାରୀମାନେ ହେଲେ ସୂର୍ଯ୍ୟନାରାୟଣ ଦାଶ, ସୁମିତା ସରକାର, ବାଳମୁକୁନ୍ଦ ଭୂୟାଁ, ସୌଦାମିନୀ ସେଠୀ, ମଧୁମିତା ନାୟକ, ଜ୍ୟୋତିର୍ମୟୀ ପ୍ରଧାନ, ମଧୁମିତା ନାୟକ(୨), ବବିତା ମହାନ୍ତି, ଅନୁଜ କୁମାର ଦାସ ପଟ୍ଟନାୟକ, ଜ୍ୟୋତିରଞ୍ଜନ ମିଶ୍ର, ସୁରେନ୍ଦ୍ର କୁମାର ପଣ୍ଡା, ଶୁଭ୍ରା ମହାନ୍ତି, ସଂଘମିତ୍ରା ଶତପଥୀ ଏବଂ ହିମାଂଶୁ ଶେଖର ବେହେରା। ପ୍ରୋବେସନ୍‌ରେ ଥିବା ଏହି ବରିଷ୍ଠ ରାଜ୍ୟ ପ୍ରଶାସନିକ ସେବା ଅଧିକାରୀଙ୍କୁ ଆଇଏଏସ୍‌କୁ ପଦୋନ୍ନତି ଦିଆଯାଇ ଓଡ଼ିଶା କ୍ୟାଡର ବଣ୍ଟନ କରାଯାଇଛି।

**୯.୫୯ ଲକ୍ଷ ଟଙ୍କା ହେର୍‌ଫେର୍**

# ଭିଜିଲାନ୍ସ ଜାଲରେ ପୂର୍ବତନ ପିଇଓ ଓ ସରପଞ୍ଚ

ବାଲେଶ୍ୱର, ୩।୯ (ସମିସ) : ସରକାରୀ ଅର୍ଥ ହେରଫେର ଓ ସମ୍ପୂର୍ଣ୍ଣ ଯୋଜନାବଦ୍ଧ ଜାଲିଆତି ଅଭିଯୋଗରେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପଞ୍ଚୁପଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ଦାସ ଏବଂ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ତଥା ବର୍ତ୍ତମାନ ବାଲେଶ୍ୱର ସଦର ବ୍ଲକରେ କାର୍ଯ୍ୟରତ ସଞ୍ଜୟ





କୁମାର ପଣ୍ଡିତଙ୍କୁ ଗିରଫ କରିଛି ବାଲେଶ୍ୱର ଭିଜିଲାନ୍ସ ଟିମ୍। ୨୦୨୧-୨୦୨୨ ମସିହାରେ କେନ୍ଦ୍ରୀୟ ଅର୍ଥ କମିଶନ (ସିଏଫସି) ଓ ରାଜ୍ୟ ଅର୍ଥ କମିଶନ (ଏସଏଫସି) ଆକାଉଣ୍ଟରୁ ବିନା ଅନୁମୋଦନରେ ଟଙ୍କା ପଞ୍ଚାୟତ ଫଣ୍ଡ (ଜିପି ଫଣ୍ଡ)କୁ ଟ୍ରାନ୍ସଫର କରାଯାଇଥିଲା। ପରବର୍ତ୍ତୀ ସମୟରେ ଉଭୟ ଅଭିଯୁକ୍ତ ସେହି ଆକାଉଣ୍ଟରୁ ଆଡ଼ଭାନ୍ସ ଆକାରରେ ଟଙ୍କା ଉଠାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନାଁରେ ଖର୍ଚ୍ଚ ଦର୍ଶାଇଥିଲେ ସୁଦ୍ଧା ଏହାର କୌଣସି ଆବଶ୍ୟକ ଫାଇଲ କିମ୍ବା ହିସାବ ରେକର୍ଡ ରଖିନଥିଲେ। ଏହାସହ ପଞ୍ଚାୟତ ପକ୍ଷରୁ ଆଦାୟ ହୋଇଥିବା କିଛି ରାଜସ୍ୱର ରସିଦ ଜାଣିଶୁଣି କ୍ୟାସ୍‌ବୁକ୍‌ରେ ନ ଲେଖିବା ଏବଂ ପୂର୍ବରୁ ଇସ୍ତଫା ଦେଇସାରିଥିବା ନାଏବ ସରପଞ୍ଚଙ୍କ ନାଁରେ ମିଥ୍ୟା ମାସିକ ଦରମା ଦର୍ଶାଇ ଅର୍ଥ ଆତ୍ମସାତ୍ କରାଯାଇଥିବା ଭିଜିଲାନ୍ସ ତଦନ୍ତରୁ ପ୍ରମାଣ ମିଳିଛି। ଏହି ବ୍ୟାପକ ଅନିୟମିତତା ନେଇ ବାଲେଶ୍ୱର ଲୋକାଲ ଫଣ୍ଡ ଅଡିଟ୍ ସମୟରେ ସମୁଦାୟ ୯ ଲକ୍ଷ ୫୯ ହଜାର ୮୭୫ ଟଙ୍କା ସରକାରୀ ଅର୍ଥ ହଡ଼ପ ହୋଇଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ବାଲେଶ୍ୱର ସଦର ବିଡ଼ିଓ ବାରମ୍ବାର ଚିଠି ଲେଖି ବେଆଇନ ଭାବେ ହଡ଼ପ କରାଯାଇଥିବା ଟଙ୍କାକୁ ସରକାରୀ ବ୍ୟାଙ୍କ ଖାତାରେ ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଉଭୟ ତାହାକୁ କାର୍ଯ୍ୟକାରୀ କରିନଥିଲେ। ଶେଷରେ ଏ ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହେବା ପରେ ଭିଜିଲାନ୍ସ ବିଭାଗ ପଞ୍ଚାୟତର ଜିପି ଫଣ୍ଡ ଓ ସିଏଫ୍‌ସି ଏବଂ ଏସଏଫସି କ୍ୟାସ ବୁକ୍ ଯାଞ୍ଚ କରି ଅଭିଯୋଗର ସତ୍ୟତା ଥିବାର ଜାଣିବାକୁ ପାଇଥିଲା। ଏହି ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇ ଉଭୟ ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ଦାସ ଓ ପିଇଓ ସଞ୍ଜୟ କୁମାର ପଣ୍ଡିତଙ୍କୁ ଗିରଫ କରାଯିବା ସହ ବାଲେଶ୍ୱରର ସ୍ପେଶାଲ୍ ଭିଜିଲାନ୍ସ ଜଜ୍‌ଙ୍କ ଅଦାଲତରେ ହାଜର କରାଯାଇଛି। ଘଟଣାରେ ସଂପୃକ୍ତ ଅନ୍ୟ ଦିଗ ପ୍ରତି ଅଧିକ ତଦନ୍ତ ଜାରି ରହିଥିବା ନେଇ ଭିଜିଲାନ୍ସ ଏସ୍‌ପି ସୂଚନା ଦେଇଛନ୍ତି।

# ବିଲରୁ ଚାଷୀଙ୍କ ମୃତଦେହ ଉଦ୍ଧାର

ବଅଁରପାଳ,୩।୯ (ସମିସ): ବଅଁରପାଳ ଥାନା ଲଙ୍ଗୁଳିଆବେଡ଼ା ଗ୍ରାମର ଜଣେ ଚାଷୀ ଚାଷକାର୍ଯ୍ୟ ପାଇଁ ବିଲକୁ ଯାଇଥିବା ବେଳେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଗ୍ରାମର ଆଦିକନ୍ଦ ସାହୁ (୬୨) ସକାଳେ ନିକଟସ୍ଥ ବିଲକୁ ଘାସ ବାଛିବା ପାଇଁ ଯାଇଥିଲେ। ଘାସ ବାଛିବା ସମୟରେ ବିଲରେ ଥିବା ଏକ ଖାଲରେ ଅସାବଧାନତା ବଶତଃ ପଡିଯାଇ ଉଠି ପାରିନଥିଲେ। ଫଳରେ ପାଣିରେ ବୁଡିଯାଇ ଶ୍ୱାସରୁଦ୍ଧ ହୋଇ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇ ଯାଇଥିଲା। କିଛି ସମୟ ପରେ ତାଙ୍କର ପତ୍ନୀ ବିଲକୁ ଯାଇ ଘଟଣା ସମ୍ପର୍କରେ ଜାଣିପାରି ସମସ୍ତଙ୍କୁ ଡାକିଥିଲେ। ସାହିଭାଇ ମାନେ ପ୍ରଥମେ ତାଙ୍କୁ ବଅଁରପାଳ ସରକାରୀ ଡାକ୍ତରଖାନା କୁ ନେଇଥିଲେ ଓ ପରେ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠା ଯାଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକ ଆଦିକନ୍ଦ ଜଣେ ସରଳ, ନିଷ୍କପଟ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

**ନଦୀକୁ ଔଷଧ ଫିଙ୍ଗା ଘଟଣା**

# ଷ୍ଟୋର୍‌କିପର ରୂପେନ୍ଦ୍ର ନାଥ ସିଂ ନିଲମ୍ବିତ

ବାରିପଦା, ୩।୯ (ସମିସ): ନଦୀକୁ ସରକାରୀ ଔଷଧ ଓ ଚିକିତ୍ସା ସାମଗ୍ରୀ ଫିଙ୍ଗାଯିବା ଘଟଣାର ତଦନ୍ତ ପରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ। ବାରିପଦାସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଟେକ୍ନିକାଲ ଷ୍ଟୋରକିପର ରୂପେନ୍ଦ୍ର ନାଥ ସିଂଙ୍କୁ ନିଲମ୍ବିତ କରିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ବିଶ୍ୱନାଥ ଦାସ। ମିଆଦ ଶେଷ ହୋଇଥିବା ଔଷଧ ଓ ଚିକିତ୍ସା ସାମଗ୍ରୀକୁ ନିୟମ ଅନୁସାରେ ନଷ୍ଟ କରିବା ପରିବର୍ତ୍ତେ ନଦୀରେ ଫିଙ୍ଗାଯାଇଥିବା ଘଟଣା 'ସକାଳ'ରେ ବିସ୍ତୃତ ଖବର ପ୍ରକାଶ ପରେ ଏ ନେଇ ତଦନ୍ତ ଆରମ୍ଭ ହୋଇଥିଲା। ଘଟଣାରେ କାହାର ଦାୟିତ୍ୱହୀନତା ରହିଛି ଓ ନିୟମ ଉଲ୍ଲଂଘନ କରି ଔଷଧ ଓ ସାମଗ୍ରୀ କାହିଁକି ଫିଙ୍ଗାଗଲା, ସେନେଇ ତଦନ୍ତ କରାଯାଇଥିଲା। ତଦନ୍ତ ପ୍ରକ୍ରିୟା ଶେଷ ହେବା ପରେ ଟେକ୍ନିକାଲ ଷ୍ଟୋରକିପର ରୂପେନ୍ଦ୍ର ନାଥ ସିଂଙ୍କ ବିରୋଧରେ ନିଲମ୍ବନ ଆଦେଶ ଜାରି ହୋଇଛି। ଗଣମାଧ୍ୟମଙ୍କୁ ସୂଚନା ଦେଇ ଡା ଦାସ କହିଛନ୍ତି, ଔଷଧ ଫିଙ୍ଗା ଘଟଣାର ତଦନ୍ତ ପରେ ରୂପେନ୍ଦ୍ର ନାଥ ସିଂଙ୍କୁ ନିଲମ୍ବନ କରାଯାଇଛି ଓ ନିୟମ ଅନୁସାରେ ବିଭାଗୀୟ ତଦନ୍ତ ଜାରି ରହିଛି। ନିୟମ ଅନୁଯାୟୀ ମିଆଦ ପୂରିଯାଇଥିବା ଔଷଧକୁ ବାୟୋମେଡିକାଲ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମାବଳୀ ଅନୁସାରେ ନଷ୍ଟ ନ କରି ନଦୀରେ ଫିଙ୍ଗି ନିୟମ ଉଲ୍ଲଂଘନ କରାଯାଇଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଘଟଣାର ତଦନ୍ତ ରିପୋର୍ଟ ହସ୍ତଗତ ହେବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଓ ବିସ୍ତୃତ ତଥ୍ୟ ସ୍ପଷ୍ଟ କରାଯିବ। ଏହି ଘଟଣାକୁ ନେଇ ଏବେ ମଧ୍ୟ ଅନେକ ପ୍ରଶ୍ନ ରହିଛି। କେତେ ପରିମାଣର ଔଷଧ ଓ ଚିକିତ୍ସା ସାମଗ୍ରୀ ନଷ୍ଟ ହୋଇଥିଲା? ଏହାର ମୂଲ୍ୟ କେତେ? ନିୟମ ଅନୁସାରେ ବର୍ଜ୍ୟବସ୍ତୁ ନଷ୍ଟ ନ କରି ନଦୀକୁ କାହିଁକି ଫିଙ୍ଗାଗଲା? କେବଳ ଷ୍ଟୋର କିପର ନା ଆଉ କିଏ ଜଡ଼ିତ ଏସବୁ ନେଇ ତଦନ୍ତରେ ଗୁରୁତ୍ୱ ଦିଆଯିବା ଜରୁରୀ। ସରକାରୀ ଔଷଧର ସୁରକ୍ଷା, ଷ୍ଟୋର ପରିଚାଳନା ଓ ବର୍ଜ୍ୟବସ୍ତୁ ନିଷ୍କତ୍ତି ପ୍ରକ୍ରିୟା କେତେ ନିୟମସମ୍ମତ ଭାବେ ଚାଲୁଛି, ଏହି ଘଟଣା ଉପରେ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି।



**'ସକାଳ' ପ୍ରଭାବ**

# ଗୁରୁ ଦିବସରେ ସମ୍ବର୍ଦ୍ଧିତ ହେବେ ଅବସରପ୍ରାପ୍ତ ଶିକ୍ଷକ

ଭୁବନେଶ୍ୱର, ୩।୯ (ସମିସ): ଆସନ୍ତା ଗୁରୁଦିବସ ଅବସରରେ ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯିବ। ଶିକ୍ଷା କ୍ଷେତ୍ରରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ଓ ଉତ୍ସର୍ଗୀକୃତ ଶିକ୍ଷାଦାନକୁ ସମ୍ମାନ ଦିଆଯିବ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଡ. ଏନ୍ ତିରୁମାଳା ନାୟକ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଓ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପ୍ରଧାନଶିକ୍ଷକମାନେ ନିଜ ବିଦ୍ୟାଳୟ ନିକଟବର୍ତ୍ତୀ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିମନ୍ତ୍ରଣ କରି ସମ୍ବର୍ଦ୍ଧନା ପ୍ରଦାନ କରିବେ। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ବିଦ୍ୟାଳୟ ସ୍ତରରେ ଏକ ସ୍ୱତନ୍ତ୍ର କାର୍ଯ୍ୟାବଳୀ ପ୍ରସ୍ତୁତ କରିବାକୁ କୁହାଯାଇଛି। ଏହାସହ ଜିଲ୍ଲାୱାରୀ ରିପୋର୍ଟ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ଆନ୍ତଃଜିଲ୍ଲା ବିଦ୍ୟୁତ୍ ସାମଗ୍ରୀ ଚୋରି ରାକେଟ୍‌ର ପର୍ଦ୍ଦାଫାସ୍**

# ୧୬ ଗିରଫ, ୨ କାର ସହ ବିପୁଳ ଟ୍ରାନ୍ସଫର୍ମର କଏଲ୍ ଜବତ

 କେନ୍ଦୁଝର, ୩।୯ (ସମିସ): କେନ୍ଦୁଝର ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଏକ ବଡ଼ଧରଣର ବିଦ୍ୟୁତ୍ ସାମଗ୍ରୀ ଚୋରି ରାକେଟ୍‌କୁ କେନ୍ଦୁଝର ସମେତ ମୟୂରଭଞ୍ଜ, ଯାଜପୁର, ଅନୁଗୁଳ, ଢେଙ୍କାନାଳ ଏବଂ କଟକ ଜିଲ୍ଲାରୁ ପୁଲିସ ଗିରଫ କରିଛି। ଏହି ରାକେଟ କେନ୍ଦୁଝର ଜିଲ୍ଲାର ୨୦ଟି ସ୍ଥାନରେ ଏଭଳି ଘଟଣା ଘଟାଇଛନ୍ତି। ପୁଲିସର ଏକ ସ୍ୱତନ୍ତ୍ର ଟିମ ଏନେଇ ଗଠନ କରାଯାଇଥିଲା। ଡୁବୁରୀ, ଯାଜପୁର, ଚଣ୍ଡିଖୋଲ, ବଡ଼ଚଣା ଏବଂ ଭୁବନ ଅଞ୍ଚଳରେ ଉକ୍ତ ଟିମ୍ ଚଢ଼ଉ କରିଥିଲା। ଉପରୋକ୍ତ ୬ ଜିଲ୍ଲାରେ ଘଟିଥିବା ଏଭଳି ଚୋରି ଘଟଣାରେ ରାକେଟ ସମ୍ପୃକ୍ତି ଥିବା ଜଣାପଡିଥିଲା। କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ସମେତ କେନ୍ଦୁଝର ଟାଉନ, ଦୈତାରୀ ଥାନା, ପାଟଣା ଥାନା, ତୁରୁମୁଙ୍ଗା ଥାନା, ତେଲକୋଇ ଥାନା, କାଞ୍ଜିପାଣି ଥାନା, ନୟାକୋଟ ଥାନା, ସଦର ଥାନା, ସୋସ ଥାନାରେ ରୁଜୁ ହୋଇଥିବା ମାମଲାରେ ସମ୍ପୃକ୍ତ ୧୬ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଭୁବନ ଥାନା ବଣ୍ଡଳ ଗାଁର ଭ୍ରମରବର ବେହେରା (୪୪), ଭୁବନ ଥାନା କଞ୍ଚନବାହାଲି ଗାଁର ରାହୁଲ ମୁଣ୍ଡା (୨୧), କଟକ ଟାଙ୍ଗି ଥାନା ଭାଟିଆମୁଣ୍ଡା ଗ୍ରାମର ଦିପୁ ଓରଫ ଗୌରାଙ୍ଗ ସାହୁ (୪୦), ମୁର୍ଶିଦାବାଦ ପଶ୍ଚିମବଙ୍ଗ ମିର୍ଜାପୁର ଗ୍ରାମର ମୂଳ ବାସିନ୍ଦା ତଥା ଟାଙ୍ଗି ଥାନା ନିର୍ଗୁଣ୍ଡିରେ ରହୁଥିବା ଜାହିରୁଲ ଶେଖ (୧୯), ଢେଙ୍କାନାଳ ଭୁବନ ଥାନା କାଞ୍ଚନବାହାଲିର ଗୁଡ୍ଡୁ ଓରଫ ଲକ୍ଷ୍ମୀଧର ମୁଣ୍ଡା (୨୬), ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ସିଆରିଆ ଗ୍ରାମର ଦିପୁ ବେହେରା (୨୩), କଳିଙ୍ଗନଗର ଥାନା ଦେଶବନ୍ଧ ଗ୍ରାମର ପବନ ବଦ୍ର (୨୨), ଭୁବନ ଥାନା ନୂଆବଜାରର ବାବୁ ଓରଫ ପ୍ରକାଶଚନ୍ଦ୍ର ସାହୁ (୨୯), ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ସିଆରିଆ ଗ୍ରାମର କମଳଲୋଚନ ନାଏକ (୨୧), କଳିଙ୍ଗନଗର ଥାନା ସିଆରିଆ ଗ୍ରାମର ପ୍ରକାଶ ବେହେରା (୨୧), ଢେଙ୍କାନାଳ ଭୁବନ ଥାନା କାଞ୍ଚନବାହାଲୀର ଅଜୟ ମୁଣ୍ଡା (୧୯), ଯାଜପୁର ରୋଡ଼ ଥାନା ମାନଗୋବିନ୍ଦପୁର ଗ୍ରାମର ଶଙ୍କର ଓରଫ ଟେରା ଦଳେଇ (୧୯), ଯାଜପୁର କଳିଙ୍ଗନଗର ଥାନା ଡୁବୁରୀ ଖଣ୍ଡିଆସାହିର ରଞ୍ଜନ ବେହେରା(୨୮), କଳିଙ୍ଗନଗର ଥାନା ସାରଙ୍ଗପୁରର ରାଜୁ ଦେହୁରୀ (୩୭) ଏବଂ ଯାଜପୁର ବଡ଼ଚଣା ଥାନା ପୁରୁଣାସୁଙ୍ଗୁଡା ଗ୍ରାମର ମହମ୍ମଦ ମାହିର (୨୩)। ଏ ସମସ୍ତ ଅଭିଯୁକ୍ତଙ୍କ ନାମରେ ଓଡ଼ିଶାର ବିଭିନ୍ନ ଥାନାରେ ଶତାଧିକ ମାମଲା ରହିଥିବା ପୁଲିସ ସୂଚନା ଦେଇଛି। ଏନେଇ ତଦନ୍ତ ଚାଲିଥିବା ବେଳେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ଓଡି-୦୨-ଡିଜି ୯୮୬୭ ଏବଂ ଓଡି -୦୨-ସିପି -୮୭୭୩ କାର, ୨ କ୍ୟୁଣ୍ଟାଲ ଆଲୁମିନିୟମ ତାର, ୫୦ କେଜି ତମ୍ବା ତାର, ୬୦ କେଜି ତରଳା ଯାଇଥିବା ତମ୍ବା ତାର, ୧୫ କେଜି ଟ୍ରାନ୍ସଫରମର ତାର, ୧୨ ଆଧୁନିକ ମୋବାଇଲ, ୧ ଲକ୍ଷ ୪୫ ହଜାର ଟଙ୍କା ମଧ୍ୟ ଜବତ କରାଯାଇଛି। ଏ ସଂପର୍କରେ ଗୁରୁବାର ସନ୍ଧ୍ୟାରେ ଟାଉନ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ ସବିଶେଷ ସୂଚନା ଦେଇଛି।





## ପାଞ୍ଚଦିନ ବ୍ୟାପୀ ଗହ୍ମା ପର୍ବ ଉଦ୍‌ଯାପିତ



ଯାଜପୁର,୩।୯ (ସମିସ): ଯାଜପୁର ବ୍ଲକ ଚଇନିପୁର ପଞ୍ଚାୟତର ଅଖାଘର ସାହିରେ ପାଞ୍ଚଦିନ ବ୍ୟାପୀ ଗହ୍ମା ପର୍ବ, ପ୍ରଭୁ ବଳଭଦ୍ରଙ୍କ ଜନ୍ମ ଉତ୍ସବ ପାଟରା ସମ୍ପ୍ରଦାୟ ଦ୍ୱାରା ଆୟୋଜିତ ପର୍ବ ଆଜି ଉଦଯାପିତ ହୋଇଯାଇଛି। ଏହି ପର୍ବ ଆରମ୍ଭ ହୋଇଥାଏ ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନରେ। ପ୍ରଥମେ ଜଗନ୍ନାଥ ବଳଭଦ୍ର ଓ ମାଆ ସୁଭଦ୍ରା ତିନି ଠାକୁରଙ୍କୁ ରାକ୍ଷୀ ଓ ପାଟ ବସ୍ତ୍ର ଲାଗି କରିବା ପରେ ପାଞ୍ଚଦିନ ବ୍ୟାପୀ ଏହି ପର୍ବ ଆରମ୍ଭ ହୋଇଥାଏ। ପୂଜାର ଦ୍ୱିତୀୟ ଦିନକୁ "ବଡପୂଜା' ବୋଲି କୁହାଯାଏ। ଏଥିରେ ପାଟରାଣୀ ମାନଙ୍କ ଦ୍ୱାରା ପ୍ରସ୍ତୁତ କ୍ଷୀରି ସହିତ ବିଭିନ୍ନ ପ୍ରକାର ପିଠାକୁ ପାଟରା ସେବକ ମାନେ ମହାପ୍ରଭୁଙ୍କୁ ନୈବିଦ୍ୟ ଅର୍ପଣ କରିଥାନ୍ତି। ଶେଷ ଦିନକୁ "ଶାଗଭାତ' କୁହାଯାଇଥାଏ। ଏଥିରେ ଷାଠିଏ ପଉଟି ପରି ଶହେ ସାତ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ପାଟରା ସେବକଙ୍କ ଦ୍ୱାରା ଭୋଗ ଦିଆ ଯାଇଥାଏ। ପରମ୍ପରା ମୁତାବକ ବର୍ଷର ଗୋଟିଏ ଦିନ ଠାକୁରଙ୍କୁ ଏହି ଅନ୍ନ ଭୋଗ ନିଜେ ପ୍ରସ୍ତୁତ କରି ଲଗାଇଥାନ୍ତି। ଏହି ପୂଜାର ପାଞ୍ଚଦିନ ଯାକ ଉଷୁନା, ତେଲ, ପିଆଜ ରସୁଣ ଆମିଷ ସମ୍ପୂର୍ଣ୍ଣ ବାରଣ କରାଯାଇ ଥାଏ। ଏହି ଦିନରେ ଆଖପାଖର ଶହ ଶହ ଭକ୍ତଙ୍କ ସମାଗମ ହୋଇଥାନ୍ତି। ଏଥିରେ ଗ୍ରାମର ଜଗମୋହନ ସାହୁ, ଶ୍ରୀଧର ସାହୁ, ଅକ୍ଷୟ ସାହୁ, କାର୍ତ୍ତିକ ସାହୁ, ଦେବେନ୍ଦ୍ର ସାହୁ, ଆନନ୍ଦ ସାହୁ, ପ୍ରଦୀପ କୁମାର ସାହୁ ଓ ପଙ୍କଜ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅତିନ୍ଦ୍ରୀୟ ଚେତନାର କଣ୍ଠଶିଳ୍ପୀ ପ୍ରଣବ



ଯାଜପୁର,୩।୯ (ସମିସ): ସ୍ଥାନୀୟ କାଳିମେଘାସ୍ଥିତ ଆର୍‌ଆରଆର (ଦି ଭେନ୍ୟୁ) ପରିସରରେ ଓଡ଼ିଶା ସଙ୍ଗୀତ ଜଗତର ୨ଶହରୁ ଅଧିକ ଚଳଚ୍ଚିତ୍ର ତଥା ଆକାଶବାଣୀ, ଦୂରଦର୍ଶନ, ବିଭିନ୍ନ ଚ୍ୟାନେଲ୍, କ୍ୟାସେଟ୍ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ କଣ୍ଠଦାନ କରିଥିବା ଗାୟକ ପ୍ରଣବ କିଶୋର ପଟ୍ଟନାୟକଙ୍କ ଏକାଦଶାହରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ପୃଥ୍ୱୀରାଜ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାପକ ଅନିଲ କୁମାର ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଇଂରାଜୀ ପତ୍ରିକା 'ରକ୍ ପେବୁଲ'ର ମୁଖ୍ୟ ରୋଟାରିଆନ୍ ଡ. ଉଦୟନାଥ ମାଝୀ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ଇଂରାଜୀ ପତ୍ରିକା 'ରକ୍ ପେବୁଲ', ଯାଜପୁରର ସର୍ବପୁରାତନ ସଂଗୀତ ଅନୁଷ୍ଠାନ 'ସଂଗୀତ ସାଧନାଶ୍ରମ' ଓ ସ୍ୱସ୍ତି ଡାଇଗ୍ନୋଷ୍ଟିକ୍ସ ଯାଜପୁରଙ୍କ ମିଳିତ ସହଯୋଗ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂଗୀତଜ୍ଞ ତଥା ନାଟ୍ୟକାର ପ୍ରଫେସର ରାଧାରମଣ ଦାସ, ସମାଜସେବୀ ନାରାୟଣ ଚନ୍ଦ୍ର ସାମନ୍ତ, ପଣ୍ଡିତ ଜ୍ଞାନରଂଜନ ପତି, ନାଟ୍ୟକାର ଡା. ରାଜକିଶୋର ପଣ୍ଡା ପ୍ରମୁଖ ଯୋଗଦେଇ ବେଳେ ପ୍ରଫେସର ରାଧାରମଣ ଦାସ ଓ ନାରାୟଣ ଚନ୍ଦ୍ର ସାମନ୍ତଙ୍କୁ ରକ୍ ପେବୁଲ ସାହିତ୍ୟ ପତ୍ରିକା ତରଫରୁ 'ପ୍ରଣବ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ସଭାରେ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ୧୨ଟି ହୃଦୟ ସ୍ପର୍ଶୀ ମନଛୁଆଁ ଗୀତ ଗାନ କରାଯାଇଥିଲା।

## ନବାଗତ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ

ଯାଜପୁର,୩।୯ (ସମିସ): ବିରଜା ଆଇନ୍ ମହାବିଦ୍ୟାଳୟରେ ନବାଗତଙ୍କ ପ୍ରବେଶ ଉତ୍ସବ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବହାବିଦ୍ୟାଳୟର ଅଧକ୍ଷ ଡ. ସୁଦର୍ଶନ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଆଇନଜୀବୀ ତଥା ମହାବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ ବଟକୃଷ୍ଣ ମହାପାତ୍ର ମୁଖ୍ୟ ଅତିଥି ଓ ଯାଜପୁରର ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ମୁଖ୍ୟବକ୍ତା, ଅଧାପକ ସୌମ୍ୟରଞ୍ଜନ ଦାଶ, ଶଙ୍କର୍ଷଣ ମିଶ୍ର ସମ୍ମାନିୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଐତିହ୍ୟ ପ୍ରତିଷ୍ଠା ଓ ଜନଜୀବନରେ ଆଇନ୍‌ର ଆବଶ୍ୟକତା ସଂପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର କର୍ମଚାରୀ କାମାକ୍ଷା ପ୍ରସାଦ ନନ୍ଦ ଓ ତପନ କୁମାର ନାୟକ, ହେମନ୍ତ କୁମାର ନନ୍ଦ, ମଦନ ଯେନା ପ୍ରମୁଖ ପରିଚାଳନା କରିଥିଲେ। ସଂଜୀବ ସାହୁ, ସ୍ମାରକୀ ଦାଶ, ମୋନାଲିସା ତ୍ରିପାଠୀ, ବିଶ୍ୱନାଥ ଦାସ, ଗୌତମ ମଲ୍ଲିକ, ଜଗନ୍ନାଥ ସାହୁ, ପ୍ରିୟବ୍ରତ ପଣ୍ଡା ସ୍ୱାଗତ ଭାଷଣ ଓ ବିଜୟଲକ୍ଷ୍ମୀ ମିଶ୍ର ପରିଚୟ ପ୍ରଦାନ କରିଥିଲେ।




## ସ୍କୁଲ ପିଲାଙ୍କୁ ନିମ୍ନମାନର ବ୍ୟାଗ୍ | ଅଚଳ ଚେନ୍‌କୁ, ଛିଣ୍ଡା ଫିତା

ବିଞ୍ଝାରପୁର,୩।୯ (ସମିସ):



ବିଞ୍ଝାରପୁର ଶିକ୍ଷାମଣ୍ଡଳ ଅଧୀନ ଚିକଣା ପଞ୍ଚାୟତସ୍ଥିତ ସତ୍ୟଭାମ ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରଛାତ୍ରୀଙ୍କ ପାଇଁ ଆସିଥିବା ବ୍ୟାଗ୍ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହାର ତଦନ୍ତ କରି ସମ୍ପୃକ୍ତ ଯୋଗାଣକାରୀ ସଂସ୍ଥା ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୨୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏଥିମଧ୍ୟରୁ ଶିଶୁ ବାଟିକାଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ୮୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ "ନିପୁଣ ଓଡ଼ିଶା, ନିପୁଣ ଭାରତ' ଷ୍ଟିକର ଲାଗିଥିବା ବ୍ୟାଗ୍ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟକୁ ଯୋଗାଇ ଦିଆଯାଇଛି। ବ୍ୟାଗ୍ ଆସିବା ପରେ ପ୍ରଧାନଶିକ୍ଷକ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିନୋଦ ମଲ୍ଲିକଙ୍କ ସମେତ ସଦସ୍ୟ ସଦସ୍ୟାଙ୍କୁ ଡାକି ଛାତ୍ରଛାତ୍ରୀଙ୍କୁ ବ୍ୟାଗ୍ ବଣ୍ଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୦ଟି ବ୍ୟାଗ୍ ବଣ୍ଟନ କରାଯାଉଥିବା ବେଳେ କିଛି ବ୍ୟାଗ୍ ଖରାପ ଥିବା ନେଇ ଛାତ୍ରଛାତ୍ରୀ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବ୍ୟାଗଗୁଡ଼ିକ ଯାଞ୍ଚ କରାଯିବାରୁ ୨୦ଟି ମଧ୍ୟରୁ ୧୦ଟି ବ୍ୟାଗର ଚେନ୍ ଠିକ୍ ଭାବେ ଚାଲୁନଥିବା ଜଣାପଡ଼ିଥିବା ସଭାପତି ବିନୋଦ ମଲ୍ଲିକ କହିଛନ୍ତି। ଏଥିସହ ବ୍ୟାଗଗୁଡ଼ିକର ମାନ ନେଇ ମଧ୍ୟ ସେମାନେ ଆପତ୍ତି ଉଠାଇଛନ୍ତି। ଫଳରେ ଅବଶିଷ୍ଟ ୬୦ଟି ବ୍ୟାଗ୍ ବଣ୍ଟନ ନକରି ବିଦ୍ୟାଳୟରେ ରଖାଯାଇଛି। ଏନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଏହାର ଉତ୍ତରରେ ଅଧିକାରୀ କହିଥିବା ଅନୁଯାୟୀ, ଯେପରି ଭାବେ ବହି ମଣ୍ଡଳକୁ ଆସିଥିଲା, ସେହିପରି ଭାବେ ବ୍ୟାଗ୍ ମଧ୍ୟ ମଣ୍ଡଳକୁ ଆସିବା ପରେ ବିଭିନ୍ନ ବିଦ୍ୟାଳୟକୁ ପଠାଯାଇଛି। ବ୍ୟାଗ୍ କେଉଁଠାରୁ ଆସିଛି କିମ୍ବା ଏହାର ମାନ କମ୍ ଥିବା ନେଇ ମଣ୍ଡଳ କାର୍ଯ୍ୟାଳୟ ଅବଗତ ନୁହେଁ ବୋଲି ସେ କହିଥିବା ଜଣାପଡ଼ିଛି। ତେବେ ସରକାର ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାଗ୍ ବାବଦରେ ଅର୍ଥ ଯୋଗାଇ ଦେଉଥିବା ବେଳେ କେଉଁ ଯୋଗାଣକାରୀ ସଂସ୍ଥା ବ୍ୟାଗ୍ ଯୋଗାଉଛି, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ କହିଛନ୍ତି। ବ୍ୟାଗର ମାନ ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ ଉପଯୁକ୍ତ ପଦକ୍ଷେପ ନେବା ସହ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ବ୍ୟାଗ୍ ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ମଣ୍ଡଳ ଶିକ୍ଷା ଅଧିକାରୀ କହିଛନ୍ତି ଯେ, ବ୍ୟାଗଗୁଡ଼ିକ ଡିପିସି କାର୍ଯ୍ୟାଳୟରୁ ଆସିଛି। ବିଦ୍ୟାଳୟ ପକ୍ଷରୁ ଅଭିଯୋଗ ଆସିଲେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯିବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ।

## ବନ୍ୟା ବିପନ୍ନ ପିଲାଙ୍କୁ ସରପଞ୍ଚଙ୍କ ସହାୟତା | ଛାତ୍ରଛାତ୍ରୀଙ୍କୁ ଖାତା, କଲମ ଓ ପେନ୍‌ସିଲ୍ ବଣ୍ଟନ



କୟାଁଗୋଲା,୩।୯ (ସମିସ): ବନ୍ୟାର ବିଭୀଷିକାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ବିପନ୍ନଙ୍କ ପାଖରେ ଠିଆ ହେବା ସହ ପିଲାମାନଙ୍କ ପାଠପଢ଼ା ପ୍ରତି ମଧ୍ୟ ଯତ୍ନବାନ ହୋଇଛନ୍ତି ଜୟନ୍ତରା ପଞ୍ଚାୟତର ସରପଞ୍ଚ ସ୍ନିଗ୍ଧାମଞ୍ଜରୀ ରାଉତ। ଦଶରଥପୁର ବ୍ଲକର ତରପଦା ଓ ଜୟନ୍ତରା ପଞ୍ଚାୟତ ଅଞ୍ଚଳର ବନ୍ୟା ବିପନ୍ନ ପିଲାମାନଙ୍କୁ ଖାତା, କଲମ ଓ ପେନ୍‌ସିଲ୍ ସମେତ ବିଭିନ୍ନ ଶିକ୍ଷା ସାମଗ୍ରୀ ବଣ୍ଟନ କରାଯାଇଛି। ଅଙ୍ଗନବାଡ଼ି କେନ୍ଦ୍ରର କୁନିକୁନି ପିଲାଙ୍କଠାରୁ ଆରମ୍ଭ କରି ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପର୍ଯ୍ୟନ୍ତ ଏହି ସହାୟତା ପହଞ୍ଚିଥିଲା। ଏହି ବଣ୍ଟନ କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ସ୍ୱାମୀ ତଥା ଯୁବ ସମାଜସେବୀ ଅଜିତ ସାମଲ ଉପସ୍ଥିତ ରହି ପିଲାମାନଙ୍କୁ ଶିକ୍ଷା ସାମଗ୍ରୀ ବଣ୍ଟନରେ ସହଯୋଗ କରିଥିଲେ।

## ନାଭ ସାମଲଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ଧର୍ମଶାଳା,୩।୯ (ସମିସ): ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଦେଉଳିପାଳ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ନାଭ ସାମଲଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ନିଜସ୍ୱ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ତଥା ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବିଶିଷ୍ଟ ସମାଜସେବୀ ମିନତୀ ସାହୁ, ବିଜେପି ନେତା କାହ୍ନୁଚରଣ ଦାଶ, ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା, ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ନାୟକ, ପ୍ରଶାନ୍ତ କୁମାର ସ୍ୱାଇଁ, ଆଦିକନ୍ଦ ସ୍ୱାଇଁ, ବ୍ରଜକିଶୋର ଦାଶ, ବିଭୂତି ଭୂଷଣ ପାଳ ଓ କୃଷକ ନେତା ବସନ୍ତ କୁମାର ପରିଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟାପକ ରାମଚନ୍ଦ୍ର ସାହୁ, ରାଧେଶ୍ୟାମ ସାହୁ, ଜୟପ୍ରକାଶ ତ୍ରିପାଠୀ, ସୁବାସ ଚନ୍ଦ୍ର ବେହେରା, ଯତୀନ୍ଦ୍ର ମୋହନ ସ୍ୱାଇଁ, ନାରାୟଣ ସ୍ୱାଇଁ, ପୁରୁଷୋତ୍ତମ ଜେନା, ଇଂ. ହରିହର ସାହୁ, ଯୁଗଳ କିଶୋର ଦାସ, ଅମୂଲ୍ୟ କୁମାର ସୁତାର ଓ ସୁଧାଂଶୁ ଭୂଷଣ ସାମଲ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁଅ ରମେଶ କୁମାର ସାମଲ, ହୃଷିକେଶ ସାମଲ, ସୁବାସ ସାମଲ, ପ୍ରମୋଦ ସାମଲ ଓ ଉଲ୍ଲାସ କୁମାର ସାମଲ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ହୃଷୀକେଶ ସାମଲ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## ସଂସ୍କୃତ ସପ୍ତାହ ଉଦ୍‌ଯାପନୀ ଉତ୍ସବ



ମଙ୍ଗଳପୁର,୩।୯ (ସମିସ): ସାଧୁ ଗୌରେଶ୍ୱର ମହାବିଦ୍ୟାଳୟ, କନିକାପଡ଼ା ପରିସରରେ ସଂସ୍କୃତ ସପ୍ତାହର ଉଦ୍‌ଯାପନୀ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ଜିତେନ୍ଦ୍ର କୁମାର ଦାଶ କାର୍ଯ୍ୟକ୍ରମରେ ଉଦ୍‌ଘାଟନୀ ଭାଷଣ ପ୍ରଦାନ କରି ସଂସ୍କୃତ ଭାଷାର ମହତ୍ତ୍ୱ ତଥା ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଏହାର ଅବଦାନ ଉପରେ ଆଲୋକପାତ କରିଥିଲେ। ଉତ୍ସବର ମୁଖ୍ୟଅତିଥି ପ୍ରଫେସର ଡ. ସଦାନନ୍ଦ ଦୀକ୍ଷିତ ଯୋଗଦେଇ ସଂସ୍କୃତ ଭାଷାର ଭବିଷ୍ୟତ, ସଂସ୍କୃତ ଶିକ୍ଷା ମାଧ୍ୟମରେ କ୍ୟାରିୟର ଗଠନ ଓ ଆଧୁନିକ ସମାଜରେ ଏହାର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ। ସଂସ୍କୃତ କେବଳ ପ୍ରାଚୀନ ଭାଷା ନୁହେଁ, ଏହା ଭାରତୀୟ ଜ୍ଞାନ, ସାହିତ୍ୟ, ଦର୍ଶନ ଓ ସଂସ୍କୃତିର ଏକ ସମୃଦ୍ଧ ଭଣ୍ଡାର ବୋଲି ସେ କହିଥିଲେ। ଏଥିସହ ଶିକ୍ଷା, ଗବେଷଣା, ଅନୁବାଦ ଆଦି କ୍ଷେତ୍ରରେ ସଂସ୍କୃତ ଛାତ୍ରଛାତ୍ରୀଙ୍କ ପାଇଁ ରହିଥିବା ବିଭିନ୍ନ ସୁଯୋଗ ସମ୍ପର୍କରେ ମଧ୍ୟ ସେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଦୀପ କୁମାର ଶତପଥୀ, ନିର୍ମଳ କୁମାର ନାୟକ, ସଂସ୍କୃତ ବିଭାଗ ମୁଖ୍ୟ ଡ. ସ୍ମିତାରାଣୀ ଭଞ୍ଜ, ଡ. ଭାଗ୍ୟଶ୍ରୀ ରାୟ, ଡ. ସଂଘମିତ୍ରା ସାହୁ ଓ ବିମଳିନୀ କର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧାପକ-ଅଧାପିକା ଓ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ମାଧ୍ୟମରେ ସଂସ୍କୃତ ଭାଷାର ପ୍ରଚାର-ପ୍ରସାର ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ଭାଷା ପ୍ରତି ଆଗ୍ରହ ସୃଷ୍ଟି ହୋଇଥିବା ମତ ପ୍ରକାଶ ପାଇଥିଲା।

## ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଆୟୋଜିତ

ଯାଜପୁର,୩।୯ (ସମିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, ମେରା ଯୁବା ଭାରତ ପକ୍ଷରୁ ବିକଶିତ ଭାରତ ୟଙ୍ଗ୍ ଲିଡର ଡାଇଲଗ-୨୦୨୭ ଆୟୋଜନ ହେଉଛି। ଏହା ଜାତୀୟ ଯୁବ ମହୋତ୍ସବର ଏକ ଅଂଶ ଭାବେ ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମ ଯୁବ ଭାରତୀୟମାନଙ୍କୁ ବିକଶିତ ଭାରତ-୨୦୪୭ର ଲକ୍ଷ୍ୟ ଦିଗରେ ନିଜର ଚିନ୍ତାଧାରା, ସୃଜନଶୀଳତା, ନବସୃଜନ ଏବଂ ନେତୃତ୍ୱ ପାଇଁ ଏକ ସୁଯୋଗ ପ୍ରଦାନ କରିବ। ଏହି ଭବ୍ୟ ଜାତୀୟ କାର୍ଯ୍ୟକ୍ରମ ୧୦ରୁ ୧୨ ଜାନୁଆରୀ ୨୦୨୭ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଆୟୋଜିତ ହେବ। ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ୧୫ରୁ ୨୯ ବର୍ଷ ବୟସର ଯୁବକ-ଯୁବତୀମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ଏଥିରେ ବିକଶିତ ଭାରତ ଚ୍ୟାଲେଞ୍ଜ, ସାଂସ୍କୃତିକ ଟ୍ରାକ୍, ଡିଜାଇନ୍ ଫର୍ ଭାରତ, ହ୍ୟାକ୍ ଫର୍ ସୋସିଆଲ୍ କଜ୍, ଯୁବ ଉଦ୍ୟୋଗୀ ଚ୍ୟାଲେଞ୍ଜ ଏବଂ ଯୁବ ସଂସଦ ଭଳି ଛଅଟି ଟ୍ରାକ୍ ଆୟୋଜିତ ହେବ। ଏହି ପଦକ୍ଷେପ ଯୁବ ପ୍ରତିଯୋଗୀମାନଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରୁ ରାଜ୍ୟସ୍ତର ଏବଂ ଶେଷରେ ନୂଆଦିଲ୍ଲୀରେ ଜାତୀୟସ୍ତରୀୟ ମଞ୍ଚ ପର୍ଯ୍ୟନ୍ତ ଆଗକୁ ବଢ଼ିବା ପାଇଁ ଏକ ସୁସଂଗଠିତ ମାର୍ଗ ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମ ସମ୍ପର୍କିତ ବିସ୍ତୃତ ସୂଚନା "ମାଇଁ ଭାରତ' ପୋର୍ଟାଲରେ ଉପଲବ୍ଧ ଅଛି ଏବଂ ଅଂଶଗ୍ରହଣକାରୀମାନଙ୍କ ପାଇଁ କୁଇଜ୍ ସକ୍ରିୟ ରହିଛି। ମାଇଁ ଭାରତ ପକ୍ଷରୁ ଯାଜପୁର ଜିଲ୍ଲାର ସମସ୍ତ ଯୋଗ୍ୟ ଯୁବକ-ଯୁବତୀଙ୍କୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ସହିତ ନିଜର ଜ୍ଞାନ, ପ୍ରତିଭା, ସୃଜନଶୀଳତା, ନେତୃତ୍ୱ ଏବଂ ଅଭିନବ ଚିନ୍ତାଧାରା ପ୍ରଦର୍ଶନ କରିବା ପାଇଁ ଅନୁରୋଧ କରାଯାଇଛି।

## ପୋଖରୀରୁ ମୃତଦେହ ଉଦ୍ଧାର

କୟାଁଗୋଲା,୩।୯ (ସମିସ): ମଙ୍ଗଳପୁର ଥାନା ଅଧୀନ ବଡ଼କୁଆଁଳ ଗ୍ରାମରେ ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଗ୍ରାମର ଶିବମନ୍ଦିର ନିକଟରେ ଥିବା ପୋଖରୀରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା କିଛି ଗ୍ରାମବାସୀ ଦେଖିଥିଲେ। ଖବର ପାଇ ମଙ୍ଗଳପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲା। ମୃତକ ସେହି ବଡ଼କୁଆଁଳ ଗ୍ରାମର ଅଙ୍ଗନ ବାରିକ ବୋଲି ଜଣାପଡ଼ିଛି। ଏହି ଘଟଣାରେ ମଙ୍ଗଳପୁର ପୁଲିସ କେଶ ନମ୍ବର ୨୪/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ପୁଲିସର ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ମଙ୍ଗଳପୁର ଥାନା ଅଧିକାରୀ ଭୁବନ ମୋହନ ସେଠୀ ସୂଚନା ଦେଇଛନ୍ତି।

## ଚାନ୍ଦାକୁ ନେଇ ଆକ୍ରମଣ ଘଟଣାରେ ୩ ଗିରଫ

ଦାନଗଦି,୩।୯ (ସମିସ): ଚାନ୍ଦାକୁ ନେଇ ଜଣେ ଯୁବକକୁ ବୁଧବାର ରାତିରେ ମାନପୁର ଗାଁର କିଛି ଅସାମାଜିକ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣ ଘଟଣାରେ ୮ରୁ ଊର୍ଦ୍ଧ୍ୱ ଯୁବକ ସାମିଲ ଥିବା ବେଳେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଓଲ୍ଲ ପଞ୍ଚାୟତ ଗୋଡ଼ିଗୋଠ ଗାଁର ଶରତ ଚନ୍ଦ୍ର ଜେନାଙ୍କ ପୁଅ ଅଭିମନ୍ୟୁ ଜେନା (୪୪), କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ବରଡ଼ାଙ୍ଗ ଗ୍ରାମର ଖୋକନ ମଣ୍ଡଳଙ୍କ ପୁଅ ମିଥନ କୁମାର ମଣ୍ଡଳ (୪୦) ଏବଂ ଦାନଗଦି ମାନପୁର ଗାଁର ବିଶ୍ୱଜିତ ମଣ୍ଡଳଙ୍କ ପୁଅ ସୌରଭ ମଣ୍ଡଳ (୨୮) ବୋଲି ପୁଲିସ କହିଛି। ପୁଲିସ କେସ ନମ୍ବର ୫୧୪/୨୦୨୬ ରେ ମାମଲା ରୁଜୁକରି ୩ ଜଣଙ୍କୁ କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ବନ୍ଧା ହେବେ ବୋଲି ପୁଲିସ କହିଛି।

## ଚିନି ଦର ବୃଦ୍ଧିର ପ୍ରଭାବ ଚା' କପ ଉପରେ

କବାଟବନ୍ଧ,୩।୯ (ସମିସ):



ଗତ ସପ୍ତାହରେ ବଜାରରେ ହଠାତ ଚିନି ଦର ବୃଦ୍ଧି ପାଇବା ପରେ ଏହାର ପ୍ରଭାବ ଖାଉଟିଙ୍କ ଉପରେ ପଡ଼ିଛି। ରାତି ପହିଲେ ଚା' କପ୍‌ରୁ ଚିନିର ଆବଶ୍ୟକତା ଆରମ୍ଭ ହେଉଥିବା ବେଳେ ଏହାର ମୂଲ୍ୟ ବୃଦ୍ଧି ସିଧାସଳଖ ଉପରେ ଚା' କପ ଉପରେ ପଡ଼ିଥିବା ଜଣାପଡିଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ଏବଂ ଜେନାପୁର ଅଞ୍ଚଳକୁ ଗ୍ରାମାଞ୍ଚଳ ଭାବେ ଗଣନା କରାଯାଏ। ମାତ୍ର ଏହି ଅଞ୍ଚଳରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତ ରହିଛି। ଏହା ସହିତ କବାଟବନ୍ଧ, ବ୍ରାହ୍ମଣୀ ବ୍ରିଜ, କନ୍ତପଡ଼ା, ଚଢ଼େଇଧରା, ବାଲିସାହି, ବରଡ଼ା, କୁସ୍ତିରା, ଜେନାପୁର, ସମେତ ଅନେକ ଛୋଟ ବଡ଼ ବଜାର ରହିଛି। ଏହି ବଜାର ଗୁଡ଼ିକରେ ଅନେକ ଲୋକ ଚା' ବ୍ୟବସାୟ କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ମାତ୍ର ଚିନି ଦର ହଠାତ ବୃଦ୍ଧି ପାଇବା ପରେ ଏହାର ପ୍ରଭାବ କେବଳ ଗ୍ରାହକଙ୍କ ଉପରେ ନୁହେଁ; ବରଂ ଛୋଟ ଛୋଟ ଚା' ଦୋକାନୀଙ୍କ ଉପରେ ମଧ୍ୟ ପଡ଼ିଛି। ଗ୍ରାହକ ମାନେ ସିଧାସଳଖ ପ୍ରଭାବିତ ହୋଇ ମହଙ୍ଗାର ଶିକାର ହେଉଥିବା ବେଳେ ବ୍ୟବସାୟୀ ମାନେ ମଧ୍ୟ ଦୈନିକ ବ୍ୟବସାୟର ପରିମାଣ କମିବାରୁ ପ୍ରଭାବିତ ହେଉଛନ୍ତି। ପୂର୍ବରୁ ଚିନି କିଲୋ ପ୍ରତି ୪୨ରୁ ୪୫ ଟଙ୍କା ରହିଥିବା ବେଳେ କିଛି ଦିନ ପୂର୍ବରୁ ଏହା ହଠାତ ବୃଦ୍ଧି ପାଇ କିଲୋ ପ୍ରତି ୭୦ ଟଙ୍କାରେ ପହଞ୍ଚିଛି। ଚିନି ଦୈନନ୍ଦିନ ଜୀବନରେ ଏକ ଆବଶ୍ୟକତା ସାମଗ୍ରୀ ଭାବେ ଗରିବରୁ ଧନୀ ଏବଂ ବ୍ୟବସାୟୀ ମାନଙ୍କର ଆବଶ୍ୟକତା ରହିଛି। ଦର ବୃଦ୍ଧି ତଥା ଏହାର ପ୍ରଭାବରେ ସମସ୍ତେ ପ୍ରଭାବିତ। ମିଠା ଦୋକାନରୁ ଚା' ଦୋକାନ ସବୁଠି ମହଙ୍ଗା ଚର୍ଚ୍ଚା। ସାଧାରଣ ମଣିଷଟିଏ ତଥା ଦୈନିକ ଚା' ପିଇବା ଅଭ୍ୟାସ ଥିବା ଲୋକମାନେ ଦର ବୃଦ୍ଧିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଉକ୍ତ ଅଞ୍ଚଳରେ ଚା' କପ ପ୍ରତି ସର୍ବାଧିକ ୧୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଜଣା ପଡ଼ିଛି। କିଛି ଅଭ୍ୟାସଗତ ତଥା ଦୈନିକ ଚା' ପିଉଥିବା ଲୋକ ମାନେ ସେମାନଙ୍କ ଅଭ୍ୟାସ ଭାଙ୍ଗିବା ତଥା କମ କରିଥିବା ପ୍ରକାଶ କରିଛନ୍ତି। ଦୈନିକ ସକାଳରୁ ସନ୍ଧ୍ୟା ମଧ୍ୟରେ ପ୍ରାୟ ୧୦ କପ ଚା' ପିଉଥିବ ଲୋକ ଏବେ ୩/୪ କପ୍‌ରେ ସୀମିତ ରହୁଛନ୍ତି। ଏହା ଦ୍ୱାରା ବ୍ୟବସାୟ କମ ହେଉଛି। ଅନ୍ୟ ପକ୍ଷରେ କବାଟବନ୍ଧ ଅଞ୍ଚଳର ଏକ ପ୍ରମୁଖ ଚା' ଖଟିରେ ଅନୀଲ ପଣ୍ଡା, ଶରତ ବଳ, ଟିକୁ ଜେନା, ମାୟାଧର ଦାସ, ମନୋଜ ବେହେରା, ଦୁର୍ଯ୍ୟୋଧନ ଦାସ, କାବୁଲା ବେହେରା, ସୁକାନ୍ତ ବେହେରା, ଅସିତ ନାୟକ, ବସନ୍ତ ମଲ୍ଲିକ, ସନାତନ ମଲ୍ଲିକଙ୍କୁ ପଚାରିବାରୁ ଚା' କପ ପ୍ରତି ୧୦ ଟଙ୍କା ହୋଇଥିବାରୁ ଆମେ ଅଭ୍ୟାସ କମାଇବା ପାଇଁ ଚେଷ୍ଟା କରିଛୁ ବୋଲି ପ୍ରକାଶ କରିଛନ୍ତି। ଚା' କେବଳ ଆମକୁ ମାନସିକ ସ୍ତରରେ ଟିକେ ରିଲାକ୍ସ ଦେବା ସହିତ ଦୀର୍ଘ ବର୍ଷ ଧରି ଆମ ବନ୍ଧୁତାକୁ ବଜାୟ ରଖିଛି ବୋଲି ଦୀର୍ଘ ବର୍ଷ ଧରି ଚା' ପିଉଥିବା ଏହି ବ୍ୟକ୍ତି ମାନେ କହିଛନ୍ତି।

## ମୃତ କୃଷକଙ୍କ ପରିବାରକୁ ବୀମା ରାଶି ପ୍ରଦାନ



ବରୁଆଁ,୩।୯ (ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ବେରୁଦା ଗ୍ରାମ ପଞ୍ଚାୟତର ଜଗତପୁର ସମବାୟ ସମିତି ଅଧୀନସ୍ଥ ଜଗତପୁର ଗ୍ରାମର ଚାଷୀ ଉମାକାନ୍ତ ସାହୁ ମୃତ୍ୟୁବରଣ କରିଥିଲେ। ନିକଟସ୍ଥ ଜଗତପୁର ସମବାୟ ସମିତିରେ ଚାଷୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଦୁର୍ଘଟଣା ଜନିତ ବୀମା ରାଶି ଭରିଥିଲେ। ଏ ବାବଦ ବୀମା ରାଶି ଏକ ଲକ୍ଷ୍ୟ ଟଙ୍କା ମୃତ ଚାଷୀ ଉମାକାନ୍ତ ସାହୁଙ୍କ ଉତ୍ତରାଧିକାରୀ ନିଶିକାନ୍ତ ସାହୁଙ୍କୁ ପ୍ରଦାନ କରାଯାଇଛି। ଏହି ବୀମା ରାଶିକୁ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ବିଜୟ କୁମାର ଦଳାଇ, ଡିଆର୍‌ସିଏସ୍ ଅମୂଲ୍ୟ କୁମାର ସେଠୀ, ଶାଖା ପରିଚାଳକ କେଦାର ବେହେରା, ବରିଷ୍ଠ ସମବାୟବିତ୍ ବ୍ରଜକିଶୋର ପାଢ଼ୀ, ଜଗତପୁର ସମବାୟ ସମିତି ସଭାପତି ଶ୍ରୀକାନ୍ତ ବେହେରା ଓ ସମ୍ପାଦିକା ନିବେଦିତା ଘଡାଇଙ୍କ ଉପସ୍ଥିତିରେ ନିକଟସ୍ଥ ସମବାୟ ବ୍ୟାଙ୍କ ପରିସରରେ ଏକ ଲକ୍ଷ ଟଙ୍କାର ଚେକ୍ ମୃତ ଚାଷୀଙ୍କ ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା।

# କାଣୀ ନଦୀ ସ୍ରୋତ ରୋକିବାକୁ ପ୍ରୟାସ / ଆରମ୍ଭ ହେଲା ପଥର ପ୍ୟାକିଂ ଓ ସିମେଣ୍ଟ ବ୍ଲକ କାର୍ଯ୍ୟ

ଦଶରଥପୁର,୩।୯ (ସମିସ):

ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ଦଶରଥପୁର ବ୍ଲକର ୧୯ ପଞ୍ଚାୟତରେ ଲଗାତାର ବନ୍ୟା ପରିସ୍ଥିତି ଜନସାଧାରଣଙ୍କ ଜୀବନକୁ ଦୁର୍ବିସହ କରିଛି। ଏଥିପାଇଁ ବ୍ଲକ ଦେଇ ପ୍ରବାହିତ ବୈତରଣୀ ନଦୀ ଅପେକ୍ଷା ଏହାର ଶାଖା କାଣୀ ନଦୀର ଭୂମିକା ଅଧିକ ବୋଲି ଚଳିତ ବର୍ଷର ଲଗାତାର ବନ୍ୟାରୁ ପ୍ରମାଣିତ ହୋଇଛି। ଦଶରଥପୁର ବ୍ଲକ ବ୍ରହ୍ମଚାରୀପାଟଣା ବୈତରଣୀ ନଦୀରୁ ବାହାରିଥିବା ଏହାର ଶାଖା କାଣୀ ନଦୀ ୨୫ କିଲୋମିଟର ପର୍ଯ୍ୟନ୍ତ ଲମ୍ବିଥିବା ବେଳେ କେବଳ ଏହାର ଦୁଇ ପାଶ୍ୱର୍ ୪ କିଲୋମିଟର ପର୍ଯ୍ୟନ୍ତ ଥିବା ବେଳେ ଏହା କେବଳ ଚଳିତ ବର୍ଷ ନୁହେଁ ପ୍ରତିବର୍ଷ ବ୍ଲକବାସୀଙ୍କ ଜୀବନଜୀବିକାକୁ ଦୁର୍ବିସହ କରୁଛି। ଚଳିତ ବର୍ଷ ବ୍ଲକ ଅଧୀନ ତରପଦା ପଞ୍ଚାୟତ ଡୋଭାବିଲ ପାଟଣାସାହି ଠାରେ ସୃଷ୍ଟି ୨ଟି ଘାଇ ମଧ୍ୟରୁ ଗୋଟିଏ ଘାଇ ଗତ ୩୬ଦିନ ହେଲାଣି



ବ୍ଲକ ବାସୀଙ୍କୁ କଲବଲ କରୁଛି। ଘାଇ ମରାମତିରେ ଜଳସମ୍ପଦ ଅଧିକାରୀଙ୍କ ସବୁ ଉଦ୍ୟମକୁ ଲଗାଣ ବର୍ଷା ପ୍ରଭାବରେ କ୍ରମାଗତ ବନ୍ୟା ସ୍ଥିତି ଭଣ୍ଡୁର କରିଚାଲିଥିବା ବେଳେ ବନ୍ୟା ଯନ୍ତ୍ରଣା ଭୋଗୁଥିବା ବିପନ୍ନଙ୍କ ମଧ୍ୟରେ ଉଭୟ ଜଳସମ୍ପଦ ବିଭାଗ ଓ ସରକାରଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଜି ଜଳସମ୍ପଦ ବିଭାଗ ପକ୍ଷରୁ ବ୍ରହ୍ମଚାରୀପାଟଣା ବୈତରଣୀ ସେତୁ ନିକଟରେ ନଦୀର ଜଳସ୍ରୋତ ପ୍ରତିରୋଧ ନିମନ୍ତେ ପଥର ପ୍ୟାକିଂ ସହ ସିମେଣ୍ଟ ବ୍ଲକ କାର୍ଯ୍ୟ ଆରମ୍ଭ କରାଯାଇଥିବା ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ ଜଣାଯାଇଛି। ଏଠାରେ ବୈତରଣୀର ଜଳସ୍ରୋତ ପ୍ରତିରୋଧ ହୋଇପାରିଲେ ପାଟଣାସାହି ଘାଇ ମରାମତି କାର୍ଯ୍ୟ ସାରିବାକୁ ୨ରୁ ୩ ଦିନ ସମୟ ଲାଗିବ ବୋଲି କନିଷ୍ଠଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ କହିବା ସହିତ ପାଣିପାଗ ବିଭାଗ ମୁତାବକ ଆଗାମୀ ୮ତାରିଖ ପର୍ଯ୍ୟନ୍ତ ବଡ଼ ବର୍ଷା ସ୍ଥିତି ନଥିବାରୁ ଘାଇ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ କୌଣସି ଅସୁବିଧା ସୃଷ୍ଟି ହେବନାହିଁ ବୋଲି କହିଥିଲେ। ଏଥିପାଇଁ ଆଜି ସକାଳୁ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଦଳାଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠଯନ୍ତ୍ରୀ ଅରୁଣ ତ୍ରିପାଠୀଙ୍କ ତତ୍ୱାବଧାନରେ ଯାନ୍ତ୍ରିକ ସରଞ୍ଜାମ ସହିତ ପଥର ପ୍ୟାକିଂ ଓ ସିମେଣ୍ଟ ବ୍ଲକ କାର୍ଯ୍ୟ ଜାରି ରହିଥିବା ଦେଖିବା ପରେ ବନ୍ୟାଞ୍ଚଳ ବାସିନ୍ଦାଙ୍କୁ ଆଶ୍ୱସ୍ତି ମିଳିଛି।

## ● ଧୋଇଗଲା ପୂର୍ତ୍ତ ବିଭାଗ ରାସ୍ତା
# ସିଂହପୁର ଢିହକୂଳା ରାସ୍ତା ବିଚ୍ଛିନ୍ନ

ସିଂହପୁର,୩।୯ (ସମିସ): ବିଞ୍ଝାରପୁର ପୂର୍ତ୍ତ ବିଭାଗ ଅଧୀନସ୍ତ ସିଂହପୁର ଢିହକୂଳା ମୁଖ୍ୟ ରାସ୍ତାର ଫଳପୁର ଠାରେ ଗୁରୁବାର ବନ୍ୟାଜଳରେ ପ୍ରାୟ ୨୫ ଫୁଟ ଲମ୍ବା ରାସ୍ତା ଧୋଇଯାଇଛି। ନୂଆମାହାରା ଠାରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ଖରସ୍ରୋତାର ବନ୍ୟଜଳ ହଳଦିଢିହ, ଫଳପୁର ଦେଇ ପ୍ରବାହିତ ହେଉଛି। ଫଳରେ ଏହି ରାସ୍ତା ଅନେକ ସ୍ଥାନରେ ପାଣିରେ ବୁଡି ରହିଥିବା ବେଳେ ଗୁରୁବାର ବନ୍ୟାଜଳର ପ୍ରଖର ସ୍ରୋତରେ



ପୂର୍ତ୍ତ ବିଭାଗର ଏହି ରାସ୍ତା ଧୋଇଯାଇଥିଲା। ମୁଖ୍ୟ ରାସ୍ତା ଧୋଇଯିବା ଦ୍ୱାରା ସିଂହପୁର ଢିହକୂଳା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଖବର ପାଇଁ ପୂର୍ତ୍ତ ବିଭାଗର ଅଧିକାରୀ କର୍ମଚାରୀ ମାନେ ପହଞ୍ଚି ରାସ୍ତାର ସ୍ଥିତି ସମୀକ୍ଷା କରିବା ସହିତ ଧୋଇଯାଇଥିବା ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ବାଲିବାସ୍ତ ପକାଇବା ସହ ଅସ୍ଥାୟୀ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ବନ୍ୟାରେ ପୂର୍ତ୍ତ ବିଭାଗର ଅନେକ ରାସ୍ତା ପାଣିରେ ବୁଡି ରହିଥିବାରୁ ଅଧିକାଂଶ ରାସ୍ତା ନଷ୍ଟ ହୋଇଥିବା ଏସଡ଼ିଓ ଦିଲୀପ କୁମାର ନାୟକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବନ୍ୟାର ପ୍ରାୟ ଏକ ମାସ ପରେ ଏଭଳି ରାସ୍ତା ଧୋଇଯିବା ଘଟଣାକୁ ନେଇ ମଧ୍ୟ ଅନେକ ସନ୍ଦେହ ପ୍ରକଟ କରୁଛନ୍ତି। ଜଳନିଷ୍କାସନ କିମ୍ବା ଠିକାଦାରୀ ଆଶାରେ କେହି ଦୁର୍ବୃତ୍ତ ରାସ୍ତା କାଟିଥିବା ମଧ୍ୟ ଚର୍ଚ୍ଚା ହେଉଛି।

# ସମାଜସେବୀ ମଧୁସୂଦନ ରାଉତଙ୍କ ଦେହାନ୍ତ

ବଡଚଣା,୩।୯ (ସମିସ): ବଡ଼ଚଣା ବ୍ଲକ ଅଣକା ପଞ୍ଚାୟତର ମହିପୁର ଗାଁର ଗାନ୍ଧୀବାଦୀ ନୀତିରେ ଅନୁପ୍ରାଣିତ ତଥା ସମାଜସେବୀ ମଧୁସୂଦନ ରାଉତଙ୍କ ୮୭ ବର୍ଷ ବୟସରେ ତାଙ୍କ ବାସଭବନରେ ଦେହ ତ୍ୟାଗ କରିଛନ୍ତି। ମହିପୁର ଗ୍ରାମର ଶତାଧିକ ଗ୍ରାମବାସୀ କଉଡୁକୋଲ ଠାରୁ ଦକ୍ଷିଣକୁଳ ପର୍ଯ୍ୟନ୍ତ ଏକ ବିରାଟ ପଟୁଆରରେ ଶୋଭାଯାତ୍ରା କରି ଗାଁ ଶ୍ମଶାନରେ କନିଷ୍ଠ ପୁତ୍ର ମଳୟ ରାଉତ ମୁଖାଗ୍ନି ଦେଇଥିଲେ। ଖବର ପାଇ ଅନେକ ବୁଦ୍ଧିଜୀବୀ ଓ ରାଜନେତା ମାନେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶେଷ ଦର୍ଶନ କରିଥିଲେ। ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ର, ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ଚିତ୍ତରଞ୍ଜନ ମହାପାତ୍ର, ପ୍ରହଲ୍ଲାଦ ବାରିକ, ଗଣେଶ୍ୱର ସାମଲ, ଧୁଳେଶ୍ୱର ରାୟ, ରତ୍ନମଞ୍ଜରି ନାୟକ, ନିହାର ପ୍ରସାଦ ମହାପାତ୍ର, ତପନ ସିଂ, ସନ୍ତୋଷ ସାହୁ, ନୃସିଂହ ଚରଣ ସିଂ, ମହେଶ୍ୱର ବେହେରାଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

# ହେଲମେଟ୍ ଓ ସିଟ୍‌ବେଲ୍ଟ ଯାଞ୍ଚ

କୟାଁଗୋଲା,୩।୯ (ସମିସ): ଟ୍ରାଫିକ୍ ନିୟମ ଉଲ୍ଲଘଂନକାରୀଙ୍କ ଉପରେ ଅଙ୍କୁଶ ଲଗାଇବା ସହ ସଡ଼କ ସୁରକ୍ଷାକୁ ଗୁରୁତ୍ୱ ଦେଇ ମଙ୍ଗଳପୁର ପୁଲିସ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଜୋରଦାର ଯାଞ୍ଚ କରାଯାଇଛି। ମଙ୍ଗଳପୁର ବଜାର, ଦୁବକଣ, ବୋଉଳାଙ୍ଗ ସମେତ ବିଭିନ୍ନ ଛକରେ ପୁଲିସ ପକ୍ଷରୁ ଗାଡ଼ିମଟର ଯାଞ୍ଚ କରାଯାଇଥିବା ଦେଖିବାକୁ ମିଳିଛି। ମଙ୍ଗଳପୁର ଥାନା ଅଧିକାରୀ ଭୁବନ ମୋହନ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏହି ଯାଞ୍ଚ ଅଭିଯାନ ଚାଲିଥିଲା। ଯାଞ୍ଚ ସମୟରେ ଦୁଇଚକିଆ ଯାନ ଚାଳକଙ୍କ ହେଲମେଟ୍ ବ୍ୟବହାର, ଚାରିଚକିଆ ଯାନରେ ସିଟ୍‌ବେଲ୍ଟ ବ୍ୟବହାର ସହ ଅନ୍ୟାନ୍ୟ ଟ୍ରାଫିକ୍ ନିୟମ ପାଳନ ଉପରେ ପୁଲିସ କଡ଼ା ନଜର ରଖିଥିଲା। ଏଥିସହ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ଚାଳକଙ୍କୁ ମଧ୍ୟ ଯାଞ୍ଚ କରାଯାଇଥିଲା। ନିୟମ ଉଲ୍ଲଘଂନ କରିଥିବା ଚାଳକଙ୍କ ବିରୋଧରେ ପୁଲିସ ପକ୍ଷରୁ ଜରିମାନା କରାଯାଇଥିଲା। ଏହି ଯାଞ୍ଚ ଅଭିଯାନରେ ଏସ୍‌ଆଇ ଅନିତା ପ୍ରଧାନ, ଏଏସ୍‌ଆଇ ଜଟାଧାରୀ ଦାସଙ୍କ ସମେତ ପୁଲିସ କର୍ମଚାରୀମାନେ ସାମିଲ ହୋଇଥିଲେ।

# ସୁକିନ୍ଦା ରାଜପରିବାର ତରୁଣଙ୍କ ଭୂତତ୍ତ୍ୱବିଜ୍ଞାନରେ ସ୍ୱର୍ଣ୍ଣପଦକ ଲାଭ

ସୁକିନ୍ଦା, ୩।୯ (ସମିସ): ସୁକିନ୍ଦା ରାଜ ପରିବାର ସଦସ୍ୟ ତଥା ରାଜାସାହେବ ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ରଙ୍କ ଭାଇ ସତ୍ୟନାରାୟଣ ସିଂଦେଓଙ୍କ ନାତି ତଥା ହିମାଂଶୁ କୁମାର ସିଂଦେଓ ଓ ଶାନ୍ତିଲତା ସିଂ ଦେଓଙ୍କ ପୁତ୍ର ତରୁଣ କୁମାର ସିଂଦେଓ ଭୂତତ୍ତ୍ୱ ବିଜ୍ଞାନରେ ସ୍ୱର୍ଣ୍ଣପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ତରୁଣ ଉତ୍ତରପ୍ରଦେଶର ଲକ୍ଷ୍ନୌ ସ୍ଥିତ ବାବାସାହେବ ଭୀମରାଓ ଆମ୍ବେଦକର ୟୁନିଭରସିଟିରୁ ଜିଓଲୋଜି (ଭୂତତ୍ତ୍ୱବିଜ୍ଞାନ) ବିଭାଗର ମାଷ୍ଟର ଡିଗ୍ରୀ ହାସଲ କରିବା ସହ ୟୁନିଭରସିଟିର ଟପ୍ପର ହୋଇ ସ୍ୱର୍ଣ୍ଣପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହି ଅବସରରେ ଗତ ୨୯ ତାରିଖରେ ୟୁନିଭରସିଟି ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯେଉଁଥିରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ମୁଖ୍ୟଅତିଥି, ଭାଇସ ଚାନ୍ସେଲର ପ୍ରଫେସର ରାଜକୁମାର ମିତ୍ତଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତରୁଣ ସମେତ ଅନ୍ୟ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତରୁଣ ଭବିଷ୍ୟତରେ ପିଏଚ୍‌ଡି କରିବା ପାଇଁ ପ୍ରସ୍ତୁତ ହେଉଥିବା ଜଣାଇଛନ୍ତି।



# ଟ୍ରକ୍‌କୁ ପଛ ପଟୁ ଧକ୍କା ଦେଲା ଟ୍ରକ୍

ଜେନାପୁର,୩।୯ (ସମିସ): ଜେନାପୁର ଥାନା ଅନ୍ତର୍ଗତ ମୁଦୁଲି ପେଟ୍ରୋଲ ପମ୍ପ ନିକଟରେ ଟ୍ରକ୍‌କୁ ପଛ ପଟୁ ଧକ୍କା ଦେଇଛି ଷୋଳ ଚକିଆ ଟ୍ରକ୍। ସୂଚନା ଅନୁଯାୟୀ ୧୬ ନମ୍ବର ଜାତୀୟ ରାଜପଥ ଚଡେଇଧରା ବରଡ଼ା ମଧ୍ୟରେ ଦୈତାରୀରୁ କ୍ରୋମାଇଟ ବୋଝେଇ କରି ଆସୁଥିବ ଗାଡ଼ି ନମ୍ବର (ଓଆର୨୯-୨୧୩୨) ଏକ ୬ ଚକିଆ ଟ୍ରକ୍‌କୁ ଠିକ୍ ସେହି ଦିଗରୁ ଆସୁଥିବା ଗାଡ଼ି ନମ୍ବର (ଓଡ଼ି ୦୫-ବିଏଲ ୮୨୮୪) ଷୋଳ ଚକିଆ ଖାଲି ଗାଡି ପଛ ପଟୁ ଧକ୍କା ଦେଇଥିଲା। ଫଳରେ କ୍ରୋମାଇଟ୍ ବୋଝେଇ ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତାରୁ ୧୦ ଫୁଟ୍ ତଳେ ଓଲଟି ପଡିଥିଲା। ଠିକ୍ ସମାନ ଢଙ୍ଗରେ ଷୋଳ ଚକିଆ ଟ୍ରକ୍‌ଟି ଡିଭାଇଡର ଡେଇଁ ରାସ୍ତାର ଅପର ପାଶ୍ୱର୍ର ୩୦ ଫୁଟ୍ ତଳେ ଥିବା ଏକ ବିଦ୍ୟୁତ ଟ୍ରାନସ୍ଫର୍ମରକୁ ଧକ୍କା ଦେଇ ଛିଡ଼ା ହୋଇଛି। ଓଲଟି ପଡ଼ିଥିବା ଗାଡ଼ିଟିର ଟାୟାର ଫାଟି ଯାଇଛି। ଗାଡ଼ିଟିର ଡାଲା କେବିନ୍ ଭାଙ୍ଗି ଯାଇଛି। ଗାଡ଼ିଟିର ବିଶେଷ କ୍ଷୟକ୍ଷତି ହୋଇଥିବା ଫଳରେ ଲୋଡ୍ ଥିବା ବହୁମୂଲ୍ୟ କ୍ରୋମାଇଟ୍ ରାସ୍ତାରେ ଛିନ୍‌ଛତ୍ର ହୋଇପଡିଛି। ଷୋଳ ଚକିଆ ଚାଳକ ସୁସ୍ଥଥିବା ବେଳେ ଛ'ଚକିଆ ଚାଳକ ଗୁରୁତର ଆହତ ହୋଇଛି। ଘଟଣା ସ୍ଥଳରେ ଚଢ଼େଇଧର ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ଜେନା କନଷ୍ଟେବଲ ହରେକୃଷ୍ଣ ସେଠୀ, ପାର୍ଥସାରଥୀ ସାମଲ ପହଞ୍ଚି ଗାଡି ଚଳାଚଳ ସ୍ୱାଭାବିକ କରିଥିଲେ। ଚାଳକ ଗୁରୁତର ଆହତ ଥିବାରୁ ଚଢ଼େଇଧର ଅଗ୍ନିଶମ ବାହିନୀକୁ ଡାକି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଷୋଳଚକିଆ ଗାଡ଼ି ଡ୍ରାଇଭର ଅତ୍ୟଧିକ ମଦ୍ୟ ପାନ ହେତୁ ଏଭଳି ଦୁର୍ଘଟଣା ଘଟିଛି ବୋଲି ସୂଚନା ମିଳିଛି।


# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର



କୁଆଖିଆ,୩।୯ (ସମିସ): ରସୁଲପୁର ପଞ୍ଚାୟତ ସମିତି ପରିସରରେ ଆଜି ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସଶକ୍ତୀକରଣ ଓ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାରୀ ସହାୟତାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଶିବିରରେ ମୋଟ ୩୧୫ ଜଣ ଭିନ୍ନକ୍ଷମ ସେମାନଙ୍କ ନାମ ପଞ୍ଜୀକରଣ କରିବା ସହ ଡାକ୍ତରୀ ଦଳ ଦ୍ୱାରା ସେମାନଙ୍କର ମୂଲ୍ୟାଙ୍କନ ଓ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୧୬୫ ଜଣ ଶାରୀରିକ ଭିନ୍ନକ୍ଷମ, ୪୨ ଜଣ ଦୃଷ୍ଟିହୀନ, ୪୨ ଜଣ ଶ୍ରବଣବାଧିତ, ୪୫ ଜଣ ମାନସିକ ଅଗ୍ରସର/ସିପି ଏବଂ ୨୧ ଜଣ ବହୁବିଧ ଭିନ୍ନକ୍ଷମ ହିତାଧିକାରୀ ଶିବିରରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ତୁରନ୍ତ ସହାୟତା ସ୍ୱରୂପ ହିତାଧିକାରୀଙ୍କୁ ୭ଟି ଶ୍ରବଣ ଯନ୍ତ୍ର, ୨ଟି ଟ୍ରାଇ-ସାଇକେଲ୍, ୧ଟି ହୁଇଲ୍ ଚେୟାର୍ ଏବଂ ୧୨ ଜଣଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି ତୀର୍ଥରାଜ ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ୍, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରସୁଲପୁର ସତ୍ୟାନନ୍ଦ ଦାସ, ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶିଷ୍ଟ ଶିକ୍ଷକ ନେତା ପୀତବାସ ବେହୁରିଆଙ୍କ ପରଲୋକ

ମଙ୍ଗଳପୁର,୩।୯ (ସମିସ): ଓଡ଼ିଶାର ବିଶିଷ୍ଟ ଶିକ୍ଷକ ନେତା ତଥା ଓଷ୍ଟାର ସାଧାରଣ ସମ୍ପାଦକ ପୀତବାସ ବେହୁରିୟା (୯୧)ଙ୍କ ଆଜି ଅପରାହ୍ନ ୨.୩୦ ମିନିଟ ସମୟରେ ତାଙ୍କ ମଙ୍ଗଳପୁରସ୍ଥିତ ବାସଭବନରେ ପରଲୋକ ଘଟିଛି। ସ୍ୱର୍ଗତ ବେହୁରିୟା ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ଜୟଚଣ୍ଡୀ ହାଇସ୍କୁଲରେ ଚାକିରି ଜୀବନ ଆରମ୍ଭ କରି ସେହି ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ସେ ଓଷ୍ଟାର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ। ଚାକିରି ଜୀବନ ଶେଷ ହେବା ପରେ ସେ ସିପିଆଇ ଦଳ ନିତି ଆଦର୍ଶର ରହି ଲୋକ ସେବା କରୁଥିଲେ। ମା ଜୟଚଣ୍ଡୀ ପୀଠର ଉନ୍ନତୀକରଣ, କୟାଁଗୋଲା ମେଡିକାଲ ପ୍ରତିଷ୍ଠାରେ ଅଂଶଗ୍ରହଣ, ଜୟଚଣ୍ଡୀ କଲେଜ ପ୍ରତିଷ୍ଠା, ଯାଜପୁର କୟାଁଗୋଲା ରାସ୍ତା ନିର୍ମାଣ କରିବାରେ ତାଙ୍କର ପ୍ରମୁଖ ଭୂମିକା ଅତୁଳନୀୟ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗ ଖବର ପାଇ ମଙ୍ଗଳପୁର ସ୍ଥିତ ବାସ ଭବନରେ ବିଭିନ୍ନ ବର୍ଗର ଲୋକ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ସନ୍ଧ୍ୟାରେ ମରଶରୀରକୁ ଏକ ଶୋଭାଯାତ୍ରାରେ ପ୍ରଥମେ ମଙ୍ଗଳପୁର ସିପିଆଇ ଅଫିସକୁ ନିଆଯାଇ ସେଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ପରେ ଦୁବକଣ ହାଇସ୍କୁଲକୁ ନିଆଯାଇଥିଲା। ସେଠାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ ଓ ପୁରାତନ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହାପରେ ଜୟଚଣ୍ଡୀ ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦେବା ପରେ ଯାଜପୁର ସ୍ଥିତ ଦଶାଶ୍ୱମେଧ ଘାଟରେ ଶେଷ କୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ତାଙ୍କର ଏକମାତ୍ର ପୁଅ ସଞ୍ଜୟ ବେହୁରିଆ ମୁଖାଗ୍ନି ଦେଇଥିଲେ। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ବରିଷ୍ଠ ବିଜେପି ନେତା ଗୌତମ ରାୟ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶବାଧାରରେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, କମାରଡ଼ିହି ପାକ୍ସ ସଭାପତି ଭାଗୀରଥି ସାହୁ, ସିପିଆଇ ନେତା ମଳୟ କୁମାର ପଣ୍ଡା, ଯୁବ ସମାଜସେବୀ ପ୍ରିୟବ୍ରତ ବିଶ୍ୱାଳ, ପ୍ରମୋଦ କୁମାର ପଣ୍ଡା, ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ବାରିକ, ଗୋଲେଖ ବାରିକ, ପୂର୍ବତନ ବିଇଓ ଅନ୍ନଦା ପ୍ରସାଦ ରଣା, ସମାଜସେବୀ ବିଦ୍ୟୁତ ଲତା ଦାସ, ଦୁଷ୍ମନ୍ତ କୁମାର ନାୟକ, ବିରଜା ମଲ୍ଲିକ, ଅଧକ୍ଷ ସୁରେନ୍ଦ୍ର ପୋଥାଳ ପ୍ରମୁଖଙ୍କ ସମେତ ବହୁ ଲୋକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



# ବନ୍ୟା ପୀଡ଼ିତଙ୍କୁ ଟାଟା-ଭୋଲ୍ଟାସ୍ ପକ୍ଷରୁ ରିଲିଫ୍ ପ୍ରଦାନ

ଯାଜପୁର,୩।୯ (ସମିସ): ସମ୍ପ୍ରତି ବନ୍ୟାରେ ପ୍ରଭାବିତ ଯାଜପୁର ଜିଲ୍ଲାର ଆୟାଶା ଅଞ୍ଚଳର ୨୫୦ ଜଣ ବନ୍ୟା ପୀଡ଼ିତଙ୍କୁ ଟାଟା-ଭୋଲ୍ଟାସ୍ ପକ୍ଷରୁ ରିଲିଫ୍ ସାମଗ୍ରୀ ପ୍ରଦାନ କରାଯାଇଛି। ବନ୍ୟା ଯୋଗୁଁ ଅନେକ ପରିବାର ଦୁର୍ଦ୍ଦଶାରେ ଦିନ କାଟୁଥିବା ବେଳେ, ଏହି କଠିନ ସମୟରେ ସେମାନଙ୍କ ପାଖରେ ସହାୟତାର ହାତ ବଢ଼ାଇଛି ଟାଟା-ଭୋଲ୍ଟାସ୍। ଏହି ଅବସରରେ ୨୫୦ ଜଣ ବନ୍ୟା ପୀଡ଼ିତଙ୍କୁ ଆବଶ୍ୟକୀୟ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ମହତ୍ କାର୍ଯ୍ୟକୁ ସଫଳ କରିବାରେ ସୁବାଶିଷ, ଅରୁଣ, ସରୋଜ, ପ୍ରିୟତୋଷ, ଭବାନୀ, ସୌମ୍ୟ, ସଞ୍ଜୀବ ଏବଂ ବିଶ୍ୱରଞ୍ଜନ ମହାନ୍ତିଙ୍କର ବିଶେଷ ସହଯୋଗ ରହିଥିଲା। ସେମାନଙ୍କର ସକ୍ରିୟ ଭୂମିକା ଓ ନିରନ୍ତର ପ୍ରୟାସ ଯୋଗୁଁ ରିଲିଫ୍ ସାମଗ୍ରୀ ପୀଡ଼ିତ ପରିବାରଗୁଡ଼ିକଙ୍କ ନିକଟରେ ସୁଚାରୁ ଭାବେ ପହଞ୍ଚିପାରିଥିଲା। ବିପଦ ସମୟରେ ମାନବିକତାର ହାତ ବଢ଼ାଇ ବନ୍ୟା ପୀଡ଼ିତଙ୍କ ସହ ଠିଆ ହୋଇଥିବା ଟାଟା-ଭୋଲ୍ଟାସ୍‌ର ଏହି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।




# ବାଲ୍ୟବିବାହ ନିଷେଧ ସଚେତନତା




ବ୍ରହ୍ମବରଦା,୩।୯ (ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବାଲ୍ୟବିବାହ ନିଷେଧ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ଆଇଚଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ମୁଖ୍ୟ ଅତିଥି ଓ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ଏଡିଇଓ ଆଲୋକ କୁମାର ବନ୍ଧ, ରସୁଲପୁର ବିଇଓ ଅଭିଜିତ ସ୍ୱାଇଁ, ଏବିଇଓ ପ୍ରଭଞ୍ଜନ ପତି, ସିଆରସିସି ବିଜୟ କୁମାର ସାହୁ, ସାମାଜିକ କର୍ମୀ ପ୍ରଦୀପ ଦାସ, ରାକେଶ ଦେଓ, ଅମୂଲ୍ୟ ରାଉତ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୁଲଫୁକାର ଅଲ୍ଲୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଶିକ୍ଷାର ଗୁରୁତ୍ୱ ବୁଝାଇବା ସହ ଶିକ୍ଷା ପ୍ରତ୍ୟେକ ଶିଶୁର ମୌଳିକ ଅଧିକାର ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଅଲ୍‌ଉମା ସଂଗଠନ ପକ୍ଷରୁ ବ୍ରହ୍ମବରଦା ବାଳିକା ଉଚ୍ଚ ବିଦ୍ୟାଳୟରେ ଉର୍ଦ୍ଦୁ ପାଠ୍ୟପୁସ୍ତକ ଅଭାବ ସମସ୍ୟା ନେଇ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦୀର୍ଘଦିନ ଧରି ଉର୍ଦ୍ଦୁ ବହି ନମିଳିବାରୁ ଶତାଧିକ ଛାତ୍ରୀଙ୍କ ଉର୍ଦ୍ଦୁ ପାଠପଢ଼ା ବ୍ୟାହତ ହେଉଥିବା ସଂଗଠନ ପକ୍ଷରୁ ଜଣାଇଥିଲେ। ଅଲ୍‌ଉମା ସଂଗଠନର ସେକ୍ ଆବୁ ସମା, ଆବୁଲ ଖାନ, ଅବୁବକର ଖାନ ଓ ଅକ୍ତର ହୋସେନ ଖାନଙ୍କ ସମେତ ଗ୍ରାମବାସୀ ଓ ଅଭିଭାବକମାନେ ଦାବିପତ୍ର ପ୍ରଦାନ କରି ତୁରନ୍ତ ଜଣେ ସ୍ଥାୟୀ ଉର୍ଦ୍ଦୁ ଶିକ୍ଷକ ନିଯୁକ୍ତି ସହ ଛାତ୍ରୀମାନଙ୍କୁ ନିୟମିତ ପାଠ୍ୟପୁସ୍ତକ ଯୋଗାଇଦେବାକୁ ଦାବି କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଛାତ୍ରୀମାନେ 'ବାଲ୍ୟବିବାହକୁ ନା, ବିଦ୍ୟାଳୟକୁ ହଁ' ବାର୍ତ୍ତା ଦେଇ ବାଲ୍ୟବିବାହ ବିରୋଧରେ ସାମୂହିକ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଅଭିନୟରୁ ମୃତ୍ତିକା କଳା ଯାଏଁ; ସବୁଠି କାଉଁରୀ ସ୍ୱର୍ଶ
# ୫ ଦଶନ୍ଧି ଧରି କଳା ସାଧନାରେ କାର୍ତ୍ତିକ

କୟାଁଗୋଲା,୩।୯ (ସମିସ):

ବୟସ ୬୫ ପରେ। ଜୀବନର ଅନେକ ବସନ୍ତ ଅତିକ୍ରମ କରିସାରିଛନ୍ତି। କିନ୍ତୁ ମନରେ ଏବେ ବି ରହିଛି ସେହି ଯୁବକାଳର ସୃଜନଶୀଳତା। କେତେବେଳେ ମଞ୍ଚରେ ଅଭିନୟ, ଆଉ କେତେବେଳେ ହାତରେ ତୂଳୀ। ପୁଣି କେତେବେଳେ ମାଟିକୁ ନିଜ ହାତର ସ୍ୱର୍ଶରେ ଦେଇଛନ୍ତି ଜୀବନ୍ତ ରୂପ। ଦୀର୍ଘ ପାଞ୍ଚ ଦଶନ୍ଧି ଧରି କଳାକୁ ନିଜ ଜୀବନର ସାଥୀ କରି ଆସିଥିବା ଏଭଳି ଜଣେ କଳାପ୍ରେମୀ ହେଉଛନ୍ତି ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତ ଶ୍ରୀରାମପୁର ଗ୍ରାମର କାର୍ତ୍ତିକ ଜେନା। ଏହି ଗ୍ରାମର ସ୍ୱର୍ଗତ ସୁନନ୍ଦ ଜେନାଙ୍କ ନିକଟରୁ ମାଟିରେ ଗଢ଼ା ମୂର୍ତ୍ତି ଓ ମୃତ୍ତିକା କଳାର ପ୍ରାଥମିକ ଶିକ୍ଷା ଲାଭ କରିଥିଲେ କାର୍ତ୍ତିକ। କାଦୁଅ ପିଣ୍ଡୁଳାକୁ ହାତରେ ଧରି ତାହାକୁ ଏକ ସୁନ୍ଦର ରୂପ ଦେବାର ଗୁଣ ତାଙ୍କୁ ଛୋଟ ବେଳୁ ଆକର୍ଷିତ କରିଥିଲା। ଧୀରେ ଧୀରେ ଏହି ଆଗ୍ରହ ତାଙ୍କ ଜୀବନର ଏକ ବଡ଼ ଅଂଶ ପାଲଟିଗଲା। କାର୍ତ୍ତିକ ଜେନାଙ୍କ କଳା ଯାତ୍ରା କେବଳ ଚିତ୍ରକଳା କିମ୍ବା ମୂର୍ତ୍ତି ଗଢ଼ିବାରେ ସୀମିତ ନୁହେଁ। ୧୯୭୪ ମସିହାରୁ ସେ ଡ୍ରାମା, ଯାତ୍ରା, ଅଭିନୟ ଜଗତରେ ପାଦ ଥାପିଥିଲେ। ରଙ୍ଗମଞ୍ଚ ତାଙ୍କୁ ଦେଇଥିଲା ନିଜ ଭାବନାକୁ ପ୍ରକାଶ କରିବାର ସୁଯୋଗ। ଅଭିନୟ ମାଧ୍ୟମରେ ଚରିତ୍ରକୁ ଜୀବନ୍ତ କରିବା ଓ ମୃତ୍ତିକା କଳା ମାଧ୍ୟମରେ ନିର୍ଜୀବ ମାଟିକୁ ଜୀବନ୍ତ ରୂପ ଦେବା ଏହି ଦୁଇଟି କଳା ତାଙ୍କ ଜୀବନର ଦୁଇଟି ଭିନ୍ନ ଦିଗ ହୋଇଥିଲେ ମଧ୍ୟ ମୂଳରେ ରହିଛି ଗୋଟିଏ ସୃଜନଶୀଳ ମନ।




୧୯୮୩ ମସିହାରେ କାର୍ତ୍ତିକ ଜେନା ସାଧୁଗୌରେଶ୍ୱର ମହାବିଦ୍ୟାଳୟ ବୋଉଲାଙ୍ଗ କଲେଜର ବାଣିଜ୍ୟ ବିଭାଗର ବେଷ୍ଟ ଛାତ୍ର ଥିଲେ। ସେ ସମୟରେ କଲେଜ ନିର୍ବାଚନରେ ଡ୍ରାମାଟିକ ସେକ୍ରେଟାରୀ ଭାବେ ନିର୍ବାଚିତ ମଧ୍ୟ ହୋଇଥିଲେ। ପାଠପଢ଼ା ସହ କଳା ପ୍ରତି ତାଙ୍କର ଆକର୍ଷଣ ମଧ୍ୟ ଜାରି ରହିଥିଲା। ଜୀବନକୁ ନିଜ ଇଚ୍ଛା ଅନୁସାରେ ଗଢ଼ିବାର ସ୍ୱପ୍ନ ଥିଲା। କିନ୍ତୁ ପରିବାରର ଆର୍ଥିକ ପରିସ୍ଥିତି ସବୁବେଳେ ତାଙ୍କ ପଥରେ ବାଧକ ସାଜିଥିଲା। ଭୁବନେଶ୍ୱରସ୍ଥିତ ବାଳକୃଷ୍ଣ ସରକାରୀ ଚିତ୍ରକଳା ଶିକ୍ଷାକେନ୍ଦ୍ରରେ ସେ ଚିତ୍ରକଳା ଶିକ୍ଷା ଗ୍ରହଣ କରିଥିଲେ। ତିନି ବର୍ଷର ଶିକ୍ଷାକ୍ରମ ମଧ୍ୟରୁ ପ୍ରାୟ ଏକ ବର୍ଷ ଶିକ୍ଷା ନେବା ପରେ ପରିବାରର ଆର୍ଥିକ ସମସ୍ୟା ଯୋଗୁଁ ତାଙ୍କୁ ଚିତ୍ରକଳା ଶିକ୍ଷା ଅଧୁରା ରଖି ଫେରିଆସିବାକୁ ପଡ଼ିଥିଲା। ସ୍ୱପ୍ନ ଅଧୁରା ରହିଗଲା, କିନ୍ତୁ କଳା ପ୍ରତି ଭଲପାଇବା ଅଧୁରା ରହିଲା ନାହିଁ।

ଜୀବନର ଏହି ଘଟଣାଗୁଡ଼ିକ ତାଙ୍କୁ ଭାଙ୍ଗି ଦେଇନଥିଲା। ବରଂ ପୁଣି ତାଙ୍କୁ ଟାଣି ଆଣିଥିଲା ସେହି କଳାର ଦୁନିଆକୁ ଯେଉଁଠି ଚେକଟା ମାଟି, ରଙ୍ଗ ଓ ତୂଳୀ ତାଙ୍କର ନିରବ ସାଥୀ ହୋଇଥିଲେ। କାର୍ତ୍ତିକଙ୍କ ହାତରେ ମାଟି କେବଳ ମାଟି ହୋଇ ରହେନାହିଁ। ତାଙ୍କ ହାତର ସ୍ୱର୍ଶ ପାଇବା ପରେ ଏହା ଧୀରେ ଧୀରେ ଏକ ରୂପ ନିଏ। ମୂର୍ତ୍ତି ଗଢ଼ିବା ସମୟରେ ତାଙ୍କ ଆଖିରେ ଥାଏ ଏକାଗ୍ରତା ଓ ମନରେ ଥାଏ ସୃଜନର ଭାବନା। ସରକାରୀ ହସ୍ତଶିଳ୍ପ ବିଭାଗ ଅନୁସାରେ ମାଟିକୁ ଗଢ଼ି ଶୁଖାଇ ବିଭିନ୍ନ ଆକୃତି ତିଆରି କରିବା ଏକ ପାରମ୍ପରିକ କାରିଗରୀ ପ୍ରକ୍ରିୟା। ସେହି ପରମ୍ପରାର ଛାପ ନିଜ ସାଧନାରେ ବହନ କରି ଆସୁଛନ୍ତି ଶ୍ରୀରାମପୁରର କଳାକାର କାର୍ତ୍ତିକ। ପୁରସ୍କାର ଓ ସମ୍ମାନଠାରୁ ବଡ଼ କଳା ପ୍ରତି ନିଷ୍ଠା ଦୀର୍ଘ କଳାଜୀବନ ମଧ୍ୟରେ କଳାକାର କାର୍ତ୍ତିକ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ଓ ସମ୍ମାନିତ ହୋଇଥିବା ଜଣାପଡ଼ିଛି। ବିଭିନ୍ନ ସାଂସ୍କୃତିକ କମିଟି ସହ ମଧ୍ୟ ସେ ଜଡ଼ିତ ରହିଛନ୍ତି। କଳା ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର ଦୀର୍ଘ ଅବଦାନ ତାଙ୍କୁ ସ୍ଥାନୀୟ ସାଂସ୍କୃତିକ ପରିସରରେ ଏକ ପରିଚିତ କରିଛି। ବୟସ ବଢ଼ିଛି, ଅଭିଜ୍ଞତା ବଢ଼ିଛି, ଜୀବନର ଅନେକ ଘାତପ୍ରତିଘାତ ଦେଖିଛନ୍ତି। ତଥାପି ଆଜି ବି ତାଙ୍କ ମନରେ ରଙ୍ଗ ଓ ମାଟି ପ୍ରତି ସେହି ପୁରୁଣା ଆକର୍ଷଣ ରହିଛି। କାର୍ତ୍ତିକଙ୍କ ଜୀବନ ଯେପରି ଏକ ଅଧୁରା କାନ୍‌ଭାସ। ଯେଉଁଥିରେ କିଛି ରଙ୍ଗ ଦୁଃଖର, କିଛି ସଂଘର୍ଷର, କିଛି ସଫଳତାର ଓ ସବୁଠାରୁ ଅଧିକ ରଙ୍ଗ ରହିଛି କଳା ପ୍ରତି ଅସୀମ ଭଲପାଇବାର। ମାଟିରୁ ମୂର୍ତ୍ତି, କାଗଜରେ ଚିତ୍ର ଓ ମଞ୍ଚରେ ଅଭିନୟ ତିନିଟି ଭିନ୍ନ ମାଧ୍ୟମ, କିନ୍ତୁ ଲକ୍ଷ୍ୟ ଗୋଟିଏ। ନିଜ ଭିତରର ସୃଜନଶୀଳତାକୁ ସମାଜ ସାମ୍ନାରେ ରଖିବା। ସେଥିପାଇଁ କାର୍ତ୍ତିକ ଜେନା କେବଳ ଜଣେ ମୂର୍ତ୍ତିକାର କିମ୍ବା ଚିତ୍ରଶିଳ୍ପୀ ନୁହନ୍ତି ସେ ନିଜ ଜୀବନକୁ ମଧ୍ୟ କଳାର ରଙ୍ଗରେ ଆଙ୍କି ଚାଲିଥିବା ଜଣେ ନିରବ କଳାସାଧକ।

ସକାଳ
THE SAKALA

# ସମ୍ପାଦକୀୟ



ସଫଳତାର ତିନି ମନ୍ତ୍ର ହେଉଛି - ସ୍ଥିରତା, ଧୈର୍ଯ୍ୟ ଓ ଦୃଢ଼ତା।
-ବିବେକାନନ୍ଦ

## ପରିସଂଖ୍ୟାନର 'ଭଙ୍ଗାଗ୍ଲାସ ତତ୍ତ୍ୱ'

ଧାରାଯାଉ ଗୋଟିଏ ଟେବୁଲ୍ ଉପରେ ଥିବା ଦୁଇଟି କାଚଗ୍ଲାସ୍ ଭିତରୁ ଗୋଟିକର ମନରେ ହଠାତ୍ ହୀନମନ୍ୟତା ଜନ୍ମ ନେଲା। ସେ ଭାବିଲା ମୁଁ ତା'ଠାରୁ ବଡ଼ କାହିଁକି ନୁହେଁ? କିନ୍ତୁ ଆକୃତିକୁ ବଡ଼ କରିବା ତା' ସାଧ୍ୟ ବାହାରେ। ଏଣୁ ସେ ଅନ୍ୟ ଗ୍ଲାସ୍‌ଟିକୁ ଭାଙ୍ଗି ଦେଲା। ଏଥର ତୁଳନାତ୍ମକ ଭାବେ ସେ ଅନ୍ୟ ଠାରୁ ବଡ଼ ହୋଇଗଲା। ଗତ ଅଗଷ୍ଟ ୩୧ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ଚଳିତ ଆର୍ଥିକ ବର୍ଷର ଏପ୍ରିଲ୍-ଜୁନ୍(ପ୍ରଥମ ତ୍ରୈମାସ)ର ଅର୍ଥନୈତିକ ଅଭିବୃଦ୍ଧି ହାରକୁ ନେଇ ସେପରି କିଛି ବିତର୍କ ଓ ବିବାଦ ସୃଷ୍ଟି ହୋଇଛି।

ସରକାରଙ୍କ ଦାବି ହେଉଛି ମଧ୍ୟପ୍ରାଚ୍ୟ ଯୁଦ୍ଧ ସମଗ୍ର ବିଶ୍ୱର ଅର୍ଥନୀତିକୁ ପ୍ରଭାବିତ କରିଥିବା ବେଳେ ଭାରତ ଏକ ବ୍ୟତିକ୍ରମ। ତେଣୁ ଅର୍ଥନୈତିକ ଅଭିବୃଦ୍ଧି ହାର ସମସ୍ତ ସମ୍ଭାବନା ଓ ଆଶଙ୍କାକୁ ଭୁଲ୍ ପ୍ରମାଣିତ କରି ୭.୮%ରେ ପହଞ୍ଚି ଉଦାହରଣ ସୃଷ୍ଟି କରିଛି। ଭାରତ ସରକାରଙ୍କ ବିତ୍ତୀୟ ସୁପରିଚାଳନା ଯୋଗୁଁ ଏହା ସମ୍ଭବ ହୋଇପାରିଛି ଏବଂ ଭାରତୀୟ ଅର୍ଥନୀତି ପ୍ରତି ଆସ୍ଥା ଅତୁଟ ରହିଛି। ଅପରପକ୍ଷରେ ବିରୋଧୀ ଦଳର ଅଭିଯୋଗ ହେଉଛି ତଥ୍ୟକୁ ବିଭ୍ରାନ୍ତ କରି ଲୋକଙ୍କ ଆଗରେ ଏହି ଅତିରଞ୍ଜିତ ପରିସଂଖ୍ୟାନ ପ୍ରକାଶ କରାଯାଇଛି ଏବଂ ବାସ୍ତବତାଠାରୁ ବହୁ ଦୂରରେ ଭାରତୀୟ ଅର୍ଥନୀତି ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଚକ୍ଷଣ ଅର୍ଥନୀତିଜ୍ଞ ରଘୁରାମ୍ ରାଜନଙ୍କ ସମେତ ଅର୍ଥନୀତି ବିଶାରଦମାନଙ୍କର ଗୋଟିଏ ମହଲ ଅଭିବୃଦ୍ଧି ପରିସଂଖ୍ୟାନକୁ ଅତିରଞ୍ଜିତ କରି ପ୍ରକାଶ କରାଯାଇଥିବା ମତ ଦେଇଛନ୍ତି। ସ୍ୱେଚ୍ଛାକୃତ ଅବସର ନେଇଥିବା କେନ୍ଦ୍ର ସରକାରଙ୍କ ପୂର୍ବତନ ଅର୍ଥ ସଚିବ ସୁଭାଷ ଗର୍ଗଙ୍କ ଆକଳନ ଅନୁଯାୟୀ ଯଦି ଗତବର୍ଷର ଏହି ସମୟର ଅଭିବୃଦ୍ଧି ହାରକୁ ସଂଶୋଧନ କରି କମ୍ କରାଯାଇ ନ ଥା'ନ୍ତା(ଅନ୍ୟ ଗ୍ଲାସ୍‌ଟିକୁ ଭାଙ୍ଗି ଦିଆଯାଇ ନଥା'ନ୍ତା) ତେବେ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକ ଅର୍ଥନୈତିକ ଅଭିବୃଦ୍ଧି ହାର ମାତ୍ର ୨.୬%ରେ ସୀମିତ ରହିଥା'ନ୍ତା। ତେଣୁ ଏହା ଆଶାତୀତ ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଉଥିଲେ ମଧ୍ୟ ବାସ୍ତବରେ ନୈରାଶ୍ୟଜନକ।

ବଜାର ଅର୍ଥନୀତି, ବ୍ୟାଙ୍କିଙ୍ଗ ଋଣ ବଜାର, ସରକାରଙ୍କ ଚାଲୁ ଖାତା ନିଅଣ୍ଟ ଆଦିକୁ ତର୍ଜମା କଲେ ଗର୍ଗ ମହୋଦୟଙ୍କ ଆକଳନକୁ ଭୁଲ୍ ବୋଲି କହିହେବ ନାହିଁ। ଆରବିଆଇର ତଥ୍ୟାନୁଯାୟୀ, ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ଭାରତର କରେଣ୍ଟ ଆକାଉଣ୍ଟ ଡେଫିସିଟ୍(ସିଏଡି) ୪୨୦ କୋଟି ଡଲାର(ଜିଡିପିର ୦.୫%)କୁ ବୃଦ୍ଧି ପାଇଛି। ଗତବର୍ଷ ସମାନ ସମୟରେ ସିଏଡି ଥିଲା ୩୪୦ କୋଟି ଡଲାର। ବାଣିଜ୍ୟ ନିଅଣ୍ଟ ପରିମାଣ ୮୬୧୦ କୋଟି ଡଲାରକୁ ବୃଦ୍ଧି ପାଇଛି। ସେବା କ୍ଷେତ୍ରର ଏବଂ ପ୍ରବାସୀ ଭାରତୀୟଙ୍କ ଅର୍ଥ ପ୍ରେରଣରୁ ଗତ ବର୍ଷ ତୁଳନାରେ ଯାହା ଅଧିକ ଆୟ ହୋଇଛି ତାହା ଉପରୋକ୍ତ କ୍ଷତିକୁ କିଛି ପରିମାଣରେ ଭରଣା କରିପାରିଛି। ପୁଞ୍ଜି ଆୟ ପୂର୍ବବର୍ଷର ୧୩୩୦ କୋଟି ଡଲାରରୁ ୧୦୫୦ କୋଟି ଡଲାରକୁ ହ୍ରାସ ପାଇଛି। ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜି ନିବେଶ ଗତବର୍ଷ ତୁଳନାରେ ୯୦ କୋଟି ଡଲାର ବୃଦ୍ଧି ପାଇଥିଲେ ମଧ୍ୟ ୯୬୦ କୋଟି ଡଲାର ମୂଲ୍ୟର ବୈଦେଶିକ ପରୋକ୍ଷ ପୁଞ୍ଜି ପ୍ରତ୍ୟାହାର ହୋଇଛି। ଗତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ଏହି ପରିମାଣ ଥିଲା ମାତ୍ର ୧୬୦ କୋଟି ଡଲାର। ବୈଦେଶିକ ମୁଦ୍ରା ପାଣ୍ଠିରେ ବର୍ଷକ ଭିତରେ ୮୧୦ କୋଟି ଡଲାରର ହ୍ରାସ ଘଟିଛି। ଅପରପକ୍ଷରେ ବ୍ୟାଙ୍କରୁ ଶିଳ୍ପ ଋଣ ପରିମାଣ ବିଗତ ଦଶନ୍ଧିର ସର୍ବୋଚ୍ଚ ସ୍ତର ୧୯.୨%, ସେବା କ୍ଷେତ୍ରରେ ୨୧.୪% ଏବଂ ବ୍ୟକ୍ତିଗତ ଋଣ ୧୫.୮%କୁ ବୃଦ୍ଧି ପାଇଛି। ଏହା କମ୍ପାନୀମାନଙ୍କର ଉତ୍ପାଦନ ବୃଦ୍ଧି, କାର୍ଯ୍ୟକାରୀ ଖର୍ଚ୍ଚ ହ୍ରାସ ଏବଂ ବିକ୍ରି ବୃଦ୍ଧିରେ ସହାୟକ ହୋଇଥିବାରୁ ଅର୍ଥନୀତିକ ଅଭିବୃଦ୍ଧି ହାରରେ ପ୍ରତିଫଳିତ ହୋଇଛି।

ସରକାରୀ ତଥ୍ୟ ଓ ପରିସଂଖ୍ୟାନକୁ ଯେତେ ମାଡ଼ିମକଚି ସାର୍ବଜନିନ କଲେ ମଧ୍ୟ ଅନ୍ୟ ବାଟ ଦେଇ ନକାରାତ୍ମକ ସ୍ଥିତିର ସୂଚନା ଆତ୍ମପ୍ରକାଶ କରୁଛି। ବିଳାସଠାରୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ପର୍ଯ୍ୟନ୍ତ ଏଭଳି କୌଣସି ଖାଉଟି ସାମଗ୍ରୀ ନାହିଁ, ଯାହାର ଦର ନିୟନ୍ତ୍ରଣରେ ରହିଛି। ନିତିଦିନିଆ ବଜାର ସହିତ ପ୍ରତ୍ୟକ୍ଷ ସମ୍ପୃକ୍ତ ଯେକୌଣସି ବର୍ଗର ନାଗରିକ ଏହା ସ୍ୱୀକାର କରିବାକୁ ବାଧ୍ୟ। ଖାଉଟି ବଜାର ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି। ସୁନାରେ ନିମ୍ନ-ମଧ୍ୟବିତ୍ତ ଆଉ ହାତ ମାରିପାରୁନି। ତେଣୁ ଅତି ଆବଶ୍ୟକ ନଥିଲେ ସୁନା ନ କିଣିବା ଏବଂ ବିଦେଶ ଭ୍ରମଣ ନ କରିବା ପାଇଁ ପ୍ରଧାନମନ୍ତ୍ରୀ ପୁଣି ଥରେ ଦେଶବାସୀଙ୍କ ଆହ୍ୱାନ ଦେଇଛନ୍ତି। ସ୍ୱାସ୍ଥ୍ୟ ବା ଚିକିତ୍ସା ଖର୍ଚ୍ଚ ଯେଉଁ ହାରରେ ବଢ଼ୁଛି ସେଥିରେ ଗରିବ ଦୂରେ ଥାଉ ନିମ୍ନମଧ୍ୟବିତ୍ତ ପାଇଁ ଏକପ୍ରକାର ଅପହଞ୍ଚ ହୋଇଚାଲିଛି। ଗୋଟିଏ ପଟେ ସରକାରୀ ଶିକ୍ଷା ଏତେ ଅବ୍ୟବସ୍ଥିତ ଓ ବିଶୃଙ୍ଖଳିତ ଯେ ଅଭିଭାବକମାନେ ବାଧ୍ୟ ହୋଇ ସେମାନଙ୍କ ପିଲାଙ୍କ ଭବିଷ୍ୟତକୁ ଚାହିଁ ଘରୋଇ ସ୍କୁଲ୍‌ରେ ନାମ ଲେଖାଇବାକୁ ଉଚିତ ମଣୁଛନ୍ତି। ଏହାର ସୁଯୋଗ ନେଇ ଘରୋଇ ବିଦ୍ୟାଳୟମାନେ ମନ ଇଚ୍ଛା ଫି' ବଢ଼ାଇ ଚାଲିଛନ୍ତି। ଏବେ ଦେଶର ଅର୍ଥନୀତି ଜନସଂଖ୍ୟାର ମାତ୍ର ୫% ମୁଷ୍ଟିମେୟ ହାତରେ ଠୁଳ ହୋଇଛି ଏବଂ ଅବଶିଷ୍ଟ ୯୫% ଲୋକଙ୍କର ଜୀବନ ସଂଘର୍ଷ ବଢ଼ିଚାଲିଛି।

ଏହାସତ୍ତ୍ୱେ ସରକାରଙ୍କ ତଥ୍ୟ କହୁଛି ଯେ ଭାରତୀୟ ଅର୍ଥନୀତି ଠିକ୍ ବାଟରେ ଯାଉଛି। ଏହାକୁ କେବଳ ଏକ ବିଡ଼ମ୍ବନା ଓ ଆତ୍ମପ୍ରବଞ୍ଚନା ବୋଲି କୁହାଯାଇପାରେ। ଅଭିବୃଦ୍ଧି ହାରକୁ ଉଚ୍ଚା କରି ଦର୍ଶାଇବା ସରକାରଙ୍କୁ ଆତ୍ମସନ୍ତୋଷ ଦେଇଥାଇପାରେ, କିନ୍ତୁ ବାସ୍ତବତାକୁ ଅଧିକ ଦିନ ଧରି ପ୍ରହେଳିକାର କଳାବାଦଲ ତଳେ ଲୁଚାଇ ରଖାଯାଇପାରିବ ନାହିଁ। ଅନ୍ୟଟିକୁ ଭାଙ୍ଗି ନିଜକୁ ବଡ଼ ଘୋଷଣା କରିବାର ମାନସିକତାକୁ ପରିତ୍ୟାଗ କରିପାରିଲେ ଅଭିବୃଦ୍ଧିର ସୁଫଳ ଜନସାଧାରଣଙ୍କ ପାଖରେ ପହଞ୍ଚିବ।

## 'ନିଶାମୁକ୍ତ ଭାରତ': କଥାରେ ନିବାରଣ, କାମରେ ପ୍ରସାରଣ

ପ୍ରହଲାଦ କୁମାର ସିଂହ

'ମଦ ପାଇଁ 'ସୁଭଦ୍ରା' ଟଙ୍କା ଦେଲାନି ବୋଲି ସ୍ତ୍ରୀକୁ ମାରି ପୋତିଦେଲା- ବାଡ଼ିରୁ ମାଟିଖୋଳି ଶବ ଉଦ୍ଧାର କଲା ପୁଲିସ: ସ୍ୱାମୀ ଗିରଫ।' ଏହି ମାମଲାରେ ଢେଙ୍କାନାଳ ପୁଲିସ ବାଡ଼ିରୁ ମାଟି ଖୋଳି କୌଶଲ୍ୟା ପ୍ରଧାନଙ୍କ ଶବ ଉଦ୍ଧାର କରିବା ସହ ତାଙ୍କ ସ୍ୱାମୀ ଗିରିଶକୁ ଗିରଫ କରିଛି। କୌଶଲ୍ୟାଙ୍କୁ ହତ୍ୟା ଓ ଗିରିଶର ଗିରଫ ପରେ ତାଙ୍କର ଛୋଟଛୋଟ ଚାରି ପିଲା ଏକ ପ୍ରକାର ଅନାଥ ହୋଇଯାଇଛନ୍ତି।

ଏଠାରେ ଉଲ୍ଲେଖନୀୟ ଯେ ୨୦୨୪ ସାଧାରଣ ନିର୍ବାଚନ ବେଳେ ବିଜେପି ପକ୍ଷରୁ ରାଜ୍ୟର ସମସ୍ତ ମହିଳାଙ୍କୁ ୫୦ ହଜାର ଟଙ୍କା କରି ଅର୍ଥ ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା। ଏହିକ୍ରମରେ ୫ ହଜାର ଟଙ୍କିଆ କିସ୍ତିରେ ୫ବର୍ଷରେ ୫୦ ହଜାର ଟଙ୍କା ଦେବା ପାଇଁ ଘୋଷଣା କରାଯାଇଛି। ଏବେ ଓଡ଼ିଶାରେ କୋଟିଏରୁ ଅଧିକ ମହିଳାଙ୍କୁ 'ସୁଭଦ୍ରା' ଯୋଜନାରେ କିସ୍ତି ପିଛା ୫ ହଜାର ଟଙ୍କା କରି ମିଳୁଛି। ଏହି ଅର୍ଥ ପାଉଥିବା ମହିଳାଙ୍କ ଭିତରୁ ୧୭ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ହୋଇସାରିଲେଣି ବୋଲି ପ୍ରଚାର ଚାଲିଛି। ତେବେ 'ସୁଭଦ୍ରା' କିସ୍ତି ମିଳିବା ପରେ ନିଶା ପାଣି ପାଇଁ ଏହି ଅର୍ଥ କେମିତି ଛଡ଼ାଇ ନିଆଯାଉଛି ଏବଂ ସେଥିଲାଗି ହିତାଧିକାରୀଙ୍କ ଜୀବନ ଯାଉଛି ତା'ର ବହୁ ଘଟଣା ଭିତରୁ କୌଶଲ୍ୟା ପ୍ରଧାନଙ୍କ ହତ୍ୟା ହେଉଛି ଗୋଟିଏ।

ଆମ ପବିତ୍ର ସମ୍ବିଧାନର ୪୭ ଧାରା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ନିଶା ନିବାରଣର ଆବଶ୍ୟକତା କଥା ବଖାଣିଥାଏ। ବର୍ତ୍ତମାନର ପ୍ରଚଳିତ ଓଡ଼ିଶା ଅବକାରୀ ଆଇନ୍‌ର ୯୩ ଧାରାରେ ବି ନିଶା ନିବାରଣ କଥା ଉଲ୍ଲେଖ ରହିଛି। ପୂର୍ବରୁ ଥିବା ବିହାର-ଓଡ଼ିଶା ଅବକାରୀ ଆଇନ୍‌ର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବି ନିଶା ନିବାରଣ ଆଡ଼କୁ ସୂଚାଉଥିଲା। ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ପ୍ରଣୀତ 'ଓଡ଼ିଶା ନିଶା ନିବାରଣ ଆଇନ୍-୧୯୫୬'କୁ ଇତିମଧ୍ୟରେ ୭୦ ବର୍ଷ ପୂରିଥିଲେ ମଧ୍ୟ ଓଡ଼ିଶାରେ ନିଶା ନିବାରିତ ହେବା ପରିବର୍ତ୍ତେ ପ୍ରସାରିତ ହୋଇ ଚାଲିଛି।

୨୦୨୪ ନିର୍ବାଚନବେଳେ ବିଜେପି ପକ୍ଷରୁ ସଂକଳ୍ପପତ୍ର ମାଧ୍ୟମରେ ଦିଆଯାଇଥିବା 'ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି'ରେ ଉତ୍କୃଷ୍ଟ ଜୀବନ ପାଇଁ ଓଡ଼ିଶାକୁ ନିଶାମୁକ୍ତ କରିବା ଲାଗି ଘୋଷଣା କରାଯାଇଥିଲା। ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠିତ ହେବା ପରେ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକରେ ଜନସାଧାରଣଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ ପାଇଁ ଘୋଷଣା କରାଯାଇଥିଲା। ସରକାରଙ୍କ ପକ୍ଷରୁ ବି କରାଯାଉଥିବା ବ୍ୟୟବହୁଳ ପ୍ରଚାରରେ 'କଥା ଦେଇ କଥା ରଖିଲେ ମୋହନ ସରକାର' ଓ 'ନିଶା ନୁହଁ ଜୀବନ ଚାହୁଁ' ଭଳି ଅନେକ ବାର୍ତ୍ତା ଫ୍ଲେକ୍ସ, ହୋର୍ଡିଂ ଓ ବିଜ୍ଞାପନ ମାଧ୍ୟମରେ ଦିଆଯାଇଛି। କେନ୍ଦ୍ର ସରକାର ପ୍ରାୟ ୬ବର୍ଷ ଧରି ଚଳାଇଥିବା 'ନିଶାମୁକ୍ତ ଭାରତ' ଅଭିଯାନରେ ଓଡ଼ିଶାର ୩୦ଟି ଜିଲ୍ଲାକୁ ସାମିଲ କରି କୋଟିକୋଟି ଟଙ୍କା ବ୍ୟୟ ହୋଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର 'ନିଶାମୁକ୍ତ ଭାରତ' ପ୍ରସଙ୍ଗ ଦୋହରାଇଛନ୍ତି। ତେବେ ଏଥିଯୋଗୁଁ ନିଶା କେତେ କମିଛି କି ବଢ଼ିଛି ତା'ର ହିସାବ କିନ୍ତୁ କେହି ଦେଉ ନାହାନ୍ତି।

ଓଡ଼ିଶା ସରକାର ଇତିମଧ୍ୟରେ ଅବକାରୀ ନୀତି-୨୦୨୬-୨୯ ଜାରି କରିଛନ୍ତି। ଏଥିରେ ଓଡ଼ିଶାକୁ ନିଶାମୁକ୍ତ କରିବା ଲାଗି କୌଣସି ଘୋଷଣା ନାହିଁ। ତେବେ ଏହି ନୀତିରେ ମଦ ଉପରେ ବିଭିନ୍ନ କିସମର ଶୁଳ୍କ ବୃଦ୍ଧି ସହିତ ନିଶାଡ଼ିଙ୍କ ଲାଗି ନିଶା ନିବାରଣ କେନ୍ଦ୍ର ସ୍ଥାପନ ପାଇଁ ଉଲ୍ଲେଖ ରହିଛି। ପୂର୍ବ ବ୍ୟବସ୍ଥାରେ ମଦ ଉଠାଣ ପାଇଁ ଥିବା ସର୍ବନିମ୍ନ ଗ୍ୟାରେଣ୍ଟି କୋଟା (ଏମ୍‌ଜିକ୍ୟୁ)ର ପରିବର୍ତ୍ତନ କରାଯାଇ ସର୍ବନିମ୍ନ ଗ୍ୟାରେଣ୍ଟେଡ୍ ଏକ୍ସାଇଜ୍ ରେଭେନ୍ୟୁ (ଏମ୍‌ଜିଇଆର୍) ବ୍ୟବସ୍ଥା ଲାଗୁ କରାଯାଇଛି। ବନ୍ଦ ଥିବା ଅନେକ ମଦ ଦୋକାନ ଖୋଲାଯିବା ସଂଗେସଂଗେ ରାସ୍ତାଘାଟ, ହାଟବଜାର, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ଧର୍ମାନୁଷ୍ଠାନ ଆଦି ନିକଟରେ ବି ନିଶା ବେପାର ପାଇଁ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ବୋତଲ ପରିବର୍ତ୍ତେ ଟେଟ୍ରା ପ୍ୟାକ୍‌ରେ ମଦ ଯୋଗାଣ ଓ କେତେକ ସ୍ଥାନରେ ମଦ କାରଖାନା ଖୋଲିବା ସହିତ ସମୁଦ୍ର, ନଦୀ, ଝରଣା ସମେତ ଜଳ ଉତ୍ସଗୁଡ଼ିକ ନିକଟରେ ମଦ କୁଡ଼ିଆ ସ୍ଥାପନ ଲାଗି ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ହିସାବ ମୁତାବକ ୨୦୨୦-୨୧ ବର୍ଷରେ ସରକାର ପ୍ରାୟ ୨୦ କୋଟି ଲିଟର ମଦ ଯୋଗାଇଥିବା ବେଳେ ୨୦୨୪-୨୫ ବର୍ଷରେ ଏହାର ପରିମାଣ ୪୦କୋଟି ୧୭ଲକ୍ଷ ଲିଟରକୁ ଟପିଯାଇଛି। ଲାଇସେନ୍ସପ୍ରାପ୍ତ ଦୋକାନଗୁଡ଼ିକ ମାଧ୍ୟମରେ ଯେତେ ମଦ କାରବାର ହେଉଛି ତା'ର ଢେର ଅଧିକ ଗୁଣ ଚୋରାରେ ମିଳୁଛି। ଏମିତିକି କିଛି ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ବିଭାଗୀୟ କର୍ତ୍ତୃପକ୍ଷ ଖୋଦ୍ ରାଜଧାନୀରେ ନକଲି ମଦ ଧରି ନଷ୍ଟ କରିବା ସମ୍ବାଦ ମଧ୍ୟ ପ୍ରକାଶ ପାଇଛି। କେବଳ ମଦ ନୁହେଁ; ଓଡ଼ିଶାରେ ଚରସ, ହେରୋଇନ୍, ବ୍ରାଉନସୁଗାର, ଗଞ୍ଜେଇ, ଅଫିମ, କଫ ସିରପ ସମେତ ଅନ୍ୟାନ୍ୟ ନିଶା ସାମଗ୍ରୀର ଲଗାମଛଡ଼ା ବେପାର ଚାଲିଛି।

ସରକାରୀ ତଥ୍ୟ ଅନୁଯାୟୀ ୨୦୦୦-୦୧ ବର୍ଷରେ ଓଡ଼ିଶାର ଅବକାରୀ ରାଜସ୍ୱ ପରିମାଣ ୧୩୫ କୋଟି ୩୫ଲକ୍ଷ ଟଙ୍କା ଥିବା ବେଳେ ଏହା ବଢ଼ିବଢ଼ି ୨୦୨୬-୨୭ ବର୍ଷରେ ୧୦ ହଜାର ୯୦୦ କୋଟି ଟଙ୍କା ହେବ ବୋଲି ବଜେଟ୍‌ରେ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ନିଶା କାରବାର ବୃଦ୍ଧି ପାଉଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟରୁ ଜଳଜଳ ବାରି ହୋଇଯାଉଛି। ଓଡ଼ିଶା ସରକାରଙ୍କ ପ୍ରଣୀତ ଯୁବନୀତିର ୯ମ ଅନୁଚ୍ଛେଦରେ ଯୁବ ସମାଜ ଭିତରେ ନିଶାର ପ୍ରାବଲ୍ୟ ଘେନି ଉଦ୍‌ବେଗ ପ୍ରକାଶ ପାଇବା ସଂଗେସଂଗେ 'ଆଲ୍‌କହଲ୍ ମୁକ୍ତ ଗ୍ରାମ' ପ୍ରତିଷ୍ଠା ପାଇଁ କୁହାଯାଇଥିଲା। କିନ୍ତୁ ବାସ୍ତବରେ ଅଧିକରୁ ଅଧିକ ଲୋକଙ୍କୁ ଆମ ରାଜ୍ୟରେ ନିଶାଯୁକ୍ତ କରାଯାଉଛି।

ଗୋଟିଏ ବାକ୍ୟରେ କହିଲେ ନିଶା ପ୍ରସାର ଯୋଗୁଁ ବ୍ୟକ୍ତି, ପରିବାର, ସମାଜ ଓ ରାଜ୍ୟ ଓ ଦେଶ ଉଜୁଡ଼ିବାରେ ଲାଗିଛି। କୌଣସି ଧର୍ମ ନିଶା ସେବନର ସପକ୍ଷରେ ନ ଥିବା ବେଳେ ଅନେକ ଧର୍ମାନୁଷ୍ଠାନରେ ବି ନିଶାଡ଼ିଙ୍କ ପ୍ରାବଲ୍ୟ ବଢ଼ୁଛି। ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ବିଧିରେ ନିଶାଡ଼ି କର୍ମଚାରୀଙ୍କ ପ୍ରତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ଥିବା ବେଳେ ବହୁ ସ୍ଥଳେରେ ସରକାରୀ ଦପ୍ତର, ଅତିଥିଶାଳା, ଡାକବଙ୍ଗଳା ଆଦିରେ ନିଶାଡ଼ିଙ୍କ ଭିଡ଼ ବଢ଼ୁଛି। ସରକାରୀ ପରିସଂଖ୍ୟାନ ମୁତାବକ ଗୋଟିଏ ଗୋଟିଏ ବର୍ଷରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ୧ ପ୍ରତିଶତରୁ ବି କମ୍। ଏମିତିକି ୫ବର୍ଷରେ ବି ଅନେକ ଜିଲ୍ଲାରେ ଅବକାରୀ ମାମଲାରେ ଜଣେ ହେଲେ ଦଣ୍ଡିତ ହୋଇନଥିବା କଥା ଖୋଦ୍ ସରକାର ବିଧାନସଭାରେ ସ୍ୱୀକାର କରୁଛନ୍ତି। ଅତୀତରେ ଭାରତ ସରକାରଙ୍କ ମହାଲେଖାକାର (ସିଏଜି) ତାଙ୍କ ରିପୋର୍ଟରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ଓଡ଼ିଶାରେ ଯଥେଷ୍ଟ କମ୍ ରହୁଥିବା ଘେନି ଉଦ୍‌ବେଗ ପ୍ରକାଶ କରିବା ଏବଂ ଏହି ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହେବାର ନଜିର ରହିଛି। ନିର୍ବାଚନ ବେଳେ ଭୋଟରଙ୍କୁ ଆକର୍ଷିତ କରିବାର ବିଭିନ୍ନ ସାମଗ୍ରୀ ସହିତ ଅର୍ଥ ଓ ମଦ ବଣ୍ଟନ ଏକ ଖରାପ ପରମ୍ପରାରେ ପଡ଼ିଛି। ଏହି ସମୟରେ ବି ବିପୁଳ ପରିମାଣର ନିଶା ସାମଗ୍ରୀ ଜବତ ହୋଇଥାଏ। ଏଭଳି ସ୍ଥିତିରେ ମଦ ସମେତ ଅନ୍ୟାନ୍ୟ ନିଶା ଆମ ଗଣତନ୍ତ୍ର ପାଇଁ ଯେ ବିପଜ୍ଜନକ ତାହା କହିବା ନିଷ୍ପ୍ରୟୋଜନ। ନିଶା ବେପାରକୁ ଦଳମତ ନିର୍ବିଶେଷରେ ସରକାର ଚଳାଉଥିବା ବ୍ୟକ୍ତିବିଶେଷ ପୃଷ୍ଠପୋଷକତା ଦେବାରୁ ନିଶା ରାକ୍ଷସର ଦୌରାତ୍ମ୍ୟ ବଢ଼ିବଢ଼ି ଚାଲିଛି।

ସ୍ୱାଧୀନତା ସଂଗ୍ରାମ ବେଳେ ନିଶା ନିବାରଣ ଏକ ଘୋଷିତ ପ୍ରତିଶ୍ରୁତି ଥିଲା। ମଦ ଦୋକାନ ଆଗରେ ପିକେଟିଂ କରି ଅନେକ ସଂଗ୍ରାମୀ ଜେଲ୍ ଯାଉଥିଲେ। ଅନ୍ୟପକ୍ଷରେ ସ୍ୱାଧୀନତା ପ୍ରାପ୍ତିର ୧୦୦ ବର୍ଷ ୨୦୪୭ରେ ପାଳିତ ହେବାକୁ ଯାଉଥିବା ବେଳେ ଆମ ରାଜ୍ୟରେ ନିଶାର ସ୍ଥିତି ଚିନ୍ତାଜନକ ରହିଛି। କୁହାଯାଏ- ଗୋଟିଏ ଟଙ୍କାର ଅବକାରୀ ରାଜସ୍ୱ ପାଇଁ କ୍ଷତିର ପରିମାଣ ୧୦୦ ଟଙ୍କା। ଏଭଳି ସ୍ଥିତିରେ ଅବକାରୀ ରାଜସ୍ୱ ବଢ଼ିବା ଯୋଗୁଁ ବର୍ଷକୁ ବର୍ଷ କ୍ଷତି ବଢ଼ିବଢ଼ି ଅମୃତ କାଳକୁ ବିଷ ବଳୟ ମଧ୍ୟକୁ ଠେଲି ଦେଉଛି।

ଗୁଜରାଟ ଓ ବିହାର ଭଳି ରାଜ୍ୟ ଯଦି ଅବକାରୀ ରାଜସ୍ୱକୁ ଉପେକ୍ଷା କରି ନିଶା ନିବାରଣକୁ ଆପଣାଇ ପାରିଛନ୍ତି ତେବେ ଏ କ୍ଷେତ୍ରରେ ଓଡ଼ିଶା କାହିଁକି ପଛରେ ପଡ଼ିଛି? ନିଶା ନିବାରଣ ହେଲେ ଚୋରା ନିଶା କାରବାର ବଢ଼ିଯିବ ବୋଲି ବିତଣ୍ଡା ଯୁକ୍ତି ଉଠାଯାଏ। ନିଶା ବେପାରୀଙ୍କ ନିକଟରେ ଏହା ବ୍ୟବସ୍ଥାର ଆତ୍ମସମର୍ପଣ ସଦୃଶ। ବଳାତ୍କାର, ଚୋରି ଆଦି ବୃଦ୍ଧି ପାଇଲେ ସରକାର କ'ଣ ଅପରାଧୀମାନଙ୍କୁ ଅପରାଧ ଘଟାଇବା ଲାଗି ଲାଇସେନ୍ସ ଦେବେ? ନିଶା ସେବନ ଓ ନିଶା ଯୋଗାଣକୁ ଅପରାଧ ପର୍ଯ୍ୟାୟଭୁକ୍ତ କରି କଠୋର ଦଣ୍ଡ ଦିଆଗଲେ ଚୋରା ନିଶା ବେପାର ହୁଅନ୍ତା ନାହିଁ।

ଯେଉଁମାନେ ଶାସନ ଚଳାଉଛନ୍ତି ସେମାନେ ଯଦି ନିଶା ବ୍ୟାପାରରେ ସାମାନ୍ୟ ସଚେତନ ହୋଇଯାଆନ୍ତେ ତେବେ ବହୁ ସମସ୍ୟାର ସରଳ ଓ ସହଜ ସମାଧାନ ହୋଇପାରନ୍ତା। କିନ୍ତୁ କଥାରେ ନିଶା ନିବାରଣ ଥିବା ବେଳେ କାମରେ କିନ୍ତୁ ଘଟୁଛି ନିଶା ପ୍ରସାରଣ। ବାସ୍ତବରେ ନିଶାମୁକ୍ତ ଭାରତ ଅଭିଯାନ ଓଡ଼ିଶାରେ 'ଯାଦୁଆ ବିକୁଛି ଯାଦୁର ମଲମ- ମଦୁଆ ଉଡ଼ାଏ ନିଶା ନିବାରଣ ବାନା' ପରି ଜଣାପଡୁଛି।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ବେସରକାରୀ ସ୍କୁଲରୁ ସରକାରୀ ଚାକିରି ସ୍ୱପ୍ନ

ଦେବଦତ୍ତ ଦାଶ



ଆମ ସମାଜରେ ଗୋଟିଏ ଅଦ୍ଭୁତ ବିରୋଧାଭାସ ଦେଖିବାକୁ ମିଳୁଛି। ସରକାରୀ ଚାକିରି ପାଇଁ ଯୁବପିଢ଼ି ବର୍ଷ ବର୍ଷ ଧରି ପରିଶ୍ରମ କରୁଛି। ସରକାରୀ ଚାକିରି ମିଳିଲେ ତାହାକୁ ସଫଳତାର ପ୍ରତୀକ ବୋଲି ଧରାଯାଉଛି। କିନ୍ତୁ ସେହି ସରକାରୀ ବ୍ୟବସ୍ଥାର ଏକ ମୁଖ୍ୟ ଅଂଶ ସରକାରୀ ବିଦ୍ୟାଳୟ ନିଜ ପିଲାଙ୍କ ପାଇଁ ଅନେକଙ୍କ ପ୍ରଥମ ପସନ୍ଦ ହୋଇପାରୁନାହିଁ। ଏହା କେବଳ ପସନ୍ଦର ପ୍ରଶ୍ନ ନୁହେଁ। ଏହା ଆମ ଶିକ୍ଷା ବ୍ୟବସ୍ଥା ପ୍ରତି ଲୋକଙ୍କ ବିଶ୍ୱାସର ପ୍ରଶ୍ନ। ଜଣେ ଶିକ୍ଷକ ହେବାକୁ ହେଲେ କେତେ ପରିଶ୍ରମ କରିବାକୁ ପଡ଼େ! ଶିକ୍ଷାଗତ ଯୋଗ୍ୟତା, ଶିକ୍ଷକ ପ୍ରଶିକ୍ଷଣ, ଯୋଗ୍ୟତା ପରୀକ୍ଷା, ନିଯୁକ୍ତି ପରୀକ୍ଷା ଏବଂ ଚୟନ ପ୍ରକ୍ରିୟାର ଅନେକ ପାହାଚ ଚଢ଼ିବା ପରେ ଜଣେ ସରକାରୀ ଶିକ୍ଷକ ହେବାର ସୁଯୋଗ ପାଆନ୍ତି। ତେବେ ପ୍ରଶ୍ନ ହେଉଛି ଏତେ ଜଟିଳ ପ୍ରକ୍ରିୟା ଦେଇ ଚୟନ ହୋଇଥିବା ଶିକ୍ଷକଙ୍କ ବିଦ୍ୟାଳୟରେ ନିଜ ପିଲାଙ୍କୁ ପଢ଼ାଇବା ପାଇଁ ଅଭିଭାବକ କାହିଁକି ଦ୍ୱିଧା କରୁଛନ୍ତି? ଏହି ପ୍ରଶ୍ନର ଉତ୍ତର ଖୋଜିବା ଆବଶ୍ୟକ।

ବେସରକାରୀ ବିଦ୍ୟାଳୟ ନିଶ୍ଚିତ ଭାବେ ଶିକ୍ଷା କ୍ଷେତ୍ରରେ ନିଜର ଅବଦାନ ରଖିଛି। ଅନେକ ଭଲ ବେସରକାରୀ ବିଦ୍ୟାଳୟ ଉଚ୍ଚମାନର ଶିକ୍ଷା, ଶୃଙ୍ଖଳା ଓ ଭଲ ପରିବେଶ ଦେଉଛନ୍ତି। ସେମାନଙ୍କର ଭଲ କାମକୁ ଅସ୍ୱୀକାର କରିବାର କୌଣସି କାରଣ ନାହିଁ। କିନ୍ତୁ ସମସ୍ୟା ସେତେବେଳେ ଆରମ୍ଭ ହୁଏ, ଯେତେବେଳେ ଶିକ୍ଷା ସେବାରୁ ବ୍ୟବସାୟରେ ପରିଣତ ହେବାକୁ ଲାଗେ। କେତେକ ବେସରକାରୀ ବିଦ୍ୟାଳୟରେ ଅତ୍ୟନ୍ତ କମ୍ ପାରିଶ୍ରମିକରେ ଶିକ୍ଷକଙ୍କୁ କାମ କରାଯାଉଥିବା ଅଭିଯୋଗ ରହିଛି। ଅନ୍ୟପଟେ ଅଭିଭାବକଙ୍କଠାରୁ ଆଡମିଶନ୍ ଫିସ୍, ମାସିକ ଫିସ୍, ପୁସ୍ତକ, ୟୁନିଫର୍ମ, ପରିବହନ ଓ ବିଭିନ୍ନ ଦେୟ ନାମରେ ଅଧିକ ଅର୍ଥ ନିଆଯାଉଥିବା ନେଇ ଅଭିଯୋଗ ହୁଏ।

ଯଦି ଜଣେ ଶିକ୍ଷକଙ୍କ ଶ୍ରମର ମୂଲ୍ୟ ଏତେ କମ୍, ତେବେ ସେହି ଶିକ୍ଷକଙ୍କଠାରୁ ଉଚ୍ଚମାନର ଶିକ୍ଷାଦାନର ଆଶା କରିବା କେତେ ଯୁକ୍ତିଯୁକ୍ତ? ଏଠି ଆଉ ଏକ ପ୍ରଶ୍ନ। ଅଭିଭାବକଙ୍କଠାରୁ ଆଦାୟ ହେଉଥିବା ଫିସ୍ ଓ ଶିକ୍ଷକଙ୍କୁ ଦିଆଯାଉଥିବା ଦରମା ମଧ୍ୟରେ ଏତେ ବଡ଼ ତଫାତ୍ କାହିଁକି? ଶିକ୍ଷା କେବଳ ଭବନ, ରଙ୍ଗୀନ ପୋଷାକ କିମ୍ବା ଇଂରାଜୀ ମାଧ୍ୟମର ନାମ ନୁହେଁ। ଶିକ୍ଷା ହେଉଛି ଜଣେ ପିଲାର ଚିନ୍ତାଧାରା, ଚରିତ୍ର, ଜ୍ଞାନ ଓ ଭବିଷ୍ୟତ ଗଢ଼ିବାର ପ୍ରକ୍ରିୟା। ତେଣୁ ଶିକ୍ଷକଙ୍କ ଯୋଗ୍ୟତା, ଶିକ୍ଷାଦାନର ମାନ ଓ ପିଲାଙ୍କ ପ୍ରତି ବ୍ୟବହାର - ଏସବୁ ଉପରେ ସମାନ ଗୁରୁତ୍ୱ ଦିଆଯିବା ଦରକାର। ଆଉ ଏକ ଗୁରୁତର ପ୍ରସଙ୍ଗ ହେଉଛି - ଗରିବ ଓ ମଧ୍ୟବିତ୍ତ ପରିବାର। ଯେଉଁ ପରିବାରର ମାସିକ ଆୟ ସୀମିତ, ସେମାନେ ପିଲାଙ୍କ ଭଲ ଶିକ୍ଷା ପାଇଁ ନିଜର ଆବଶ୍ୟକତାକୁ କାଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କେବଳ ସମାଜରେ ନିଜ ପିଲା ପଛରେ ପଡ଼ି ନ ଯାଉ - ଏହି ଭୟରେ ଅନେକ ଅଭିଭାବକ ବେସରକାରୀ ସ୍କୁଲକୁ ବାଛୁଛନ୍ତି। ଏହା ଏକ ମାନସିକତାର ପ୍ରଶ୍ନ।

ସରକାରୀ ସ୍କୁଲଗୁଡ଼ିକ ଗରିବଙ୍କ ସ୍କୁଲ - ଏହି ଧାରଣା କିଏ ସୃଷ୍ଟି କଲା? ଯଦି ସରକାରୀ ବିଦ୍ୟାଳୟ ସତରେ ଦୁର୍ବଳ, ତେବେ ତାହାକୁ ଦୁର୍ବଳ ରଖିବା ନୁହେଁ; ଶକ୍ତିଶାଳୀ କରିବା ଦରକାର। ଯଦି ଶିକ୍ଷାଦାନରେ ସମସ୍ୟା ଅଛି, ତେବେ ଦାୟିତ୍ୱ ନିର୍ଦ୍ଧାରଣ କରିବା ଦରକାର। ଯଦି ଭିତ୍ତିଭୂମିର ଅଭାବ ଅଛି, ତେବେ ତାହା ପୂରଣ କରିବା ଦରକାର। କେବଳ ସରକାରୀ ସ୍କୁଲକୁ ନିନ୍ଦା କଲେ ସମସ୍ୟାର ସମାଧାନ ହେବ ନାହିଁ। ଆମେ ଏମିତି ଏକ ସରକାରୀ ଶିକ୍ଷା ବ୍ୟବସ୍ଥା ଚାହୁଁ, ଯେଉଁଠି ଜଣେ ଶ୍ରମିକଙ୍କ ପିଲା ଏବଂ ଜଣେ ଅଧିକାରୀଙ୍କ ପିଲା ଦୁହେଁ ସମାନ ଗର୍ବରେ ପଢ଼ିପାରିବେ। ଏହି ପରିବର୍ତ୍ତନର ଆରମ୍ଭ ହେବା ଦରକାର ଆମ ଘରୁ।

ସରକାରୀ ଚାକିରି ପାଇବା ପାଇଁ ଯେଉଁ ବ୍ୟବସ୍ଥା ଉପରେ ଆମର ଭରସା ରହିଛି, ସେହି ବ୍ୟବସ୍ଥାର ସ୍କୁଲ ଉପରେ ଭରସା କାହିଁକି ନାହିଁ? ଏହି ପ୍ରଶ୍ନର ଉତ୍ତର କେବଳ ସରକାର ଦେବେ ନାହିଁ; ଶିକ୍ଷକ, ଅଭିଭାବକ, ବେସରକାରୀ ଶିକ୍ଷାନୁଷ୍ଠାନ ଓ ସମଗ୍ର ସମାଜକୁ ମିଶି ଦେବାକୁ ପଡ଼ିବ। କାରଣ ଶିକ୍ଷା ବଜାରରେ ବିକ୍ରି ହେଉଥିବା କୌଣସି ସାମଗ୍ରୀ ନୁହେଁ। ଶିକ୍ଷା ହେଉଛି ଆଗାମୀ ପିଢ଼ିର ଭବିଷ୍ୟତ। ଏହାକୁ ବ୍ୟବସାୟର ହିସାବ ନୁହେଁ, ଦାୟିତ୍ୱର ମାପକାଠିରେ ମାପିବାର ସମୟ ଆସିଛି।

କେନ୍ଦ୍ରାପଡ଼ା, ମୋ: ୯୯୩୭୨୨୭୯୯୪


## କୋଇଲି ପୂଜନ

### ଈଶ୍ୱରୀୟ ଦୂତ, ବସନ୍ତର ବାର୍ତ୍ତାବହ

ଓଜସ୍ୱିନୀ

ବିଦେଶୀୟ ଧର୍ମ ଓ ସଂସ୍କୃତିରେ ମଧ୍ୟ କୋଇଲିକୁ ଈଶ୍ୱରୀୟ ଦୂତ ଭାବେ ବିବେଚନା କରାଯାଉଛି। ଜାପାନରେ କୋଇଲିକୁ ବସନ୍ତ ଋତୁର ଆଗମନର ଦିବ୍ୟ ବାର୍ତ୍ତାବହ ଏବଂ ତା'ର କୁହୁତାନକୁ ଅତ୍ୟନ୍ତ ପବିତ୍ର ବୋଲି କୁହାଯାଏ। କାରଣ ଏହି ଶବ୍ଦ ନକାରାତ୍ମକ ଶକ୍ତି ଦୂର କରିଥାଏ ବୋଲି ବିଶ୍ୱାସ କରାଯାଏ। ପ୍ରକୃତି ପୂଜନର ଶକ୍ତିସ୍ଥଳ 'ସିନ୍ତୋ ମନ୍ଦିର'ରେ ମଧ୍ୟ କୋଇଲି ସହିତ ବିଭିନ୍ନ ପକ୍ଷୀଙ୍କୁ ସ୍ମରଣ କରାଯାଏ। ପ୍ରାଚୀନ ଗ୍ରୀକ୍ ସଭ୍ୟତା ଅନୁଯାୟୀ ୟୁନାନ୍‌ରେ କୋଇଲିକୁ ବିବାହ ଏବଂ ପରିବାରର ଦେବୀ 'ହେରା'ଙ୍କ ପବିତ୍ର ପକ୍ଷୀ ବୋଲି ବିବେଚନା କରାଯାଉଥିଲା। ୟୁନାନ୍‌ର ପୌରାଣିକ କଥା ଅନୁସାରେ ଦେବତାଙ୍କ ରାଜା 'ଜ୍ୟୁସ୍' ଦେବୀ ହେରାଙ୍କୁ ଆକର୍ଷିତ କରିବା ପାଇଁ ନିଜକୁ ଗୋଟିଏ କ୍ଷତାକ୍ତ କୋଇଲିର ରୂପ ଧାରଣ କରିଥିଲେ। ତେଣୁ ଗ୍ରୀସ୍‌ର ଅନେକ ମନ୍ଦିର ଏବଂ ମୂର୍ତ୍ତିଗୁଡ଼ିକରେ ହେରା ଦେବୀଙ୍କ ହାତରେ ଗୋଟିଏ ରାଜଦଣ୍ଡ ଥାଏ, ଯାହାର ଉପର

#### ବିଚିତ୍ର ବିଶ୍ୱାସ



ଭାଗରେ ଗୋଟିଏ କୋଇଲିର ମୂର୍ତ୍ତି ଦେଖିବାକୁ ମିଳେ।

ୟୁରୋପୀୟ ଦେଶଗୁଡ଼ିକରେ କୋଇଲିକୁ ସ୍ୱର୍ଗୀୟ ଦୂତ ବୋଲି କୁହାଯାଏ, ଯାହାର ସ୍ୱର ପ୍ରକୃତି ପାଇଁ ସୁନ୍ଦରତା ଆଣିଥାଏ। ୟୁରୋପ୍‌ର ପ୍ରାଚୀନ ସେଲ୍‌ଟିକ୍ ଓ ନାର୍ଡିକ୍ ଜନଜାତିରେ କୋଇଲିକୁ ବସନ୍ତର ଦେବୀ 'ଫ୍ରେୟା' ଭାବେ ପୂଜା କରୁଥିଲେ। ଆୟରଲ୍ୟାଣ୍ଡ ଓ ସ୍କଟ୍‌ଲ୍ୟାଣ୍ଡର ପୁରାତନ ପରମ୍ପରାରେ କୋଇଲିର ପ୍ରଥମ ତାନ ଶୁଣିବା ସମୟରେ ଧନସମୃଦ୍ଧି ଓ ସୌଭାଗ୍ୟର କାମନା କରାଯାଇ ବିଶେଷମନ୍ତ୍ର ଉଚ୍ଚାରଣ କରାଯାଉଥିଲା। ଏଭଳି କରିବା ଦ୍ୱାରା ବର୍ଷ ସାରା ପରିବାରରେ ଧନସମୃଦ୍ଧି ଓ ସୌଭାଗ୍ୟ ଆସିଥାଏ ବୋଲି ବିଶ୍ୱାସ କରାଯାଉଥିଲା। ସେହିଭଳି ଆଫ୍ରିକାର ଅନେକ ଜନଜାତି କୋଇଲିକୁ ବର୍ଷା, ପ୍ରଚୁରତା ଓ ଉତ୍ପାଦନର ଦେବତା ଭାବେ ପୂଜା କରୁଥିଲେ। କୋଇଲିର ତାନ ଶୁଣିବା ପରେ ଭଲ ଫସଲ ଅମଳ ହେବା ଆଶାରେ କୋଇଲି ଦେବତାଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ କରାଯାଉଥିଲା।

ସାଇବେରିଆର ୟାକୁତିୟା ଅଞ୍ଚଳର 'ଶାଖା' ଜନଜାତି କୋଇଲିକୁ ଋତୁର ଦେବୀ ଏବଂ ପ୍ରକୃତିର ଆତ୍ମା ସ୍ୱରୂପ ମାନ୍ୟତା ପ୍ରଦାନ କରାଯାଉଥିଲା। ତେଣୁ କୋଇଲିର ସ୍ୱର ଶୁଣିବା ପରେ ପ୍ରକୃତିର ଆତ୍ମା ପୁଣିଥରେ ଫେରିଆସୁଥିଲା ଏବଂ ପ୍ରକୃତି ପୁର୍ନଜନ୍ମ ପାଉଥିଲା ବୋଲି ବିଶ୍ୱାସ ରହିଥିଲା। ଏହାର ଖୁସି ପାଳନ ଉପଲକ୍ଷେ ଉତ୍ସବର ଆୟୋଜନ କରାଯାଉଥିଲା। ରୁଷ୍‌ର ପ୍ରାଚୀନ 'ମାରି' ଜନଜାତି ପ୍ରକୃତି ପୂଜକ ଭାବେ କୋଇଲିକୁ ବହୁତ ପ୍ରାଧାନ୍ୟ ଦେଉଥିଲେ। ସେମାନେ ବିଶ୍ୱାସ କରୁଥିଲେ ଯେ, କୋଇଲିର ସ୍ୱର ଅତ୍ୟନ୍ତ ପବିତ୍ର ଏବଂ ତାହା ପରଲୋକ ସହିତ ଜଡ଼ିତ। ଏହି ସ୍ୱର ମାଧ୍ୟମରେ ସେମାନେ ନିଜର ପୂର୍ବଜମାନଙ୍କର ଆଶୀର୍ବାଦ ପ୍ରାପ୍ତ କରୁଛନ୍ତି ଏବଂ ଭବିଷ୍ୟତ ସମ୍ପର୍କିତ କାର୍ଯ୍ୟକଳାପର ଅନୁମାନ କରିପାରିବେ ବୋଲି ବିଶ୍ୱାସ କରୁଥିଲେ।

ତେବେ କେବଳ ଆଧ୍ୟାତ୍ମିକ ଦୃଷ୍ଟିରୁ ନୁହେଁ, ବରଂ କଳା, ସଂସ୍କୃତି, ସାହିତ୍ୟ ଓ ସାମାଜିକ ଚଳଣିରେ ମଧ୍ୟ କୋଇଲିର ମହତ୍ତ୍ୱ ପ୍ରତିପାଦିତ ହୋଇଛି। ଭାରତ ଭଳି ବିଦେଶୀୟ ସାହିତ୍ୟରେ କୋଇଲିକୁ ପ୍ରେମ ଓ ସମର୍ପଣର ପ୍ରତୀକ ଭାବେ ବିବେଚେନା କରି ଅନେକ କାହାଣୀ, କବିତା ଓ ଉପନ୍ୟାସ ରଚନା କରାଯାଇଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।




ଶୁକ୍ରବାର
୪ ସେପ୍ଟେମ୍ବର, ୨୦୨୬




## ଏସିଏଫ୍ ସୌମ୍ୟରଂଜନଙ୍କ ମୃତ୍ୟୁ ମାମଲା

# ପତ୍ନୀ ବିଦ୍ୟାଭାରତୀଙ୍କ ଆବେଦନର ରାୟ ସଂରକ୍ଷିତ

କଟକ,୩।୯ (ସମିସ): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଂଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ପାରଳାଖେମୁଣ୍ଡି ଏସଡିଜେଏମ ଅଦାଲତରେ ବିଚାରାଧୀନ ମାମଲା ବିରୋଧରେ ପତ୍ନୀ ବିଦ୍ୟାଭରତୀ ପଣ୍ଡାଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। ଜଷ୍ଟିସ ଶିବଶଙ୍କର ମିଶ୍ର ଆଜି ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ପୂର୍ବରୁ ବିଦ୍ୟାଭାରତୀଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରାଯାଇଥିବା ବେଳେ ଇତିମଧ୍ୟରେ ତତ୍କାଳୀନ ପାରଳାଖେମୁଣ୍ଡି ଡିଏଫ୍ଓ ସଂଗ୍ରାମ କେଶରୀ ବେହେରାଙ୍କ ଦୌରା ଅଦାଲତରେ ଜାମିନ ଖାରଜ ହୋଇ ସେ ଜେଲ୍‌ରେ ଅଛନ୍ତି ବୋଲି ଦର୍ଶାଯାଇଥିଲା। ମାମଲାରୁ ପ୍ରକାଶ ଯେ ୨୦୨୧, ଜୁଲାଇ ୧୨ ରାତିରେ ନିଜ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନଙ୍କ ସନ୍ଦେହଜନକ ଅବସ୍ଥାରେ ପୋଡି ମୃତ୍ୟୁ ଘଟଣାରେ ସୌମ୍ୟରଞ୍ଜନଙ୍କ ପତ୍ନୀ, ତତ୍କାଳୀନ ଡିଏଫ୍ଓ ସଂଗ୍ରାମ କିଶୋର ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ସଂପୃକ୍ତି ଥିବା ପରିବାର ତରଫରୁ ଅଭିଯୋଗ କରାଯାଇଥିଲା। ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ମହାପାତ୍ରଙ୍କ ପ୍ରୋଟେଷ୍ଟ ପିଟିସନ ଆଧାରରେ ଉପରୋକ୍ତ ୩ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଦଫା ୩୦୨ ଓ ୧୨୦-ଖ'ରେ ଏସଡିଜେଏମ ଅଦାଲତ କଗନିଜାନ୍ସ ଗ୍ରହଣ କରିଥିଲେ। ଏହି ମାମଲା ବିରୋଧରେ ବିଦ୍ୟାଭାରତୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲା

# ଭୀମସେନ ଟୁଡୁଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ

କଟକ,୩।୯ (ସମିସ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ନିଲମ୍ବିତ ଓଟିଏଏସ ଅଧିକାରୀ ଭୀମସେନ ପ୍ରସାଦ ଟୁଡୁଙ୍କୁ ଆଜି ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ୫୦ହଜାର ଟଙ୍କା ଜମାନତ ରାଶି ସହ ଦୁଇ ଜଣ ଜାମିନଦାରଙ୍କ ବଦଳରେ ଜାମିନ ଆବେଦନକୁ ମଞ୍ଜୁର କରିଛନ୍ତି। ଏହି ମାମଲାର କୌଣସି ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ। ଯଦି କୌଣସି ସାକ୍ଷୀ ଅଭିଯୋଗ କରନ୍ତି ଯେ ଟୁଡୁ ଏହି ସର୍ତ୍ତ ଭାଙ୍ଗିଛନ୍ତି, ତେବେ ସେମାନେ ସିଧାସଳଖ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଜଣାଇପାରିବେ। ମାମଲାରୁ ପ୍ରକାଶ ଯେ ବାରଙ୍ଗ ଥାନାରେ ରୁଜୁ ଏହି ମାମଲାରେ ସମ୍ଭାବ୍ୟ ଗିରଫଦାରୀ ଏଡାଇବା ପାଇଁ ଚନ୍ଦ୍ରିକାଙ୍କ ପୁରୁଷ ବନ୍ଧୁ ଭୀମସେନ ପ୍ରସାଦ ଟୁଡୁ ପ୍ରଥମେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ଏହା ଖାରଜ ହେବା ପରେ ପୁଲିସ ଭୀମସେନଙ୍କୁ ଗିରଫ କରିଥିଲା। ପ୍ରକାଶଥାଉକି କାଠଯୋଡି ନଦୀ କୂଳ ତ୍ରିଶୂଳିଆ ନେତାଜୀ ସେତୁ ତଳୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଅଧ୍ୟୟନ କରୁଥିବା ମୟୂରଭଞ୍ଜ ଅଞ୍ଚଳର ୨୮ ବର୍ଷୀୟା ଏମବିବିଏସ ତୃତୀୟ ବର୍ଷ ଛାତ୍ରୀ ଚନ୍ଦ୍ରିକାଙ୍କ ମୃତଦେହ ଗତ ଜୁନ ୪ ତାରିଖରେ ଉଦ୍ଧାର କରାଯାଇଥିଲା। ଚନ୍ଦ୍ରିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଭୀମସେନଙ୍କ ସହ ଥିବା ସମ୍ପର୍କ ଓ ମାନସିକ ଚାପ ଯୋଗୁଁ ଚନ୍ଦ୍ରିକା ଆତ୍ମହତ୍ୟା କରିଥିଲେ। ଏହି ଅଭିଯୋଗ ପରଠାରୁ ଭୀମସେନ ଫେରାର ଥିଲେ। ପୁଲିସ ଗତ ଜୁନ୍ ୧୩ ତାରିଖରେ ମୟୂରଭଞ୍ଜରୁ ତାଙ୍କୁ ଗିରଫ କରିଥିଲା। ଗିରଫଦାରୀ ପରେ ଶ୍ରୀ ଟୁଡୁଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା।

# +୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ମେଧା ତାଲିକା ପ୍ରକାଶିତ

- ନାମଲେଖା ପାଇଁ ଚୟନ ହେଲେ ୪୯,୭୭୮ ଛାତ୍ରଛାତ୍ରୀ
- ୭ ରୁ ୧୦ ତାରିଖ ମଧ୍ୟରେ ନାମଲେଖା; ୧୨ରୁ ସ୍ପଟ୍ ଆବେଦନ

ଭୁବନେଶ୍ୱର, ୩।୯ (ସମିସ): ଯୁକ୍ତ ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରଥମ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇଛି। ସମୁଦାୟ ୪୯ ହଜାର ୭୭୮ ଜଣ ନାମଲେଖା ପାଇଁ ଚୟନ ହୋଇଛନ୍ତି। ତନ୍ମଧ୍ୟରୁ ନୂତନ ଭାବେ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିଥିବା ୨୭ ହଜାର ୬୫୧ ଜଣ ଛାତ୍ରଛାତ୍ରୀ ରହିଛନ୍ତି। କଳାରେ ସର୍ବାଧିକ ୨୬,୬୭୩ ଜଣ ପିଲା ନାମଲେଖା ପାଇଁ ଚୟନ ହୋଇଥିବାବେଳେ ବିଜ୍ଞାନରେ ୧୩,୯୨୫ ଜଣ, ବାଣିଜ୍ୟରେ ୪୫୬୯, ଧନ୍ଦାମୂଳକରେ ୧୮୪୬ ଓ ଉପଶାସ୍ତ୍ରୀରେ ୨୭୭୫ ଜଣ ଚୟନ ହୋଇଛନ୍ତି। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୭ ରୁ ୧୦ ତାରିଖ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମଲେଖାଇ ପାରିବେ। ଏହି ରାଉଣ୍ଡର ନାମଲେଖା ସରିବା ପରେ ସିଧାସଳଖ ସ୍ପଟ୍ ନାମଲେଖା ହେବ। ଏଥିପାଇଁ ୧୨ରୁ୧୬ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍‌ରେ ଆବେଦନ କରିବେ। ସେପ୍ଟେମ୍ବର ୨୧ ରେ ସ୍ପଟ୍ ନାମଲେଖା ପାଇଁ ୱେଟିଂ ତାଲିକା ପ୍ରକାଶ ପାଇବ। ତାଲିକାରେ ସ୍ଥାନ ପାଇଥିବା ପିଲାମାନେ ୨୨ରୁ ୨୫ ତାରିଖ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ କରିବେ। ୨୬ ରେ ମେଧା ତାଲିକା ପ୍ରକାଶ ପାଇବା ପରେ ୨୯ ତାରିଖ ମଧ୍ୟରେ ସ୍ପଟ୍ ନାମଲେଖା ସରିବ। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ଆବେଦନ କରି ନଥିବା ୩୩ ହଜାର ୩୫୦ ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭୋଟର ତାଲିକାରୁ...

ତାଲିକାରେ ତାଙ୍କ ନାମ ସାମ୍ନାରେ 'ସ୍ଥାୟୀ ଭାବେ ସ୍ଥାନାନ୍ତରିତ' ବୋଲି ଉଲ୍ଲେଖ ରହିଛି। ରାଘବ ଏହି ଘଟଣାକୁ ରାଜନୈତିକ ପ୍ରତିଶୋଧ ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସେ ପଞ୍ଜାବରୁ ନିର୍ବାଚିତ ବର୍ତ୍ତମାନର ରାଜ୍ୟସଭା ସାଂସଦ। ତେଣୁ ତାଙ୍କ ନାମକୁ ଖସଡ଼ା ଭୋଟର ତାଲିକାରେ ରଖି ଦାବି ଓ ଆପତ୍ତି ଦଥା ଅଭିଯୋଗ ପ୍ରକ୍ରିୟା ସମୟରେ ଆବଶ୍ୟକ ଦଲିଲ ଯାଞ୍ଚ କରିବାର ସୁଯୋଗ ଦିଆଯିବା ଉଚିତ ଥିଲା। ଚଢ଼ାଙ୍କ ଅଭିଯୋଗ ଅନୁସାରେ, ତାଙ୍କୁ 'ସ୍ଥାନାନ୍ତରିତ' ବୋଲି ଚିହ୍ନଟ କରିବା କେବଳ ଏକ ସାଧାରଣ କାର୍ଯ୍ୟାଳୟୀୟ ତ୍ରୁଟି ନୁହେଁ। ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ସେ ଦାବି କରିଛନ୍ତି। ତେବେ ଏହା ଖସଡ଼ା ତାଲିକା ହୋଇଥିବାରୁ ନିୟମ ଅନୁଯାୟୀ ଦାବି ଓ ଆପତ୍ତି ଦାଖଲ କରି ତାଙ୍କ ନାମକୁ ଚୂଡ଼ାନ୍ତ ତାଲିକାରେ ପୁଣି ସାମିଲ କରାଇବା ପାଇଁ ସେ ପଦକ୍ଷେପ ନେଉଥିବା କହିଛନ୍ତି। ରାଘବଙ୍କ ଅଭିଯୋଗକୁ ପଞ୍ଜାବ ସରକାର ଓ ଆମ୍ ଆଦମୀ ପାର୍ଟି ଖଣ୍ଡନ କରିଛନ୍ତି। ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି, ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନିର୍ବାଚନ ଆୟୋଗ ପକ୍ଷରୁ କରାଯାଉଛି। ଏଥିରେ ପଞ୍ଜାବ ସରକାରଙ୍କ କୌଣସି ଭୂମିକା ନାହିଁ। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ମଧ୍ୟ ନିର୍ବାଚନ ଆୟୋଗ ଦ୍ୱାରା ନିଯୁକ୍ତ ଅଧିକାରୀ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମ୍ ଆଦମୀ ପାର୍ଟି ମଧ୍ୟ ଚଢ଼ାଙ୍କ ଅଭିଯୋଗକୁ ରାଜନୈତିକ ଭାବେ ଭିତ୍ତିହୀନ ବୋଲି କହିଛି। ଦଳର ମତରେ, ଚଢ଼ା ଦିଲ୍ଲୀରେ ରହୁଥିବାରୁ ତାଙ୍କ ଭୋଟର ପଞ୍ଜୀକରଣ ସମ୍ପର୍କରେ ନିଜେ ଆବଶ୍ୟକ ପଦକ୍ଷେପ ନେବା ତାଙ୍କ ଦାୟିତ୍ୱ। ତେଣୁ ଏହି ଘଟଣା ପାଇଁ ପଞ୍ଜାବ ସରକାର କିମ୍ବା ଆମ୍ ଆଦମୀ ପାର୍ଟିକୁ ଦାୟୀ କରିବା ଠିକ୍ ନୁହେଁ ବୋଲି ଦଳ କହିଛି। ପଞ୍ଜାବର ଖସଡ଼ା ଭୋଟର ତାଲିକା ଅଗଷ୍ଟ ୧୩ରେ ପ୍ରକାଶ ପାଇଥିଲା। ଏହି ସଂଶୋଧନ ପ୍ରକ୍ରିୟାରେ ପ୍ରାୟ ୨୦.୬୬ ଲକ୍ଷ ଭୋଟରଙ୍କ ନାମ ବାଦ ପଡ଼ିଛି, ଯାହା ଏସ୍‌ଆଇଆର୍ ପୂର୍ବର ମୋଟ ଭୋଟରଙ୍କ ପ୍ରାୟ ୯.୭ ପ୍ରତିଶତ। ବାଦ ପଡ଼ିଥିବା ନାମଗୁଡ଼ିକ ମଧ୍ୟରେ ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ ଓ ଏକାଧିକ ଥର ପଞ୍ଜୀକୃତ ଭୋଟରଙ୍କ ନାମ ରହିଛି। ଚଢ଼ାଙ୍କ ନାମ ମଧ୍ୟ ଏହି ତାଲିକାରେ 'ସ୍ଥାନାନ୍ତରିତ' ଶ୍ରେଣୀରେ ରହିଛି। ତେବେ ଖସଡ଼ା ତାଲିକା ଚୂଡ଼ାନ୍ତ ନୁହେଁ। ତେଣୁ ନାମ ବାଦ ପଡ଼ିଥିବା ଭୋଟରମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରି ନିଜ ନାମ ପୁଣି ସାମିଲ କରାଇପାରିବେ ବୋଲି କୁହାଯାଇଛି।

## ବାଲେଶ୍ୱରରେ ବନ୍ୟା...

୬.୩୦ ମିଟରରେ ୱାର୍ଣ୍ଣିଂ ଲେଭଲ ଉପରେ ସ୍ଥିର ରହିଥିବା ବେଳେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ୫.୯୬ ମିଟର ରହିଛି। ଅନ୍ୟପକ୍ଷରେ ସୁବର୍ଣ୍ଣରେଖା ନଦୀ ୧୦.୫୭ ମିଟରରେ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ତେବେ ଏହାର ଜଳସ୍ତର ମଧ୍ୟ ହ୍ରାସ ରହିଥିବାରୁ ପ୍ରଶାସନ ସ୍ଥିତି ଉପରେ ନିରନ୍ତର ନଜର ରଖିଛି। ବନ୍ୟା ପ୍ରଭାବିତଙ୍କୁ ରିଲିଫ ଯୋଗାଇବା ପାଇଁ ଭୋଗରାଇ, ବସ୍ତା, ଜଳେଶ୍ୱର, ବାଲିଆପାଳ ଓ ରେମୁଣା ବ୍ଲକରେ ୧୧୭ଟି ମାଗଣା ରୋଷେଇ କେନ୍ଦ୍ର ଏବଂ ରିଲିଫ ସେଣ୍ଟର କାର୍ଯ୍ୟକ୍ଷମ ରହିଛି। ଏହି କେନ୍ଦ୍ରଗୁଡ଼ିକରୁ ୫୨,୩୯୩ ଜଣଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଏଥିସହ ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ବଣ୍ଟନ ମଧ୍ୟ ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ୧୫୬୯.୪୨ କ୍ୱିଣ୍ଟାଲ ଚୁଡ଼ା ଓ ୧୫୦.୮୪ କ୍ୱିଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି। ପାନୀୟଜଳ ପାଇଁ ୧,୦୮,୮୫୦ ଗୋଟି ବୋତଲ ପାଣି ଓ ୧୩ଟି ପାଣି ଟ୍ୟାଙ୍କର ଯୋଗାଇ ଦିଆଯାଇଛି। ପଶୁସମ୍ପଦ ପାଇଁ ମଧ୍ୟ ୧୨୬ ମେଟ୍ରିକ୍ ଟନ୍ ଶୁଖିଲା ଗୋଖାଦ୍ୟ ଯୋଗାଣ କରାଯାଇଛି। ଉଦ୍ଧାର ଓ ଜରୁରୀକାଳୀନ ସେବା ପାଇଁ ୪ଟି ଓଡ୍ରାଫ୍ ଟିମ୍, ୪ଟି ଏନ୍‌ଡିଆର୍‌ଏଫ୍ ଟିମ୍, ୪ଟି ମେଡିକାଲ ଟିମ୍ ଓ ୩ଟି ଭେଟେରିନାରୀ ଟିମ୍ ନିୟୋଜିତ ହୋଇଛନ୍ତି। ସମସ୍ତ ବ୍ଲକର ଫାୟାର ସର୍ଭିସ୍ ଟିମ୍ ସହ ଅତିରିକ୍ତ ୪ଟି ଟିମ୍ ମଧ୍ୟ ପ୍ରଭାବିତ ଅଞ୍ଚଳରେ ମୁତୟନ ରହିଛନ୍ତି। ଜିଲ୍ଲା ଓ ବ୍ଲକ ସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଚାଲୁ ରହିଥିବା ବେଳେ ବରିଷ୍ଠ ଅଧିକାରୀମାନେ ମୁତୟନ ହୋଇ ସ୍ଥିତିର ତଦାରଖ କରୁଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ସୁରକ୍ଷା ସହ ସ୍ୱାସ୍ଥ୍ୟ, ପାନୀୟଜଳ, ଖାଦ୍ୟ ଓ ଆବଶ୍ୟକ ସାମଗ୍ରୀ ଯୋଗାଣ ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି। ତଳିଆ ଅଞ୍ଚଳ ଓ ବିପଦପ୍ରବଣ ଅଞ୍ଚଳବାସୀଙ୍କୁ ସତର୍କ ରହିବା ସହ ପ୍ରଶାସନର ନିର୍ଦ୍ଦେଶ ମାନିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ଲୋକମାନେ ଭୟଭୀତ ନହୋଇ ଉଦ୍ଧାରକାରୀ ଦଳ ସହଯୋଗରେ ସୁରକ୍ଷିତ ସ୍ଥାନକୁ ଯିବାକୁ କୁହାଯାଇଛି। ବନ୍ୟା ସ୍ଥିତି ଉପରେ ଜିଲ୍ଲା ପ୍ରଶାସନର ନିରନ୍ତର ନଜର ରହିଥିବା ବେଳେ ପ୍ରଭାବିତ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ଉଦ୍ଧାର, ରିଲିଫ ଓ ଜରୁରୀକାଳୀନ ପଦକ୍ଷେପ ଜାରି ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ସୁବର୍ଣ୍ଣରେଖା ବନ୍ୟା...

ପରିବେଶ ସୃଷ୍ଟି ହୋଇଛି। ବନ୍ୟାଜଳରେ ଏବେ ଚାରିଆଡ଼େ ଜଳମଗ୍ନ। ଘରଦ୍ୱାରଠାରୁ ଆରମ୍ଭ କରି ରାସ୍ତାଘାଟ ଓ ଚାଷଜମି ପର୍ଯ୍ୟନ୍ତ ସବୁଆଡ଼େ କେବଳ ପାଣି ଆଉ ପାଣି। ଏଭଳି ବିପଦପୂର୍ଣ୍ଣ ପରିସ୍ଥିତିରେ ଦୁଇଟି ଜୀବନ ଚାଲିଯିବା ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି। କୁଳିଦା ଗ୍ରାମର ସୁମତି ଜେନା ଗତକାଲି ରାତିରେ ନିଜ ପୁଅ ଓ ଶାଶୂଙ୍କ ସହ ଡଙ୍ଗାରେ ଘର ସମ୍ମୁଖକୁ ଯାଇଥିଲେ। ଘରଦ୍ୱାର ବନ୍ୟାଜଳରେ ବୁଡ଼ିଯାଇଥିବାରୁ ପୁଅକୁ ପାଇଖାନା ନେବା ପାଇଁ ସେମାନେ ଡଙ୍ଗାର ଆଶ୍ରୟ ନେଇଥିଲେ। ଅସାବଧାନତାବଶତଃ ସୁମତିଙ୍କ ପୁଅ ଡଙ୍ଗାରୁ ଭାରସାମ୍ୟ ହରାଇ ବନ୍ୟାଜଳକୁ ଖସିପଡ଼ିଥିଲେ। ନାତିକୁ ବଞ୍ଚାଇବା ପାଇଁ ସୁମତିଙ୍କ ଶାଶୁ ମଧ୍ୟ ବନ୍ୟାଜଳକୁ ଡେଇଁ ପଡ଼ିଥିଲେ। ଏହି ସମୟରେ ସୁମତି ମଧ୍ୟ ନିଜ ପୁଅ ଓ ଶାଶୂଙ୍କୁ ଉଦ୍ଧାର କରିବାକୁ ପାଣିକୁ ଓହ୍ଲାଇଥିଲେ। ସ୍ଥାନୀୟ ଲୋକେ ଉଦ୍ୟମ କରି ପୁଅ ଓ ଶାଶୁଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସୁମତି ବନ୍ୟାଜଳରେ ଫସିଯାଇଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ସୁମତିଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ମାଛ ଧରିବାକୁ ଯାଇ ଶବ ହୋଇ ଫେରିଛନ୍ତି ନାଚିନ୍ଦା ଗ୍ରାମର ସନ୍ନ୍ୟାସୀ ରାଜ। ସନ୍ନ୍ୟାସୀ ବିଲକୁ ମାଛ ଧରିବା ପାଇଁ ବିନ୍ଧା ଜାଲ ମାରିବାକୁ ଯାଇଥିଲେ। ପରେ ଜାଲ ଉଠାଇବା ପାଇଁ ଯାଇଥିବାବେଳେ ସେ ଆଉ ଘରକୁ ଫେରିନଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଶେଷରେ ବନ୍ୟାଜଳରେ ସନ୍ନ୍ୟାସୀଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ତୁରନ୍ତ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଡାକ୍ତର ସନ୍ନ୍ୟାସୀଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କମର୍ଦ୍ଦା ପୁଲିସ ଉଭୟ ଘଟଣାସ୍ଥଳରେ ପହଞ୍ଚି ଦୁଇ ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ କରିଛି। ପୁଲିସ ମୃତଦେହ ଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ସୁବର୍ଣ୍ଣରେଖାର ବନ୍ୟା ଏଥର କେବଳ ଘରଦ୍ୱାର, ରାସ୍ତାଘାଟ ଓ ଚାଷଜମିକୁ ଜଳମଗ୍ନ କରିନାହିଁ, ଦୁଇଟି ପରିବାରର ହସଖୁସିକୁ ମଧ୍ୟ ଛଡ଼ାଇ ନେଇଛି।

## କେନ୍ଦ୍ର ଆମ କଥା...

ଚାଉଳ ଏପର୍ଯ୍ୟନ୍ତ ଉଠିପାରି ନାହିଁ। ଚାଉଳ ଉଠାଇବା ପାଇଁ ସେ ବାରମ୍ବାର ଦିଲ୍ଲୀ ଯାଇ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟୁଥିଲେ ବି କିଛି ଫଳ ମିଳୁ ନ ଥିବା ମନ୍ତ୍ରୀ ପରୋକ୍ଷରେ କହିଛନ୍ତି। ଏମିତିକି 'ଏଇ ଗୋଟାକ ସମସ୍ୟା ଆମକୁ ମାରୁଛି' ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିବାକୁ ବି ପଛାଇ ନାହାନ୍ତି। ଆମର ଉତ୍ପାଦନ ପାଇଁ ଆମେ ଚିନ୍ତିତ ନୁହେଁ, ଉତ୍ପାଦନ ବଢ଼ିବ। ଆମେ ୪୮ ଘଣ୍ଟା ଭିତରେ ୩୦ ହଜାର କୋଟି ଟଙ୍କା ଦେଉଛୁ; କିନ୍ତୁ ଚାଉଳ ଠିକ୍ ସମୟରେ ଉଠୁନାହିଁ। କ'ଣ ପାଇଁ ଅନ୍ୟ ରାଜ୍ୟ ପ୍ରତି ଏଫ୍‌ସିଆଇ ଦରଦ ଦେଖାଉଛି, ଆମ ପାଇଁ ଦରଦ ଦେଖାଇବାକୁ ବିମୁଖ ହେଉଛି; ସେ କଥା ବି ଆମେ ବୁଝି ପାରୁନାହୁଁ ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି ମୋତେ ପୁଣି ଆଉଥରେ ହାଇ ଲେଭେଲ ଟିମ୍ ନେଇ ତାଙ୍କ (କେନ୍ଦ୍ରମନ୍ତ୍ରୀ) ପାଖକୁ ଯିବାକୁ ପଡିବ; ସେଠାରେ ବୈଠକ କରିବାକୁ ପଡ଼ିବ। ଚାଉଳ ଉଠାଉନଥିବା ଯୋଗୁଁ ଆମେ ଚିନ୍ତାରେ ପଡିଛୁ। ଦିଲ୍ଲୀକୁ ଓଡ଼ିଶାରୁ ୨୦ ଜଣ ଏମ୍‌ପି ଯାଇଛନ୍ତି। ଆମର ଅଧିକାର ଅଛି। ଆମେ ସେ କଥା କେନ୍ଦ୍ରରେ କହିବୁ। ଚାଉଳ ନ ଉଠାଇ ପାରିଲେ ପୁଣି ଆଉଥରେ ଧାନ କିଣିବା କଷ୍ଟକର ହୋଇପଡିବ। ଆମ ହାତ ବାନ୍ଧି ହେଇଯାଉଛି ବୋଲି ଉଲ୍ଲେଖ କରି ଓଡ଼ିଶାରୁ ଚାଉଳ ଜଲଦି ଜଲଦି ଉଠାନ୍ତୁ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଏଫ୍‌ସିଆଇ ଜିଏମ୍‌ଙ୍କୁ ମନ୍ତ୍ରୀ ଅନୁରୋଧ କରିଛନ୍ତି।

ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୩୦ ଲକ୍ଷ ଟନ୍ ଚାଉଳ କେନ୍ଦ୍ର ସରକାର ଏଫ୍‌ସିଆଇ ମାଧ୍ୟମରେ ଉଠାଇବା ବ୍ୟବସ୍ଥା ଥିଲେ ବି ମାତ୍ର ଏହାର ଏକଚତୁର୍ଥାଂଶରୁ କମ୍ ଅର୍ଥାତ୍ ୭.୨୮ ଲକ୍ଷ ଟନ୍ ଚାଉଳ ଉଠାଯାଇଛି। ଏହି ଚାଉଳ ଉଠୁ ନ ଥିବାରୁ ଏବେ ରାଜ୍ୟର ସବୁ ଗୋଦାମରେ ଚାଉଳ ଭର୍ତ୍ତି ହୋଇ ରହିଛି। ଫଳସ୍ୱରୂପ ଆଗାମୀ ଖରିଫ୍ ଋତୁରେ ମିଲରମାନଙ୍କ ପାଇଁ ଧାନ ଉଠାଇବା ମଧ୍ୟ କଷ୍ଟକର ହୋଇପଡ଼ିବ। ବିଶେଷକରି ପଶ୍ଚିମ ଓଡ଼ିଶାରେ ଏହି ସ୍ଥିତି ଉଦ୍‌ବେଗ ଜନକ କହିଛି। ଉପକୂଳବର୍ତ୍ତୀ ଜିଲ୍ଲାରେ ସଂଗ୍ରହ ହେଉଥିବା ଧାନ ପିଡିଏସ୍ ମାଧ୍ୟମରେ ବଣ୍ଟନ ପରେ କିଛି ପରିମାଣରେ ଚାଉଳ ବଳୁଛି। ହେଲେ ପଶ୍ଚିମ ଓଡ଼ିଶାରେ ଉତ୍ପାଦନ ହେଉଥିବା ଧାନର ପରିମାଣରୁ ୩୦ ପ୍ରତିଶତ ପିଡିଏସ୍ ବଣ୍ଟନ ପରେ ବାକି ପ୍ରାୟ ୬୦-୭୦ ପ୍ରତିଶତ ଚାଉଳ ରହୁଛି। ଏହି ଚାଉଳ ମିଲର ଓ ସରାକରୀ ଗୋଦାମରେ ଗଚ୍ଛିତ ରହିଛି। ତେଣୁ ଏଥର ଏଫ୍‌ସିଆଇ ଚାଉଳ ନ ଉଠାଇଲେ ଖରିଫ ଧାନ ଉଠାଯିବ ନାହିଁ ବୋଲି ମଧ୍ୟ ମିଲର ସଂଘ କିଛି ଦିନ ତଳେ ସରକାରଙ୍କୁ ଭେଟି ଚେତାବନୀ ଦେଇଛି। ଏହି ସ୍ଥିତି ସମୟରେ ମନ୍ତ୍ରୀଙ୍କ ଅସହାୟତା ପ୍ରକାଶ ନୂଆ ବିବାଦ ସୃଷ୍ଟି କରିଛି।

### SALE

BHARAT BENZ 3528 C, MODEL 2024, Regn. No - OD-02-CZ-7477, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days

### FOR SALE

01 Number of TATA ACE GOLD DIESEL+ /2023, Registration No.- OD-15-X-5698, Model-2023, Engine No – 700CCDI04HWXSA5058, Chassis No - MAT559033PYH37540, For Details, Contact - 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI, PO/DIST- SAMBALPUR-768004

### ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.: eT-M-CD-BBS-CCTVAMC-08-26

କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ କୋଚିଙ୍ଗ୍ ଡିପୋ, ଭୁବନେଶ୍ୱରର LHB କୋଚ୍‌ଗୁଡ଼ିକରେ ଲଗାଯାଇଥିବା କ୍ଲୋଜ୍‌ଡ୍ ସର୍କିଟ୍ ନିରୀକ୍ଷଣ(Surveillance) ପ୍ରଣାଳୀର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 1,36,25,790.80, ଅମାନତ ରାଶି(ଟଙ୍କାରେ) : 2,18,100.00, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900.00, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.04.09.2026 ରିଖ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.09.2026 ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www. ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ କୋଚିଙ୍ଗ୍ ଡିପୋ ଅଧିକାରୀ, ଭୁବନେଶ୍ୱର

PR-412/R/26-27

### AFFIDAVIT

By virtue of an affidavit sworn before the Executive Magistrate, Puri, dated 21/08/2026, I **TOPHAN KUMAR MANGARAJ** age 59years S/o Satrughna Mangaraj resident of Villa-Apithi, PO- Gadakokal, PS- Brahmagiri, Dist- Puri, Pin-752011, State- Odisha, that my wife Laxmipriya Lenka's correct date of birth is **07/04/1982** but in my service certificate wrongly mentioned as **17/11/1982.** My Son's correct name is **Tapas Kumar Mangaraj** but it has been wrongly mentioned as **Tapasha Kumar Mangaraj** in my Service Certificate. Both name are one and same person. His correct date of birth is **12/06/2006** but wrongly mentioned as **12/06/2005** in my Service Certificate. My another Son's correct name in **Tushar Kumar Mangaraj** but it has been wrongly mention as **Trushar Kumar Mangaraj** in my Service Certificate. His correct date of birth is **12/06/2006** but wrongly mention as **12/06/2005** in my Service Certificate. My daughter Payal **Rani Mangaraj** correct date of birth is **13/11/2001** but it has been wrongly mentioned as **12/11/2001** in my Service Certificate.

Sd- **TOPHAN KUMAR MANGARAJ**

### P.G. Central Office

**Maharaja Sriram Chandra Bhanja Deo University**

NAAC 'A'

Sriram Chandra Vihar, Takatpur, Baripada-757003, Mayurbhanj, Odisha
Website: https://mscbu.ac.in

No.755/MSCBU(PGC-195/2025)/2026 Dt. 03.09.2026

**NOTICE**

**Spot Admission into MCA and MBA Programme- 2026**

Spot admission for MCA at 'School of Information Technology, Rairangpur, MSCB University under Self Financing Mode and MBA at MSCB University, Baripada will be conducted in the schedule stated below. Interested candidates with OJEE-2026 rank or with valid Score card in All India examinations like CAT/MAT/XAT/ATMA/CMAT for MBA; NIMCET/OJEE for MCA are required to report in person on 09-09-2026 along with their OJEE Rank Card, original Certificates, Mark sheets and other relevant documents along with a set of photo copy. The selection will be made on the basis of OJEE-2026 General Rank. Admission will be held on 10-09-2026.Eligibility: As per OJEE norms. For more details visit the official website https://mscbu.ac.in.

| Programme | For Reporting and Admission | Reporting Date | Admission Date |
|---|---|---|---|
| MCA | Admission-in-Charge, 'School of Information Technology, Rairangpur Block Padia, in front of Women's College, Rairangpur - 757043 MSCB University, Baripada For more details, Contact -7978568017 | 09.09.2026 10:30 AM to 03:00 PM | 10.09.2026 10:30 AM to 05:00 PM |
| MBA | Admission-in-Charge, Dept. of Business Administration, MSCB University, Baripada For more details, Contact-9437376243 | Publication of Merit List: 05:00 PM | |

Sd/-
Chairman, P.G. Council

### OFFICE OF THE PANCHAYAT SAMITI, BALIPATNA

19001/242/2627

Letter No. 3483 Dt.02/09/26

**CORRIGENDUM**

In continuation to this office letter no. 3477 Dt. 01.09.26, the name of work in Column-02 and Class of Contractor in Column-04 shall be read as **"Construction of Multipurpose Convention Hall cum Cultural Centre"**, and "B & Equivalent" instead of "Construction of Multipurpose Convention Hall cum Cultural Hall" and "C & above". All other text in the said letter shall remain unchanged.

Block Development Officer, Balipatna

OIPR-19001/19303/1/26-27/0003

### AFFIDAVIT

By virtue of an affidavit before the Executive Magistrate, Bargarh vide sl. no. 587, dtd.03.09.2026, I, Seteng Aind, W/o- Charles Aind, R/o- Vill.- Jujugaon, Po.- B. Kharmunda, Ps.- Attabira, Dist.- Bargarh (Odisha), PIN- 768038 state that, my daughter's actual name and Date of Birth is **Jyotshna Aind, DOB- 08.12.2016** but in her Aadhaar Card no. 2816 5987 6894 her name has been wrongly mentioned as Josnaya Aind. Hence **Josnaya Aind** and **Jyotshna Aind** is one and same person.

### KASTURABA GANDHI BALIKA VIDYALAY (KGBV TYPE-III) DANGASORADA ,CHANDRAPUR BLOCK,RAYAGADA DISTRICT

27001/153/2627

L. No. 129 /KGBV/ 2026 Dated 01.09.2026

**TENDER CALL NOTICE**

Sealed tender are invited from the Registered & credible Firm / whole seller / Dealer and Manufacturer for supply of different items for Kasturaba Gandhi Balika Vidyalaya (KGBV ). Dangasorada , Chandrapur Block of Rayagada District : 2026-27.

For details please visit the district website i.e. www.rayagada.nic.in .

Last date receiving tender: 21.09.2026 (4.00 PM)

Tender opening date: 23.09.2026 ( 11.00 AM)

Headmistress, K.G.B.V., Dangasorada
Chandrapur Block , Rayagada District

OIPR-27001/27123/1/26-27/0001

### GOVERNMENT OF ODISHA

19001/222/2627

**Panchayati Raj & Drinking Water Department**
**E-Procurement Notice**
**Bid Identification No. P5-KBLMVD-T-67/2026-27**

| | | | |
|---|---|---|---|
| 1. | No. of the work | : | Building works 2 nos. |
| 2. | Estimated cost | : | Rs. 19.10 lakh & Rs. 38.42 lakh |
| 3. | Class of Contractor | : | "C" & "D" & "E" |
| 4. | Period of completion | : | 6 months |
| 5. | Date and time of availability of bid documents in the portal | : | 11.30 hrs of 29.08.2026 to 17.00 hrs of 09.09.2026 |
| 6. | Last date/Time for receipt of bid in the portal | : | 17.00 hours of 09.09.2026 |
| 7. | Name and Address of the Officer inviting bid | : | Block Development Officer, Karlamunda |
| 8. | Date & Venue of Opening of the Single Cover Bid and Technical Bid (Cover 1) | : | On 10.09.2026 at 11.00 AM in the Office of the Panchayat Samiti, Karlamunda |

Further details can be seen from the e-procurement portal https://tendersodisha.gov.in

Block Development Officer
Karlamunda

OIPR-19001/19429/1/26-27/0001

### OFFICE OF THE PANCHAYAT SAMITI, BALIKUDA

*At/Po-Balikuda, Dist-Jagatsinghpur, e-mail:-ori-balikuda@nic.in*
*Phone: 06724 - 238226*

19001/240/2627

**'e' Procurement Notice No.BDO-BKD/PS-02 of 2026-27**

| | | |
|---|---|---|
| 1 | Number of the works | 10 (Nos.) Nos. |
| 2 | Tender Amount (Approx.) | Rs.9.31 Lakh to 28.53 Lakh |
| 3 | EMD (online) | As per DTCN |
| 4 | Tender Paper' Cost (online) (Non-Refundable) | Rs.6,000.00 |
| 5 | Class of Contractor | "D", "C" & "B" Class Contractor |
| 6 | Period of Completion | 06 (six) Calendar Months |
| 7 | Availability of Tender | From 07.09.2026 at 10.00 AM to 22.09.2026 at 5.30 P.M |
| 8 | Date & Time of opening of BID | 23.09.2026 at 11.00 AM |

Further details can be seen from the Govt. web site "https://tendersodisha.gov.in"
All corrigendum / cancellation of tender if any, will only be uploaded in the above web site

Sd/-
BLOCK DEVELOPMENT OFFICER, BALIKUDA

OIPR-19001/19282/1/26-27/0002

### AFFIDAVIT

By virtue of an affidavit sworn before the **Notary Public, Rayagada No. 9453, dtd. 03.09.2026, by Smt. Rita Bidika,** aged about 32 years, W/o - Late Ramesh Jakaka, resident of At - Jagannathpur, PO - Pitamahal, PS - Seskhal, Block/Dist - Rayagada, Pin - 765002, Odisha, declare that I have changed the name of my daughter from **Prachi Jakaka** to **Reshma Jakaka.** Henceforth, she shall be known as **Reshma Jakaka** for all purposes.

Sd/- Rita Bidika

### AFFIDAVIT

By virtue of affidavit sworn before the Executive Magistrate Puri, I, Mithun Barik, At- Ketakipatana, Po. Lalitapahandi, P.S.- Satyabadi Dist-Puri, PIN-752045 declare the I have changed my son's name from Basanta Kumar Barik to Prasad Kumar Barik. Henceforth he shall be known as **Prasad Kumar Barik** for all purposes.

### AFFIDAVIT

By virtue of an affidavit sworn before the Executive Magistrate, Bhubaneswar, I, Dhurjati Sankisa, S/o- Rama Sastry, resident of MIG-127, First Lane, Kanan Vihar, Phase-II, Nandankanan Road, Bhubaneswar- 751024 declare that my actual name is Dhurjati Sankisa, but in my Aadhaar & PAN Card my name is recorded as S Dhurjati. I declare that Dhurjati Sankisa and S Dhurjati is the same person. Henceforth I will be known as **Dhurjati Sankisa** for all purposes.

### AFFIDAVIT

By virtue of an affidavit No. 11576 sworn before The Executive Magistrate on dtd-29/08/2026, I **Sahnaj Begum,** aged 42 years, W/o- Sk Samsher Ali, permanent resident of Vill- Chandpur, Po/Ps- Bramhabarada, Dist-Jajpur, Odisha, Pin-755005 declared that I have changed my minor daughter's name from **Nazishnaz Begum** (old name) to **Raziya Sultana** (new name). Henceforth, she shall be known as **RAZIYA SULTANA** for all future purposes.

**Sd/- Sahnaj Begum**

### AFFIDAVIT

I **Mohammed Tasawar Hussain,** S/o- Mohammed Tafaruq Hussain, resident of DDL- 1074, Dumuduma Housing Board Colony, Near Children Park, Phase-2, P.O-Dumuduma, Dist- Khordha, Pin- 751019, Odisha declare by this Affidavit number CF No- 107, dt- 01/09/2026 I have changed my son's name from **Hussain Mohammed Tawaheed** to **Md Tauheed Hussain** for all future purposes.

### AFFIDAVIT

By virtue of an affidavit sworn before Executive Magistrate Uditnagar Rourkela (A64), dated 03.08.2026. I, **Md Afrid,** S/o-Mohammad Abid, Address: Back Side QR NO- H/437 SECTOR-15, H/437 Sector- 15, Rourkela, Sector- 15, VTC : Raurkela(M ), PO: Rourkela-3 Sub District: Raurkela (m) District: Sundergarh, Odisha Pin code: 769003 declare that I have changed my name from **Mohammad Abid** to **Md Afrid.** Henceforth, I shall be known as **Md Afrid** for all purposes.

**Md Afrid**

### AFFIDAVIT

I, Surendranath Mahapatro, aged about 70 years, H/o-Nandita Mishra, resident of Flat No-706, Lumbini Enclave, Lumbini Vihar, Sailashree Vihar, Bhubaneswar, Dist- Khurda, PIN- 751021, Odisha declared by this affidavit No. 574, dtd- 02/09/2026 that now onwards I shall be known as **SURENDRA NATH MOHAPATRA** for all future purposes.

### AFFIDAVIT

By virtue of an affidavit sworn before the Notary Public, Bhubaneswar, dated 28.08.2026 I, **Sritam Pujari,** Address: AT- SAHAJBAHAL, PO- SANKARA, PS- BINIKA, DIST- SUBARNAPUR, PIN-767019, ODISHA, declare that I have changed my name from **SHRIMAT PUJARI** to **SRITAM PUJARI.** Henceforth, I shall be known as **SRITAM PUJARI** for all purposes.

**Sritam Pujari**

## ଚାଷୀ ମୁଣ୍ଡରେ ଚଡ଼କ

# ତଳି ପାଇଁ ହାହାକାର; ଭାସିଗଲା ରୁଆ ଧାନ




ବାରିକପୁର,୩।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀରେ ବାରମ୍ବାର ବନ୍ୟା ଆସିବା କାରଣରୁ ଚାଷଜମିଗୁଡ଼ିକ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ମାତ୍ରାଧିକ ବର୍ଷା ଓ ଜୁଲାଇ ମାସର ଶେଷ ସପ୍ତାହରେ ଦେଖାଦେଇଥିବା ପ୍ରଥମ ବଡ଼ ବନ୍ୟା ଯୋଗୁଁ ଧାନ ତଳି ଅନେକାଂଶରେ ନଷ୍ଟ ହୋଇଥିଲା। ବ୍ଲକ୍ ଅଞ୍ଚଳରେ ପାଖାପାଖି ୪୦ ହେକ୍ଟର ଚାଷଜମିରେ ପଡ଼ିଥିବା ତଳି ବନ୍ୟାଜଳ ଯୋଗୁଁ ପ୍ରଭାବିତ ହୋଇଥିବା କୃଷି ବିଭାଗ ଆକଳନ କରିଥିଲା। ସେହିଭଳି ପ୍ରାୟ ୨୮ ହେକ୍ଟର ପନିପରିବା ଚାଷ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏସବୁ ସତ୍ତ୍ୱେ କୃଷକମାନେ ଚାଷ ପାଇଁ ଅଣ୍ଟା ଭିଡ଼ିଥିଲେ। ଦୁଃଖର ବିଷୟ ଏହାପରେ ପୁଣି ଅଗଷ୍ଟ ମାସରେ ଲଗାତାର ବନ୍ୟା ଆସିବା ଫଳରେ ବର୍ଷି ଯାଇଥିବା ତଳି ସହିତ ସଦ୍ୟ ବେଉଷଣ ହୋଇଥିବା ରୁଆ ଧାନ ମଧ୍ୟ ନଷ୍ଟଭ୍ରଷ୍ଟ ହୋଇଛି।

ସୂଚନା ମୁତାବକ, ରହଣିଆ ପଞ୍ଚାୟତରେ ୧୮୧ ହେକ୍ଟର ରୁଆ ଧାନ ବନ୍ୟାଜଳ ଦ୍ୱାରା ପ୍ରଭାବିତ ହୋଇଛି। ସେହିଭଳି ମାଳଦାଠାରେ ୮୨ ହେକ୍ଟର, ଷୋଳମପୁରଠାରେ ୧୦୫ ହେକ୍ଟର, କୋରିଗାଁଠାରେ ୨୨୦ ହେକ୍ଟର, ନପଙ୍ଗଠାରେ ୨୫ ହେକ୍ଟର, ଝୁଟଣାଠାରେ ୨୫ ହେକ୍ଟର ଚାଷଜମିରେ ରୁଆ ଧାନ ନଷ୍ଟ ହୋଇଛି। କହିବାକୁ ଗଲେ କଣ୍ଟି ଏସ୍କେପ୍ ମୁହଁରେ ଥିବା ପଞ୍ଚାୟତ ଅଧୀନ ଚାଷଜମିଗୁଡ଼ିକ ମାତ୍ରାଧିକ କ୍ଷତିଗ୍ରସ୍ତ ହୋଇଛି। ରୁଆ ଧାନ ନଷ୍ଟ ହେବା ପରେ ଚାଷୀମାନେ ଏ ସମୟରେ କେଉଁଠୁ ତଳି ଆଣିବେ କିଛି ଜାଣିପାରୁନାହାନ୍ତି। ଏପଟେ ତିଖିଲିଆ, ମୁଡ଼ାପଦା, ବରାହ ନୂଆପଡ଼ା, ବିରୋଳୀ, ଖପୁରିଆପଦା, ଶାସନ, ସାରଣା, ଚତୁର୍ଭୁଜପୁର, ଷଠଗାଁ ପ୍ରମୁଖ ସ୍ଥାନରେ ପଡ଼ିଥିବା ତଳି ମଧ୍ୟ ଅର୍ଦ୍ଧାଧିକ ଭାଗ ନଷ୍ଟ ହୋଇଛି। ଚାଷୀ ଭାଇମାନେ ଦୈନିକ ବନ୍ୟା ପ୍ରଭାବିତ ହୋଇ ନ ଥିବା ସରସଦା, ଆକୁଳିକଣା, ଉତ୍ତରାଗଡ଼ିଆ, ଏକଗୋଲା, ସରପଦା, ସୁରୁବଣ ପ୍ରମୁଖ ସ୍ଥାନକୁ ଆସି ତଳି ଅନ୍ୱେଷଣ କରୁଥିବା ଦେଖାଯାଉଛି। ତଳି ପାଇଁ ହାହାକାର ପଡ଼ିଥିବାବେଳେ ରୁଆ ଧାନ ଭାସିଯାଇଥିବା ଯୋଗୁଁ ଚାଷୀ ମୁଣ୍ଡରେ ଏକପ୍ରକାର ଚଡ଼କ ପଡ଼ିଛି। ଏଭଳି ସ୍ଥିତିରେ ଚାଷୀଙ୍କୁ ସରକାରୀ ସହାୟତା ଅପରିହାର୍ଯ୍ୟ ହୋଇପଡ଼ିଛି।

## ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଘାଇ

ବାରିକପୁର,୩।୯ (ସମିସ): ଚଳିତ ବୈତରଣୀ ବନ୍ୟା କାରଣରୁ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇଛି। ବିଶେଷକରି ନଦୀ କୂଳ ତଥା କଣ୍ଟି ଏସ୍କେପ ମୁହଁରେ ଥିବା ଷୋଳମପୁର ପଞ୍ଚାୟତର ଅନେକ ଗ୍ରାମ୍ୟ ପଥ ସହିତ ବଡ଼ବଡ଼ ରାସ୍ତା ଧୋଇଯାଇଛି। ଫଳରେ ହଜାର ହଜାର



ଜନସାଧାରଣ ଦୈନିକ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ମୁତାବକ, ବଲ୍ଲଭାଘାଟ ସେତୁଠାରୁ ଦାଣ୍ଡକୂଳ ମୁଡ଼ାପଦା ଦେଇ ଆନନ୍ଦପୁରକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାଟିର ଅଧିକାଂଶ ଭାଗ ନଷ୍ଟ ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ରାସ୍ତାର ଉଭୟ ପାର୍ଶ୍ୱରୁ ମାଟି ଧୋଇଯାଇଥିବା ବେଳେ କୂଳସାହି ନିକଟରେ ଘାଇ ମଧ୍ୟ ସୃଷ୍ଟି ହୋଇଛି। ରାସ୍ତା ନିର୍ମାଣରେ ବ୍ୟବହୃତ ହୋଇଥିବା ପିଚୁ ଓ କଂକ୍ରିଟ୍ ମଧ୍ୟ ଭାସିଯାଇଛି। ପଡ଼ୋଶୀ ଧାମନଗର ବ୍ଲକ୍ ବାସିନ୍ଦାଙ୍କ ସମେତ ସ୍ଥାନୀୟ ଲୋକମାନେ ଯାତାୟାତ ପାଇଁ ଯନ୍ତ୍ରଣା ଭୋଗୁଛନ୍ତି। ସେହିଭଳି ଆନନ୍ଦପୁର ବିରୋଳି ଓ ଜଳହରି ମାଳଦାକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ମଧ୍ୟ ତଦ୍ରୂପ ହୋଇଛି। ପଥଟି ସାରଣା ଓ ଶାସନ ନିକଟରେ ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଛି। ତୁରନ୍ତ ମରାମତି ନ ହେଲେ ବନ୍ୟା କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକ ଜରାଜୀର୍ଣ୍ଣ ପାଲଟିବ ଏଥିରେ ସନ୍ଦେହ ନାହିଁ।

## ଅସ୍ଥାୟୀ ବନ୍ଧ ଯୋଗୁଁ କମିଛି ଜଳସ୍ରୋତ

ଆରଡ଼ି,୩।୯ (ସମିସ): ଚଳିତ ବର୍ଷ ବୈତରଣୀ ନଦୀରେ ଲଗାତାର ଚାରି ଥର ବନ୍ୟା ଆସି ଆରଡ଼ି ଅଞ୍ଚଳକୁ ବୁଡ଼େଇବାର ମୁଖ୍ୟ କାରଣ ହେଉଛି କୁଆଖିଆ-ଆରଡ଼ି ଜାତୀୟ ରାଜପଥ ୨୦ର ଦୁର୍ବଳ ନଦୀ ବନ୍ଧ। ଏହି ରାଜପଥ ସ୍ଥାନୀୟ ଓଳଗ ପଞ୍ଚାୟତର ବୋଡ଼କଠାରୁ ସାଠିବାଙ୍କୁଡ଼ା ଗ୍ରାମ ଦେଇ ବୈତରଣୀ ନଦୀ କୂଳେ କୂଳେ ଯାଇଥିବାବେଳେ ରାସ୍ତାର ଉଚ୍ଚତା ନଦୀ ପତନ ସହ ସମାନ ଥିବାରୁ ନଦୀରେ ପାଣି ବଢ଼ିବାରୁ ସଙ୍ଗେ ସଙ୍ଗେ ରାସ୍ତା ଦେଇ ବନ୍ୟାଜଳ ପ୍ରବାହିତ ହୋଇ ଘାଇ ସୃଷ୍ଟି କରୁଛି। ଚଳିତ ବର୍ଷ ବାରମ୍ବାର ବନ୍ୟା ଆସି ଏହି ରାସ୍ତାର ୨ କିଲୋମିଟର ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। କଂକ୍ରିଟ ରାସ୍ତା ତଳୁ ବାଲି ଓ ମାଟି ଧୋଇଯିବାରୁ ରାସ୍ତା ଫାଟି ସ୍ଥାନେ ସ୍ଥାନେ ତଳକୁ ଗଳି ପଡ଼ିଛି। ଏହି ରାସ୍ତାରେ ପ୍ରାୟ ଦେଢ଼ ମାସରୁ ଉର୍ଦ୍ଧ୍ୱ ହେଲାଣି ଯୋଗାଯୋଗ ବିଚ୍ଛିନ୍ନ ଅଛି। ବୋଡ଼କ ନିକଟରେ ଯେଉଁ ସ୍ଥାନରେ ୫୦୦ ଫୁଟ୍‌ର ଘାଇ ହୋଇଥିଲା ସେହି ସ୍ଥାନକୁ ପଞ୍ଚାୟତିରାଜ୍ ମନ୍ତ୍ରୀଙ୍କ ଗସ୍ତ ପରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ବହ୍ଲା ଓ ବାଲିବସ୍ତା ସହିତ ଟିଣ ଦେଇ ଦୁଇଟି ଅସ୍ଥାୟୀ



ବନ୍ଧ ନିର୍ମାଣ କରାଯାଇ ତଷ୍ଟ ପକାଯାଇଥିଲା। ସେହି ସ୍ଥାନକୁ ଛାଡ଼ି ପୁଣି ଆଗକୁ ରାସ୍ତା ଡେଇଁ ବନ୍ୟାଜଳ ପ୍ରବାହିତ ହେଉଛି। ଯୁଦ୍ଧକାଳୀନ ଭିତରେ ସେଇ ଘାଇ ମରାମତି ହୋଇଥିବାରୁ ବନ୍ୟା ପାଣିର ସ୍ରୋତ କମ୍ ଅଛି। ସେହି କାମ ଚଳା ବନ୍ଧ କେତେକାଂଶରେ ପାଣି ରୋକିବାରେ ସହାୟକ ହୋଇଛି। ନଚେତ୍ ପାଣିର ପ୍ରକୋପ ଅଧିକ ବଢ଼ିଥା'ନ୍ତା।

ବିଭାଗ ପକ୍ଷରୁ ସ୍ଥାୟୀ ପ୍ରତିକାର ନିମନ୍ତେ ସେହି ୨ କିଲୋମିଟର ଏରିଆରେ ନଦୀ ବନ୍ଧକୁ ଉଚ୍ଚା କରିବା ସହିତ ପାଇଲିଙ୍ଗ୍ କରି କର୍ଡନ ୱାଲ୍ ନିର୍ମାଣ କରିବା ସଙ୍ଗେ ସଙ୍ଗେ ଜାତୀୟ ରାଜପଥକୁ ଆହୁରି ଉଚ୍ଚା କଲେ ଏ ଅଞ୍ଚଳରେ ବାରମ୍ବାର ବନ୍ୟା ସମସ୍ୟା ଦେଖାଯିବ ନାହିଁ। ଛୋଟ ବନ୍ୟାରୁ ଅଞ୍ଚଳବାସୀ ରକ୍ଷାପାଇବେ। ଅସ୍ଥାୟୀ ଭାବେ ଏହି ବନ୍ୟା ଛାଡ଼ିବା ପରେ ଏହି ରାସ୍ତାର ଗୁରୁତ୍ୱକୁ ହୃଦୟଙ୍ଗମ କରି ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କଲେ ଏହି ରାସ୍ତା ଦେଇ ନିର୍ଭର କରୁଥିବା କେନ୍ଦ୍ରାପଡ଼ା, ଯାଜପୁର, କଟକ, ଖୋର୍ଦ୍ଧା, ବ୍ରହ୍ମପୁର ସହିତ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳରୁ ଆସୁଥିବା ପର୍ଯ୍ୟଟକମାନେ ଆରଡ଼ି ଆସିବା ସହିତ ବୋଡ଼କ ଗ୍ରାମରୁ ପିଲାମାନେ ମଠଡିହ ବିଦ୍ୟାଳୟ ସହିତ ଓଳଗ ପଞ୍ଚାୟତ ମୁଖ୍ୟାଳୟକୁ ଯାତାୟାତ କରିପାରିବେ।

## ଆଣ୍ଠୁଏ ପାଣିରେ ଯାତାୟାତ କରୁଛନ୍ତି ଲୋକେ; ସ୍ଥାୟୀ ସମାଧାନ ଦାବି

ଅସୁରାଳି,୩।୯ (ସମିସ): ଧୂଷୁରୀ ଏନ୍ଏସି ଅଧୀନ ଧୂଷୁରୀ-ଖଡ଼ିମାହାରା ଗ୍ରାମ୍ୟ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବିଶେଷକରି ତାରିଣୀ ମନ୍ଦିର ନିକଟରୁ ପାଣିସାହି ପର୍ଯ୍ୟନ୍ତ ଦୀର୍ଘ ଦିନ ହେବ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିବା ଫଳରେ ସାଧାରଣ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଏହି ସାହିରେ ପ୍ରାୟ



୬୦ଟି ପରିବାରର ୩୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ, ପ୍ରତିଦିନ ନିତ୍ୟ ବ୍ୟବହାର୍ଯ୍ୟ କାମ, ସ୍କୁଲ-କଲେଜ ଯିବା ଏବଂ ଜରୁରୀକାଳୀନ ଚିକିତ୍ସା ପାଇଁ ଏହି ଜଳମଗ୍ନ ରାସ୍ତା ଦେଇ ଯିବାଆସିବା କରିବାକୁ ବାଧ୍ୟ ହେଉଛନ୍ତି। ରାସ୍ତାରେ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବର୍ଷାପାଣି ନିଷ୍କାସିତ ନ ହୋଇ ରହିଯାଉଛି, ଯାହାଫଳରେ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ରାସ୍ତାର ସ୍ଥାୟୀ ସମାଧାନ ଏବଂ ତୁରନ୍ତ ମରାମତି ପାଇଁ ପାଣିସାହିର ଅଧିବାସୀ ଗୀତାଞ୍ଜଳି ପାଣି, ଉପାସୀ ପାଣି, ଉର୍ବଶୀ ଦାସ, ସୁକୁମାର ପାଣି, କନକଲତା ବେହେରା, କାର୍ତ୍ତିକ ପାଣି, ଅଭିଷେକ ପାଣି, ମହେଶ୍ୱର ଦୁବାଇ ଓ ପରମେଶ୍ୱର ଦୁବାଇ ପ୍ରମୁଖ ସମ୍ବନ୍ଧିତ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ଦାବି ଓ ଅଭିଯୋଗ କରିଛନ୍ତି। ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ନ କଲେ ଆଗାମୀ ଦିନରେ ଜନସାଧାରଣ ଆନ୍ଦୋଳନମୁଖୀ ହେବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ବନ୍ୟା ବିପନ୍ନଙ୍କୁ ସହାୟତା

ଚାନ୍ଦବାଲି,୩।୯ (ସମିସ): ଚାନ୍ଦବାଲି ବ୍ଲକ୍‌ରେ ଚଳିତ ବର୍ଷ ବନ୍ୟା ବିଭୀଷିକା ଅନେକ ପରିବାରର ଜନଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି। ଏଭଳି ଦୁର୍ଦ୍ଦିନ ସମୟରେ ବନ୍ୟା ପ୍ରଭାବିତ ପରିବାରଙ୍କ ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇଛି ରିଲାଏନ୍ସ ଫାଉଣ୍ଡେସନ। ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ମାଧପୁର ପଞ୍ଚାୟତର ବନ୍ୟା ବିପନ୍ନ ପରିବାରମାନଙ୍କୁ ସଂସ୍ଥା ପକ୍ଷରୁ ରିଲିଫ୍ କିଟ୍ ବଣ୍ଟନ କରାଯାଇଛି। ପ୍ରାୟ ୧୦୫୦ ପରିବାର ଏହି ସହାୟତା ପାଇଥିବା ଜଣାପଡ଼ିଛି। ବନ୍ୟାରେ ପ୍ରଭାବିତ ପରିବାରଗୁଡ଼ିକୁ ଚିହ୍ନଟ କରାଯାଇ ସେମାନଙ୍କର ତତ୍କାଳୀନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ରିଲିଫ୍ କିଟ୍ ପ୍ରସ୍ତୁତ କରାଯାଇଛି। କିଟ୍‌ରେ ବିଭିନ୍ନ ପ୍ରକାରର ଆବଶ୍ୟକୀୟ ରାସନ ସାମଗ୍ରୀ ସହିତ ବନ୍ୟା ପରବର୍ତ୍ତୀ ସମୟରେ ଆବଶ୍ୟକ ହେଉଥିବା ମେଡିକାଲ ସାମଗ୍ରୀ ମଧ୍ୟ ଯୋଗାଇ ଦିଆଯାଇଛି। ଫଳରେ ବନ୍ୟା ପରେ ଖାଦ୍ୟ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତତ୍କାଳ ଆବଶ୍ୟକତା ପୂରଣରେ ପରିବାରଗୁଡ଼ିକ କିଛି ମାତ୍ରାରେ ସହାୟତା ପାଇପାରିବେ। ଚଳିତ ବର୍ଷ ବୈତରଣୀ ଓ ସାଳନ୍ଦୀ ନଦୀରେ ବାରମ୍ବାର ବନ୍ୟା ଆସିବାରୁ ମାଧପୁର ପଞ୍ଚାୟତର ଅନେକ



ଗାଁରେ ବନ୍ୟାଜଳ ପ୍ରବେଶ କରିଥିଲା। ଅନେକ ପରିବାର ଦୀର୍ଘ ସମୟ ଧରି ବନ୍ୟାଜଳ ଘେରରେ ରହିଥିବାବେଳେ ଦୈନନ୍ଦିନ ଜୀବନଯାପନ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଘରଦ୍ୱାର, ଚାଷବାସ ଓ ଜୀବିକା ଉପରେ ମଧ୍ୟ ବନ୍ୟାର ପ୍ରଭାବ ପଡ଼ିଥିଲା।

## ଆମକୁ ନୁହେଁ; ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ଦିଅ: ସରପଞ୍ଚ

ତିହିଡ଼ି,୩।୯ (ସମିସ): ବନ୍ୟା ଓ ବାତ୍ୟାରେ ନିଜ ପଞ୍ଚାୟତରେ ବଡ଼ଧରଣର କ୍ଷୟକ୍ଷତି ହୋଇ ନ ଥିବା ଦର୍ଶାଇ, ତାଳପଦା ଗ୍ରାମ ପଞ୍ଚାୟତ ପାଇଁ ଆସିଥିବା ରିଲିଫ୍ ସାମଗ୍ରୀକୁ ପ୍ରକୃତ କ୍ଷତିଗ୍ରସ୍ତ ଅଞ୍ଚଳକୁ ପ୍ରଦାନ କରିବାକୁ ତିହିଡ଼ି ବିଡିଓଙ୍କ ନିକଟରେ ନିବେଦନ କରିଛନ୍ତି ତାଳପଦା ପଞ୍ଚାୟତ ସରପଞ୍ଚ ଜୟଶ୍ରୀ ବେହେରା। ଗତ ଅଗଷ୍ଟ ମାସରେ ବନ୍ୟା ଓ ବାତ୍ୟାର ପ୍ରଭାବରେ ତିହିଡ଼ି ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ପ୍ରଭାବିତ ହୋଇଛି। ବିଶେଷକରି ଷାଟିବାଟି, କଞ୍ଚନପୁର, କାଳିମେଘା ଆଦି ଗ୍ରାମରେ ଚାଷଜମି ଓ ଘରଦ୍ୱାର କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ପ୍ରାଥମିକ ଭାବେ ଚୁଡ଼ା, ଗୁଡ଼ ଓ ପଲିଥିନ୍ ଭଳି ସାମଗ୍ରୀ ମିଳିଥିଲେ ମଧ୍ୟ ଅନେକ ପରିବାର ରିଲିଫ୍ ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ଫଳରେ କ୍ଷତିଗ୍ରସ୍ତ ଲୋକମାନେ ଆଜି ମଧ୍ୟ ଅଭାବ



ଓ ଦୁଃଖକଷ୍ଟ ମଧ୍ୟରେ ଦିନ କାଟୁଥିବା ଜଣାପଡ଼ିଛି। ଏ ପରିସ୍ଥିତିରେ ତାଳପଦା ପଞ୍ଚାୟତରେ ବଡ଼ଧରଣର କ୍ଷୟକ୍ଷତି ହୋଇ ନ ଥିବାରୁ ସେଠାକୁ ଆସିଥିବା ରିଲିଫ୍ ସାମଗ୍ରୀକୁ କ୍ଷତିଗ୍ରସ୍ତ ଅଞ୍ଚଳର ଲୋକଙ୍କ ମଧ୍ୟରେ ବଣ୍ଟନ କରିବାକୁ ସରପଞ୍ଚ ଶ୍ରୀମତୀ ବେହେରା ନିବେଦନ କରିଛନ୍ତି। ତାଙ୍କର ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ଦାୟିତ୍ୱବୋଧ ଓ ମାନବିକତାର ଏକ ନିଆରା ଉଦାହରଣ ଭାବେ ଦେଖାଯାଉଛି।

ସରପଞ୍ଚଙ୍କ କହିବା ଅନୁଯାୟୀ, ବିପର୍ଯ୍ୟୟ ସମୟରେ ସରକାରୀ ସହାୟତାର ପ୍ରକୃତ ଅଧିକାରୀ ହେଉଛନ୍ତି କ୍ଷତିଗ୍ରସ୍ତ ଓ ଅସହାୟ ପରିବାର। ତେଣୁ ଯେଉଁ ଅଞ୍ଚଳରେ ଘରଦ୍ୱାର ଓ ଚାଷଜମି କ୍ଷତିଗ୍ରସ୍ତ ହୋଇଛି, ସେଠାରେ ରିଲିଫ୍ ପହଞ୍ଚାଇବାକୁ ସେ ଗୁରୁତ୍ୱ ଦେଇଛନ୍ତି। ତାଳପଦା ପଞ୍ଚାୟତରେ ଯେଉଁ ସ୍ଥାନରେ ସାମାନ୍ୟ ରାସ୍ତାଘାଟ କ୍ଷତି ହୋଇଛି, ତାହାକୁ ପଞ୍ଚାୟତ ପାଣ୍ଠିରୁ ମରାମତି କରାଯିବ ବୋଲି ସରପଞ୍ଚ ଦରଖାସ୍ତରେ ଉଲ୍ଲେଖ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଡିଓ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ପ୍ରକୃତ କ୍ଷୟକ୍ଷତିର ଆକଳନ କରିବା ସହ ରିଲିଫ୍‌ରୁ ବାଦ୍ ପଡ଼ିଥିବା କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଆକ୍ରମଣ; ଥାନାରେ ଏତଲା

ଧାମନଗର,୩।୯ (ସମିସ): ଧାମନଗର ବ୍ଲକ୍ ଦଇପୁର ପଞ୍ଚାୟତ ସ୍ୱାମୀପାଟଣା ରାସ୍ତାରେ ବାବୁରୀଗାଁ ନିକଟରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ ଅଭିଯୋଗ ହୋଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଦୁର୍ବ୍ୟବହାର ଘଟଣାର ପ୍ରତିବାଦକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି।

ପୁଲିସ ସୂଚନା ଅନୁଯାୟୀ, ପ୍ରାୟ ୧୫ ଦିନ ତଳେ ସ୍ଥାନୀୟ 'ଜୟ ଜଗନ୍ନାଥ ଏସ୍‌ଏଚ୍‌ଜି'ର ସଦସ୍ୟା ତଥା ଡିଲର ସଂଘମିତ୍ରା ସାମଲ ଚାଉଳ ବଣ୍ଟନ କରୁଥିବାବେଳେ ଦେବାଶିଷ ନାୟକ ପାଟିତୁଣ୍ଡ କରି ବିଶୃଙ୍ଖଳା ସୃଷ୍ଟି କରିଥିବା ଅଭିଯୋଗ ରହିଛି। ଏହାକୁ ସ୍ଥାନୀୟ ବାସିନ୍ଦା ଧନେଶ୍ୱର ସାହୁ ପ୍ରତିବାଦ କରିଥିଲେ। ଗତ ଅଗଷ୍ଟ ୩୧ ତାରିଖ ପୂର୍ବାହ୍ଣରେ ଧନେଶ୍ୱର ନିଜ ଶ୍ରମିକଙ୍କ ପାଇଁ ଖାଦ୍ୟ ନେଇ ବିଲକୁ ଯାଉଥିବାବେଳେ ବାବୁରୀଗାଁ ନିକଟସ୍ଥ ସ୍ୱାମୀପାଟଣା ମଝି ରାସ୍ତାରେ ତାଙ୍କୁ ଅଟକାଇ ଆକ୍ରମଣ କରାଯାଇଥିବା ଏତଲାରେ ଦର୍ଶାଯାଇଛି। ଆକ୍ରମଣରେ ଧନେଶ୍ୱର ଚେତାଶୂନ୍ୟ ହୋଇ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ। ଏନେଇ ଧନେଶ୍ୱରଙ୍କ ପତ୍ନୀ ବାସନ୍ତୀଲତା ସାହୁ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ସଙ୍ଗେ ସଙ୍ଗେ ଏତଲା ଅନୁଯାୟୀ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି।

## ଗୁରୁ ଦିବସରେ ରାଜଧାନୀରେ ହେବ 'ଗୁରୁ ଗର୍ଜନ ସମାବେଶ'

### ଭଦ୍ରକ ଜିଲ୍ଲା ଶାଖା ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ଭଦ୍ରକ/ତିହିଡ଼ି,୩।୯ (ସମିସ): ରାଜଧାନୀ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜି ଗାନ୍ଧୀମାର୍ଗଠାରେ ଗତ ଅଗଷ୍ଟ ୧୬ ତାରିଖ "ଦାବି ଦିବସ'ରୁ ଆରମ୍ଭ ହୋଇଥିବା ସ୍କୁଲ୍ କଲେଜ ଶିକ୍ଷକ ଅଧ୍ୟାପକ ଓ କର୍ମଚାରୀ ମିଳିତ ସମନ୍ୱୟ ସମିତିର ଅହୋରାତ୍ର ଧାରଣା ଗୁରୁବାର ୧୮ ଦିନରେ ପହଞ୍ଚିଛି। ପ୍ରବଳ ବର୍ଷା ଓ ନାନା ପ୍ରତିକୂଳତା ସତ୍ତ୍ୱେ ନିଜର ନ୍ୟାଯ୍ୟ ହକ୍ ଓ ସମ୍ମାନ ଦାବିରେ ଶିକ୍ଷକ-କର୍ମଚାରୀମାନେ ରାଜରାସ୍ତାରେ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ୫ ତାରିଖ ଗୁରୁ ଦିବସ ଅବସରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଐତିହାସିକ 'ଗୁରୁ ଗର୍ଜନ ମହାସମାବେଶ'କୁ ସଫଳ କରିବା ପାଇଁ ଭଦ୍ରକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ତିହିଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲ୍ଲା ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ବାଗଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଆଗାମୀ ମହାସମାବେଶ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ସଭାପତି ଡ. ବାଗ୍ ଆନ୍ଦୋଳନକୁ ସଫଳ କରିବା ଲାଗି ଭଦ୍ରକ ଜିଲ୍ଲାର ପ୍ରତ୍ୟେକ ସଦସ୍ୟଙ୍କ ଶତପ୍ରତିଶତ ଉପସ୍ଥିତି ଓ ସହଯୋଗ କାମନା କରିଛନ୍ତି। ଆସନ୍ତା ୫ ତାରିଖରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ତଥା ଅଭିଭାବକ ଏହି ମହାସମାବେଶରେ ଏକତ୍ରିତ ହୋଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ। ଏଥିସହ 'ଓଷ୍ଟା' ଓ 'ଅଲୋଷ୍ଟା' ସଂଗଠନ ପକ୍ଷରୁ ମଧ୍ୟ ପୂର୍ଣ୍ଣ ସମର୍ଥନ ଘୋଷଣା କରାଯାଇଛି। ଧାରଣାସ୍ଥଳ ନିକଟରେ ଉଭୟ ଶାସକ ଦଳର ମନ୍ତ୍ରୀ, ବିଧାୟକ ତଥା ବିରୋଧୀ ଦଳର ବହୁ ନେତୃବୃନ୍ଦ ଉପସ୍ଥିତ ରହିବାକୁ ସହମତି ପ୍ରକାଶ କରିଥିବା ଜଣାପଡ଼ିଛି। ଉକ୍ତ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସମ୍ପାଦିକା ଅଧ୍ୟାପିକା ନିରୁପମା ସାହୁ, ଜିଲ୍ଲା ଉପସଭାପତି ଅଧ୍ୟାପକ ଅଶୋକ କୁମାର ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଅଧ୍ୟାପକ ଜୟପ୍ରକାଶ ଦାସ, କୋଷାଧ୍ୟକ୍ଷ ଅଧ୍ୟାପକ ପ୍ରହ୍ଲାଦ ମାହୁନ୍ତ, ଉପଦେଷ୍ଟା ଅଧ୍ୟାପକ ସନ୍ଦୀପ କୁମାର ଘୋଷ, ମିଡିଆ ସେଲ ସଂଯୋଜକ ଡ. ବିଶ୍ୱରଞ୍ଜନ ଦାସ, କାର୍ଯ୍ୟକାରୀ ସଦସ୍ୟ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ପଣ୍ଡା, ରଘୁନାଥ ପଣ୍ଡା, ନିରଞ୍ଜନ ପାଲ୍, କୀର୍ତ୍ତିସୁନ୍ଦର ପଟ୍ଟନାୟକ, ଚିତ୍ତରଞ୍ଜନ ଦାସ, ଭୀମସେନ ଓଝା ଓ ସୁକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ମହାସମାବେଶ ସପକ୍ଷରେ ମତପ୍ରକାଶ କରିଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଅଭିଭାବକ ଓ କର୍ମଚାରୀ ଉପସ୍ଥିତ ରହି ଆନ୍ଦୋଳନକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇବେ ବୋଲି ସଂକଳ୍ପ ନେଇଥିଲେ। ଶେଷରେ ଅଧ୍ୟାପକ ମଞ୍ଜୁର ଅହମ୍ମଦ ଖାନ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ବରଣ୍ଡୁଆ ହାଇସ୍କୁଲରେ ନାଶା ମୁକ୍ତ ଓଡ଼ିଶା ଅଭିଯାନ


ବାସୁଦେବପୁର,୩।୯ (ସମିସ): ବାସୁଦେବପୁର ବ୍ଲକ୍‌ର ବରଣ୍ଡୁଆ ହାଇସ୍କୁଲରେ ବାସୁଦେବପୁର ଥାନା ଓ ଭଦ୍ରକ ସାଇବର ଥାନା ପକ୍ଷରୁ ନାଶା ମୁକ୍ତ ଓଡ଼ିଶା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସମାଜରେ ଦିନକୁ ଦିନ ସାଇବର ଠକେଇ ବୃଦ୍ଧି ପାଉଛି। ସାଇବର ଠକ ଲୋକମାନଙ୍କୁ ଭିନ୍ନ ଭିନ୍ନ ତରିକା ଆପଣେଇ ଅତି ସହଜରେ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ କରିବାରେ ସଫଳ ହେଉଛନ୍ତି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ,




ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ, ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ବାସୁଦେବପୁର ଥାନା ଆଇଆଇସି ନିରୋଜ କୁମାର ସାମଲ, ବରଣ୍ଡୁଆ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲିକ ଯୋଗଦେଇ ସାଇବର ଅପରାଧ କିପରି ରୋକାଯାଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ଶିକ୍ଷକ ଶ୍ରୀକାନ୍ତ ପାକଳ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀମାନେ ସାଇବର ଅପରାଧରେ ଜଡ଼ିତ ହୋଇଯାଉଥିବାରୁ ତାକୁ କିପରି ରୋକାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବରଣ୍ଡୁଆ ଜଗବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧ୍ୟକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଦ୍ରକ,୩।୯ (ସମିସ): ଭଦ୍ରକ ଚରମ୍ପା ମହାବିଦ୍ୟାଳୟର ଅଧ୍ୟକ୍ଷା ସଞ୍ଜୁକ୍ତା ବୋଷ ଗତ ଅଗଷ୍ଟ ୩୧ରେ ୩୫ ବର୍ଷରୁ ଉର୍ଦ୍ଧ୍ୱ ଦୀର୍ଘ ଓ ଗୌରବମୟ ସେବା ଜୀବନ ସମାପ୍ତ କରି ଅବସର ଗ୍ରହଣ କରିଛନ୍ତି। ତାଙ୍କର ସେବାନିବୃତ୍ତି ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଶ୍ରୀମତୀ ବୋଷ ଚରମ୍ପା ମହାବିଦ୍ୟାଳୟରେ ପ୍ରାୟ ୧୦ ବର୍ଷ ଧରି ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପିକା ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ମହାବିଦ୍ୟାଳୟରେ ସେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଭାବେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦବୀରେ ଦାୟିତ୍ୱ ସଫଳତାର ସହ ନିର୍ବାହ କରିଥିଲେ। ପରବର୍ତ୍ତୀ ସମୟରେ ସେ ମହାବିଦ୍ୟାଳୟର ଅଧ୍ୟକ୍ଷା ଭାବେ




ଦାୟିତ୍ୱ ଗ୍ରହଣ କରି ଅନୁଷ୍ଠାନର ଶିକ୍ଷା, ପ୍ରଶାସନିକ ଓ ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ଅବସର ଗ୍ରହଣ ପୂର୍ବରୁ ସେ ଦାୟିତ୍ୱ ଗଣିତ ବିଭାଗର ରିଡର୍ ଜୟନ୍ତ କୁମାର ପରିଡ଼ାଙ୍କୁ ହସ୍ତାନ୍ତର କରିଥିଲେ। ଶ୍ରୀ ପରିଡ଼ା ନୂତନ ଅଧ୍ୟକ୍ଷ ଭାବେ ମହାବିଦ୍ୟାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟ ସଭାରେ ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଯୋଗଦେଇ ଶ୍ରୀମତୀ ବୋଷଙ୍କ କର୍ତ୍ତବ୍ୟନିଷ୍ଠ ଓ ଅନୁଷ୍ଠାନ ପ୍ରତି ଆନୁଗତ୍ୟକୁ ସ୍ମରଣ କରିଥିଲେ।

## ସୂର୍ଯ୍ୟକୁମାର ଦାସ ନଗର ବିଜେଡି ଉପସଭାପତି ନିଯୁକ୍ତ

ଭଦ୍ରକ,୩।୯ (ସମିସ): ଯୁବ ବିଜେଡି ନେତା ତଥା ଟାଉନ ଯୁବ ବିଜେଡିର ପୂର୍ବତନ ସମ୍ପାଦକ ତଥା ୧୧ ନମ୍ବର ୱାର୍ଡ କାଉନ୍‌ସିଲର ଗୀତାଞ୍ଜଳି ଦାସଙ୍କ ପ୍ରତିନିଧି ସୂର୍ଯ୍ୟକୁମାର ଦାସ(ବବ୍‌ଲୁ) ଭଦ୍ରକ ନଗର ବିଜେଡି କମିଟିର ଉପସଭାପତି ଭାବେ ଚୟନ ହୋଇଛନ୍ତି। ଏହି ନୂତନ ନିଯୁକ୍ତି ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ଡ. ବ୍ୟୋମକେଶ ରାୟ ଓ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ



ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅଗାମୀ ଦିନରେ ଭଦ୍ରକ ପୌରପାଳିକାରେ ବିଜେଡିକୁ ଅଧିକରୁ ଅଧିକ ସଶକ୍ତ କରି ପୁନର୍ବାର ପୌରପାଳିକା ଦଖଲ କରିବାକୁ ଶତଚେଷ୍ଟା କରିବି ବୋଲି ସେ ନିଜ ପ୍ରତିକ୍ରିୟାରେ କହିବା ସହ ସହ ୧୧ ନମ୍ବର ୱାର୍ଡର ବିକାଶଧାରା ବଳବତ୍ତର ରଖିବା ଲାଗି ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।

## ଯୌତୁକ ପ୍ରଥା ବିରୋଧରେ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ

ଭଦ୍ରକ,୩।୯ (ସମିସ): ଭଦ୍ରକ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଜିଲ୍ଲା ସଂସ୍କୃତି ଭବନଠାରେ 'ଯୌତୁକ ନିଷେଧ ଅଧିନିୟମ-୧୯୬୧' ସମ୍ପର୍କିତ ଏକ ଦିବସୀୟ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାଢ଼ୀ ସ୍ୱାଗତ ଭାଷଣ ଦେବା ସହ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ମହିଳାମାନଙ୍କ ସଶକ୍ତୀକରଣ ସହ ମାନସିକତା ଓ ସାମାଜିକ ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। କର୍ମଶାଳାର ଅଧ୍ୟକ୍ଷ ତଥା ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାପାଳ ଯୌତୁକ ନିଷେଧ ଅଧିନିୟମ-୧୯୬୧ର ବ୍ୟାପକ ପ୍ରଚାର ଓ କାର୍ଯ୍ୟକାରୀ ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଯୌତୁକ ପ୍ରଥା ବିରୋଧରେ ତୃଣମୂଳସ୍ତରରୁ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ସହ ଆଇନର ବ୍ୟବସ୍ଥା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ଦିଗରେ ସମସ୍ତ ବିଭାଗ ଓ ସମାଜର ବିଭିନ୍ନ ବର୍ଗର ମିଳିତ ପ୍ରୟାସ ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତିନିଧି ମୋନାଲିସା କର, ଜିଲ୍ଲା ଆଇନ ସେବା ପ୍ରାଧିକରଣର ପ୍ରତିନିଧି ଡ. ତାପସ କୁମାର ମହାନ୍ତି ଏବଂ ଜନସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧି କନକଲତା ସାହୁ ପ୍ରମୁଖ ଯୋଗଦେଇ ଯୌତୁକ ପ୍ରଥା ନିରାକରଣ, ଆଇନର ଗୁରୁତ୍ୱ ଏବଂ ଏ ଦିଗରେ ବିଭିନ୍ନ ବିଭାଗର ଭୂମିକା ସମ୍ପର୍କରେ ନିଜ



ନିଜ ମତାମତ ପ୍ରଦାନ କରିଥିଲେ। କର୍ମଶାଳାରେ ସମ୍ବଳ ବ୍ୟକ୍ତି ଭାବେ ବରିଷ୍ଠ ଆଇନଜୀବୀ ଗିରିଧାରୀ ନାଥ ଏବଂ ଗଙ୍ଗାଧର ବଳ ଯୋଗଦେଇ ଯୌତୁକ ନିଷେଧ ଅଧିନିୟମ-୧୯୬୧ର ବିଭିନ୍ନ ଆଇନଗତ ଦିଗ, ଯୌତୁକ ନେବା-ଦେବା ସମ୍ପର୍କିତ ଆଇନଗତ ବ୍ୟବସ୍ଥା ଏବଂ ଏହାର ଅନୁପାଳନ ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କୁ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ। ଏଥିସହ ବିଭିନ୍ନ ସମାଜସେବୀ ଯୋଗଦେଇ ଯୌତୁକ ପ୍ରଥାର କୁପ୍ରଭାବ, ଏହା ଦ୍ୱାରା ମହିଳାମାନେ ସମ୍ମୁଖୀନ ହେଉଥିବା ସାମାଜିକ ସମସ୍ୟା ଏବଂ ଏହି କୁପ୍ରଥାକୁ ସମାଜରୁ ସମ୍ପୂର୍ଣ୍ଣ ଭାବେ ଦୂର କରିବା ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ସମ୍ପର୍କରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଆଇସିଡିଏସ୍ ପ୍ରକଳ୍ପର ସିଡିପିଓ, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି ଏବଂ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଉପସ୍ଥିତ ରହି କର୍ମଶାଳାରୁ ଆବଶ୍ୟକୀୟ ତାଲିମ ଓ ସୂଚନା ଗ୍ରହଣ କରିଥିଲେ। କର୍ମଶାଳାକୁ ସଫଳ ଓ ସୁଚାରୁରୂପେ ପରିଚାଳନା କରିବାରେ ଜିଲ୍ଲା ମହିଳା ସଶକ୍ତୀକରଣ କେନ୍ଦ୍ରର କର୍ମଚାରୀମାନେ ସହଯୋଗ କରିଥିଲେ। ସୁରକ୍ଷା ଅଧିକାରୀ ସବିତା ବେହେରା ସମଗ୍ର କର୍ମଶାଳାକୁ ସୁଚାରୁରୂପେ ସଞ୍ଚାଳନା କରିଥିଲେ। ଶେଷରେ ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ ଉପସ୍ଥିତ ସମସ୍ତ ଅତିଥି, ସମ୍ବଳ ବ୍ୟକ୍ତି, ପ୍ରଶିକ୍ଷାର୍ଥୀ ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୌଳିକ ସମସ୍ୟାରେ ଜର୍ଜରିତ ବାଙ୍କତିରା ହାଇସ୍କୁଲ

ବନ୍ତ/ଆଗରପଡ଼ା,୩।୯ (ସମିସ)

ସରକାର ଶିକ୍ଷାର ମାନବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିବା ସହିତ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସରକାରଙ୍କ ଯୋଜନାର ସଫଳ ରୂପାୟଣ ହୋଇପାରୁ ନ ଥିବା ଜଣାପଡ଼ିଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ କାଦବରାଙ୍ଗ ପଞ୍ଚାୟତ ଅର୍ନ୍ତଗତ ବାଙ୍କତିରା ହାଇସ୍କୁଲରେ। ଅର୍ଥ ମହଜୁଦ ଥାଇ ମଧ୍ୟ ଅଧାଗଡ଼ାରେ ଅଟକିଛି ଗୃହ ନିର୍ମାଣ, ଯାହାକି ପିଲାଙ୍କ ଭବିଷ୍ୟତ ଗଢ଼ାରେ ବାଧକ ସାଜିଛି। ନା ଅଛି ଶ୍ରେଣୀ ଗୃହ, ନା ଅଛି ଶୌଚାଳୟ, ନା ଶୈକ୍ଷିକ ବାତାବରଣ; ତଥାପି ଚାଲିଛି ବିଦ୍ୟାଳୟ। ଉକ୍ତ ବିଦ୍ୟାଳୟଟି




- ୧୨ କର୍ମଚାରୀ ସ୍ଥାନରେ ଅଛନ୍ତି ମାତ୍ର ୫
- ୩ ଶ୍ରେଣୀର ପିଲାଙ୍କୁ ପାଠ ପଢ଼ାଉଛନ୍ତି ୪ ଶିକ୍ଷକ
- ଭବିଷ୍ୟତ ଗଢ଼ାରେ ବାଧକ ଅର୍ଦ୍ଧନିର୍ମିତ ଗୃହ

୧୯୮୭ ମସିହାରେ ପ୍ରତିଷ୍ଠା ହୋଇଥିଲା। ପ୍ରତିଷ୍ଠା ହେବାର ୩୮ ବର୍ଷ ଅତିକ୍ରମ କରିଯାଇଥିଲେ ସୁଦ୍ଧା ଏହାର ମୌଳିକ ସମସ୍ୟାଗୁଡ଼ିକର ସମାଧାନ ହୋଇପାରିନାହିଁ। ଚଳିତ ଶିକ୍ଷା ବର୍ଷରେ ଉକ୍ତ ହାଇସ୍କୁଲର ୮ମ ଶ୍ରେଣୀରେ ୪୭, ୯ମରେ ୫୧ ଓ ୧୦ମରେ ୫୬ ଏହିପରି ୩ଟି ଶ୍ରେଣୀରେ ମୋଟ୍ ଛାତ୍ରଛାତ୍ରୀ ସଂଖ୍ୟା ୧୫୪। ସର୍ବ ଶିକ୍ଷା ଅଭିଯାନର ନିୟମ ଅନୁସାରେ ୮ମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେବାର ବ୍ୟବସ୍ଥା ଥିଲେ ସୁଦ୍ଧା ସେଥିପାଇଁ ଏହି ବିଦ୍ୟାଳୟଟିରେ ସ୍ଥାୟୀ ରୋଷେଇ ଗୃହ ନିର୍ମାଣ ହୋଇପାରୁ ନ ଥିବାରୁ ଏକ ଚାଳିଆ ଘରେ ଅସ୍ୱାସ୍ଥ୍ୟକର ପରିବେଶରେ ବହୁବର୍ଷ ରୋଷେଇ ଚାଲିଥିଲା। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ୨୦୧୯ରେ ଏକ ରୋଷେଇ ଗୃହ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା। ଆବଶ୍ୟକୀୟ ଶ୍ରେଣୀ ଗୃହ ଅଭାବରୁ ଛାତ୍ରଛାତ୍ରୀମାନଙ୍କ ଶୈକ୍ଷିକ ପରିବେଶ ଅନୁକୂଳ ହେଉ ନ ଥିବା ପରିଲକ୍ଷିତ ହେଉଛି। ୨ଟି ସୁରକ୍ଷିତ ଛାତ ଗୃହରେ ୮ମ ଓ ୯ମ ଶ୍ରେଣୀର ପାଠପଢ଼ା ଚାଲିଥିବାବେଳେ ଗୋଟିଏ ଅସୁରକ୍ଷିତ ଆଜ୍‌ବେଷ୍ଟସ୍ ଗୃହରେ ୫୬ ଜଣ ପିଲାଙ୍କୁ ନେଇ ଚାଲିଛି ୧୦ମ ଶ୍ରେଣୀର ପାଠପଢ଼ା। ହାଇସ୍କୁଲର ଗୃହ ସମସ୍ୟା ଲାଗି ରହିଥିବାରୁ ଏମ୍ଇ ସ୍କୁଲର ଏକ ଗୃହରେ ଏହାର କାର୍ଯ୍ୟାଳୟ ଚାଲିଛି।

ଦୁଃଖ ଓ ବିଡ଼ମ୍ବନାର ବିଷୟ, ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ୪ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବାବେଳେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ (ପିଅନ) କାର୍ଯ୍ୟରତ ଅଛନ୍ତି। ଟିଜି(କଳା)ରେ ୨ ଜଣ, ହିନ୍ଦୀ ଓ ଖେଳ ଶିକ୍ଷକ ପଦବୀ ଏହିପରି ୪ଜଣ ଶିକ୍ଷକଙ୍କ ପଦବୀ ଖାଲି ପଡ଼ିଥିବାବେଳେ ଅଫିସ ସହକାରୀ ଓ ୨ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଆବଶ୍ୟକତା ରହିଛି। କହିବାକୁ ଗଲେ ୧୨ ଜଣ କର୍ମଚାରୀଙ୍କ ଆବଶ୍ୟକ ଥିବାବେଳେ ୫ଜଣ କର୍ମଚାରୀଙ୍କୁ ନେଇ ଉକ୍ତ ହାଇସ୍କୁଲ ଚାଲିଛି। ଆବଶ୍ୟକୀୟ ଶୌଚାଳୟ ନ ଥିବାରୁ ଛାତ୍ରଛାତ୍ରୀମାନଙ୍କ ସହ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟଟିର କୌଣସି ସ୍ଥାୟୀ ପାଚେରି ନ ଥିବାରୁ ଗୋରୁଗାଈମାନଙ୍କ ସମେତ ଅସାମାଜିକ ବ୍ୟକ୍ତିଙ୍କର ଅବାଧ ପ୍ରବେଶ ଘଟିବା ସହ ପିଲାମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ରକ୍ଷଣାବେକ୍ଷଣ ଅଭାବରୁ ଖେଳ ପଡ଼ିଆଟି ବ୍ୟବହାରଯୋଗ୍ୟ ହୋଇପାରୁ ନାହିଁ। ବିଦ୍ୟାଳୟଟିରେ ବିଜ୍ଞାନାଗାର କିମ୍ବା କୌଣସି ଉପକରଣ ସାମଗ୍ରୀ ନ ଥିବାରୁ ବିଜ୍ଞାନ ବିଷୟରେ ଅଧ୍ୟୟନ, କମ୍ପ୍ୟୁଟର ପାଠ୍ୟକ୍ରମ ଆଦିରେ ଅସୁବିଧା ସୃଷ୍ଟି ହେଉଛି। ଏହିସବୁ ସମସ୍ୟାରେ ସୁଧାର ଆଣିବା ପାଇଁ ବିଭିନ୍ନ ଯୋଜନାରେ ଶ୍ରେଣୀଗୃହ ନିର୍ମାଣ, ପାଇଖାନା ଓ ପାନୀୟ ଜଳଯୋଗାଣ କାର୍ଯ୍ୟ, ଇ-ଲାଇବ୍ରେରୀ ଓ ବିଜ୍ଞାନାଗାର ନିର୍ମାଣ, ପରିସରର ସୌନ୍ଦର୍ଯ୍ୟ ଉନ୍ନତୀକରଣ ଆଦି ପାଇଁ ପଞ୍ଚାୟତ ତରଫରୁ ଅର୍ଥ ମଞ୍ଜୁର ହୋଇଥିଲେ ସୁଦ୍ଧା ଏହି ସବୁ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ବର୍ଷାଧିକ କାଳ ବିତିଯିବା ପରେ ବି ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରୁଥିବା ଜଣାପଡ଼ିଛି।

ବିଗତ ବର୍ଷରେ ଉକ୍ତ ହାଇସ୍କୁଲର ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ନଜିର୍ ମଧ୍ୟ ରହିଛି। ତେଣୁ ଯଦି ହାଇସ୍କୁଲର ଶୈକ୍ଷିକ ବାତାବରଣରେ ପରିବର୍ତ୍ତନ ଅଣାଯାଇପାରନ୍ତା ତେବେ ଉକ୍ତ ହାଇସ୍କୁଲ ତା'ର ଆହୁରି ମାନବୃଦ୍ଧି କରିପାରନ୍ତା ବୋଲି ଅଭିଭାବକଙ୍କ ସମେତ ଶିକ୍ଷାବିତ୍ ମତପୋଷଣ କରିଛନ୍ତି। ସରକାରୀସ୍ତରରେ ଛତୁ ଫୁଟିବା ପରି ବିଦ୍ୟାଳୟମାନ ଖୋଲାଯାଉଥିଲେ ସୁଦ୍ଧା ଅଧ୍ୟୟନ କ୍ଷେତ୍ରରେ ସେହିପରି କୌଣସି ସୁବିଧାସୁଯୋଗ ଉପଲବ୍ଧ ହେଉ ନ ଥିବାରୁ ଏହା ଦ୍ୱାରା କିଛି ସୁଫଳ ମିଳିବା ବଦଳରେ ଏହା ଏକ ପ୍ରହସନରେ ପରିଣତ ହେଉଛି। ତେଣୁ ଶିକ୍ଷା ବ୍ୟବସ୍ଥାରେ ଏହି ପ୍ରହସନ ଆଉ କେତେଦିନ ବୋଲି ଲୋକମାନଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିପରି ଅବ୍ୟବସ୍ଥା ଯଦି ଲାଗି ରହେ ତେବେ ଏହା ନିଶ୍ଚିତ ଭାବେ କୋମଳମତି ଛାତ୍ରଛାତ୍ରୀମାନଙ୍କ ଉପରେ କୁପ୍ରଭାବ ପକାଇବ, ଏଥିରେ ଦ୍ୱିମତ ନାହିଁ ବୋଲି ବୁଦ୍ଧିଜୀବୀମାନେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ତେଣୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଗ୍ରାମବାସୀଙ୍କ ସମେତ ଅଭିଭାବକ ମହଲରେ ଦାବି ହେଉଛି।

## ସେମାନଙ୍କ ମତରେ...



ହାଇସ୍କୁଲ ପ୍ରତିଷ୍ଠା ହେବା ଦିନଠୁ ୩୫ ବର୍ଷ ଧରି ମୁଁ ଏଠାରେ ଶିକ୍ଷାଦାନ କରିବା ସହ ହାଇସ୍କୁଲର ପ୍ରଧାନଶିକ୍ଷକ ହାଇଦ୍ୱ ନିର୍ବାହ କରିଆସୁଥିଲି। ଆଖପାଖ ଗାଁର ଶତାଧିକ ଛାତ୍ରଛାତ୍ରୀ ଏଠାରେ ଶିକ୍ଷାଲାଭ କରି ବ୍ଲକ୍, ଜିଲ୍ଲା ତଥା ରାଜ୍ୟରେ ହାଇସ୍କୁଲର ମାନବୃଦ୍ଧି କରିଆସୁଛନ୍ତି। କିନ୍ତୁ ଗତ ୨ବର୍ଷ ହେବ ବିଦ୍ୟାଳୟର କିଛି ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଅବସର ନେଇଥିବାରୁ ପଦବୀ ଫାଙ୍କା ପଡ଼ିଛି, ଯାହା ଶିକ୍ଷାର ମାନବୃଦ୍ଧିରେ ପ୍ରଭାବ ପକାଉଛି। ତେଣୁ ଉକ୍ତ ପଦବୀ ପୂରଣ ହୋଇପାରିଲେ ଉକ୍ତ ହାଇସ୍କୁଲ ତା'ର ପୂର୍ବ ଗୌରବ ବଜାୟ ରଖିପାରନ୍ତା।

**ବାବାଜୀ ଚରଣ ରାଉତ,**
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ବାଙ୍କତିରା ହାଇସ୍କୁଲ



କର୍ମଚାରୀ ଅଭାବ ଓ ଶୈକ୍ଷିକ ବାତାବରଣ ଶିକ୍ଷାର ମାନବୃଦ୍ଧିରେ ପ୍ରଭାବ ପକାଉଛି। ବିଗତ ବର୍ଷରେ ଉକ୍ତ ହାଇସ୍କୁଲର ଛାତ୍ର ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ବ୍ଲକ୍‌ରେ ହାଇସ୍କୁଲର ମାନବୃଦ୍ଧି କରିଛନ୍ତି। ତେଣୁ କର୍ମଚାରୀ ଅଭାବ ପୂରଣ ହୋଇପାରିଲେ ଶିକ୍ଷାର ମାନ ଆହୁରି ବୃଦ୍ଧି ହୋଇପାରନ୍ତା।

**ବ୍ରହ୍ମାନନ୍ଦ ଭୂୟାଁ,** ପ୍ରଧାନଶିକ୍ଷକ, ବାଙ୍କତିରା ହାଇସ୍କୁଲ



ହାଇସ୍କୁଲରେ କର୍ମଚାରୀ ଅଭାବ ଥିବା ସତ୍ତ୍ୱେ ପୂର୍ବ ଗୌରବ ବଜାୟ ରଖିବା ପାଇଁ ଶିକ୍ଷାଦାନ କ୍ଷେତ୍ରରେ ୪ଜଣ ଶିକ୍ଷକଙ୍କ ଚେଷ୍ଟା ଓ ଉତ୍ସାହ ମୋ ଅଧୀନରେ ଥିବା ଅନ୍ୟ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ପାଇଁ ଉଦାହରଣ ପାଲଟିଛି। ତେଣୁ ବିଭାଗ ପକ୍ଷରୁ ହାଇସ୍କୁଲର ଅଭାବ ପୂରଣ ନିତ୍ୟାନ୍ତ ଆବଶ୍ୟକ।

**ପ୍ରଦୀପ ପଲାଇ,**
ସିଆର୍‌ସିସି, କାଦବରାଙ୍ଗ କ୍ଲଷ୍ଟର

## ୧୫୮ ଲିଟର ମଦ ଜବତ; ୩ ଗିରଫ

ବାରିକପୁର,୩।୯ (ସମିସ): ଭଣ୍ଡାରିପୋଖରୀ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଅତର୍କିତ ଚଢ଼ଉ କରାଯାଇ ବ୍ୟାପକ ମଦ ଜବତ ହୋଇଛି। ମିଳିଥିବା ସୂଚନା ମୁତାବକ, ବଡ଼ବନସ୍ତାଠାରୁ ୯୪ ଲିଟର ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି। ସେହିଭଳି କହରାପୋଖରୀଠାରେ ଗୋଟିଏ ଢାବାରୁ ମଧ୍ୟ ବିଦେଶୀ ମଦ ପୁଲିସ ଜବତ କରିଛି। ମୋଟ୍ ୧୫୮ ଲିଟର ମଦ ଜବତ ହୋଇଥିବାବେଳେ ବେଆଇନ ବିକ୍ରି ଅଭିଯୋଗରେ ସୁଶାନ୍ତ ବେହେରା, ଶିଶିର ଜେନା ଓ ସତ୍ୟବ୍ରତ ଜେନାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଆଗକୁ ପାର୍ବଣ ଋତୁ ଆସୁଥିବାବେଳେ ବିଭିନ୍ନ ସ୍ଥାନରେ ଚୋରା ମଦ କାରବାର ବୃଦ୍ଧିପାଇବ ଏଥିରେ ସନ୍ଦେହ ନାହିଁ। ତେଣୁ ପୁଲିସ ଓ ଅବକାରୀ ବିଭାଗ ଏହା ଉପରେ ଦୃଷ୍ଟି ରଖିବାକୁ ସାଧାରଣରେ ଦାବି ହୋଇଛି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ୨ ଛାତ୍ରଛାତ୍ରୀ ମନୋନୀତ

ଧାମନଗର,୩।୮ (ସମିସ): ଧାମନଗର ବ୍ଲକ୍ ପାଇଁ ଗର୍ବର ବିଷୟ। ଆସନ୍ତା ସେପ୍ଟେମ୍ବର ୫ ଗୁରୁ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ହେବାକୁ ଥିବା 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର (ଏଏସ୍‌ପି-୨୦୨୫)' ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ପାଇଁ ଧାମନଗର ବ୍ଲକ୍‌ର ଦୁଇଜଣ କୃତୀ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ 'ଷ୍ଟୁଡେଣ୍ଟ୍‌ସ ମେରିଟ୍ କମ୍ ସ୍କଲାରସିପ୍ ଆୱାର୍ଡ-୨୦୨୫' ତାଲିକାରେ ଧାମନଗର ବ୍ଲକ୍ ଗୋପବନ୍ଧୁ ନଗର ହାଇସ୍କୁଲର ୨ଜଣ ମେଧାବୀ ଶିକ୍ଷାର୍ଥୀ ସ୍ଥାନ ପାଇଛନ୍ତି। ସାଇଜ୍ୟୋତି ବେହେରା ଓ ସନ୍ତୋଷ ବେହେରା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୫ ତାରିଖରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ଉଭୟ କୃତୀ ଶିକ୍ଷାର୍ଥୀଙ୍କୁ ସମ୍ମାନିତ କରାଯିବ। ଏହି ସଫଳତାରେ ଗୋପବନ୍ଧୁ ନଗର ହାଇସ୍କୁଲର ଶିକ୍ଷକଶିକ୍ଷୟିତ୍ରୀ, ପରିଚାଳନା କମିଟି, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଆନନ୍ଦ ପ୍ରକାଶ କରିବା ସହ ଉଭୟ କୃତୀ ଶିକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୨ ଛାତ୍ରଛାତ୍ରୀଙ୍କ ଏହି ସଫଳତା ଧାମନଗର ଅଞ୍ଚଳ ପାଇଁ ଗୌରବର ବିଷୟ ହୋଇଛି।

## କାର୍ ଧକ୍କାରେ ମହିଳା ମୃତ

ବାରିକପୁର,୩।୯ (ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର କହରାପୋଖରୀ ନିକଟରେ ଏକ କାର୍ ଧକ୍କାରେ ଜଣେ ମହିଳାଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ନିର୍ଗୁଣ୍ଡି ପଞ୍ଚାୟତ ମୋହୁରା ଗାଁର ଦୁଲି ପାତ୍ର ଗୁରୁବାର ସକାଳେ ରାସ୍ତାରେ ଚାଲିକି ଯାଉଥିବାବେଳେ ବାଲେଶ୍ୱର ପଟୁ ଦ୍ରୁତଗତିରେ ଆସୁଥିବା କାର୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ମହିଳାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ କାର୍‌ଟିକୁ ଜବତ ମଧ୍ୟ କରିଛି। ଏନେଇ ଏକ ମାମଲା ରୁଜୁ ହୋଇଛି।

## ଚୋରା ମଦ କାରବାର; ଜଣେ ଗିରଫ

ଧୂଷୁରୀ,୩।୯ (ସମିସ): ଧୂଷୁରୀ ଥାନା ଅଧୀନ କୋଠାର ଛକରେ ଚୋରା ମଦ କାରବାରରେ ସମ୍ପୃକ୍ତ ବ୍ୟକ୍ତିକୁ ଧୂଷୁରୀ ପୁଲିସ ଗିରଫ କରିଛି। ଗିରଫ ଜଣକ ହେଲେ କୋଠାର ଗାଁର ଅକ୍ଷୟ ଦାସ। ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ କୋଠାର ଛକ ନିକଟରେ ଅକ୍ଷୟ ଦାସ ଚୋରା ଭାବେ ବିଦେଶୀ ମଦ ବିକ୍ରି କରୁଥିବା ସମୟରେ ଧୂଷୁରୀ ପୁଲିସ ତାଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ମୋଟ୍ ୧୮ ବୋତଲ ବିଦେଶୀ ମଦ, ଯାହାର ପରିମାଣ ପ୍ରାୟ ୩ ଲିଟର ୨୪୦ ମିଲିଲିଟର ଜବତ କରାଯାଇଥିବା ଜଣାପଡ଼ିଛି। ଅକ୍ଷୟ ଦାସ ଦୀର୍ଘଦିନ ଧରି କୋଠାର ଅଞ୍ଚଳରେ ଚୋରା ମଦ କାରବାରରେ ସମ୍ପୃକ୍ତ ଥିବା ନେଇ ପୁଲିସ ନିକଟରେ ସୂଚନା ଅଛି। ଏନେଇ ଧୂଷୁରୀ ଥାନାରେ ଏକ ମାମଲା ରୁଜୁ ହେବା ସହ ଅକ୍ଷୟଙ୍କୁ ଗିରଫ କରାଯାଇଛି।

## ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଚାନ୍ଦବାଲି,୩।୯ (ସମିସ): ବୁଧବାର ଚାନ୍ଦବାଲିରେ ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କରଞ୍ଜମାଳ ପଞ୍ଚାୟତ ସଶିକାଦେଇପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଚାନ୍ଦବାଲି ବିଡିଓ ସଞ୍ଜିବ ମହାପାତ୍ର ଫିତାକାଟି ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଭିନ୍ନକ୍ଷମମାନଙ୍କ ଲାଗି ୭ଟି ନାମ ପଞ୍ଜୀକରଣ କେନ୍ଦ୍ର କରାଯାଇଥିଲା। ୩୨୩ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଭାଇଭଉଣୀ ନାମ ପଞ୍ଜୀକରଣ କରିଥିବା ସୂଚନା ମିଳିଛି। ସମସ୍ତ ବିଭାଗର ଡାକ୍ତରମାନେ ଉପସ୍ଥିତ ରହି କାହାର କେତେ ଭାଗ ଭିନ୍ନକ୍ଷମ ତାହା ପରୀକ୍ଷା ନିରୀକ୍ଷା କରି କରିଥିଲେ। କରଞ୍ଜମାଳ ସରପଞ୍ଚ ରମେଶ ନାୟକ, ସମାଜସେବୀ ଅବ୍‌ଦୁଲ ଅହେଦ ଖାନ୍‌ଙ୍କ ସମେତ ସମସ୍ତ ରାଜନୈତିକ ଦଳର କର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସୁଫଳ କରାଇଥିଲେ। ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ଚାନ୍ଦବାଲି ବ୍ଲକ୍ ପ୍ରଶାସନ ସହିତ କରଞ୍ଜମାଳ ଫାଣ୍ଡି ଅଧିକାରୀ ରଞ୍ଜନ ବେହେରାଙ୍କ ସମେତ ମିଳିତ ସହଯୋଗରେ କାର୍ଯ୍ୟକ୍ରମଟି ସୁରୁଖୁରୁରେ ସମାପନ ହୋଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଅଶୋକ ମିଶ୍ର, ଶିକ୍ଷକ ସୂର୍ଯ୍ୟକାନ୍ତ ମହାନ୍ତି, ଶିକ୍ଷୟିତ୍ରୀ ମଞ୍ଜୁଳା ପଟ୍ଟନାୟକ, ୬ଜଣ ଭିନ୍ନକ୍ଷମ ସ୍ୱେଚ୍ଛାସେବୀ ଦୀପକ ମହାନ୍ତି, ସଞ୍ଜୟ ଦାସ, ଗଦାଧର ରାଉତ, ଜ୍ୟୋତିରେଖା ରାଉତ, ବୈଜୟନ୍ତୀ ପାଢ଼ୀ, ଗଦାଧର ବାରିକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ଆବାସ ନିର୍ମାଣ ପାଇଁ ଜମାଖାତାକୁ ଆସିଲା ଟଙ୍କା

ବନ୍ତ/ଆଗରପଡ଼ା,୩।୯ (ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ତାଜିପୁର ଗ୍ରାମ ଆଦିବାସୀ ସାହିରେ ବସବାସ କରୁଥିବା ବଣୁଆ ମୁଣ୍ଡା ଆବାସ ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ବ୍ଲକ୍ ପ୍ରଶାସନର ଅବହେଳାରୁ ତାଙ୍କ ନାମ ତାଲିକାରୁ କଟିଯାଇଥିଲା। ପରେ ଏ ନେଇ ଅଭିଯୋଗ ହେବାରୁ ୨୦୨୪ ମେ' ମାସରେ ତାଙ୍କ ନାମକୁ ହିତାଧିକାରୀ ତାଲିକାରେ ଯୋଡ଼ିବାକୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଅନୁରୋଧ କରିଥିବା ଜନସୂଚନା ଅଧିକାର ଆଇନ ବଳରେ ମିଳିଥିବା ସୂଚନାରୁ ଜଣାପଡ଼ିଥିଲା। ସୂଚନା ଅଧିକାର କର୍ମୀ ବିକାଶ ଧଳ ୨୦୨୪ ଏପ୍ରିଲ୍ ମାସରେ ବଣୁଆ ମୁଣ୍ଡାଙ୍କ ଆବାସ ସମ୍ବନ୍ଧୀୟ ବିବରଣୀ ପଞ୍ଚାୟତ ସମିତି ବନ୍ତଙ୍କୁ ମାଗିଥିଲେ। ପରେ ସେହି ମାସରେ ପଞ୍ଚାୟତ ସମିତି ବନ୍ତର ଜନ ସୂଚନା ଅଧିକାରୀ ଦେଇଥିବା ସୂଚନା ଅନୁଯାୟୀ, ତତ୍କାଳୀନ ବ୍ଲକ୍ ପ୍ରୋଗ୍ରାମ କୋଅର୍ଡିନେଟର ଅଜାଣତରେ ହିତାଧିକାରୀ ତାଲିକାରୁ ତାଙ୍କ ନାମ କାଟିଦେଇଥିଲେ। କିନ୍ତୁ ଅଭିଯୋଗ ପରେ ସେ ପୁନର୍ବାର ତାଙ୍କ ନାମକୁ ତାଲିକାଭୁକ୍ତ କରିବା ପାଇଁ ଅନୁରୋଧ କରିବା ସହ ବ୍ଲକ୍ ଉନ୍ନୟନ ଅଧିକାରୀ ମଧ୍ୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ଏହି ସମସ୍ୟା ନେଇଥିବା ପ୍ରକାଶ କରିଥିବା ଉଲ୍ଲେଖ କରିଥିଲେ। ତତ୍କାଳୀନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ତାଙ୍କ ଭୁଲ୍‌କୁ ସ୍ୱୀକାର କରିବା ସହ ଆଗାମୀ ଦିନରେ ତାଙ୍କ ନାମକୁ ଯୋଡ଼ିବାର ସମସ୍ତ ପ୍ରୟାସ କରିବେ ବୋଲି ଲିଖିତ ଭାବେ ଜଣାଇଥିବା ତାଙ୍କ ପତ୍ରରୁ ଜଣାପଡ଼ିଥିଲା। ଏହିପରି ଭୁଲ୍ ପାଇଁ ତତ୍କାଳୀନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦରମା ମଧ୍ୟ ବନ୍ଦ କରାଯାଇଥିଲା। ସରକାରଙ୍କ ଯୋଜନା ପ୍ରହସନରେ ପରିଣତ ହେବାକୁ ନେଇ ଗତ ଜାନୁଆରୀ ୮ ତାରିଖ 'ଅଧିକାରୀଙ୍କ ପ୍ରତିଶ୍ରୁତି ପାଣିର ଗାର; ପ୍ରଧାନମନ୍ତ୍ରୀ ଆବାସରୁ ବଞ୍ଚିତ ବଣୁଆ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ବ୍ଲକ୍ ପ୍ରଶାସନ ପକ୍ଷରୁ ବଣୁଆଙ୍କୁ ଆବାସ ପ୍ରଦାନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡ଼ିଥିଲା। ଶେଷରେ ବଣୁଆଙ୍କ ହକ୍ ଓ ସୂଚନା ଅଧିକାରୀ କର୍ମୀଙ୍କ ଜିଦ୍ ଆଗରେ ପ୍ରଶାସନ ହାର୍ ମାନିବା ସହ ତାଙ୍କ ଜମା ଖାତାକୁ ଇତି ମଧ୍ୟରେ ଆବାସ ନିର୍ମାଣ ନିମନ୍ତେ ପ୍ରଥମ କିସ୍ତି ଟଙ୍କା ଆସିଥିବା ଜଣାପଡ଼ିଛି।



## ଭଦ୍ରକ ସ୍ୱୟଂଶାସିତ କଲେଜରେ ଜାତୀୟ କ୍ରୀଡ଼ା ଦିବସ

ଭଦ୍ରକ,୩।୯ (ସମିସ): ପ୍ରତି ବର୍ଷ ପରି ଚଳିତ ବର୍ଷ ଭଦ୍ରକ ସ୍ୱୟଂଶାସିତ କଲେଜ ପ୍ରାଙ୍ଗଣରେ ଅଧ୍ୟକ୍ଷଙ୍କ ମାର୍ଗଦର୍ଶନରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ କପିଳାସ କଲେଜ ଅଧ୍ୟକ୍ଷ ଗୋଲକ ନାୟକ ଯୋଗଦେଇଥିବା ବେଳେ ଭଦ୍ରକ କଲେଜର ଅଧ୍ୟକ୍ଷ ଲଳିତ ରଞ୍ଜନ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏହି କ୍ରୀଡ଼ା ଦିବସରେ ହକିର ଯାଦୁଗର ମେଜର୍ ଧ୍ୟାନ ଚାନ୍ଦଙ୍କ ବିଷୟରେ ଆଲୋକପାତ ହୋଇଥିବାବେଳେ ଜିଲ୍ଲାରେ ବିଭିନ୍ନ ଖେଳରେ କୃତିତ୍ୱ ହାସଲ କରିଥିବା ତଥା ଜାତୀୟସ୍ତର ଓ ବିଶ୍ୱବିଦ୍ୟାଳୟସ୍ତରରେ କୃତୀ ଖେଳାଳିମାନଙ୍କୁ ପଦକ ଓ ଉପଢ଼ୌକନ ସହିତ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କ୍ରୀଡ଼ା ଶିକ୍ଷକ ତଥା କ୍ରୀଡ଼ା ସଂଗଠକ ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ କୋଚ୍ ଅସିତ୍ ଦାସ ଏବଂ ରାଜେଶ ନାୟକ ପ୍ରମୁଖ ସ୍ୱତଃପ୍ରବୃତ୍ତ ଭାବରେ ସହଯୋଗ କରିବା ସହିତ ବିଦାୟୀ ଭାଷଣ ରଖିଥିଲେ।




## ଯୁବଶକ୍ତି ସହ ପୁଲିସର ସୁସମ୍ପର୍କ ଆଲୋଚନା

ତିହିଡ଼ି,୩।୯ (ସମିସ): ପୁଲିସ ସେବାରେ ଉତ୍କର୍ଷ ପାଇଁ ଚଳିତ ବର୍ଷ ଅଗଷ୍ଟ ୧୫ ତାରିଖରେ ରାଷ୍ଟ୍ରପତିଙ୍କଠାରୁ ସମ୍ମାନଜନକ 'ରାଷ୍ଟ୍ରପତି ପଦକ'ରେ ସମ୍ମାନିତ ପୁଲିସ ଇନ୍ସପେକ୍ଟର ତଥା ତିହିଡ଼ିର ପୂର୍ବତନ ଥାନାଧିକାରୀ ମହମ୍ମଦ ହାଫିଜ୍ ଆରସା ଖେଳ ପଡ଼ିଆ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ମୁକୁନ୍ଦପୁର ଯୁବବାହିନୀର ସଦସ୍ୟମାନଙ୍କ ସହ ଆଲୋଚନା କରି ପୁଲିସ ବାହିନୀ ଓ ଯୁବକମାନଙ୍କ ମଧ୍ୟରେ ସୁସମ୍ପର୍କ ଓ ବନ୍ଧୁତ୍ୱ ବଢ଼ାଇବା ଲକ୍ଷ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରୀଡ଼ା ମ୍ୟାଚ୍ ଆୟୋଜନ ପାଇଁ ପ୍ରସ୍ତାବ ଦେଇଥିଲେ। ପରେ ହାଫିଜ୍ ସମାଜସେବୀ ତଥା ଅସହାୟଙ୍କ ଶେଷକୃତ୍ୟରେ ନିରନ୍ତର ସେବା ପାଇଁ 'ମଶାଣି ମଣିଷ' ଭାବେ ପରିଚିତ ବିଭୂତିଭୂଷଣ ପାଟଙ୍କ ଘରକୁ ଯାଇଥିଲେ। ସେଠାରେ ଅପରେସନ୍ ପରବର୍ତ୍ତୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଶୀଘ୍ର ଆରୋଗ୍ୟ କାମନା କରିଥିଲେ। ପୁଲିସ ଅଧିକାରୀଙ୍କ ଏଭଳି ମାନବିକତା, ସାମାଜିକ ଦାୟିତ୍ୱବୋଧ ଓ ଯୁବପିଢ଼ି ସହ ସୁସମ୍ପର୍କ ସ୍ଥାପନର ପ୍ରୟାସକୁ ସ୍ଥାନୀୟ ଯୁବକ ଓ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଏହି ଅବସରରେ ଯୁବ ନେତୃତ୍ୱ ଦେବୀପ୍ରସାଦ ପାଟ, ଯୁବବାହିନୀର ଅଧିନାୟକ ରାଜେଶ ପାଇଲଟ୍ ପାଟଙ୍କ ସମେତ ରାଜୁ ରାଉତ, ବୃନ୍ଦାବନ ରାଉତ, ରାଜେଶ ବାରିକ, ସଞ୍ଜୀବ ଭୋଇ, ଆଲୋକ ନାୟକ, ଜ୍ୟୋତିରଞ୍ଜନ ନାୟକ, ବିଶ୍ୱରଞ୍ଜନ ନାୟକ, ଭକ୍ତହରି ମହାନ୍ତି, ମୃତ୍ୟୁଞ୍ଜୟ ଦାସ, ଶଶିକାନ୍ତ ଦାସ, ଶୁକୁଟା ଜେନା, ଚନ୍ଦନ ଜେନା ଓ ଚିନୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ନାବାଳିକା ବୋହୂର ଝୁଲନ୍ତା ମୃତଦେହ ଉଦ୍ଧାର

ବାସୁଦେବପୁର,୩।୯ (ସମିସ): ବାସୁଦେବପୁର ବ୍ଲକ୍ କସିଆ ସାମୁଦ୍ରିକ ଥାନା ଅଧୀନ ଭଞ୍ଜସାହିର ନାବାଳିକାକୁ ପ୍ରେମ ବିବାହ କରିବାର ୪ମାସ ପରେ ଝୁଲନ୍ତା ଅବସ୍ଥାରେ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ଏହା ଆତ୍ମହତ୍ୟା ନା ହତ୍ୟା ଏନେଇ ସନ୍ଦେହ ଉପୁଜିଛି। ତଦନ୍ତ ପରେ ସତ୍ୟତା ପଦାକୁ ଆସିବ ବୋଲି ପୁଲିସ କହିଛି।

ଉକ୍ତ ଗ୍ରାମର ଚୈତନ୍ୟ ପରିଡ଼ାଙ୍କ ପୁଅ ଅଶୋକ ପରିଡ଼ା ଗତ ମେ' ୨୦ ତାରିଖରେ ନାୟକାଣୀଡିହି ଥାନା ଅଧୀନ ଆନ୍ଦୋଳା ପଞ୍ଚାୟତ ଜୁରାଗଡ଼ିଆ ଗାଁର ହରିହର ବାରିକଙ୍କ ୧୫ ବର୍ଷୀୟା ନାବାଳିକା ଝିଅକୁ ଅପରହଣ କରି ପ୍ରେମ ବିବାହ କରି ନାୟକାଣୀଡିହି ଥାନା ଅଞ୍ଚଳର ବଳପୁରଖାସ୍ ଗାଁରେ ନିଜର ପୈତୃକ ଘରେ ରଖିଥିଲେ। କିଛିଦିନ ପରେ ବେଙ୍ଗାଲୁରୁ ଚାଲିଯାଇଥିଲେ। ବିବାହର ୪ ମାସ ପରେ ବୁଧବାର ସନ୍ଧ୍ୟା ସମୟରେ ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ନାବାଳିକା ବୋହୂର ମୃତଦେହ ପୁଲିସ ଉଦ୍ଧାର କରିଛି। ଖବର ପାଇ ଝିଅର ବାପଘରର ଲୋକ ଆସି ପହଞ୍ଚିଥିଲେ। ଝିଅର ମୃତଦେହ ଦେଖି ବାପଘର ଲୋକ ସହଜରେ ଗ୍ରହଣ କରିପାରି ନ ଥିଲେ। ନାୟକାଣୀଡିହି ଥାନାରେ ନାବାଳିକାଙ୍କ ବାପା ହରିହର ବାରିକ ଝିଅର ମୃତ୍ୟୁ ନେଇ ଅଭିଯୋଗ କରିଥିଲେ। ହରିହରଙ୍କ ଅଭିଯୋଗ ଅନୁଯାୟୀ, ମୋ ଝିଅକୁ ଅପହରଣ କରି ମୋ ଅଜାଣତରେ ବିବାହ କରିବା ସହିତ ବିଭିନ୍ନ ପ୍ରକାର ଶାରୀରିକ, ମାନସିକ ନିର୍ଯାତନା ଦେବା ସହ ମୋ ଝିଅକୁ ହତ୍ୟା କରି ଫ୍ୟାନ୍‌ରେ ଶାଢ଼ି ସାହାଯ୍ୟରେ ଝୁଲାଇ ଦେଇଛନ୍ତି। ନାବାଳିକାଙ୍କ ସମ୍ପର୍କୀୟ ଭଉଣୀ କହିଛନ୍ତି ମୋ ଭଉଣୀଙ୍କୁ ତା' ଶାଶୂ ଘର ଲୋକ ସବୁବେଳେ ଯୌତୁକ ପାଇଁ ନିର୍ଯାତନା ଦେଉଥିଲେ। ଭଉଣୀ ଆମକୁ ଫୋନ୍ କରି କୁହେ। ଏହା ଆତ୍ମହତ୍ୟା ନୁହେଁ, ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଏହି ଘଟଣାରେ ମାଜିଷ୍ଟ୍ରେଟ୍ ଭାବେ ବାସୁଦେବପୁର ଅତିରିକ୍ତ ତହସିଲଦାର ଜୟନ୍ତ ରାଉତରାୟଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍, ନାୟକାଣୀଡିହି ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

**ବାପଘର ପକ୍ଷରୁ ହତ୍ୟା ଅଭିଯୋଗ**



## ଖାଉଟି ଡିଲରଙ୍କ ପରଲୋକ



ତିହିଡ଼ି,୩।୯ (ସମିସ): ବାହାବଳପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ବିପିନ ବେହେରାଙ୍କ ବଡ଼ଭାଇ ତଥା ଖାଉଟି ଡିଲର ତପନ ବେହେରାଙ୍କର ୬୫ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବାହାବଳପୁର ପଞ୍ଚାୟତ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ତିହିଡ଼ି ବ୍ଲକ୍ ବିଜେଡି ସଭାପତି ସୁରେନ୍ଦ୍ର ନାୟକ, ଭଦ୍ରକ ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ପ୍ରବୀର ନାୟକ, ଜିଲ୍ଲା ପରିଷଦ ସଦସ୍ୟଙ୍କ ପ୍ରତିନିଧି ଉମାକାନ୍ତ ସେଠୀ, ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ, ଜୀବନଜ୍ୟୋତି ପଲାଇ, ସରପଞ୍ଚ ଲକ୍ଷ୍ମୀପ୍ରିୟା ସାମଲ, ଶିକ୍ଷାବିତ୍ ସୁରେନ୍ଦ୍ର ନାୟକ, ପଞ୍ଚାୟତ ସଭାପତି ଅଜୟ ଦାଶ, ଲକ୍ଷ୍ମୀଧର ମାଝୀ, ମୀନକେତନ ପଲାଇ, ବେଣୁଧର ଦାସ, ନନ୍ଦକିଶୋର ବାରିକ, କୁଳମଣି ନାୟକ, ସୁଦାମ ଦାସଙ୍କ ସମେତ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଲୋକେ ଉପସ୍ଥିତ ହୋଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## ଅସୁରାଳି ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଅସୁରାଳି,୩।୯ (ସମିସ)




ଅସୁରାଳି ଜୋନ୍‌ସ୍ତରୀୟ ସ୍କୁଲ ସମୂହ କ୍ରୀଡ଼ା ପ୍ରତିଯୋଗିତା କଲ୍ୟାଣୀ ହାଇସ୍କୁଲ ପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ସମୁଦାୟ ୪୮୬ ଜଣ କ୍ରୀଡ଼ାବିତ୍ ଭାଗ ନେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବହୁ ପ୍ରମୁଖ ବ୍ୟକ୍ତିବିଶେଷ ଓ ଶିକ୍ଷାବିତ୍ ଉପସ୍ଥିତ ଥିଲେ। ଧାମନଗର ବ୍ଲକ୍ ଏବିଇଓ ଶେଖ୍ ନିଜାମୁଦ୍ଦିନ, ଅସୁରାଳି ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ପାତ୍ର, ପିଏମ୍‌ଶ୍ରୀ ହାଇସ୍କୁଲ, ସହିଦନଗର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟତମା ପାଣିଗ୍ରାହୀ, କଲ୍ୟାଣୀ ହାଇସ୍କୁଲ ପ୍ରଧାନଶିକ୍ଷକ ନାରାୟଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଣବ ସାହୁ, କଲ୍ୟାଣୀ ହାଇସ୍କୁଲର ବଳରାମ ପାଟିଲ, କଲ୍ୟାଣୀ ନୋଡାଲ ୟୁପି ସ୍କୁଲର ରାଜକିଶୋର ପଣ୍ଡା, କଲ୍ୟାଣୀ ଏସ୍‌ଏମ୍‌ସି ସଭାପତି ଉମାଶଙ୍କର ଜେନା, ଧାମନଗର ସ୍ପୋର୍ଟସ ସେକ୍ରେଟାରୀ ମାନସ ରଞ୍ଜନ ନାୟକ, ଅସୁରାଳି ଜୋନାଲ ସେକ୍ରେଟାରୀ ରବିନାରାୟଣ ସାହୁ, ସାମ୍ବାଦିକ ବୈକୁଣ୍ଠନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଖେଳଗୁଡ଼ିକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଧୂଷୁରୀ ଜୋନ୍‌ର ୪ ଜଣ ଡେପୁଟେଡ୍ ପିଇଟି ଏବଂ ଅନ୍ୟାନ୍ୟ ଅଫିସିଆଲ୍‌ମାନେ ତଥା କବାଡ଼ିରେ ସ୍ମିତାଞ୍ଜଳି ମଲ୍ଲିକ, ଗୌରୀଶଙ୍କର ମିଶ୍ର, ଖୋଖୋରେ ସ୍ମିତାଞ୍ଜଳି ମଲ୍ଲିକ, ଚେସ୍‌ରେ ରଞ୍ଜନ ରାଉତ, ଭଲିବଲ୍‌ରେ ଭବେନ୍ଦ୍ର ଦଳାଇ, ବ୍ୟାଡ୍‌ମିଣ୍ଟନ୍‌ରେ ରଜନୀ ମହାଲିକ, ଯୋଗରେ ସ୍ୱର୍ଣ୍ଣଲତା ବେହେରା, ଫୁଟ୍‌ବଲ୍‌ରେ ରବିନାରାୟଣ ସାହୁ, ଚନ୍ଦନ ଉପାଧ୍ୟାୟ, ହ୍ୟାଣ୍ଡବଲ୍‌ରେ ରବିନାରାୟଣ ସାହୁ, ରଗ୍‌ବୀରେ ଶୈଳବାଳା ନାଥ ଦାୟିତ୍ୱ ତୁଲାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ନୈପୁଣ୍ୟ ଓ ସଂଘବଦ୍ଧ ଭାବନା ବୃଦ୍ଧି କରିବା ପାଇଁ ଏହି କ୍ରୀଡ଼ା ପ୍ରତିଯୋଗିତା ଅତ୍ୟନ୍ତ ଉତ୍ସାହଜନକ ପରିବେଶ ମଧ୍ୟରେ ପରିଚାଳିତ ହେଉଛି।

### ବାରିପଦା ପୌରପାଳିକା ପକ୍ଷରୁ ମେଗା ରକ୍ତଦାନ ଶିବିର

# ସଂଗୃହୀତ ହେଲା ରେକର୍ଡ ୭୧୬ ୟୁନିଟ୍

ବାରିପଦା, ୩।୯ (ସମିସ)



ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଓଡ଼ିଶା ପୌରପାଳିକା ଇତିହାସରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି ବାରିପଦା ପୌରପାଳିକା। ବାରିପଦା ପୌରପାଳିକା ପକ୍ଷରୁ ଗୁରୁବାର ଆୟୋଜିତ ମେଗା ରକ୍ତଦାନ ଶିବିରରେ ୫୫ ଜଣ ମହିଳାଙ୍କୁ ମିଶାଇ ୭୧୬ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଛନ୍ତି। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ପୌରପାଳିକା କଲ୍ୟାଣ ମଣ୍ଡପ, ରୋଟାରୀ କ୍ଲବ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ୍ ସଭାଗୃହରେ ସମାନ୍ତରାଳ ଆୟୋଜିତ ରକ୍ତଦାନ ଶିବିରକୁ ଅତିଥି ଭାବେ ବାରିପଦା ତହସିଲଦାର ସପନ ସାହୁ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ଯୋଗଦେଇ ଉଦଘାଟନ କରିଥିଲେ। ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ବାରିପଦା ତହସିଲଦାର ସପନ ସାହୁ ନିଜେ ଶିବିରରେ ରକ୍ତଦାନ କରିଥିଲେ।

ରକ୍ତ ଅଭାବଜନିତ ସମସ୍ୟା ଦୂର କରିବା ପାଇଁ ମହତ୍ ଉଦ୍ଦେଶ୍ୟ ନେଇ ପୌରପାଳିକା ପକ୍ଷରୁ ପ୍ରତିବର୍ଷ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ଅବସରରେ ମେଗା ରକ୍ତଦାନ ଶିବିର ଆୟୋଜିତ ହେଉଛି। ୨୦୨୨ରେ ୩୨୩, ୨୦୨୩ରେ ୪୦୩, ୨୦୨୪ରେ ୪୬୩ ଓ ୨୦୨୫ରେ ୬୫୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ୨୦୨୬ରେ ୭୧୬ ୟୁନିଟ ରକ୍ତ ସଂଗ୍ରହ କରି ରାଜ୍ୟସ୍ତରରେ ବାରିପଦା ପୌରପାଳିକା ଇତିହାସ ସୃଷ୍ଟି କରିଛି। ସ୍ୱେଚ୍ଛାକୃତ ଭାବେ ଦୁଇଟି ପରିବାର ଲୋକେ ଶିବିରରେ ରକ୍ତଦାନ କରିଛନ୍ତି। ଶାଶୂ ତଥା ୱାର୍ଡ କାଉନସିଲର ଅମ୍ବିକା ସାହୁ ଓ ତାଙ୍କ ଜ୍ୱାଇଁ ଅନିମେଷ ମହୁଆଳ, ଅନ୍ୟଏକ ପରିବାରର ବାପା ଦିବାକର ସ୍ୱାଇଁ, ବୋହୂ ଲକ୍ଷ୍ମୀପ୍ରିୟା ସ୍ୱାଇଁ ଓ ପୁଅ ପ୍ରଦୀପ କୁମାର ସ୍ୱାଇଁ ରକ୍ତଦାନ କରିଛନ୍ତି। ନଗରପାଳ ଶ୍ରୀ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ବାରିପଦା ପୌରାଞ୍ଚଳର ୨୮ଟି ୱାର୍ଡର ଜନସାଧାରଣ, ଯୁବକଯୁବତୀ, ମହିଳା, ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ, ଶିକ୍ଷାନୁଷ୍ଠାନ, ପ୍ରତିଷ୍ଠାନ ପ୍ରମୁଖ ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ। ରେଡକ୍ରସ ପକ୍ଷରୁ ଆଜୀବନ ସଦସ୍ୟ ଅମର ସେଠୀ, ବାରିପଦା ରକ୍ତଭଣ୍ଡାର ଓ ଉଦଳା ରକ୍ତଭଣ୍ଡାର କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାନ ଶିବିରରେ ଉପନଗରପାଳ ସୀମା ଦାସ, ସମସ୍ତ ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମସ୍ତଙ୍କ ସହଯୋଗରେ ମେଗା ରକ୍ତଦାନ ଶିବିର ସଫଳ ହୋଇଛି। ଏଥିପାଇଁ ନଗରପାଳ ଶ୍ରୀ ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ସ୍ୱେଚ୍ଛାକୃତ ରକ୍ତଦାନ କଲେ ୫୫ ଜଣ ମହିଳା**

**ଓଡ଼ିଶା ପୌରପାଳିକା ଇତିହାସରେ ସର୍ବକାଳୀନ ରେକର୍ଡ**

---

● ଛେଳିକୁ ପିଟି ଗୋଡ଼ ଭାଙ୍ଗିଥିବା ଘଟଣା

## ତିନିଜଣଙ୍କୁ ଦଣ୍ଡାଦେଶ ଶୁଣାଇଲେ ଜେଏମ୍‌ଏଫ୍‌ସି କୋର୍ଟ

ମୋରଡ଼ା,୩।୯ (ସମିସ): ୨୦୨୨ରେ ଏକ ଛେଳିକୁ ପିଟି ଗୋଡ଼ ଭାଙ୍ଗିବା ଓ ମାଲିକଙ୍କୁ ଆକ୍ରମଣ କରିବା ଘଟଣାରେ ଗୁରୁବାର ମୋରଡା ଜେଏମଏଫସି କୋର୍ଟ ବିଚାରପତି ସ୍ମୃତି ପଟ୍ଟନାୟକ ତିନିଜଣଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ମୋରଡା ଥାନା ଅଧୀନ ବରକନ୍ଦ ଗ୍ରାମର ଗୀତାଞ୍ଜଳି ବାରିକଙ୍କ ଲିଖିତ ଅଭିଯୋଗ ମୁତାବକ ସେହି ଗ୍ରାମର ଧ୍ରୁବ ରାଉତଙ୍କ ଘର ପରିସରକୁ ପ୍ରବେଶ କରି ତାଙ୍କର ଛେଳି ଗଛ ଖାଇଥିଲା। ଏହାକୁ ନେଇ ଧ୍ରୁବ ଛେଳିକୁ ପିଟିଥିଲେ। ଫଳରେ ଛେଳିର ଗୋଡ଼ ଭାଙ୍ଗିଯାଇଥିଲା। ଗୀତାଞ୍ଜଳିଙ୍କ ଝିଅ ଅଭିଯୁକ୍ତ ଧ୍ରୁବଙ୍କୁ ଛେଳିକୁ ଏତେ ଜୋରରେ କାହିଁକି ପିଟିଲେ ଓ ତାହାର ଗୋଡ଼ କାହିଁକି ଭାଙ୍ଗିଦେଲେ ବୋଲି ପଚାରି ଥିଲେ। ପରେ ଝିଅ ତାଙ୍କ ମାଆଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଗୀତାଞ୍ଜଳି ଏ ନେଇ ଧ୍ରୁବଙ୍କୁ ଛେଳିକୁ ପିଟିବା ପରିବର୍ତ୍ତେ ସେମାନେ କ୍ଷତିପୂରଣ ମାଗିବା କଥା କହିଥିଲେ। ଯାହାକୁ ନେଇ ଧ୍ରୁବ ଓ ତାଙ୍କ ମାଆ ଗୀତାଞ୍ଜଳିଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଝିଅର କେଶ ଧରି ଟାଣିବା ସହିତ ତାଙ୍କୁ ମାଡ଼ ମାରି ତଳେ ପକାଇ ଦେଇଥିଲେ। ଫଳରେ ତାଙ୍କ ହାଡ଼ ଭାଙ୍ଗିଯାଇଥିଲା। ଯାହାକୁ ନେଇ ଅଭିଯୋଗକାରିଣୀ ଗ୍ରାମର ଅଶୋକ ରାଉତଙ୍କୁ ଘଟଣା ସମ୍ପର୍କରେ କହିଥିଲେ।

ସେ ମଧ୍ୟ ତାଙ୍କ ପକ୍ଷ ନେଇ କେଶ କଲେ ଗାଁରୁ ବିଦା କରିଦିଆଯିବ ବୋଲି ଧମକ ଦେଇଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ତିନିଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ପାଞ୍ଚଶହ ଟଙ୍କା ଲେଖାଏଁ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୋଗକାରିଣୀ ପକ୍ଷରୁ ଓକିଲ ସମ୍ବିତ ଦାସ ମାମଲା ପରିଚାଳନା କରୁଥିଲେ।

## ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଅରୁଣ ନାଏକଙ୍କ ଦାୟିତ୍ୱ ଗ୍ରହଣ

ମୋରଡ଼ା,୩।୯ (ସମିସ): ଶୁଳିଆପଦା ବ୍ଲକର କନିଷ୍ଠ ଯନ୍ତ୍ରୀ ଅରୁଣ ନାଏକଙ୍କୁ ପଦୋନ୍ନତି ମିଳିଛି। ତାଙ୍କୁ ଶୁଳିଆପଦା ବ୍ଲକର ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୁଲାଇ ୩୧ ତାରିଖରେ ଅବସର ନେବା ପରେ ଏହି ପଦବୀ ଖାଲିପଡ଼ିଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅଗଷ୍ଟ ୨୦ ତାରିଖରୁ ଅରୁଣ ନାଏକ ଏହି ଦାୟିତ୍ୱ ତୁଲାଉଛନ୍ତି। ଅରୁଣ ନାଏକ ଜଣେ ସଚ୍ଚୋଟ ଓ ଦକ୍ଷ ଯନ୍ତ୍ରୀ ଭାବେ ପରିଚିତ। ସେ ୨୦୦୫ ଅଗଷ୍ଟ ୧୭ରେ ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକରେ କନିଷ୍ଠ ଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ। ଶୁଳିଆପଦା ବ୍ଲକରେ ୪ ବର୍ଷ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରିବା ପରେ କଳାହାଣ୍ଡି ଜିଲ୍ଲା କୋକସରା ଓ କର୍ଲାମୁଣ୍ଡା ବ୍ଲକରେ ଏକବର୍ଷ ନିଜର ଦକ୍ଷତା ପ୍ରମାଣିତ କରିଥିଲେ। ପରେ ପୁଣି ୨୦୧୯ ଅକ୍ଟୋବର ୨୦ରେ ଶୁଳିଆପଦା ବ୍ଲକକୁ ବଦଳି ହୋଇଆସିଥିଲେ। ବର୍ତ୍ତମାନ ସୁଦ୍ଧା ୯ ବର୍ଷ ଧରି ସେ ଶୁଳିଆପଦା ବ୍ଲକରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କର ଏହି ପଦୋନ୍ନତି ପରେ ସ୍ଥାନୀୟ ଠିକାଦାର ଓ କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।



## ମହ୍ଲାରପଦା ରାସ୍ତା ମରଣଯନ୍ତା



କୁଆମରା,୩।୯ (ସମିସ): ଖୁଣ୍ଟା ବ୍ଲକ ଗଡ଼ିଗାଁ ପଞ୍ଚାୟତର ମହ୍ଲାରପଦା ରାସ୍ତା ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ମରଣଯନ୍ତା ପାଲଟିଛି। ଗଞ୍ଜାମ ଛକରୁ ଗୋବିନ୍ଦପୁରକୁ ଯାଇଥିବା ମୁଖ୍ୟ ରାସ୍ତା ସହ ଏହି ଗ୍ରାମ୍ୟ ରାସ୍ତା ସଂଯୋଗ କରୁଛି। ମହ୍ଲାରପଦା, ଗୁହିରାଡୁବା ଓ ବଢେଇ ପହଁରା ଗ୍ରାମର ୫୦ରୁ ଅଧିକ ପରିବାର ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏମାନଙ୍କ ପାଇଁ ଅନ୍ୟକୌଣସି ବିକଳ୍ପ ରାସ୍ତା ନ ଥିବାରୁ ବର୍ଷାଋତୁରେ ଏହା କାଦୁଆ ପଚ ପଚ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରାୟ ୩୦ ବର୍ଷ ତଳୁ ଏହି ରାସ୍ତା ନିର୍ମାଣ ହୋଇଥିଲା। ସେବେଠାରୁ ମାଟି କିମ୍ବା ମୋରମ ଆଜି ପର୍ଯ୍ୟନ୍ତ ଝୁଡିଏ ପଡ଼ିନାହିଁ। ରାସ୍ତାର ମରାମତି ଅଭାବ ସହ ପ୍ରଶାସନର ଅଣଦେଖା ଯୋଗୁଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଦେଇ କୁନି କୁନି ପିଲା ଅଙ୍ଗନବାଡି ଓ ବିଦ୍ୟାଳୟକୁ ଯାଉଥିବାରୁ ଅଭିଭାବକଙ୍କ ଚିନ୍ତା ବଢିଛି। କେହି ଅସୁସ୍ଥ ହେଲେ ରୋଗୀକୁ ଆମ୍ବୁଲାନ୍ସରେ ନେବାକୁ ଗାଁଠାରୁ ଗୋଟିଏ କିଲୋମିଟର ଦୂରକୁ ବହିବାକୁ ପଡୁଛି। ଦୀର୍ଘ ବର୍ଷ ଧରି ଅଞ୍ଚଳବାସୀଙ୍କୁ ଏହି ରାସ୍ତା ପାଇଁ ଯନ୍ତ୍ରଣା ସହିବାକୁ ପଡୁଛି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ସରପଞ୍ଚ ପଦ୍ମନାଭ ରାଉତଙ୍କୁ ପଚାରିବାରୁ ଏହା ଗ୍ରାମ୍ୟ ଉନ୍ନୟନ ବିଭାଗ ହାତକୁ ଦିଆଯିବା ପରେ ତାହା ଟେଣ୍ଡର ସରିଛି, ବର୍ଷାଋତୁ ପରେ କାମ ଆରମ୍ଭ ହେବ ବୋଲି କହିଛନ୍ତି।

---

## ଜିଲ୍ଲାପାଳଙ୍କୁ ଅଙ୍ଗନବାଡ଼ି ସଂଘର ଦାବିପତ୍ର

କେନ୍ଦୁଝର, ୩।୯ (ସମିସ): କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମକର୍ତ୍ତାଙ୍କର ବିଭିନ୍ନ ସମସ୍ୟାକୁ ନେଇ ଗୁରୁବାର ଏକ ଦାବିପତ୍ର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅଲଓଡିଶା ଅଙ୍ଗନବାଡି ଲେଡିଜ ୱାର୍କର ଆସୋସିଏସନର କେନ୍ଦୁଝର ଜିଲ୍ଲା ଶାଖା ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ପୋଷଣ ଟ୍ରାକର ତ୍ରୁଟି କାରଣରୁ ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। କର୍ମୀମାନେ ଟ୍ରାକରରେ ସମସ୍ତ କାମ କରିଥିଲେ ମଧ୍ୟ କମ ଦେଖାଯାଉଛି। ପ୍ରବଳ ବର୍ଷା ଏବଂ ବର୍ଷା କାରଣରୁ ଛୁଟି ସମୟରେ କର୍ମୀ ଟ୍ରାକର ଅପନ କରି ମଧ୍ୟ ଉପସ୍ଥାନ ପକାଇବାକୁ ବିଭାଗର କୌଣସି ସୂଚନା ନଥିଲା। ପୋଷଣ ଟ୍ରାକର ସମ୍ପର୍କରେ କୌଣସି ତାଲିମ ଦିଆଯାଇନାହିଁ। ଏଭଳି ସ୍ଥଳେ କାରଣ ଦର୍ଶାଅ ନୋଟିସ କର୍ମୀଙ୍କୁ ଅସୁବିଧାରେ ପକାଇଛି। ଅନ୍ୟପକ୍ଷରେ ୨୦୨୨ରୁ କର୍ମୀଙ୍କୁ ସୁପରଭାଇଜର ପ୍ରମୋସନ ଦିଆଯାଇନାହିଁ। ତୁରନ୍ତ ପ୍ରୋମୋସନ ବ୍ୟବସ୍ଥା ସହିତ ଟ୍ରାକର ସମସ୍ୟାର ସମାଧାନ ନିମନ୍ତେ ସଙ୍ଘ ପକ୍ଷରୁ ଦାବି କରାଯାଇଛି।



## ବିଜେଡି ଜିଲ୍ଲାସ୍ତରୀୟ ନେତୃତ୍ୱ ବୈଠକ



ଯୋଡ଼ା, ୩।୯ (ସମିସ): ଚମ୍ପୁଆ ଧରଣୀଧର ନଗର ଭବନଠାରେ ଗୁରୁବାର ବିଜୁ ଜନତା ଦଳର ଜିଲ୍ଲାସ୍ତରୀୟ ନେତୃତ୍ୱ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଦଳର ସାଂଗଠନିକ ସ୍ଥିତି, ଆଗାମୀ କାର୍ଯ୍ୟକ୍ରମ ଓ ଦଳକୁ ତୃଣମୂଳସ୍ତରରେ ଆହୁରି ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଦଳୀୟ ନେତା ଓ କର୍ମୀମାନେ ଯୋଗଦେଇ ସାଂଗଠନିକ କାର୍ଯ୍ୟଧାରା ସମ୍ପର୍କରେ ମତାମତ ରଖିଥିଲେ। ଦଳୀୟ ସଂଗଠନକୁ ମଜବୁତ କରିବା ସହ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଆଗକୁ ବଢ଼ିବା ପାଇଁ ନେତାମାନେ ଆହ୍ୱାନ ଦେଇଥିଲେ। ବୈଠକରେ ବରିଷ୍ଠ ନେତାଙ୍କ ସମେତ ଯୋଡ଼ା ନଗର ସଭାପତି ନିରଞ୍ଜନ ବହିଦାର, ଯୋଡ଼ା ବ୍ଲକ ସଭାପତି ରମେଶଚନ୍ଦ୍ର ବେହେରା, ଯୋଡ଼ା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଯୋଡ଼ା ପୌରପାଳିକାର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ଅନେକ କାଉନସିଲ. ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

---

## ମଦ ଜବତ, ୫ ଗିରଫ

ଉଦଳା, ୩।୯ (ସମିସ): ଉଦଳା ଅବକାରୀ ବିଭାଗ ପକ୍ଷରୁ ଆଜି ଚଢ଼ଉ କରାଯାଇ ୯୨ ଲିଟର ମଦ ଜବତ ହେବା ସହ ୫ ଜଣଙ୍କୁ ଗିରଫ କରାଯାଇଛି। ଉଦଳା ଥାନା ଅନ୍ତର୍ଗତ ନହରପଦା ଗ୍ରାମର ଛତିଶ ଖାଣ୍ଡେଇ, ସୁମତୀ ସୋରେନ, କଇଁସାରି ଗ୍ରାମର ରମାକାନ୍ତ ମୁଖୀ, ଅମ୍ବିକାଦେଇପୁର ଗ୍ରାମର ସୁରେଶ ମୁର୍ମୁ ଓ ବାବୁସାହିର ମୁସୁ ସୋରେନଙ୍କୁ ଗିରଫ କରାଯାଇଥିବାବେଳେ ଏକ ସ୍କୁଟି ଜବତ ହୋଇଛି। ଉକ୍ତ ଚଢ଼ଉରେ ଉଦଳା ଓଆଇସି ସୂର୍ଯ୍ୟକାନ୍ତ ମଲ୍ଲିକ, ରବୀନ୍ଦ୍ର ରେଙ୍ଗୀ, ଦୀପାଞ୍ଜଳି ଦାସ, ସୁମନ୍ତ ମହାନ୍ତ, ଦିବ୍ୟଂଶୁ ପଣ୍ଡା ପ୍ରମୁଖ ସାମିଲ ଥିଲେ।



## କଳାକାର ପ୍ରାଣନାଥ ଖୁଣ୍ଟିଆଙ୍କ ଦେହାନ୍ତ

ଆନନ୍ଦପୁର, ୩।୯ (ସମିସ): ଆନନ୍ଦପୁର ଶ୍ରୀନୃସିଂହ ନାରାୟଣ ରାସ ପାର୍ଟିର ବରିଷ୍ଠ କଳାକାର ତଥା ୪ ନମ୍ବର ୱାର୍ଡ ନିବାସୀ ପ୍ରାଣନାଥ ଖୁଣ୍ଟିଆ (୯୨)ଙ୍କ ଦେହାନ୍ତ ହୋଇଯାଇଛି। ସେ ଆଜକୁ କିଛିଦିନ ହେବ ଅସୁସ୍ଥ ହୋଇ କଟକରେ ଚିକିତ୍ସିତ ହେଉଥିଲେ। ଅପରାହ୍ନରେ ମୃତ୍ୟୁ ହୋଇଥିଲା। ତାଙ୍କ ବିୟୋଗରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦୁଃଖ ପ୍ରକାଶ କରିଥିବା ବେଳେ ରାସ ପାର୍ଟି ଉପଦେଷ୍ଟା ନାରାୟଣଚନ୍ଦ୍ର ସା ନାରାୟଣ ସାମଲ ରମାକାନ୍ତ ନାୟକ ମଦନ ପାଣି ମନରଞ୍ଜନ ମହାପାତ୍ର ମଦନ କୁଣ୍ଡ ଗୌରାଙ୍ଗ ବେହେରା କିରଣ ପାଢ଼ୀ ଗୌରାଙ୍ଗ ବେହେରା ଦେବେନ ଦାସ ରବୀନ୍ଦ୍ର ପାତ୍ର ପଦ୍ମନାଭ ପାତ୍ର ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।



## ଚଳନ୍ତା ବାଇକ୍‌ରେ ଅଗ୍ନିକାଣ୍ଡ; ରାଜପଥରେ ଆତଙ୍କ

ଯୋଡ଼ା, ୩।୯ (ସମିସ): କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅଧୀନ ୫୨୦ ନମ୍ବର ଜାତୀୟ ରାଜପଥର ବାରବାଙ୍କ ଘାଟି ନିକଟରେ ଗୁରୁବାର ଏକ ଚଳନ୍ତା ପଲସର୍ ମୋଟରସାଇକଲରେ ନିଆଁ ଲାଗିଯାଇଥିଲା। ଚାଳକ ଅଳ୍ପକେ ବଡ଼ ଅଘଟଣରୁ ବର୍ତ୍ତି ଯାଇଥିବାବେଳେ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଗୋଲସେନ ତିର୍କି ସିଜି-୧୩-ଏଏଚ୍-୩୨୪୮ ନମ୍ବର ବିଶିଷ୍ଟ ବାଇକ୍‌ରେ ଭଦ୍ରାସାହିରୁ ରୁଗୁଡ଼ି ଅଭିମୁଖେ ଯାଉଥିଲେ। ବାରବାଙ୍କ ଘାଟି ନିକଟରେ କୌଣସି କାରଣରୁ ବାଇକ୍‌ର ନିୟନ୍ତ୍ରଣ ହରାଇ ସେ ରାସ୍ତା ଉପରେ ପଡ଼ିଯାଇଥିଲେ। ଏହି ସମୟରେ ବାଇକ୍‌ଟି ପିଚୁ ରାସ୍ତାରେ ଘଷି ହୋଇ ନିଆଁ ଲାଗିଥିବା ଜଣାପଡ଼ିଛି। କିଛି ସମୟ ମଧ୍ୟରେ ନିଆଁ ବାଇକ୍‌ର ଅନ୍ୟ ଅଂଶକୁ ବ୍ୟାପିଯିବାରୁ ଏହା ହୁତୁହୁତୁ ହୋଇ ଜଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ତେବେ ଚାଳକ ତୁରନ୍ତ ବାଇକ୍‌ଠାରୁ ଦୂରେଇ ଯାଇଥିବାରୁ ବଡ଼ଧରଣର ଅଘଟଣ ଟଳିଥିଲା। ଖବର ପାଇ ରୁଗୁଡ଼ି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଚାଳକଙ୍କୁ ଉଦ୍ଧାର କରି ବଡ଼ବିଲ ମେଡିକାଲକୁ ପଠାଇଥିଲା। ଏଥିସହ ଜଳୁଥିବା ବାଇକ୍‌ର ନିଆଁକୁ ନିୟନ୍ତ୍ରଣ କରିବା ସହ ରାଜପଥରେ ଯାନବାହନ ଚଳାଚଳକୁ ନିୟନ୍ତ୍ରଣ କରିଥିଲେ। ଅଗ୍ନିକାଣ୍ଡ ଯୋଗୁଁ କିଛି ସମୟ ପାଇଁ ୫୨୦ ନମ୍ବର ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।



**ବର୍ତ୍ତିଗଲେ ଚାଳକ**

## ସାହାରପଡ଼ା ଲ୍ୟାମ୍ପ୍‌ସରେ ପଞ୍ଜୀକରଣ ଉତ୍ତେଜନା

ତୁରୁମୁଙ୍ଗା, ୩।୯ (ସମିସ): ସରକାରଙ୍କ ନିୟମନୁସାରେ, ଧାନ ବିକ୍ରି ପାଇଁ ଲ୍ୟାମ୍ପ୍‌ସରେ ଚାଷୀଙ୍କର ପଞ୍ଜୀକରଣ ଚାଲୁ ରହିଛି; ମାତ୍ର ସାହାରପଡା ଲ୍ୟାମ୍ପ୍‌ସରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ଆଣି ଗୁରୁବାର ଚାଷୀମାନେ ଫାଣ୍ଡିର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ, ଦିନ ୨ଟା ପୂର୍ବରୁ ଲ୍ୟାମ୍ପ୍‌ସରେ ତାଲା ମାରି ଲ୍ୟାମ୍ପ କର୍ତ୍ତୃପକ୍ଷ ଚାଲିଯାଇଥିବାରୁ ଚାଷୀ ଉତ୍ତ୍ୟକ୍ତ ହୋଇ ସାହାରପଡା ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। ସର୍ଭର ଡାଇନ କହି ଚାଷୀଙ୍କ ରେଜିଷ୍ଟ୍ରେସନ କରୁ ନଥିବାରୁ ସକାଳୁ ରାତି ପର୍ଯ୍ୟନ୍ତ ଚାଷୀ ଅପେକ୍ଷା କରି ରହୁଥିବା ଅଭିଯୋଗ ଆଣିଛନ୍ତି ଚାଷୀ। ସରକାର ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଅବଧି ବଢାଇଥିବା ବେଳେ ସାହାରପଡା ଲ୍ୟାମ୍ପ୍‌ସ ଅଧୀନରେ ଥିବା ଶହଶହ ଚାଷୀ ବାଦ୍ ପଡିଛନ୍ତି। ସର୍ବର ଡାଉନ ଯୋଗୁଁ ଦିନକୁ ୧୦ରୁ ୧୫ ଜଣ ଚାଷୀଙ୍କର ପଞ୍ଜୀକରଣ ହେଉଥିବା ବେଳେ ଆଗକୁ କେମିତି ପଞ୍ଜୀକରଣ ହେବେ ସେ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ଏନେଇ ସାହାରପଡା ଲ୍ୟାମ୍ପ୍‌ସର ଭାରପ୍ରାପ୍ତ ଏମ୍‌ଡି ରିତୁ ସାହା କହିଛନ୍ତି, ଚାଷୀ ଉତ୍ତ୍ୟକ୍ତ ହୋଇ ପାଟିତୁଣ୍ଡ କରିବାରୁ ଲ୍ୟାମ୍ପ୍‌ସରେ କାର୍ଯ୍ୟ କରୁଥିବା ପିଲା ଖାଇବାକୁ ଯାଇଥିଲେ। ସାରା ଜିଲ୍ଲାରେ ସର୍ଭର ଡାଉନ ଯୋଗୁଁ ଏଭଳି ସମସ୍ୟା ଦେଖା ଦେଇଛି।



---

## ୧୨ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ବାରିପଦା, ୩।୯ (ସମିସ): ଆସନ୍ତା ୧୨ ତାରିଖରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଜିଲ୍ଲା କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଜିଲ୍ଲା କୋର୍ଟ ବାରିପଦା ବ୍ୟତୀତ ଅନ୍ୟାନ୍ୟ ସ୍ଥାନ ତାଲୁକ ଆଇନ ସେବା ସମିତି କରଞ୍ଜିଆ, ରାଇରଙ୍ଗପୁର, ଉଦଳା, ବେତନଟୀ, ଯଶିପୁର, ଠାକୁରମୁଣ୍ଡା, ରାସଗୋବିନ୍ଦପୁର ଓ ମୋରଡ଼ାଠାରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରାଧୀନ ଥିବା ଫୌଜଦାରୀ (ସାଲିସଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ଟ୍ରାଫିକ୍ ଚାଲାଣ, ରାଜସ୍ୱ, ଶ୍ରମ, ବୈବାହିକ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ମୋଟର ଦୁର୍ଘଟଣା, ଜମିଜମା ମୋକଦ୍ଦମା ଆଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ।

ଏଥିସହ ଅଦାଲତରେ ମାମଲା ଦାୟର ହୋଇ ନ ଥିବା ପ୍ରାକ୍-ମୋକଦ୍ଦମାସ୍ତରୀୟ ବିବାଦ ବ୍ୟାଙ୍କ ଋଣ ଅନାଦେୟ, ସାଲିସଯୋଗ୍ୟ ଟ୍ରାଫିକ ଚାଲାଣ ମାମଲା, ଟେଲିଫୋନ୍, ବିଦ୍ୟୁତ୍, ପାନୀୟଜଳ ବିଲ୍ ଅନାଦେୟ ମାମଲାର ମଧ୍ୟ ପ୍ରାଧିକରଣଙ୍କ କାର୍ଯ୍ୟାଳୟରେ ଆପୋଷ ସହମତି ଭିତ୍ତିରେ ସମାଧାନ ହୋଇପାରିବ। ଉକ୍ତ ମାମଲାର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ହିତାଧିକାରୀଙ୍କୁ ଦେବାକୁ ପଡ଼ିବନାହିଁ। ଲୋକ ଅଦାଲତର ରାୟ ଚୂଡ଼ାନ୍ତ, ବୈଧ ତଥା ଅମଳଯୋଗ୍ୟ। ଯଦି କୌଣସି ବିଚାରାଧୀନ ମାମଲାର ସମାଧାନ ଲୋକ ଅଦାଲତରେ ହୋଇଥାଏ, ତେବେ ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ଏଣୁ ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ଓ ସରଳ ସମାଧାନ ପାଇଁ ଓ ଆର୍ଥିକ ଖର୍ଚ୍ଚ, ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ, ବାରିପଦା କିମ୍ବା ନିକଟସ୍ଥ ଅଦାଲତ ପରିସରରେ ଥିବା ଆଇନ ସେବା ସମିତି/ଅଦାଲତଙ୍କ ସହ ଯୋଗାଯୋଗ କରିବାକୁ ପ୍ରାଧିକରଣଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏଥିରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରି ପୁରୁଣା ବିବାଦର ଆପୋଷ ସମାଧାନ କରାଇବା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ, ବାରିପଦା ପକ୍ଷରୁ ସମସ୍ତଙ୍କୁ ନିବେଦନ କରାଯାଇଛି।

## ଶିକ୍ଷକ ବଦଳି ପ୍ରତିବାଦରେ ଅଭିଭାବକଙ୍କ ଧାରଣା

ତେଲକୋଇ, ୩।୯ (ସମିସ)



ତେଲକୋଇ ବ୍ଲକ ଶିକ୍ଷା ବିଭାଗ ଆକୁଳ କ୍ଲଷ୍ଟର ଅଧୀନ ଗୋଳାଗାଡିଆ ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳିକୁ ନେଇ ଅଭିଭାବକ ବିଦ୍ୟାଳୟ ଫାଟକରେ ତାଲା ପକାଇ ପ୍ରତିବାଦ ଜଣାଇଛନ୍ତି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ବେହେରା ଓ ଥାନାଧିକାରୀ ଅଞ୍ଜନ ପାତ୍ର ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ବିଦ୍ୟାଳୟରୁ ତାଲା ଖୋଲା ଯାଇଥିବା ଜଣାପଡ଼ିଛି। ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଆଦର୍ଶ କନିଷ୍ଠ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଯା’ଫଳରେ ପରିଚାଳନା କମିଟି ଓ ଗ୍ରାମବାସୀ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ସଂପୃକ୍ତ ଶିକ୍ଷକଙ୍କ ବଦଳି ଆଦେଶକୁ ବାତିଲ କରିବା ପାଇଁ ଗ୍ରାମବାସୀ ଓ ବିଦ୍ୟାଳୟ କମିଟି ପୂର୍ବରୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରି ଦାବି ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନାହିଁ। ବିଦ୍ୟାଳୟରେ ୫୫ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୫ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଦୀର୍ଘ ବର୍ଷ ଧରି ସେହି ଗ୍ରାମର ଜଣେ ଶିକ୍ଷକ ଓ ପଡ଼ୋଶୀ ଭିମକାଣ୍ଡ ଗ୍ରାମର ଜଣେ ଶିକ୍ଷକ ଉକ୍ତ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ବେଳେ କନିଷ୍ଠ ଶିକ୍ଷକଙ୍କ ବଦଳିକୁ ତୁରନ୍ତ ବାତିଲ କରିବାକୁ ବିଦ୍ୟାଳୟ କମିଟି ଅଧ୍ୟକ୍ଷ ଦ୍ରୌପଦୀ ନାୟକ ଓ ୱାର୍ଡସଭ୍ୟ ନାଥଚରଣ ନାୟକଙ୍କ ସମେତ ସମସ୍ତ ଅଭିଭାବକ, ଗ୍ରାମବାସୀ ଦାବି କରିଛନ୍ତି। ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ପରେ ବିଦ୍ୟାଳୟ ଫାଟକ ଖୋଲାଯିବା ସହିତ ସମସ୍ୟା ସମାଧାନ କରାଯିବ ବୋଲି କୁହାଯାଇଛି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ବୈବାହିକ ଜୀବନ ସୁଖମୟ ହେବ।

**ବୃଷ:** ଯୋଜନା ମୁତାବକ କାମ କରିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିପାରେ। ଯାନବାହନ କ୍ରୟ କରିପାରନ୍ତି।

**କର୍କଟ:** କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ମାନ ସମ୍ମାନ ବୃଦ୍ଧି ପାଇବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଅତିଥି ସତ୍କାର କରିବେ।

**ସିଂହ:** ଦୀର୍ଘ ଦିନର ଆଶା ପୂରଣ ହେବ। ଦିନଟି ଶୁଭଫଳ ପ୍ରଦାନ କରିବ। ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ବ୍ୟବସାୟରୁ ଲାଭ ମିଳିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ। ଅଚାନକ ଖୁସି ଖବର ମିଳିପାରେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ପିଲାମାନେ ଖେଳ କୁଦରେ ସମୟ ଅତିବାହିତ କରିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ଧୈର୍ଯ୍ୟ ରଖି ଚାଲିବେ। ବ୍ୟବସାୟରୁ କ୍ଷତି ସହି ପାରନ୍ତି।

## ଆଜିର ଇତିହାସ

- ୧୮୮୮ - ଗାନ୍ଧିଜୀ ଇଂଲଣ୍ଡକୁ ଜଳ ଯାତ୍ରା ଆରମ୍ଭ କଲେ।
- ୧୯୨୭ - ନାଗପୁର ଦଙ୍ଗାରେ ୨୨ ଲୋକଙ୍କ ମୃତ୍ୟୁ ଓ ୧୦୦ରୁ ଅଧିକ ଆହତ ହୋଇଥିଲେ।
- ୧୯୫୨- ବଲିଉଡ୍ ଅଭିନେତା ଋଷି କପୁରଙ୍କ ଜନ୍ମ।
- ୧୯୬୭- ମହାରାଷ୍ଟ୍ରରେ ୬.୫ ତ୍ରୀବ୍ରତାର ଭୂମିକମ୍ପ ଆସିବା ଯୋଗୁଁ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।

## ଅରନ୍ଧା ଭାତ

'ବୋକା ଚାଉଳ' ଆସାମର ଏକ ବିଶେଷ କିସମର ଚାଉଳ, ଯାହାକୁ 'ମ୍ୟାଜିକ୍ ରାଇସ୍' ବୋଲି କୁହାଯାଏ। ଏହି ଚାଉଳର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଯେ ଏହାକୁ ରାନ୍ଧିବା ପାଇଁ ନିଆଁର ଆବଶ୍ୟକତା ପଡ଼େନାହିଁ। ପାଣିରେ କିଛି ସମୟ ଭିଜାଇ ଦେଲେ ଏହା ଆପେ ଆପେ ଖାଇବା ଯୋଗ୍ୟ ଭାତ ହୋଇଯାଏ। ଏହି ଚାଉଳରୁ ଭାତ ପ୍ରସ୍ତୁତ କରିବା ପାଇଁ କୌଣସି ପ୍ରେସର୍ କୁକର କିମ୍ବା ହାଣ୍ଡିର ଆବଶ୍ୟକତା ନ ଥାଏ। କେବଳ ଥଣ୍ଡା ପାଣିରେ ୩୦ ରୁ ୪୦ ମିନିଟ୍ ଚାଉଳକୁ ଭିଜାଇ ରଖିଲେ ଏହା ନରମ ହୋଇ ଫୁଲିଯାଏ ଏବଂ ତୁରନ୍ତ ଖାଇବା ପାଇଁ ପ୍ରସ୍ତୁତ ହୋଇଯାଏ। ଉଷୁମ ପାଣିରେ ମାତ୍ର ୧୦ ରୁ ୧୫ ମିନିଟ୍ ମଧ୍ୟରେ ଏହା ପ୍ରସ୍ତୁତ ହୋଇଯାଏ। ୧୭ଶ ଶତାବ୍ଦୀରେ ଆସାମର ସ୍ଥାନୀୟ ଅହୋମ ସୈନିକମାନେ ମୋଗଲ ସେନା ବିରୋଧରେ ଯୁଦ୍ଧ କରିବା ସମୟରେ ଏହି ଚାଉଳକୁ ନିଜ ସାଙ୍ଗରେ ଖାଦ୍ୟ ଭାବେ ନେଉଥିଲେ। ଯୁଦ୍ଧ ସମୟରେ ସୈନିକମାନେ କେବଳ ନଦୀ ପାଣିରେ ଏହାକୁ ଭିଜାଇ ତୁରନ୍ତ ଖାଦ୍ୟ ଭାବେ ଗ୍ରହଣ କରୁଥିଲେ। ଏଥିରେ ପ୍ରଚୁର ପରିମାଣରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଫାଇବର ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଥାଏ। ଏହା ଶରୀରକୁ ତୁରନ୍ତ ପ୍ରଚୁର ଶକ୍ତି ଯୋଗାଇଥାଏ।

ଆସାମର ଲୋକେ ଏହାକୁ ମୁଖ୍ୟତଃ ସକାଳ ଜଳଖିଆ ଭାବେ ଖାଆନ୍ତି। ପାଣିରେ ଭିଜାଇବା ପରେ ଏଥିରେ ଦହି, ଗୁଡ଼, କଦଳୀ କିମ୍ବା କ୍ରିମ୍ ମିଶାଇ 'ଜୋଲପାନ' ନାମକ ଏକ ସ୍ୱାଦିଷ୍ଟ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ଏହା ସହଜରେ ହଜମ ହୋଇଯାଏ ଏବଂ ଗ୍ରୀଷ୍ମ ଋତୁରେ ପେଟକୁ ଥଣ୍ଡା ରଖିବାରେ ସାହାଯ୍ୟ କରିଥାଏ। ଆଜିର ସମୟରେ ମଧ୍ୟ ଆସାମରେ ଯେତେବେଳେ ପ୍ରଳୟଙ୍କରୀ ବନ୍ୟା ଆସେ, ଲୋକଙ୍କ ଘରଦ୍ୱାର ଭାସିଯାଏ ଏବଂ ରୋଷେଇ କରିବା ସମ୍ଭବ ହୁଏନାହିଁ, ସେତେବେଳେ ପ୍ରଶାସନ ଓ ସ୍ଥାନୀୟ ଲୋକେ ଏହି ଚାଉଳକୁ ମୁଖ୍ୟ 'ଏମର୍ଜେନ୍ସି ଫୁଡ୍' ଭାବେ ବ୍ୟବହାର କରନ୍ତି। ବୈଜ୍ଞାନିକମାନଙ୍କ ଅନୁସାରେ, ସାଧାରଣ ଚାଉଳ ତୁଳନାରେ ମ୍ୟାଜିକ୍ ରାଇସ୍‌ରେ ଆମିଲୋଜ୍ ପରିମାଣ ବହୁତ କମ୍ ଥାଏ। ଆମିଲୋଜ୍ କମ୍ ଥିବାରୁ ଏହି ଚାଉଳ ଅତି ସହଜରେ ପାଣିକୁ ଶୋଷିନିଏ ଏବଂ ବିନା ଉତ୍ତାପରେ ବି ଏହା ଭାତରେ ପରିଣତ ହୋଇଯାଏ।

## ଭୂମିକମ୍ପ ସମୟରେ ଜୀବନ ଖୋଜିବ ଅସରପା

ଭୂମିକମ୍ପ କିମ୍ବା କୌଣସି ବଡ଼ ବିପର୍ଯ୍ୟୟ ସମୟରେ ଯେତେବେଳେ ବଡ଼ ବଡ଼ ବିଲ୍ଡିଂଗୁଡ଼ିକ ମାଟିରେ ମିଶିଯାଏ, ସେତେବେଳେ ଭଙ୍ଗା ସିମେଣ୍ଟ ଚଟାଣ ଓ କଂକ୍ରିଟ୍ ତଳେ ଚାପି ହୋଇ ରହିଥିବା ଜୀବନ୍ତ ଲୋକଙ୍କୁ ଖୋଜିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଥାଏ। ଏହି କଠିନ କାମକୁ ସହଜ କରିବା ପାଇଁ ବୈଜ୍ଞାନିକମାନେ ସାଇବୋର୍ଗ ଅସରପା ପ୍ରସ୍ତୁତ କରିଛନ୍ତି। ଜୀବନ୍ତ ଅସରପା ଶରୀରରେ ଅତ୍ୟାଧୁନିକ ସେନ୍ସର୍ ଲଗାଇ ଏହାକୁ ଏକ 'ମିନି ରେସକ୍ୟୁ ଟିମ୍'ରେ ପରିଣତ କରାଯାଇଛି। ସିଙ୍ଗାପୁରର ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ୍ ୟୁନିଭର୍ସିଟିର ଗବେଷକମାନେ ଏହି ବିଶେଷ ପ୍ରକାରର ବାୟୋ-ରୋବଟ୍‌କୁ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ସେମାନେ ପ୍ରାୟ ୨.୫ ଇଞ୍ଚ ଲମ୍ବର ବଡ଼ ଆକାରର ମାଡାଗାସ୍କାର ପ୍ରଜାତିର ଅସରପାମାନଙ୍କୁ ବ୍ୟବହାର କରୁଛନ୍ତି। ଏହି ଅସରପାମାନଙ୍କ ପିଠିରେ ଏକ ଅତି କ୍ଷୁଦ୍ର ଇଲେକ୍ଟ୍ରୋନିକ୍ ବ୍ୟାକପ୍ୟାକ୍ ଖଞ୍ଜାଯାଇଥାଏ। ଏଥିରେ ଏକ ଛୋଟ ବ୍ୟାଟେରି, କାର୍ବନ ଡାଇଅକ୍ସାଇଡ୍ ସେନ୍ସର୍ ଏବଂ ଇନଫ୍ରାରେଡ୍ ଥର୍ମାଲ୍ କ୍ୟାମେରା ରହିଥାଏ। ଅସରପାର ମସ୍ତିଷ୍କ ଓ ସେମାନଙ୍କର ଦୁଇଟି ଆଣ୍ଟେନାରେ ସୂକ୍ଷ୍ମ ଇଲେକ୍ଟ୍ରୋଡ୍ସ ସଂଯୋଗ କରାଯାଇଥାଏ। ଯେତେବେଳେ ରିମୋଟ୍ ସାହାଯ୍ୟରେ ବାମ କିମ୍ବା ଡାହାଣ ପଟ ଆଣ୍ଟେନାକୁ ସାମାନ୍ୟ କରେଣ୍ଟ ସିଗନାଲ୍ ଦିଆଯାଏ, ଅସରପାଟି ଭାବେ ଯେ ସେପଟେ କିଛି ପ୍ରତିବନ୍ଧକ ଅଛି ଏବଂ ସେ ତୁରନ୍ତ ନିଜର ଦିଗ ବଦଳାଇ ଦିଏ। ଏହିପରି ଭାବେ ଉଦ୍ଧାରକାରୀ ଦଳ ଅସରପାଗୁଡ଼ିକୁ ନିଜ ଇଚ୍ଛାନୁସାରେ ନିୟନ୍ତ୍ରଣ କରିପାରନ୍ତି। ସାଧାରଣ ଯାନ୍ତ୍ରିକ ରୋବଟ୍‌ଗୁଡ଼ିକ ଆକାରରେ ବଡ଼ ହୋଇଥାନ୍ତି ଏବଂ ଭଙ୍ଗାବିଲ୍ଡିଂର ଅଣଓସାରିଆ ସ୍ଥାନକୁ ଯାଇପାରନ୍ତି ନାହିଁ। ହେଲେ ଅସରପା ନିଜ ଶରୀରକୁ ସଙ୍କୁଚିତ କରି ଅତି ସଂକୀର୍ଣ୍ଣ ସ୍ଥାନ ଦେଇ ଗତି କରିପାରେ। ସବୁଠାରୁ ବଡ଼ କଥା ହେଉଛି, ଯାନ୍ତ୍ରିକ ରୋବଟ୍ ଚାଲିବା ପାଇଁ ବହୁତ ବ୍ୟାଟେରି ଶକ୍ତି ଦରକାର ହୁଏ, କିନ୍ତୁ ଏଠାରେ ଅସରପା ନିଜ ଶକ୍ତିରେ ଚାଲେ। ବ୍ୟାକପ୍ୟାକ୍‌ରେ ଥିବା ବ୍ୟାଟେରି କେବଳ ସେନ୍ସର୍ ଓ କ୍ୟାମେରା ପାଇଁ ବ୍ୟବହାର ହେଉଥିବାରୁ ଏହା ଦୀର୍ଘ ସମୟ ଧରି କାମ କରିପାରେ। ନିକଟରେ ସିଙ୍ଗାପୁରର ସ୍ୱତନ୍ତ୍ର ବିପର୍ଯ୍ୟୟ ପ୍ରଶମନ ଦଳ ଏକ ପରୀକ୍ଷାମୂଳକ ଭୂମିକମ୍ପ ଉଦ୍ଧାର କାର୍ଯ୍ୟରେ ପ୍ରାୟ ୧୦ଟି ମାଡାଗାସ୍କାର ସାଇବୋର୍ଗ ଅସରପାଙ୍କୁ ସଫଳତାର ସହ ବ୍ୟବହାର କରିଛନ୍ତି। ପ୍ରକୃତିର ସବୁଠାରୁ ଅବହେଳିତ ଜୀବ କିପରି ବିଜ୍ଞାନର ସ୍ପର୍ଶରେ ଆସି ମାନବ ସମାଜ ପାଇଁ ଏକ ବଡ଼ ଆଶୀର୍ବାଦ ସାଜିବାକୁ ଯାଉଛି, ତାହା ସାଇବୋର୍ଗ ଅସରପା ପ୍ରୋଜେକ୍ଟ ପ୍ରମାଣିତ କରିଛି। ଆଗାମୀ ଦିନରେ ବିପର୍ଯ୍ୟୟ ସମୟରେ ଅମୂଲ୍ୟ ଜୀବନ ରକ୍ଷା କରିବାରେ ଏହି ବାୟୋ-ରୋବଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।







## 'ହୁଙ୍କାର'ରେ ଅନୀତ୍

'ସୈୟାରା' ଚଳଚ୍ଚିତ୍ରରେ 'ବାଣୀ' ଚରିତ୍ରରେ ନିଜର ଦମଦାର୍ ଅଭିନୟ ଯାଦୁ ଦେଖାଇ ଦର୍ଶକଙ୍କ ହୃଦୟ ଜିତିଥିବା ଅଭିନେତ୍ରୀ ଅନୀତ ପଡ୍ଡା ଏବେ ପୁଣି ଏକ ଭିନ୍ନ ଅବତାରରେ ନଜର ଆସିବାକୁ ଯାଉଛନ୍ତି। ଏଥର ସେ ବଡ଼ ପରଦାରେ ନୁହେଁ, ବରଂ ଓଟିଟି ପ୍ଲାଟଫର୍ମରେ ନିଜ ଅଭିନୟର ଜଲୱା ଦେଖାଇବେ। ବହୁ ପ୍ରତୀକ୍ଷିତ ୱେବ୍ ସିରିଜ୍ 'ହୁଙ୍କାର: ଦ ରୋର୍'ରେ ସେ ଲିଡ୍ ରୋଲରେ ନଜର ଆସିବେ। ଏହି ୱେବ୍‌ସିରିଜ୍‌ର ଏକ ଦମଦାର୍ ଟିଜର୍ ନିକଟରେ ରିଲିଜ୍ ହୋଇଛି। ତେବେ ଏହି ୱେବ୍‌ସିରିଜ୍‌କୁ ନେଇ ଆଉ ଏକ ତଥ୍ୟ ପ୍ରକାଶ ପାଇଛି। ଅନୀତ 'ସୈୟାରା' ଫିଲ୍ମ ପୂର୍ବରୁ ଏହି ୱେବ୍‌ସିରିଜ୍‌ର ସୁଟିଂ ସାରି ଦେଇଥିଲେ। ଅନୀତ ନିଜେ ପ୍ରକାଶ କରିଛନ୍ତି ଯେ, ଏହି ପ୍ରୋଜେକ୍ଟଟି ଦୀର୍ଘ ସମୟ ଧରି ତାଙ୍କ ଅଭିନୟ ଯାତ୍ରାର ଏକ ସ୍ୱତନ୍ତ୍ର ଅଂଶ ହୋଇ ରହିଆସିଛି ଏବଂ ଏବେ ଏହା ଦର୍ଶକଙ୍କ ସାମ୍ନାକୁ ଆସିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। 'ହୁଙ୍କାର' ଏକ କ୍ରାଇମ୍ ଏବଂ ଜଷ୍ଟିସ୍ ଡ୍ରାମା। । ଏହି ସିରିଜ୍‌ରେ ଅନୀତ ଜଣେ ୧୭ ବର୍ଷର ନାବାଳିକା 'ମୀନୁ ରାବତ' ଭୂମିକାରେ ଅଭିନୟ କରୁଛନ୍ତି। କାହାଣୀଟି ମୀନୁର ଚାରିପାଖରେ ଘୁରି ବୁଲୁଛି, ଯିଏ ନିଜ ସହ ହୋଇଥିବା ଅନ୍ୟାୟ ଏବଂ ଅସଦାଚରଣ ବିରୋଧରେ ସ୍ୱର ଉତ୍ତୋଳନ କରି ପୋଲିସର ଦ୍ୱାରସ୍ଥ ହେଉଛି। ଜଣେ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ଭଣ୍ଡ ବାବାଙ୍କ ସାମ୍ରାଜ୍ୟ ବିରୋଧରେ ମୀନୁ ଲଢ଼େଇ କରୁଥିବାର ଦେଖାଯିବ। ପୋଲିସ ତଦନ୍ତ, କୋର୍ଟରୁମ୍ ଡ୍ରାମା ଏବଂ ମିଡିଆ ଟ୍ରାଏଲ୍‌ର ଏକ ଦମଦାର ମିଶ୍ରଣ ଏହି ସିରିଜ୍‌ରେ ଦେଖିବାକୁ ମିଳିବ। ରାମ କପୁର, ମହମ୍ମଦ ଜିଶାନ୍ ଆୟୁବ୍, ଅର୍ଜୁନ ମାଥୁର, ଜୋୟା ହୁସେନ୍, ରଘୁବୀର ଯାଦବ, ରାଜେଶ ଶର୍ମା ଏବଂ ଚାରୁ ଶଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। କରଣ କପାଡ଼ିଆ, ନିତ୍ୟା ମେହେରା ଏବଂ ହୀରାଜ ମାରଫତିଆ ମିଳିତ ଭାବେ ଏହି ସିରିଜ୍‌ର ନିର୍ଦ୍ଦେଶନା ଦେଇଛନ୍ତି। ବିରଲା ଷ୍ଟୁଡିଓ ଏବଂ ଅପ୍ଲଜ୍ ଏଣ୍ଟରଟେନମେଣ୍ଟ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛି। ଟିଜର୍ ରିଲିଜ୍ ହେବା ପରେ ଏହି ୱେବ୍‌ସିରିଜ୍‌କୁ ନେଇ ଦର୍ଶକଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି। ଆସନ୍ତା ୨୫ ସେପ୍ଟେମ୍ବରରେ ଏହି ସିରିଜ୍‌ଟି ଓଟିଟି ପ୍ଲାଟଫର୍ମ ଜିଓ ହଟ୍‌ଷ୍ଟାର୍‌ରେ ଷ୍ଟ୍ରିମ୍ ହେବାକୁ ଯାଉଛି। ତେବେ ଏହି ସିରିଜ୍‌ରେ ମୋଟ କେତୋଟି ଏପିସୋଡ୍ ରହିବ, ସେନେଇ ନିର୍ମାତାଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ମୀନୁର ଏହି ନ୍ୟାୟର ଲଢ଼େଇ ଦର୍ଶକଙ୍କୁ କେତେ ପସନ୍ଦ ଆସୁଛି, ତାହା ଦେଖିବାକୁ ବାକି ରହିଲା।

## 'ସକାଳ'ର ସ୍ୱାସ୍ଥ୍ୟ

## ସ୍କ୍ରବ୍ ଟାଇଫସ୍

ସ୍କ୍ରବ୍ ଟାଇଫସ୍ ଏକ ଜୀବାଣୁ ଜନିତ ରୋଗ। ଓରିଏଣ୍ଟିଆ ସୁସୁଗାମୁସି ନାମକ ଜୀବାଣୁ ଦ୍ୱାରା ଏହା ହୋଇଥାଏ। ଚିଗର୍ ନାମକ ଏକ କୀଟ କାମୁଡ଼ିବା ଦ୍ୱାରା ସ୍କ୍ରବ୍ ଟାଇଫସ୍ ହୁଏ। ଏହି କୀଟ କାମୁଡ଼ିବାର ୭ରୁ ୧୦ ଦିନ ମଧ୍ୟରେ ରୋଗର ଲକ୍ଷଣ ଦେଖାଯାଏ। ବର୍ତ୍ତମାନ ଅନୁଗୁଳ ଜିଲ୍ଲାରେ ଏହି ରୋଗ ଆତଙ୍କ ସୃଷ୍ଟି କରିଛି। ତେବେ ରୋଗର ଲକ୍ଷଣ ଅନୁସାରେ ଚିକିତ୍ସା କରିବା ଏକାନ୍ତ ଆବଶ୍ୟକ।




**ଲକ୍ଷଣ:** ବର୍ଷାଋତୁରେ ପାହାଡ଼ିଆ ଅଞ୍ଚଳରେ ସ୍କ୍ରବ୍ ଟାଇଫସ୍ ସଂକ୍ରମିତ ଅଧିକ ଚିହ୍ନଟ ହୋଇଥାନ୍ତି। ଜଙ୍ଗଲ, ବଣବୁଦା ସ୍ଥାନରେ ଦେଖାଯାଉଥିବା ଚିଗର୍ ନାମକ କୀଟ କାମୁଡ଼ିଲେ ସ୍କ୍ରବ୍ ଟାଇଫସ୍ ହୁଏ। ପୀଡିତଙ୍କ ଶରୀରରେ ବିଭିନ୍ନ ଲକ୍ଷଣ ଯଥା- ଅଧିକ ଜ୍ୱର, ମୁଣ୍ଡବ୍ୟଥା, ମାଂସପେଶୀ ଯନ୍ତ୍ରଣା, କୀଟ କାମୁଡ଼ିଥିବା ସ୍ଥାନ କୁଣ୍ଡାଇ ହୋଇ ଫୁଲିଯିବା ବା ଘା' ହେବା, ଲସିକା ଗ୍ରନ୍ଥି ଫୁଲିଯିବା, ଝାଡ଼ା, ସ୍ମୃତିଶକ୍ତି ହ୍ରାସ ଆଦି ଲକ୍ଷଣ ଦେଖାଯାଏ। ଗୁରୁତର ଅବସ୍ଥାରେ ଆକ୍ରାନ୍ତଙ୍କ ଅଙ୍ଗବିଫଳ, ଶ୍ୱାସକ୍ରିୟାରେ ସମସ୍ୟା ଏବଂ ମସ୍ତିଷ୍କ ସଂକ୍ରମଣ ତଥା ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବାର ଆଶଙ୍କା ଅଧିକ ଥାଏ। ତେଣୁ ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ରକ୍ତ ସେରୋଲୋଜି, ଇମ୍ୟୁନୋଫ୍ଲୋରେସେନ୍ସ ଏବଂ ଡିଏନ୍ ପିସିଆର୍ ଦ୍ୱାରା ରୋଗକୁ ଚିହ୍ନଟ କରାଯାଏ।

**ଚିକିତ୍ସା ପଦ୍ଧତି:** ଡାକ୍ତର ରୋଗର ତୀବ୍ରତା ଏବଂ ପୀଡ଼ିତଙ୍କ ସ୍ୱାସ୍ଥ୍ୟାବସ୍ଥା ଆଧାରରେ ଡକ୍ସିସାଇକ୍ଲିନ୍ (ଔଷଧ ଏବଂ ଇଞ୍ଜେକସନ୍), ଆଜିଥ୍ରୋମାଇସିନ୍ ଭଳି ଆଣ୍ଟିବାୟୋଟିକ୍ ପ୍ରଦାନ କରନ୍ତି। ଅତିମାତ୍ରାର ସଂକ୍ରମିତ ରୋଗୀଙ୍କୁ ହସ୍‌ପିଟାଲ୍‌ରେ ରଖି ଇଞ୍ଜେକସନ୍ ଦେବାକୁ ପଡ଼ିଥାଏ। ସ୍କ୍ରବ୍ ଟାଇଫସ୍ ମାମଲା ଚିହ୍ନଟ ହୋଇଥିବା ସ୍ଥାନକୁ ଯିବା ଅନୁଚିତ। ଘର ଏବଂ ଆଖପାଖ ଅଞ୍ଚଳକୁ ସଫା ରଖିବା ସହ ସଫା ପୋଷାକ ପିନ୍ଧିବା ଆବଶ୍ୟକ। ଜଙ୍ଗଲ କିମ୍ବା କ୍ଷେତରେ କାମ କରିବା ସମୟରେ ହାତଗୋଡ଼, ଛାତି ଓ ପେଟକୁ ସମ୍ପୂର୍ଣ୍ଣ ଭାବେ ଢାଙ୍କିବା ଆବଶ୍ୟକ। ଦୈନିକ ସନ୍ତୁଳିତ ଖାଦ୍ୟପେୟ ଗ୍ରହଣ କରିବା ଜରୁରି।

## ସଞ୍ଜୀବନୀ

## ଡାଏଲିସିସ୍ ସମୟରେ ସତର୍କତା

**ବୃକ୍କର କାମ ହେଉଛି ରକ୍ତ ସଫା କରିବା ସହ ଶରୀରର ବିଭିନ୍ନ ବର୍ଜ୍ୟକୁ ନିଷ୍କାସନ କରିବା। ହେଲେ ବିଶୃଙ୍ଖଳିତ ଜୀବନଶୈଳୀ, ନିଶାସେବନ ତଥା ଅନ୍ୟାନ୍ୟ କାରଣରୁ ବୃକକଜନିତ ସମସ୍ୟା ଦେଖାଯାଏ। ଅତି ଜଟିଳ ପରିସ୍ଥିତିରେ ଡାଏଲିସିସ୍ କରିବାକୁ ପଡ଼ିଥାଏ। ସେହିପରି ରକ୍ତରେ ଏସିଡ୍ ସଂକ୍ରମଣ, ଡେଙ୍ଗୁ, ମ୍ୟାଲେରିଆ ଆଦି ଅସ୍ଥାୟୀ ସଂକ୍ରମଣରେ ବୃକକ୍ ସଂକ୍ରମଣ ଆଶଙ୍କା ଥିବାରୁ ଡାଏଲିସିସ୍ କରାଯାଏ। ବୃକକ୍ କାର୍ଯ୍ୟକ୍ଷମ ଥାଇ ମଧ୍ୟ ଯଦି ପଟାସିୟମ, ଫସ୍‌ଫରସ୍, ୟୁରିକ୍ ଏସିଡ ଏବଂ ମାତ୍ରାଧିକ ପାଣି ଶରୀରରେ ଜମିଥିଲେ ଡାଏଲିସିସ୍ କରାଯାଏ। ଡାଏଲିସିସ୍‌ରେ ରକ୍ତକୁ ବିଶୁଦ୍ଧ କରିବା ସହଜ ହୁଏ। ତେଣୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିୟମିତ ଡାଏଲିସିସ୍ କରିବା ଉଚିତ।**

ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ପୀଡ଼ିତଙ୍କଠାରେ ବୃକକ୍ ଜନିତ ସମସ୍ୟା ଅଧିକ ଦେଖାଯାଏ। ବୃକକ ଅଚଳ ଯୋଗୁଁ ଡାଏଲିସିସ କରିବାକୁ ପଡୁଥିବାରୁ ଏହି ସମୟରେ ରକ୍ତଶର୍କରା ଓ ରକ୍ତଚାପ ପରୀକ୍ଷା କରାଇବା ଦରକାର। ଅନ୍ୟପଟେ ଯେଉଁ ପୀଡିତଙ୍କର ଛାତି ଯନ୍ତ୍ରଣା, ଶରୀର ଥରିବା, ଗୋଡ଼ହାତ କ୍ରାମ୍ପ, ଅତ୍ୟଧିକ ଝାଳ ନିର୍ଗତ, ହଠାତ ବାଉଳିଚାଉଳି ହେଲେ ଡାକ୍ତର ଡାଏଲିସିସ ବନ୍ଦକରି ଡାଏଲିସିସ୍ ପାର୍ଶ୍ୱପ୍ରତିକ୍ରିୟାର



ଚିକିତ୍ସା କରନ୍ତି। ରୋଗୀ ସ୍ୱାଭାବିକ ସ୍ଥିତିକୁ ଫେରିଲେ ଧୀରେ ଧୀରେ ଡାଏଲିସିସ କରାଯାଏ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ପୀଡ଼ିତ ପାଣି ବା ତରଳପଦାର୍ଥ ପିଇବା ଆବଶ୍ୟକ। ପଟାସିୟମ ଅଧିକ ହେଲେ ଫଳମୂଳ, ଶାଗ, ଆମିଷ, ମାଟିତଳ ଜିନିଷ, ମାତ୍ରାଧିକ ପଟାସିୟମଯୁକ୍ତ ଖାଦ୍ୟ ଖାଇବା ଅନୁଚିତ। ଶରୀରକୁ ଆବଶ୍ୟକ ମୁତାବକ ପ୍ରୋଟିନ୍ ଖାଇବା ଜରୁରି।

ଆବଶ୍ୟକ ନ ଥିଲେ ପେନ କିଲର ଖାଇବା ଅନୁଚିତ। ଯେକୌଣସି ସଂକ୍ରମଣ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ଆରମ୍ଭ କରିବା ସହ ଶରୀରରେ ସୋଡିୟମ, ମ୍ୟାଗ୍ନେସିୟମ, ପଟାସିୟମ ଯଥା ଇଲେକ୍ଟ୍ରୋଲାଇଟ୍ ଅନୁପାତ ଜାଣିବାକୁ 'କିଡ୍‌ନି ଫଙ୍କସନ୍ ଟେଷ୍ଟ' କରିପାରିବେ। ନିଃଶ୍ୱାସ ନେବାରେ ସମସ୍ୟା, ପରିସ୍ରା ପରିମାଣରେ କମୁଥିଲେ, ପାଦ ଓ ମୁହଁ ଫୁଲିବା, ଧଇଁସଇଁ ଲାଗିବା ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା ଆରମ୍ଭ କରିବା ଭଲ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ଖାଇବା ଅନୁଚିତ।

## ନିମ୍ନ ରକ୍ତଚାପ ନିୟନ୍ତ୍ରଣ



ଆଜିକାଲି ଅଧିକାଂଶ ଲୋକ ନିମ୍ନ ରକ୍ତଚାପରେ ପୀଡ଼ିତ। ହୃଦୟ ସଙ୍କୁଚିତ ହେଲେ ରକ୍ତଚାପ ବଢ଼େ ଏବଂ ପ୍ରସାରଣ ହେଲେ ରକ୍ତଚାପ କମିଥାଏ। ଶରୀରରେ ଜଳୀୟଅଂଶ କମିଯିବା, ହୃଦ୍‌ରୋଗ, ମାନସିକ ଚାପ ଆଦି ଦ୍ୱାରା ନିମ୍ନ ରକ୍ତଚାପ ହୋଇଥାଏ। ସ୍ୱାଭାବିକ ଭାବେ ୭୦ରୁ ୯୦ ହେଉଛି ନିମ୍ନ ରକ୍ତଚାପ (ସିଷ୍ଟୋଲିକ୍ ରକ୍ତଚାପ)। ନିମ୍ନ ରକ୍ତଚାପ ହେଲେ ମୁଣ୍ଡ ବୁଲାଇବା, ଝାପ୍‌ସା ଦିଶିବା, ବାନ୍ତି ଆଦି ଲକ୍ଷଣ ଦେଖାଯାଏ। ତେଣୁ ନିମ୍ନରକ୍ତଚାପକୁ ଅଣଦେଖା କରିବା ଅନୁଚିତ।

ନିମ୍ନ ରକ୍ତଚାପ ଥିଲେ ପ୍ରଚୁର ପାଣି ପିଇବା ଆବଶ୍ୟକ। ବିଟ୍, ତରଭୁଜ, କାକୁଡ଼ି ଆଦି ରସ, ଫ୍ରୁଟ୍ ଜୁସ୍ ଓ ଓଆର୍‌ଏସ୍ ପିଇବା ଦ୍ୱାରା ରକ୍ତଚାପ ସ୍ୱାଭାବିକ ହୁଏ। ସମସ୍ତ ଡ୍ରାଏଫ୍ରୁଟ୍ ଯଥା- ଅଞ୍ଜିର, ଖଜୁର, କିସ୍‌ମିସ୍, ଆଲମଣ୍ଡ, ଅଖ୍‌ରୋଟ ଆଦିକୁ ମାତ୍ରା ଅନୁସାରେ ରାତିରେ ବତୁରାଇ ସକାଳେ ଖାଇଲେ, ରକ୍ତଚାପ ସ୍ୱାଭାବିକ ହୋଇପାରେ। ନିଶା ସେବନ କରିବା ଅନୁଚିତ।

ଗୁଡ଼ ବା ମହୁପଣାରେ ସାମାନ୍ୟ ସୈନ୍ଧବ ଲବଣ ମିଶାଇ ପାନ କରିବା ହିତକର। ସେହିପରି ତୁଳସୀ ପତ୍ର ରସକୁ ମହୁରେ ମିଶାଇ ଖିଆଯାଏ। ପ୍ରତିଦିନ ଅତିକମ୍‌ରେ ୧୫ ମିନିଟ୍ ଚାଲିବା ଆବଶ୍ୟକ। ପ୍ରାଣାୟାମ, ଧ୍ୟାନ ଓ ଯୋଗ କରିପାରିବେ। ଖାଦ୍ୟରେ ଲୁଣର ମାତ୍ରା ବଢ଼ାଇବା ସହ ସୋଡିୟମଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ। ଭୋଜନ ସମୟରେ ଅଧିକ ନଖାଇ ଅଳ୍ପ ଅଳ୍ପ କରି ଖାଇବା ଭଲ। ସର୍ବଦା ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ।

## ଘର ବଇଦ

## କଣନଖା ଉପଚାର

- ଟାଙ୍ଗଣା ଖଇ ଚୂର୍ଣ୍ଣ କ୍ଷତ ଭିତରେ ଦେଲେ ଅତିଶୀଘ୍ର ଭଲ ହୁଏ।
- ଗୋଟିଏ କାଗେଜି ଲେମ୍ବୁକୁ କଣା କରି ତା ଭିତରେ ଆଙ୍ଗୁଠିକୁ ପୂରାଇ ରଖିବେ। ଦିନେ ଦୁଇ ଦିନରେ କଣନଖା ପାଚି ଫାଟି ଭଲ ହୋଇଯିବ।
- କଣନଖା ରାତିରେ ଅଧିକ ଯନ୍ତ୍ରଣା ଦିଏ। ସେଥିପାଇଁ ଖଣ୍ଡେ କନାକୁ ଆମ୍ବିଳି ଦହିରେ ବୁଡ଼ାଇ କଣନଖା ଉପରେ ବାନ୍ଧିଲେ ୨/୩ମିନିଟ୍‌ରେ ଯନ୍ତ୍ରଣା ବନ୍ଦ ହୁଏ। ତା ପରଦିନ ଟାଙ୍ଗଣା ଖଇ ବା ସୀତାଫଳ ପତ୍ର ବାଟି ଲେପ ଦେବେ।
- କଣନଖା ପାଚିଗଲେ ସେଥିରୁ ରକ୍ତ ବାହାର କରି ଅରଖ କ୍ଷୀର ତା ଉପରେ ଲଗାଇଲେ ପୂଜରକ୍ତ ଯାହା ଥାଏ ବାହାରିଯାଏ, ତା'ପରେ କଅଁଳ ଅରଖ ପତ୍ର ଗୁଡ଼ାଇ କନା ବାନ୍ଧିବେ । ଦିନେ ଦୁଇ ଦିନରେ ତାହା ଭଲ ହେବ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ପିଲାଙ୍କ ଆପେଣ୍ଡିସାଇଟିସ୍

**ଆଜିକାଲି ପିଲାମାନେ ଜଙ୍କଫୁଡ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି। ଏହି ଖାଦ୍ୟରେ ଭିଟାମିନ୍, ପ୍ରୋଟିନ୍, ଫାଇବର ଆଦି ନ ଥିବାରୁ ପେଟ ଗ୍ୟାସ୍ ଏବଂ ଯନ୍ତ୍ରଣା ହୋଇଥାଏ। ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ମତରେ, ପିଲାଙ୍କ ପେଟରେ ଅସହ୍ୟ ଯନ୍ତ୍ରଣାର କାରଣ ଆପେଣ୍ଡିସାଇଟିସ୍‌ର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ।**




ଅନ୍ତନଳୀରେ ଥିବା ଆପେଣ୍ଡିକ୍ସ ନାମକ ଏକ ଅଂଶରେ ସଂକ୍ରମଣ ହେଲେ ଆପେଣ୍ଡିସାଇଟିସ୍ ହୋଇଥାଏ। ଆପେଣ୍ଡିକ୍ସ ଅନେକଗୁଡ଼ିଏ ତନ୍ତୁ ଦ୍ୱାରା ଗଠିତ। ବଡ଼ ଓ ଛୋଟ ଅନ୍ତ ମିଳନ ସ୍ଥଳରେ ଆପେଣ୍ଡିକ୍ସ ଏକ ଟ୍ୟୁବ୍ ଭାବେ ଥାଏ। ଯେତେବେଳେ ଅନ୍ତନଳୀର ବ୍ୟାକ୍ଟେରିଆ ଆପେଣ୍ଡିକ୍ସ ଭିତରକୁ ପ୍ରବେଶ କରନ୍ତି, ସେତେବେଳେ ଏହା ସଂକ୍ରମିତ ହୋଇଥାଏ। ଏହାକୁ ଆପେଣ୍ଡିସାଇଟ୍‌ସ କୁହାଯାଏ। ସଂକ୍ରମଣ ବଢ଼ିଗଲେ, ଆପେଣ୍ଡିକ୍ସ ଫାଟିଯିବାର ଆଶଙ୍କା ଥାଏ। ତେଣୁ ପିଲାଙ୍କ ପେଟ ଯନ୍ତ୍ରଣା ସହିତ ଡାହାଣ ପେଟରେ ଅସହ୍ୟ ଯନ୍ତ୍ରଣା, ଜ୍ୱର, ଭୋକ ନ ଲାଗିବା, ଖାଇବା ପରେ ବାନ୍ତି ହେବା, ପତଳାଝାଡ଼ା ଆଦି ଲକ୍ଷଣକୁ ଅଣଦେଖା କରିବା ଅନୁଚିତ।

ରକ୍ତପରୀକ୍ଷା, ଇମେଜିଂ ଟେଷ୍ଟ, ସିଟି ସ୍କାନ୍, ଅଲ୍‌ଟ୍ରାସାଉଣ୍ଡ ଏବଂ ଏମ୍‌ଆର୍‌ଆଇ ଦ୍ୱାରା ଆପେଣ୍ଡିସାଇଟ୍‌ସ ହୋଇଛି କି ନାହିଁ, ଡାକ୍ତର ପରୀକ୍ଷା କରିଥାନ୍ତି। ଆପେଣ୍ଡିସାଇଟ୍‌ସ ପ୍ରଥମ ପର୍ଯ୍ୟାୟରେ ଥିଲେ ଔଷଧ ବା ଇଞ୍ଜେକ୍‌ସନ୍ ଦ୍ୱାରା ଚିକିତ୍ସା ସମ୍ଭବ। ଡାକ୍ତରଙ୍କ ପରାମର୍ଶକ୍ରମେ ଅସ୍ତ୍ରୋପଚାର ମଧ୍ୟ କରାଯାଏ। ତେଣୁ ଡାକ୍ତରୀ ଚିକିତ୍ସା ସହିତ ସନ୍ତୁଳିତ ଖାଦ୍ୟପେୟ ପ୍ରତି ଯତ୍ନଶୀଳ ରହିବା ଏକାନ୍ତ ଆବଶ୍ୟକ।

ସକାଳ
THE SAKALA
www.sakalaepaper.com

# ୟୁଏସ୍ ଓପନ୍ | ତୃତୀୟ ରାଉଣ୍ଡରେ ଆଲ୍‌କାରାଜ, ସାବାଲେଙ୍କା





ନ୍ୟୁୟର୍କ, ୩।୯ (ଏଜେନ୍ସି): ଦୁଇ ଟାଇଟଲ ଆଶାୟୀ ମହିଳା ନଂ-୧ ସିଡ୍ ଆରିନା ସାବାଲେଙ୍କା ଓ ପୁରୁଷ ବିଭାଗର କାର୍ଲୋସ ଆଲକାରାଜ ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଉଭୟ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ଜବରଦସ୍ତ ଖେଳ ପ୍ରଦର୍ଶନ କରି ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଥିଲେ। ଗତ ଦୁଇବର୍ଷ ହେଲା ଟାଇଟଲ ଜିତିଥିବା ସାବାଲେଙ୍କା ମାତ୍ର ୫୩ ମିନିଟ୍ ମୁକାବିଲାରେ ରୁଷର ପୋଲିନା ଲାଟଚେଙ୍କୋଙ୍କୁ ୬-୧, ୬-୧ ସିଧାସଳଖ ସେଟରେ ପରାସ୍ତ କରିଥିଲେ। ପୁରୁଷ ବିଭାଗରେ ୨ଥର ୟୁଏସ୍ ଓପନ ସହ ୬ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା କାର୍ଲୋସ ଆଲକାରାଜ ୪-୬, ୬-୦, ୬-୩ରେ ପର୍ତ୍ତୁଗାଲର ଜାଇମେ ଫାରିଆଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ତୃତୀୟ ରାଉଣ୍ଡରେ ସାବାଲେଙ୍କାଙ୍କ ସହ ଉଜ୍‌ବେକିସ୍ତାନର କାମିଲା ରାଖିମୋଭାଙ୍କୁ ଏବଂ ଅଲକାରାଜ ଚୀନ୍‌ର ଯିବିଙ୍ଗ ଝୁଙ୍କୁ ଭେଟିବେ।

ମହିଳା ବିଭାଗରେ ଅନ୍ୟମାନଙ୍କ ମଧ୍ୟରେ ୬ଷ୍ଠ ସିଡ୍ ଚେକିଆର ଲିଣ୍ଡା ନୋସ୍କୋଭା, ୭ମ ସିଡ୍ କାରୋଲିନା ମୁଚୋଭା, ନବମ ସିଡ୍ ଏଲିନା ସ୍ୱିତୋଲିନା ୩ୟ ରାଉଣ୍ଡରେ ପ୍ରବଶ କରିଛନ୍ତି। ୟୁକ୍ରେନ୍‌ର ସ୍ୱିତୋଲିନା ୬-୨, ୬-୭, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର ମାୟା ଜଏଣ୍ଟଙ୍କୁ ପରାସ୍ତ କରିଛନ୍ତି। ୧୧ନଂ ସିଡ୍ ୟୁକ୍ରେନ୍‌ର ମାର୍ତା କୋଷ୍ଟ୍ୟୁକ୍ ୧୬ନଂ ସିଡ୍ ରୋମାନିଆର ସୋରାନା କ୍ରିଷ୍ଟିଆ , ୧୪ନଂ ସିଡ୍ ଆମେରିକାର ଇଭା ଜୋଭିଚ୍ , ୧୮ନଂ ସିଡ୍ ରୁଷିଆର ଏକାତେରିନା ଆଲେଜାଣ୍ଡ୍ରୋଭା ବିଜୟ ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପୁରୁଷ ବିଭାଗରେ ୬ଷ୍ଠ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନୌର, ଅଷ୍ଟମ ସିଡ୍ ଆମେରିକାର ବେନ୍ ସେଲ୍‌ଟନ, ୧୧ନଂ ସିଡ୍ ଆମେରିକାର ଫ୍ରାନ୍‌ସେସ୍କା ଟିଆଫୋ, ୧୮ନଂ ସିଡ୍ ଚେକିଆର ଜିରି ଲେହେକା, ୧୫ନଂ ସିଡ୍ କାଜାଖସ୍ତାନର ଆଲେକ୍‌ଜାଣ୍ଡର ବୁବ୍‌ଲିକ୍, ୨୦ନଂ ସିଡ୍ ଆମେରିକାର ଟମି ପଲ୍ ବିଜୟୀ ହୋଇ ୩ୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ୧୨ନଂ ସିଡ୍ ସ୍ପେନ୍‌ର ରାଫେଲ ଜୋଡାର ଓ ୨୩ନଂ ସିଡ୍ ରୁଷିଆର ଆଣ୍ଡ୍ରେଇ ରୁବ୍‌ଲେଭ ୨ୟ ରାଉଣ୍ଡରୁ ବିଦାୟ ନେଇଛନ୍ତି।

## ଏସିଆ କପ୍ ମହିଳା କ୍ରିକେଟ
# ମନ୍ଧାନାଙ୍କ ବିସ୍ଫୋରକ ବ୍ୟାଟିଂ

ଦୁବାଇ,୩।୯ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ କପ୍ ମହିଳା କ୍ରିକେଟ ପ୍ରତିଯୋଗିତାର ଆଜି ଖେଳାଯାଇଥିବା ହଂକଂ ବିପକ୍ଷ ପୁଲ-ଏ' ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଭାରତୀୟ ଓପନର ସ୍ମୃତି ମନ୍ଧାନା ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ସେ ୪୦ ବଲ୍‌ରେ



ଅର୍ଦ୍ଧଶତକ ପୂରଣ କରିବା ପରେ ୪୮ ବଲରୁ ଅପରାଜିତ ୮୨ ରନ୍ ସଂଗ୍ରହ କରିଥିବା ବେଳେ ଭାରତ ୧୪ ଓଭରରେ ୨ ୱିକେଟ ହରାଇ ୧୨୯ ରନ୍ କରିନେଇଛି। ଦଳ ପକ୍ଷରୁ ଅନ୍ୟତମ ଓପନ ଶେଫାଳି ବର୍ମା ୧୭ ବଲ୍‌ରେ ୨୮ ଓ ପ୍ରତୀକା ରାୱଲ ୧୨ ବଲ୍‌ରେ ୧୦ ରନ୍ କରି ବ୍ୟାଟିଂରେ ସ୍ଥିର ପ୍ରଦର୍ଶନ କରିପାରିନାହାନ୍ତି। ପ୍ରତିପକ୍ଷ ଦଳର ଭାରତୀୟ ବଂଶୋଦ୍ଭବ ଖେଳାଳି ରୁଚିତା ଭେଙ୍କଟେଶ ଓ ଜୟଲିନ୍ କୌର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି।

ଗତକାଲି ପୁଲ-ବି'ରେ ଖେଳାଯାଇଥିବା ଶ୍ରୀଲଙ୍କା ୭୫ ରନ୍‌ରେ ଇଣ୍ଡୋନେସିଆକୁ ପରାସ୍ତ କରି ଦମ୍‌ଦାର ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୭ ୱିକେଟରେ ୧୨୪ ରନ୍ କରିଥିଲାବେଳେ ଇଣ୍ଡୋନେସିଆ ମାତ୍ର ୪୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ପକ୍ଷରୁ ନିଶିକା ସିଲଭା ୩୫ ବଲ୍‌ରେ ୫୦ ରନ୍ କରିଥିଲାବେଳେ ଭେଟେରାନ ଖେଳାଳି ଚାମରି ଆଟାପାଟ୍ଟୁ ୭ଟି ୱିକେଟ ପାଇଥିଲେ।

## ଘରୋଇ କ୍ରିକେଟରେ ବୟସ ଜାଲିଆତି
# ବେଙ୍ଗଲର ରୋହିତ ୨ ବର୍ଷ ବାସନ୍ଦ

ମୋକି, ଚୀନ୍, ୩।୯ (ଏଜେନ୍ସି): ଭାରତ ପକ୍ଷରୁ ୧୯ ବର୍ଷରୁ କମ୍ କ୍ରିକେଟ ଖେଳିଥିବା ବେଙ୍ଗଲର ରୋହି ଯାଦବ ବୟସ ଜାଲିଆତି କରି ଧରାପଡ଼ିଛନ୍ତି। ଏହି ଘଟଣା ଧରାପଡ଼ିବା ପରେ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ରୋହିତଙ୍କୁ ସମସ୍ତ ପ୍ରକାର କ୍ରିକେଟରୁ ୨ ବର୍ଷ ଲାଗି ବାସନ୍ଦ କରିଛି। ଏ ସମ୍ପର୍କରେ ବେଙ୍ଗଲ କ୍ରିକେଟ ସଂଘ ସମେତ ଭାରତର ଅନ୍ୟ ସମସ୍ତ ସ୍ୱୀକୃତିପ୍ରାପ୍ତ ସଂଗଠନକୁ ବିସିସିଆଇ ଜଣାଇଦେଇଛି।

ଭାରତର ୧୯ ବର୍ଷରୁ କମ୍ ଦଳ ସହ ରୋହିତ ଶ୍ରୀଲଙ୍କା ଗସ୍ତରେ ଯାଇଥିଲେ। ତାଙ୍କର ଭଲ ପ୍ରଦର୍ଶନ ଯୋଗୁଁ ଚଳିତମାସ ଅଷ୍ଟ୍ରେଲିଆ ସହ ଖେଳାଯିବାକୁ ଥିବା ସିରିଜ୍ ଲାଗି ଦଳରେ ମଧ୍ୟ ସାମିଲ ହୋଇଥିଲେ। କିନ୍ତୁ ତାଙ୍କ ବୟସ ସମ୍ପର୍କରେ ଆଧାର କାର୍ଡ ତଦାରଖ କରିବା ବେଳେ ସେ ଅନେକଥର ତାଙ୍କ ଜନ୍ମ ତାରିଖ ବଦଳାଇଥିବା ଜଣାପଡ଼ିଥିଲା। ଖେଳାଳିଙ୍କ ବୟସ ସମ୍ପର୍କରେ କଡ଼ାକଡ଼ି ତଦାରଖ କରିବାକୁ ବିସିସିଆଇ ସମସ୍ତ କ୍ରିକେଟ ସଂଘକୁ କହିଥିଲା। ଉତ୍ତରପ୍ରଦେଶର ରୋହିତ ଯାଦବ ୨୦୦୭ରେ ବେଙ୍ଗଲ କ୍ରିକେଟ ସଂଘ ସହ ପଞ୍ଜିକୃତ ହୋଇଥିଲେ। ଏହି ସମୟରେ ଯେ ଯେଉଁ ବୟସ ଦର୍ଶାଇଥିଲେ ତାହା ୨୦୦୬ରେ ଅଲଗା ଥିବାର ଜଣାପଡ଼ିଥିଲା। ଏହା ପରେ ସେ ପୁଣିଥରେ ବୟସ ବଦଳାଇଥିବା ମଧ୍ୟ ଆଧାରକାର୍ଡ ଚେକ୍ ବେଳେ ଜଣାପଡ଼ିଥିଲା। ଏ ସମ୍ପର୍କରେ ବେଙ୍ଗଲ ସଂଘ ବିସିସିଆଇକୁ ଜଣାଇବା ପରେ ରୋହିତଙ୍କୁ ୨ ବର୍ଷ ଲାଗି ସମସ୍ତ ପ୍ରକାର କ୍ରିକେଟରୁ ବାସନ୍ଦ କରାଯାଇଛି।

# ଏସିଆନ୍ ଗେମ୍ସରେ କ୍ରିକେଟରଙ୍କୁ ମିଳିବ ଉତ୍ତମ ସୁବିଧା ସୁଯୋଗ: ଜାପାନ

ନାଗୋୟା,୩।୯ (ଏଜେନ୍ସି): ଆସନ୍ତା ଏସିଆନ୍ ଗେମ୍ସରେ କ୍ରିକେଟରଙ୍କ ପାଇଁ ସର୍ବୋତ୍ତମ ହୋଟେଲ୍ ରହଣି ବ୍ୟବସ୍ଥା କରାଯିବ ବୋଲି ଜାପାନ କ୍ରିକେଟ୍ ସଂଘର ମୁଖ୍ୟ ନାଓକି ଆଲେକ୍ସ ମିୟାଜି କହିଛନ୍ତି। ଭାରତ ଓ ପାକିସ୍ତାନ ସମେତ କିଛି ଦଳଙ୍କ ରହଣି ନେଇ ଚିନ୍ତା ପ୍ରକାଶ ପରେ ଆୟୋଜକମାନେ ଏ ନେଇ ପ୍ରତିଶ୍ରୁତି ଦେଇଛନ୍ତି। କ୍ରିକେଟରଙ୍କୁ କ୍ରୁଜ୍ ଜାହାଜ କିମ୍ବା କଣ୍ଟେନର୍ ହୋଟେଲ୍‌ରେ ନୁହେଁ, ହୋଟେଲ୍ କୋଠରୀରେ ରଖାଯିବ। ନାଗୋୟାର କୋରୋଗି ସ୍ପୋର୍ଟ୍ସ ପାର୍କରେ କ୍ରିକେଟ୍ ଖେଳାଯିବ। ଶ୍ରୀଲଙ୍କାର ୩୫ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ପାଲେକେଲେ ଷ୍ଟାଡିୟମ୍‌ର କ୍ୟୁରେଟର୍ ପିଚ୍ ପ୍ରସ୍ତୁତ କରୁଛନ୍ତି। ଏଥିରେ ଉଚ୍ଚମାନର ପିଚ୍ ମିଳିବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି।

## ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ
# କ୍ୱାର୍ଟରରେ ଶ୍ରୀକାନ୍ତ, ସାତ୍ତ୍ୱିକ-ଚିରାଗ: ତନ୍‌ଭୀ ବିଦା

ଚୀନ୍,୩।୯ (ଏଜେନ୍ସି): ଚାଇନା ମାଷ୍ଟର୍ସ ସୁପର ୭୫୦ ବ୍ୟାଡମିଣ୍ଟନ୍‌ରେ ଭାରତୀୟ ତାରକା କିଦାମ୍ବି ଶ୍ରୀକାନ୍ତ ଚମତ୍କାର ବିଜୟ ସହ ପୁରୁଷ ଏକକ କ୍ୱାର୍ଟରଫାଇନାଲରେ ପହଞ୍ଚିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ପୂର୍ବତନ ବିଶ୍ୱ ନମ୍ବର-୧ ଶ୍ରୀକାନ୍ତ କାନାଡାର ବିଶ୍ୱ ନମ୍ବର-୯ ଭିକ୍ଟର ଲାଇଙ୍କୁ ୨୧-୧୮, ୨୧-୧୯ରେ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ମହିଳା ଏକକରେ ତାଇପେଇ ଓପନ୍ ବିଜେତା ତନଭୀ ଶର୍ମାଙ୍କ ଅଭିଯାନ ଶେଷ ହୋଇଛି। ସେ ଜାପାନର ବିଶ୍ୱ ନମ୍ବର-୯ ତୋମୋକା ମିୟାଜାକିଙ୍କଠାରୁ ୧୭-୨୧, ୨୧-୧୮, ୧୬-୨୧ରେ ପରାସ୍ତ ହୋଇଛନ୍ତି। ମିଶ୍ରିତ ଯୁଗଳରେ ଧ୍ରୁବ କପିଳା-ତନିଶା କ୍ରାଷ୍ଟୋ ଯୋଡ଼ି ମଧ୍ୟ ୧୮-୨୧, ୧୮-୨୧ରେ ହାରି ପ୍ରତିଯୋଗିତାରୁ ବାଦ ପଡ଼ିଛନ୍ତି। ସେହିପରି ଭାରତର ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀ ଫ୍ରାନ୍ସର ପପୋଭ୍ ଭାଇ—କ୍ରିଷ୍ଟୋ ଓ ଟୋମା ଜୁନିଅରଙ୍କୁ ହରାଇ କ୍ୱାର୍ଟରଫାଇନାଲରେ ପହଞ୍ଚିଛନ୍ତି। ଚତୁର୍ଥ ସିଡ୍ ଭାରତୀୟ ଯୋଡ଼ି ୨୧-୧୭, ୨୨-୨୪, ୨୧-୯ ଗେମ୍‌ରେ ବିଜୟୀ ହୋଇଛନ୍ତି।

## ମେସିଙ୍କୁ ଶେଷଥର ଦେଖିପାରନ୍ତି ପ୍ରଶଂସକ
# ବିଦାୟୀ ମ୍ୟାଚ୍ ଆୟୋଜନ କରିବ ଆର୍ଜେଣ୍ଟିନା ଫୁଟବଲ ସଂଘ

ବୁଏନସ୍ ଆୟର୍ସ,୩।୯ (ଏଜେନ୍ସି): ଆନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଥିବା କିମ୍ବଦନ୍ତୀ ଫୁଟବଲର ଲିଓନେଲ୍ ମେସିଙ୍କୁ ଆର୍ଜେଣ୍ଟିନା ଘରୋଇ ମାଟିରେ ଆଉ ଥରେ ଖେଳୁଥିବା ଦେଖିବାର ସୁଯୋଗ ମିଳିପାରେ। ମେସିଙ୍କ ପାଇଁ ଏକ ବିଦାୟ ମ୍ୟାଚ୍ ଆୟୋଜନ କରିବାକୁ ଆର୍ଜେଣ୍ଟିନା ଫୁଟବଲ୍ ସଂଘ ବିଚାର କରୁଥିବା ଖବର ମିଳିଛି। ସେପ୍‌ଟେମ୍ବର ୨୧ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଆନ୍ତର୍ଜାତୀୟ ବିରତି ସମୟରେ ଏହି ବିଦାୟ ମ୍ୟାଚ୍ ହୋଇପାରେ। ତେବେ ପ୍ରତିପକ୍ଷ, ତାରିଖ ଓ ସ୍ଥାନ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ମେସିଙ୍କ ଶେଷ ମ୍ୟାଚ୍ ବୁଏନସ୍ ଆୟର୍ସର ମୋନୁମେଣ୍ଟାଲ୍ ଷ୍ଟାଡିୟମ୍‌ରେ କିମ୍ବା ତାଙ୍କ ଜନ୍ମସହର ରୋସାରିଓରେ ହୋଇପାରେ। କିନ୍ତୁ ଏଥିପାଇଁ ପ୍ରଥମେ ମେସିଙ୍କ ସମ୍ମତି ଆବଶ୍ୟକ। ୨୦୨୬ ବିଶ୍ୱକପ୍ ଫାଇନାଲ୍‌ରେ ସ୍ପେନ୍‌ଠାରୁ ହାରିବା ପରେ ମେସି ଆନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଥିଲେ। ଆର୍ଜଣ୍ଟିନା ପାଇଁ ୨୦୭ଟି ମ୍ୟାଚ୍‌ରେ ୧୨୫ ଗୋଲ୍ କରିଥିବା ମେସି ୨୦୨୨ ବିଶ୍ୱକପ୍ ସମେତ ୬ଟି ବଡ଼ ଆନ୍ତର୍ଜାତୀୟ ଟ୍ରଫି ଜିତିଛନ୍ତି।

# ଏସିଆନ୍ ଗେମ୍ସରେ ଲକ୍ଷ୍ମଣ ହେଡ୍ କୋଚ୍

ମୁମ୍ବଇ,୩।୯ (ଏଜେନ୍ସି): ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିବା ଭାଙ୍ଗିପୁରାପୁ ଭେଙ୍କଟ ସାଇ ବା ଭିଭିଏସ୍ ଲକ୍ଷ୍ମଣ ଏସିଆନ ଗେମ୍ସରେ ଭାରତୀୟ ପୁରୁଷ କ୍ରିକେଟ ଦଳର ହେଡ୍ କୋଚ୍ ଦାୟିତ୍ୱ ନେବେ। ଗମ୍ଭୀରଙ୍କ ଅନୁପସ୍ଥିତିରେ ସେ କାମଚଳା ଦାୟିତ୍ୱରେ ରହିବେ ବୋଲି କେନ୍ଦ୍ର ସରକାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏସିଆନ ଗେମ୍ସ ଲାଗି ସୁନୀଲ ଯୋଶି, ହୃଷିକେଶ କାନିତକର ଓ ଶୁଭଦୀପ ଘୋଷ ଭାରତୀୟ ଦଳକୁ ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂ କୋଚ୍ ଭାବେ ସହାୟତା କରିବେ। ଗତଥା ଏସିଆନ ଗେମ୍ସରେ ଲକ୍ଷ୍ମଣ କୋଚ୍ ଦାୟିତ୍ୱରେ ଥିଲାବେଳେ ଭାରତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ଏହି ସମୟରେ ସେପ୍ଟେମ୍ବର ୨୭ରୁ ୱେଷ୍ଟଇଣ୍ଡିଜ୍ ସହ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍ ଏବଂ ସେପ୍ଟେମ୍ବର ୧୩ରୁ ୧୭ ଯାଏ ଆଫଗାନିସ୍ତାନ ସହ ଖେଳାଯିବାକୁ ଥିବା ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳର ଦାୟିତ୍ୱରେ ରହିବେ।

ଜାପାନର ଆୟାଚି ନାଗାୟୋଠାରେ ସେପ୍ଟମ୍ବର ୧୯ରୁ ଅକ୍ଟୋବର ୪ ଯାଏ ଏସିଆନ ଗେମ୍ସ ଆୟୋଜିତ ହେବ। ଏସିଆନ ଗେମ୍ସ ପୁରୁଷ କ୍ରିକେଟରେ ଭାରତ ସେପ୍ଟେମ୍ବର ୨୮ରୁ ଅଭିଯାନ ଆରମ୍ଭ କରିବ।

## ■ ଅଗରକରଙ୍କ ଅନୁପସ୍ଥିତି ନେଇ କଳ୍ପନାଜଳ୍ପନା
# ରୋହିତଙ୍କ ପ୍ରତି ବିପଦ ନାହିଁ

ମୁମ୍ବଇ,୩।୯ (ଏଜେନ୍ସି): ଭାରତୀୟ ଦିନିକିଆ ଦଳରେ ପୂର୍ବତନ ଓପନର ରୋହିତ ଶର୍ମାଙ୍କ ସ୍ଥାନ ନେଇ ଯେଉଁ ଚର୍ଚ୍ଚା ଚାଲିଛି ତାହାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ। ଏଠାରେ ଆଜି ଖେଳାଳିଙ୍କ ପ୍ରଦର୍ଶନ ନେଇ ତର୍ଜମା ହୋଇଥିଲା। ଏଥିରେ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର, ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍, ଟି-୨୦ ଅଧିନାୟକ ଶ୍ରେୟସ ଆୟର ଉପସ୍ଥିତ ଥିଲେ। ଇଂଲଣ୍ଡ ଟୁର୍ ଓ ଅନ୍ୟ ଟୁର୍‌ରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଉପରେ ଆଲୋଚନା ହୋଇଥିଲା। ଏହା ପରେ ରୋହିତ ଶର୍ମାଙ୍କ ଦିନିକିଆ ଭବିଷ୍ୟ ସମ୍ପର୍କରେ ପ୍ରତିକ୍ରିୟା ରଖି ସେ କହିଲେ, ରୋହିତ ଏବେ ମଧ୍ୟ ଭଲ ଖେଳୁଛନ୍ତି। ଦିନିକିଆ ବିଶ୍ୱକପ୍ ଲାଗି ଭାରତୀୟ ଦଳରେ ତାଙ୍କ ସ୍ଥାନ ଲାଗି କୌଣସି ବିପଦ ନାହିଁ। ଏଣୁ ଏଭଳି ଆଲୋଚନାର କିଛି ମାନେ ନାହିଁ ବୋଲି ସେ କହିଛନ୍ତି। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ଅନୁପସ୍ଥିତି। ଏପରିକି ସେ ମୁମ୍ବଇରେ ନ ଥିଲେ ମଧ୍ୟ ଭିଡିଓ କନ୍‌ଫରେନ୍ସି ଯୋଗେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନପସ୍ଥିତ ରହିଛନ୍ତି। ତାଙ୍କ ଅନୁପସ୍ଥିତିକୁ ଦର୍ଶାଇ ଚୟନ କମିଟିରେ ପରିବର୍ତ୍ତନ ହେବ ବୋଲି ସାଇକିଆଙ୍କୁ ପ୍ରଶ୍ନ କରାଯିବାରେ ସେ ଏହାକୁ ଅସ୍ୱୀକାର କରିଥିଲେ। କିନ୍ତୁ ଅଗରକରଙ୍କ ଅନୁପସ୍ଥିତି ଚର୍ଚ୍ଚାର ଖୋରାକ ଯୋଗାଇଛି।


# ୩୫୦ ରନ୍ ସହ ଇତିହାସ ସୃଷ୍ଟି କଲେ ହୃଦୟ

ପୋଷ୍ଟେଫଷ୍ଟ୍ରୁମ୍,୩।୯ (ଏଜେନ୍ସି): ବାଂଲାଦେଶର ଯୁବ ଖେଳାଳି ତୋହିଦ ହୃଦୟ ଦକ୍ଷିଣ ଆଫ୍ରିକା ସହ ଅନୁଷ୍ଠିତ ଅନ୍‌ଅଫିସିଆଲ ଟେଷ୍ଟରେ ୩୫୦ ରନ୍ କରି ଇତିହାସ ସୃଷ୍ଟି କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ଏହା ବାଂଲଦେଶର ସର୍ବାଧିକ ସ୍କୋର ଓ ତୃତୀୟ ତ୍ରିଶତକ। ତାଙ୍କ ପୂର୍ବରୁ ତମିମ ଇକବାଲ ୩୩୪ ଓ ରାକିବୁଲ ହାସନ ୩୧୩ ରନ୍ କରିଥିଲେ। କିନ୍ତୁ ୬ ବର୍ଷ ତଳେ ଯେଉଁ ପଡ଼ିଆରେ ବାଂଲାଦେଶକୁ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିଅନ କରାଇଥିଲେ, ସେହି ପଡ଼ିଆରେ ହୃଦୟ ୩୫୦ ରନ୍ କରି ଏହି ରେକର୍ଡ କରିଛନ୍ତି। ତାଙ୍କର ଏହି ସ୍କୋର ବଳରେ ବାଂଲାଦେଶ ଏହି ମ୍ୟାଚ୍‌କୁ ଡ୍ର ରଖିବାରେ ସମର୍ଥ ହୋଇଛି। ଏହା ପରେ ଉଭୟ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ରବିବାରଠାରୁ ଖେଳାଯିବ।

## କିଙ୍ଗ୍ ଚାର୍ଲ୍ସଙ୍କୁ ଭେଟିଲେନି ପାକିସ୍ତାନର ଜଣେ କ୍ରିକେଟର

ଲଣ୍ଡନ,୩।୯ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ପୂର୍ବରୁ ପାକିସ୍ତାନ କ୍ରିକେଟ୍ ଦଳ କ୍ଲାରେନ୍ସ ହାଉସ୍‌ରେ କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କୁ ଭେଟିଥିଲା। ତେବେ ଦଳରୁ ବାଦ୍ ପଡ଼ିଥିବା ଜଣେ ଖେଳାଳି ନିର୍ଦ୍ଦେଶ ସତ୍ତ୍ୱେ ସାକ୍ଷାତକାରରେ ଯୋଗ ଦେଇ ନ ଥିବା ଖବର ମିଳିଛି। ଫଳରେ ଏ ନେଇ ଏକ ବଡ଼ ବିବାଦ ସୃଷ୍ଟି ହୋଇଛି। ମହମ୍ମଦ ଆୱାଇସ୍ ଜଫର, ଆମିର ଜମାଲ, ଖୁରାମ ଶାହଜାଦ ଓ ଅଲି ଉସମାନ ଉପସ୍ଥିତ ଥିଲେ। ଦ୍ୱିତୀୟ ଟେଷ୍ଟରେ ୧୯୪ ରନ୍‌ରେ ପରାଜୟ ପରେ ୭ ଖେଳାଳିଙ୍କୁ ବାଦ୍ ଦିଆଯାଇଥିଲା। କିଙ୍ଗ୍ ଚାର୍ଲ୍ସ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବାବର ଆଜମ ତାଙ୍କୁ ସ୍ୱାକ୍ଷରିତ ବ୍ୟାଟ୍ ଉପହାର ଦେଇଥିଲେ। ପାକିସ୍ତାନ ଶୃଙ୍ଖଳାରେ ୦-୨ରେ ପଛୁଆ ରହିଛି।


# ଏସିଆନ୍ ଗେମ୍ସ: ନୀରଜଙ୍କ ସ୍ଥାନରେ ୟଶବୀର ସିଂ



ନୂଆଦିଲ୍ଲୀ,୩।୯ (ଏଜେନ୍ସି): ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାଂସ୍ୟ ପଦକ ଜିତିଥିବା ୟଶବୀର ସିଂଙ୍କୁ ମିଳିଛି ବଡ଼ ସୁଯୋଗ। ଭାରତର ସୁପରଷ୍ଟାର ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ଆହତ ହୋଇ ଏସିଆନ୍ ଗେମ୍ସର ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଯୁବ ଆଥ୍‌ଲେଟ ୟଶବୀର ସିଂଙ୍କୁ ସାମିଲ କରାଯାଇଛି। ଜାପାନର ଆଇଚି ନାଗୋୟା ଏସିଆନ୍ ଗେମ୍ସ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଏସିଆନ ଗେମ୍ସ ଆୟୋଜିତ ହେବ। ୨୪ ବର୍ଷୀୟ ୟଶବୀର ୮୫.୪୧ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାଂସ୍ୟ ପଦକ ହାସଲ କରିଛନ୍ତି।

## ● ସିଏକେମ୍ ଟ୍ରଫିରେ ପ୍ରଶାନ୍ତଙ୍କୁ ୪ ୱିକେଟ୍
# ଓଡ଼ିଶା ନିକଟରୁ ପଣ୍ଡିଚେରୀ ପରାସ୍ତ


ପ୍ରଶାନ୍ତ ରଣା


ଗୌରବ ଚୌଧୁରୀ

ଭୁବନେଶ୍ୱର, ୩।୯ (ସମିସ): ପଣ୍ଡିଚେରୀ ସଭାପତି ଏକାଦଶକୁ ୫ ୱିକେଟ୍‌ରେ ପରାସ୍ତ କରି ଓଡ଼ିଶା କ୍ରିକେଟ ସଘ ପୁଡୁଚେରୀରେ ଚାଲିଥିବା ସିଏକେଏମ୍ ଟ୍ରଫି ବରିଷ୍ଠ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୨ୟ ମୁକାବିଲରେ ପ୍ରଥମ ବିଜୟ ହାସଲ କରିଛି। ଗୁରୁବାର ସମାପ୍ତ ହୋଇଥିବା ମ୍ୟାଚ୍‌ରେ ଆୟୋଜକ ଓଡ଼ିଶାକୁ ୨ୟ ଇନିଂସରେ ୮୧ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା। ଓଡ଼ିଶା ଦଳ ୫ଟି ୱିକେଟ୍ ହରାଇ ଏହା ହାସଲ କରି ନେଇଥିଲା। ପଣ୍ଡିଚେରୀ ସଭାପତି ଏକାଦଶ ପ୍ରଥମ ଇନିଂସରେ ୨୭୫ ରନ୍ କରିଥିଲା। ୨ୟ ଦିନ ଶେଷରେ ୭ ୱିକେଟ୍ ହରାଇ ୨୪୯ ରନ୍ କରିଥିବା ଓଡ଼ିଶା ପ୍ରଥମ ଇନିଂସରେ ୨୭୨ ରନ୍‌କରି ଅଲ୍‌ଆଉଟ୍ ହେବାରୁ ପଣ୍ଡିଚେରୀ ପ୍ରଥମ ଇନିଂସରେ ୩ ରନ୍ ଆଗରେ ରହିଥିଲା। ଗୁରୁବାର ୩ୟ ତଥା ଅନ୍ତିମ ଦିନରେ ଓଡ଼ିଶା ପାଇଁ ସୌମ୍ୟରଞ୍ଜନ ଲେଙ୍କା ୪ଟି ଛକା ଓ ଗୋଟିଏ ଚୌକା ସହ ୩୮ ରନ୍ କରିଥିଲେ। ପ୍ରତିପକ୍ଷର ଆର୍. ବିଜୟ, କରଣ କନ୍ନନ ଓ ଆଦିଲ ଆୟୁବ ତୁଣ୍ଡା ୩ଟି ଲେଖାଏଁ ୱିକେଟ୍ ନେଇଥିଲେ। ଓଡ଼ିଶାର ବୋଲର ଘାତକ ବୋଲିଂ କରିବାରୁ ପଣ୍ଡିଚେରୀ ସଭାପତି ଏକାଦଶ ଦ୍ୱିତୀୟ ଇନିଂସରେ ମାତ୍ର ୭୮ ରନ୍‌କରି ଅଲ୍‌ଆଉଟ୍ ହୋଇ ଯାଇଥିଲା। ଓଡ଼ିଶାର ପ୍ରଶାନ୍ତ ରଣା ୪ଟି ଏବଂ ତାରିଣୀ ସା' ଓ ସୟଦ୍ ତୁଫୈଲ ଅହମ୍ମଦ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଓଡ଼ିଶା ୮୧ ରନ୍‌ର ବିଜୟଲକ୍ଷ୍ୟ ପାଇବା ପରେ ଓପନର ଗୌରବ ଚୌଧୁରୀ ସର୍ବାଧିକ ୪୦ ଓ ଅଧିନାୟକ ସନ୍ଦୀପ ପଟ୍ଟନାୟକ ଅପରାଜିତ ୧୫ ରନ୍ କରିଥିଲେ। ପଣ୍ଡିଚେରୀର ଆର୍. ବିଜୟ ୪ଟି ୱିକେଟ୍ ନେଇଥିଲେ। ଆସନ୍ତା ୫ରୁ ହିମାଚଳ ପ୍ରଦେଶ ବିପକ୍ଷରେ ଓଡ଼ିଶା ୩ୟ ମ୍ୟାଚ୍ ଖେଳିବ।

## ୨୧ ବର୍ଷରୁ କମ୍ ଏସିଆ କପ୍ ହକି
# ଶନିବାରରୁ ଭାରତର ଟାଇଟଲ ରକ୍ଷା ଅଭିଯାନ



ମୋକି, ଚୀନ୍,୩।୯ (ଏଜେନ୍ସି): ଚୀନ୍‌ର ମୋକିଠାରେ ଆରମ୍ଭ ହୋଇଛି ଏଏଚ୍‌ଏଫ୍ ୨୧ ବର୍ଷରୁ କମ୍ ଏସିଆ କପ୍ ହକି। ଏଥିରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଖେଳ ଅନୁଷ୍ଠିତ ହେବ। ଭାରତୀୟ ଦଳ ଉଭୟ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ଆସନ୍ତାକାଲିଠାରୁ ଭାରତୀୟ ଦଳ ଅଭିଯାନ କରିବାକୁ ଯାଉଥିଲାବେଳେ ପୁରୁଷ ଦଳ ରେକର୍ଡ ଷଷ୍ଠ ଓ ମହିଳା ଦଳ ହ୍ୟାଟ୍ରିକ୍ ଟାଇଟଲ ଅର୍ଜନ କରିବା ଲକ୍ଷ୍ୟରେ ରହିଛନ୍ତି। ଓଡ଼ିଆ ଖେଳାଳି ଅନ୍‌ମୋଲ ଏକ୍କା ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି।

ଗତଦୁଇବର୍ଷ ଟାଇଟଲ ଜିତିଥିବା ମହିଳା ଦଳ ଏଥର ଖାଇଦେମ୍ ଶିଲେଇମା ଚାନୁଙ୍କ ନେତୃତ୍ୱରେ ତୃତୀୟ ବା ହ୍ୟାଟ୍ରିକ୍ ଟାଇଟଲ ଜିତିବାକୁ ଚେଷ୍ଟା କରିବ। ହେଡ୍ କୋଚ୍ ଟିମ୍ ହ୍ୱାଇଟଙ୍କ ପ୍ରଶିକ୍ଷଣରେ ଏହି ଦଳ ଯୋଜନାବଦ୍ଧ ଭାବେ ଟ୍ରେନିଂ ନେଇଛି। ଦଳ ବେଙ୍ଗାଲୁରୁରେ ଶିବିର କରିଥିଲାବେଳେ ୟୁରୋପ ଗସ୍ତରେ ଯାଇ ଏକାଧିକ ଦେଶ ବିପକ୍ଷରେ ଖେଳିବ। ଏହା ମଧ୍ୟରେ ଦଳ ସ୍କଟଲାଣ୍ଡ ସିନିଅର ଦଳ ବିପକ୍ଷରେ ଖେଳିଥିଲାବେଳେ ଆମେରିକା, ଇଂଲଣ୍ଡ ଓ ବେଲଜିୟମର ୨୧ ବର୍ଷରୁ କମ୍ ବୟସର ଦଳ ବିପକ୍ଷରେ ଖେଳି ଭଲଭାବେ ପ୍ରସ୍ତୁତି କରିନେଇଛି। ଏଲିଟ୍ ପୁଲ୍‌ରେ ସ୍ଥାନ ପାଇଥିବା ମହିଳା ଦଳ ସେପ୍ଟେମ୍ବର ୫ରେ ଦକ୍ଷିଣ କୋରିଆ, ସେପ୍ଟେମ୍ବର ୬ରେ ମାଲେସିଆ, ସେପ୍ଟେମ୍ବର ୮ରେ ଜାପାନ ଓ ସେପ୍ଟେମ୍ବର ୯ରେ ଚୀନ୍ ସହ ମୁକାବିଲା କରିବ। ଶନିବାର ଆମେ ଦକ୍ଷିଣ କୋରିଆ ସହ ପ୍ରଥମ ମ୍ୟାଚ୍ ଖେଳିବୁ। ଏଠାରେ ଜଳବାୟୁ ଟିକେ ଥଣ୍ଡା ରହିଛି ଓ ଆମ ଖେଳାଳିମାନେ ଏହା ସହ ଭଲ ଭାବେ ଖାପ୍ ଖୁଆଇନେଇଛନ୍ତି। ଏଭଳି ସ୍ଥିତିରେ ଆମେ ଦକ୍ଷିଣ କୋରିଆ ବିପକ୍ଷରେ ପ୍ରଥମ ମ୍ୟାଚ୍ ଜିତିବାକୁ ଉଦ୍ୟମ କରିବୁ ବୋଲି ହେଡ୍ କୋଚ୍ ଟିମ୍ ହ୍ୱାଇଟ୍ କହିଛନ୍ତି।

## ଷଷ୍ଠ ଟାଇଟଲ ଦୌଡ଼ରେ ପୁରୁଷ ଦଳ

ଏହି ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ହ୍ୟାଟ୍ରିକ୍ ଟାଇଟଲ ସହ ମୋଟ ୫ଥର ଚାମ୍ପିଅନ ହୋଇଥିବା ଭାରତର ପୁରୁଷ ଦଳ ଢ଼େର ଆତ୍ମବିଶ୍ୱାସର ସହ ଟାଇଟଲ ରକ୍ଷା ଅଭିଯାନରେ ବାହାରିଛି। ନୂଆ କୋଚ୍ ଫ୍ରେଡେରିକ୍ ସୋୟେଜ୍ ଏବଂ ଓଡ଼ିଆ ଅଧିନାୟକ ଅନ୍‌ମୋଲ ଏକ୍କାଙ୍କ ନେତୃତ୍ୱରେ ଓଡ଼ିଶା ଦଳ ବେଶ ପ୍ରସ୍ତୁତି କରିଛି। ଦଳ ବିଦେଶରେ ଯାଇ ବେଲଜିୟମ, ଅଷ୍ଟ୍ରିଆ, ଜର୍ମାନୀ ଓ ନେଦରଲ୍ୟାଣ୍ଡସ ସହ ଖେଳିଛି। ଦଳରେ ସ୍ଥାନ ପାଇଥିବା ସମସ୍ତ ଖେଳାଳି ବିଦେଶରେ ଖେଳିଛନ୍ତି। ଏହା ବ୍ୟତୀତ ବେଙ୍ଗାଲୁରୁରେ ମାଲେସିଆ ୨୧ ବର୍ଷରୁ କମ୍ ଦଳ ସହ ଏବଂ ଡାଲିଆନ୍‌ରେ ଚୀନ୍ ସହ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିଛି। ଚୀନ୍ ବିପକ୍ଷରେ ୮-୨ ମ୍ୟାଚ୍‌ରେ ଜିତି ଦଳ ବେଶ ଭଲ ପ୍ରଦର୍ଶନ କରିଛି। ପୁଲ-ଏ'ରେ ସେପ୍ଟେମ୍ବର ୫ରୁ ଇଣ୍ଡୋନେସିଆ ସହ ଖେଳି ଅଭିଯାନ ଆରମ୍ଭ କରିବ। ଦଳ ୬ରେ ଜାପାନ, ୮ରେ ଦକ୍ଷିଣ କୋରିଆ ଓ ୯ରେ ଚାଇନିଜ୍ ତାଇପେ ସହ ଖେଳି ପୁଲ ପର୍ଯ୍ୟାୟ ଶେଷ କରିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS